# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୪/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, January 14/2026 | Page 14 | ₹ 7.00

୫୨ଶ ଭାଗ ୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 52 | ମୂଲ୍ୟ ₹୭/-









ଜମ୍ମୁ-କଶ୍ମୀରର ଶ୍ରୀନଗରରେ ମଙ୍ଗଳବାର ସର୍ବନିମ୍ନ ତାପମାତ୍ରା -୪.୯ ଡିଗ୍ରୀ ସେଲ୍‌ସିୟସକୁ ଖସିଯାଇଥିବାବେଳେ ଜଣେ ମହିଳା ଡାଲ୍ ହ୍ରଦ ଭିତରେ ଥିବା ଏକ କାଠପୋଲ ଦେଇ ଯାଉଛନ୍ତି।

## ୧୮ ସୁଦ୍ଧା ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୧୩।୧(ସୁଚିସ୍ମିତା ସାହୁ)**

ଆସନ୍ତା ୧୮ ତାରିଖ ସୁଦ୍ଧା ମିଳିବ ସୁଭଦ୍ରା ଟଙ୍କା। ନୂଆ ହିତାଧିକାରୀଙ୍କ ସମେତ ପୂର୍ବରୁ କୌଣସି କାରଣବଶତଃ ବାଦ୍ ପଡ଼ିଥିବା ମହିଳାଙ୍କୁ ମଧ୍ୟ ସୁଭଦ୍ରା ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଚଳିତ ମାସରେ ଆଉ ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କୁ 'ସୁଭଦ୍ରା' ଟଙ୍କା ମିଳିବ। ପୂର୍ବରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ଜଣଙ୍କୁ ଯାଞ୍ଚ ପରେ ପୁଣିଥରେ ସାମିଲ କରାଯାଇଛି। ସେହିପରି ଗତ ନଭେମ୍ବରରେ ନୂଆ ହିତାଧିକାରୀଙ୍କ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ନୂଆ କରି ୧ ଲକ୍ଷ ୭୮ ହଜାର ୩୧୮ ଜଣ ହିତାଧିକାରୀଙ୍କୁ ପ୍ରଥମଥର ପାଇଁ ସୁଭଦ୍ରା ଟଙ୍କା ଦିଆଯିବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସୋର୍ସ କୋଡ୍






# ଇରାନ୍ ଯୋଗୁ ଆଉ ୨୫% ଟାରିଫ୍

## ଭାରତ ବିରୋଧରେ ଅତିରିକ୍ତ ଦଣ୍ଡାତ୍ମକ ଶୁଳ୍କ ଘୋଷଣାକଲେ ଟ୍ରମ୍ପ୍

ପଶ୍ଚିମ ଏସୀୟ ଇସ୍‌ଲାମିକ ରାଷ୍ଟ୍ର ଇରାନ୍‌ରେ ଆର୍ଥିକ ଦୁର୍ଗତି ଯୋଗୁ ୨୦୨୫ ଡିସେମ୍ବର ଦ୍ୱିତୀୟାର୍ଦ୍ଧରୁ ମୁଣ୍ଡ ଟେକିଥିବା ଗଣଆନ୍ଦୋଳନରେ ଅଦ୍ୟାବଧି ୨,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିସାରିଲାଣି। ରକ୍ଷଣଶୀଳ ଇରାନ୍‌ରେ ଗୃହଯୁଦ୍ଧ ସ୍ଥିତି ଉପୁଜିଥିବାବେଳେ ପୁନଃ ଶାନ୍ତି ପ୍ରତିଷ୍ଠା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ଏଥିରେ ହସ୍ତକ୍ଷେପ କରି ଏକ ବଡ଼ ଘୋଷଣା କରିଛନ୍ତି। ଇରାନ୍ ସହ ବାଣିଜ୍ୟିକ କାରବାର କରୁଥିବା ଦେଶଗୁଡ଼ିକର ସାମଗ୍ରୀ ଉପରେ ଟ୍ରମ୍ପ୍ ଅତିରିକ୍ତ ୨୫% ଟାରିଫ୍ କଷିଛନ୍ତି, ଯାହାକି ତତ୍କାଳ ଲାଗୁ ହୋଇଛି। ଏଥିଯୋଗୁ ଭାରତ, ଚାଇନା, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ତୁର୍କୀ, ପାକିସ୍ତାନ ଓ ଆର୍ମେନିଆ ଭଳି ତେହରାନ୍‌ର ବାଣିଜ୍ୟିକ ସହଯୋଗୀ ପ୍ରଭାବିତ ହେବେ ବୋଲି କୁହାଯାଉଛି। ୨୦୨୫ ଅଗଷ୍ଟରେ ଟ୍ରମ୍ପ୍ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ଆମଦାନୀ ଶୁଳ୍କ କଷିଥିବାବେଳେ ରୁଷିଆଠାରୁ ତୈଳ କ୍ରୟ ବାବଦକୁ ଆଉ ୨୫% ଦଣ୍ଡାତ୍ମକ ଟିକସ ଲଗାଇଥିଲେ। ୫୦% ଟିକସର ସମ୍ମୁଖୀନ ହେବାରୁ ଆମେରିକାକୁ ଭାରତୀୟ ସାମଗ୍ରୀଗୁଡ଼ିକର ରପ୍ତାନି ବହୁଳ ମାତ୍ରାରେ ପ୍ରଭାବିତ ହୋଇଛି। ଏହାର ପ୍ରଭାବ ଭାରତୀୟ ଅର୍ଥନୀତି ଉପରେ ମଧ୍ୟ ପଡ଼ିଛି। ଟ୍ରମ୍ପ୍‌ଙ୍କ ସଦ୍ୟ ଘୋଷଣା ଆମେରିକୀୟ ବଜାରକୁ ପ୍ରବେଶ କରିବାକୁ ଥିବା ଭାରତର ସାମଗ୍ରୀଗୁଡ଼ିକ ପାଇଁ ୭୫% ଟିକସ ବୋଝ ପାଲଟିଛି।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍

**ୱାଶିଂଟନ୍/ତେହରାନ୍,୧୩।୧(ପି.ଟି./ରଏଟର୍ସ)**

ଇରାନ ସହ ବ୍ୟବସାୟ କରୁଥିବା ଯେକୌଣସି ଦେଶକୁ ଆମେରିକା ସହ ବାଣିଜ୍ୟ ଉପରେ ୨୫ ପ୍ରତିଶତ ଟାରିଫ୍ ଦେବାକୁ ହେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏଭଳି ପଦକ୍ଷେପ ଇରାନର ବୃହତ ବାଣିଜ୍ୟ ସହଯୋଗୀ ଭାରତ, ଚାଇନା ଏବଂ ୟୁଏଇକୁ ପ୍ରଭାବିତ କରିପାରେ। ଏହା ଚୂଡ଼ାନ୍ତ ନିର୍ଦ୍ଦେଶନାମା ଏବଂ ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟ ଜରିଆରେ ସୂଚନା ଦେଇଛନ୍ତି। ଇରାନର ପ୍ରମୁଖ ବାଣିଜ୍ୟ ସହଯୋଗୀ ମଧ୍ୟରେ ☞ପୃଷ୍ଠା-୪

### ଭାରତର ବାସମତି ଚାଉଳ ରପ୍ତାନି ବାଧାପ୍ରାପ୍ତ

**ନୂଆଦିଲ୍ଲୀ,୧୩।୧(ପି.ଟି.)**

ଇରାନରେ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଦେଶବ୍ୟାପୀ ଆନ୍ଦୋଳନ ଲାଗି ରହିଥିବାବେଳେ ଏହା ହିଂସାତ୍ମକ ରୂପ ନେଇଛି। ଆନ୍ଦୋଳନକୁ ବନ୍ଦ କରିବା ଲାଗି ଇରାନ ସରକାର ବଳ ପ୍ରୟୋଗ କରୁଥିବାରୁ ଅନେକ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଲାଣି। ନାଗରିକ ଅଶାନ୍ତି ଯୋଗୁ ଉକ୍ତ ଦେଶକୁ ଭାରତର ବାସମତି ଚାଉଳ ରପ୍ତାନି ବାଧାପ୍ରାପ୍ତ ହୋଇଛି। କାରଣ ରପ୍ତାନିକାରୀମାନଙ୍କୁ ପ୍ରାପ୍ୟ ମିଳିବାରେ ବିଳମ୍ବ ହେବା ସହ ☞ପୃଷ୍ଠା-୪











## ଋଣ ଶୁଝିବା ପାଇଁ ମାସକର ଝିଅକୁ ବିକିଦେଲେ

**ଭଣ୍ଡାରିପୋଖରୀ,୧୩।୧ (ରାଜେନ୍ଦ୍ର ଶତପଥୀ)**

ଋଣ ଶୁଝିବା ପାଇଁ ନିଜ ମାସକର ଝିଅକୁ ଅନ୍ୟକୁ ବିକ୍ରି କରିଦେଲେ। ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବୟାବନାପୁର ଗ୍ରାମରେ। ଏ ସମ୍ପର୍କରେ ଶିଶୁକନ୍ୟାଙ୍କ ଜେଜେମା ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ୩୪ହଜାର ଟଙ୍କାରେ ଝିଅକୁ ବିକ୍ରି କରିଥିବା ନେଇ ଦମ୍ପତି ମଧ୍ୟ ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଶିଶୁକନ୍ୟାର ଜେଜେମା' ସାବିତ୍ରୀ ଦାସ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସୋମବାର ସକାଳ ସାଢ଼େ ୯ଟା ବେଳେ ତାଙ୍କ ପୁଅ ସିପୁ ଓ ବୋହୂ ରୀନା ମାସକର ଶିଶୁକନ୍ୟାକୁ ନେଇ ଘରୁ ବାହାରି ଯାଇଥିଲେ। ରାତି ୮ଟା ବେଳକୁ ପୁଅବୋହୂ ଘରକୁ ଫେରିଥିବା ବେଳେ ତାଙ୍କ ନାତୁଣୀ ସାଙ୍ଗରେ ନ ଥିଲା। ସେ ନାତୁଣୀ ☞ପୃଷ୍ଠା-୪



ନିମ୍ନ ଆୟ ଏବଂ ଦକ୍ଷିଣ ଆମେରିକା ସହ ୟୁରୋପୀୟ ୟୁନିୟନର ବାଣିଜ୍ୟ ଚୁକ୍ତିକୁ ବିରୋଧ କରି ମଙ୍ଗଳବାର ଫ୍ରାନ୍ସର କୃଷକମାନେ ୩୫୦ଟି ଟ୍ରାକ୍ଟର ନେଇ ପାର୍ଲାମେଣ୍ଟ ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଛନ୍ତି।

# ବିକ୍ଷୋଭକାରୀଙ୍କୁ ଗୁଳି କର: ଖାମେନେଇ

**ତେହରାନ, ୧୩।୧**

ଇରାନରେ ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ସରକାର ବିରୋଧୀ ବିକ୍ଷୋଭ ଲାଗିରହିଥିବାବେଳେ ଏହାକୁ ଦମନ କରିବାକୁ ବଳ ପ୍ରୟୋଗ କରାଯାଉଥିବାରୁ ୨,୦୦୦ ଲୋକଙ୍କ ମୃତ୍ୟୁ ଘଟିଲାଣି। ମୃତକଙ୍କ ମଧ୍ୟରେ କେତେଜଣ ସୁରକ୍ଷା କର୍ମୀ ଥିବା ଏହାର ଜଣେ ଅଫିସର କହିଛନ୍ତି। ବିକ୍ଷୋଭକୁ ଦମନ କରିବାକୁ ବଳପ୍ରୟୋଗ କରାଯାଉଥିବା ନେଇ ଇରାନ କର୍ତ୍ତୃପକ୍ଷ ପ୍ରଥମ ଥର ସ୍ୱୀକାର କରିଛନ୍ତି। ଉଭୟ ବିକ୍ଷୋଭକାରୀ ଏବଂ ସୈନ୍ୟଙ୍କ ମୃତ୍ୟୁ ପଛରେ ଆତଙ୍କବାଦୀଙ୍କ ସମ୍ପୃକ୍ତି ଥିବା ଇରାନ ଅଧିକାରୀମାନେ କହିଛନ୍ତି। ଇରାନର ସୁପ୍ରିମ ଲିଡର ଆୟାତୋଲା ଅଲି ଖାମେନେଇ ବିକ୍ଷୋଭକାରୀଙ୍କ ଉପରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦ ଏବଂ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ସଂଗୃହୀତ ତଥ୍ୟ ଆଧାରରେ ଇରାନ ଇଣ୍ଟରନ୍ୟାଶନାଲ ଏହି ରିପୋର୍ଟ କରିଛି।

**ଇରାନ ବିକ୍ଷୋଭ ମୃତ୍ୟୁସଂଖ୍ୟା ୨,୦୦୦**



ଆୟାତୋଲା ଅଲି ଖାମେନେଇ



ସରକାରଙ୍କ ସମସ୍ତ ୩ ବିଭାଗ ମୁଖ୍ୟଙ୍କ ସ୍ୱୀକୃତି ଏବଂ ଅନୁମୋଦନ କ୍ରମେ ସୁପ୍ରିମ ଲିଡର ଖାମେନେଇ ବିକ୍ଷୋଭକାରୀଙ୍କ ଉପରେ ଜୀବନ୍ତ ଗୁଳିଚାଳନା କରିବାକୁ ଇସ୍‌ଲାମିକ ରିଭଲ୍ୟୁଶନାରି ଗାର୍ଡ କର୍ ଏବଂ ବାସିଜ ମିଲିସିଆ ପ୍ରାଇମେରିକୁ ନିର୍ଦ୍ଦେଶ ଦେଇଥିବା ରିପୋର୍ଟରେ କୁହାଯାଇଛି।

ଇରାନ ସରକାର ଅନ୍ୟୁନ ୩ ବର୍ଷ ହେଲା ସର୍ବବୃହତ୍ ଆଭ୍ୟନ୍ତରୀଣ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଆସୁଛନ୍ତି। ଗତବର୍ଷ ଇସ୍ରାଏଲ ଓ ଆମେରିକା ମଧ୍ୟରେ ସଂଘର୍ଷ ପରେ ଅନ୍ତର୍ଜାତୀୟ ଚାପ ବଢ଼ିଛି। ଫଳରେ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଇରାନରେ ନାଗରିକ ଅଶାନ୍ତି ବୃଦ୍ଧି ପାଇଛି। ୧୯୭୯ ଇସ୍‌ଲାମୀୟ ବିପ୍ଳବଠାରୁ ଦେଶକୁ ଶାସନ କରିଆସୁଥିବା ଇରାନର ଧର୍ମୀୟ କର୍ତ୍ତୃପକ୍ଷ ଆନ୍ଦୋଳନ ପ୍ରତି ଦ୍ୱୈତ ଆଭିମୁଖ୍ୟ ଆପଣାଇବାକୁ ଉଦ୍ୟମ କରୁଛନ୍ତି। ଆର୍ଥିକ ସମସ୍ୟାକୁ ନେଇ ହେଉଥିବା ଆନ୍ଦୋଳନକୁ ସରକାର ବୈଧ କହୁଥିବାବେଳେ ବିକ୍ଷୋଭକୁ ଦମନ କରିବା ପାଇଁ ବଳ ପ୍ରୟୋଗ କରୁଛନ୍ତି। ଅପରପକ୍ଷରେ ଆମେରିକା ଏବଂ ଇସ୍ରାଏଲ୍ ଅଶାନ୍ତି ସୃଷ୍ଟି କରାଉଥିବା ସରକାର ଅଭିଯୋଗ କରିଛନ୍ତି। ଅଜଣା ଆତଙ୍କବାଦୀମାନେ ବିକ୍ଷୋଭକୁ ହାଇଜାକ୍ କରୁଥିବା ସରକାର କହିଛନ୍ତି। ଶତାଧିକ ଲୋକଙ୍କୁ ହତ୍ୟା କରାଯାଇଥିବାବେଳେ ଅନେକ ହଜାରଙ୍କୁ ଗିରଫ କରାଗଲାଣି ବୋଲି ପୂର୍ବରୁ ଏକ ଅଧିକାର ସଂଗଠନ କହିଥିଲା। କିଛିଦିନ ହେଲା ଇଣ୍ଟରନେଟ୍ ସଂଯୋଗ ବନ୍ଦ ରହିବା ସହ ଯୋଗାଯୋଗ କଟକଣା ଯୋଗୁ ସୁରକ୍ଷା ବଳର ଦମନମୂଳକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବାହାରକୁ ଖବର ଆସିପାରୁନାହିଁ। ବିକ୍ଷୋଭକାରୀ ଏବଂ ସୁରକ୍ଷା ବଳ ମଧ୍ୟରେ ସପ୍ତାହେ ହେଲା ରାତିବେଳା ହେଉଥିବା ସଂଘର୍ଷ ଭିଡିଓରୁ ଦେଖିବାକୁ ମିଳିଛି। ଗୁଳିମାଡ଼ ସହ ହିଂସାତ୍ମକ ସଂଘର୍ଷ ସହ ଗାଡ଼ି ଏବଂ ଘର ପୋଡ଼ିଦିଆଯାଉଥିବା ଦେଖାଯାଇଛି।

# ୧୦ ମିନିଟ୍ ସମୟସୀମା ହଟାଇବେ ଡେଲିଭରି କମ୍ପାନୀ

**ନୂଆଦିଲ୍ଲୀ, ୧୩।୧**

କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ହସ୍ତକ୍ଷେପ ପରେ ଡେଲିଭରି କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ କୁଇକ୍ କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ ୧୦ ମିନିଟ୍ ଡେଲିଭରି ସେବା ହଟାଇବାକୁ ମଙ୍ଗଳବାର ରାଜି ହୋଇଛନ୍ତି। ବ୍ଲିଙ୍କିଟ୍, ଜେପ୍ଟୋ, ସ୍ୱିଗି ଏବଂ ଜୋମାଟୋ କମ୍ପାନୀର ଅଧିକାରୀମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିବା ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ବ୍ଲିଙ୍କିଟ୍ ଏହାର ବିଜ୍ଞାପନ ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରୁ ତୁରନ୍ତ ୧୦ ମିନିଟ୍ ଡେଲିଭରି ଟ୍ୟାଗ୍ ହଟାଇ ଦେଇଥିବାବେଳେ ଅନ୍ୟ ଡେଲିଭରି କମ୍ପାନୀଗୁଡ଼ିକ ଏହା କାର୍ଯ୍ୟକାରୀ କରିବା ଆଶା କରାଯାଉଛି। ସୂଚନାଯୋଗ୍ୟ, ୧୦ ମିନିଟ୍ ଡେଲିଭରି ବ୍ୟବସ୍ଥା ହଟାଇବା ସହ ପୂର୍ବ ପେଆଉଟ୍ ଢାଞ୍ଚା ପୁନର୍ବାର କାର୍ଯ୍ୟକାରୀ କରିବା ଦାବିରେ ଅସ୍ଥାୟୀ କର୍ମଚାରୀ ସଂଘ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ କରାଯାଇଥିଲା। ଇଣ୍ଡିଆନ୍ ଫେଡେରେଶନ ଅଫ୍ ଆପ୍-ବେସ୍‌ଡ ଟ୍ରାନ୍ସପୋର୍ଟ ୱାର୍କର୍ସ (ଆଇଏଫ୍‌ଏଟି) ବ୍ୟାନରରେ ଏହି ଧର୍ମଘଟ ହୋଇଥିଲା, ଯେଉଁଥିରେ ଡେଲିଭରି କର୍ମଚାରୀ ଏବଂ କୁଇକ୍ କମର୍ସ କମ୍ପାନୀ ସହ ସମ୍ପୃକ୍ତ ଡ୍ରାଇଭରମାନେ ସାମିଲ ହୋଇଥିଲେ।

# ଦୁଃସାହସର ଦୃଢ଼ ଜବାବ ଦିଆଯିବ: ସେନାମୁଖ୍ୟ

**ନୂଆଦିଲ୍ଲୀ, ୧୩।୧ (ପି.ଟି.)**

**ଅପରେଶନ ସିନ୍ଦୂର ଜାରି ରହିଛି**



ଉପେନ୍ଦ୍ର ଦ୍ୱିବେଦୀ

ଅପରେଶନ ସିନ୍ଦୂର ଏବେ ବି ଜାରି ରହିଛି ଏବଂ ଶତ୍ରୁପକ୍ଷର ଯେକୌଣସି ଦୁଃସାହସର ଠିକଣା ଜବାବ ଦିଆଯିବ ବୋଲି ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ମଙ୍ଗଳବାର କହିବା ସହ ପାକିସ୍ତାନକୁ ଦୃଢ଼ ବାର୍ତ୍ତା ପଠାଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେନାମୁଖ୍ୟ କହିଛନ୍ତି, ଚାଇନା ସହ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ସ୍ଥିର ରହିଥିଲେ ମଧ୍ୟ କ୍ରମାଗତ ସତର୍କ ରହିବାକୁ ହେବ। ଅପରେଶନ ସିନ୍ଦୂରର ବିଭିନ୍ନ ଦିଗ ଉପରେ ଜେନେରାଲ ଦ୍ୱିବେଦୀ କହିଛନ୍ତି, ଭାରତୀୟ ସେନା ପାକିସ୍ତାନର ଆଭ୍ୟନ୍ତର ଅଞ୍ଚଳରେ ଆକ୍ରମଣ କରି ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ଧ୍ୱଂସ କରିବା ସହ ଇସଲାମାବାଦର ପରମାଣୁ ଦମ୍ଭକୁ ଭାଙ୍ଗିଥିଲା। ରଣନୈତିକ ମାନ୍ୟତା ପୁନଃସ୍ଥାପନରେ ଏହା ସହାୟକ ହୋଇଥିଲା। ସେତେବେଳେ ପାକିସ୍ତାନ କୌଣସି ଦୁଃସାହସ ଉଦ୍ୟମ କରିଥିଲେ ସଶସ୍ତ୍ର ବଳ ସ୍ଥଳଯୁଦ୍ଧ କରିବାକୁ ପୂର୍ଣ୍ଣ ପ୍ରସ୍ତୁତ ଥିଲା ବୋଲି ଜେନେରାଲ ଦ୍ୱିବେଦୀ କହିଛନ୍ତି।

# ୟୁକ୍ରେନ୍ ବିଦ୍ୟୁତ୍ ଗ୍ରୀଡ୍ ଉପରେ ରୁଷିଆର ଆକ୍ରମଣ: ୪ ମୃତ

**କିଭ୍, ୧୩।୧**

ରୁଷିଆ ଗତ ୪ ଦିନ ମଧ୍ୟରେ ୟୁକ୍ରେନ୍ ଉପରେ ଦ୍ୱିତୀୟ ଥର ପାଇଁ ବଡ଼ ଧରଣର ଡ୍ରୋନ୍ ଏବଂ ମିଶାଇଲ ଆକ୍ରମଣ କରିଛି। ୟୁକ୍ରେନ୍ ବିଦ୍ୟୁତ୍ ଗ୍ରୀଡ୍‌କୁ ଟାର୍ଗେଟ କରି ଏହି ଆକ୍ରମଣ ହୋଇଥିବାବେଳେ ଏଥିରେ ୪ ଜଣଙ୍କ ଜୀବନ ଯାଇଛି। ୪ ବର୍ଷ ହେଲା ଚାଲିଥିବା ଯୁଦ୍ଧର ପରିସମାପ୍ତି ପାଇଁ ଆମେରିକା ନେତୃତ୍ୱରେ ଶାନ୍ତି ଉଦ୍ୟମ ଚାଲିଥିବାବେଳେ ଏହାର ସଫଳତାକୁ ନେଇ ପ୍ରଶ୍ନ ଉଠିଛି। ସୋମବାର ରାତିରେ ରୁଷିଆ ୩୦୦ ଡ୍ରୋନ୍, ୧୮ ବାଲିଷ୍ଟିକ୍ ମିଶାଇଲ ଏବଂ ୭ କ୍ରୁଜ୍ ମିଶାଇଲ ଆକ୍ରମଣ କରିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୋସିଆଲ ମିଡିଆରେ କହିଛନ୍ତି। ଉତ୍ତରପୂର୍ବ ଖର୍‌କିଭ୍ ଅଞ୍ଚଳର ଏକ ମେଲ୍ ଡିପୋରେ ହୋଇଥିବା ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କିଭ୍ ଅଞ୍ଚଳର ଅନେକ ଲକ୍ଷ ଘରକୁ ବିଦ୍ୟୁତ ଯୋଗାଣ ବନ୍ଦ ହୋଇଯାଇଛି। ରାଜଧାନୀର ତାପମାତ୍ରା ବିୟୁକ୍ତ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିଥିବାବେଳେ ରାସ୍ତାଘାଟ ବରଫରେ ଘୋଡ଼ାଇହୋଇ ରହିଛି। ୪ ଦିନ ପୂର୍ବରୁ ରୁଷିଆ ୟୁକ୍ରେନ୍ ଉପରେ ଅନେକ ଶହ ଡ୍ରୋନ୍ ଓ ମିଶାଇଲ୍ ଆକ୍ରମଣ କରିଥିଲା।

# ୧ ଡଲାର= ୯୦.୨୩ ଟଙ୍କା

**ମୁମ୍ବାଇ, ୧୩।୧ (ପି.ଟି.)**

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ମଙ୍ଗଳବାର ୬ ପଇସା ହ୍ରାସ ପାଇ ୯୦.୨୩ ଟଙ୍କାରେ ପହଞ୍ଚିଛି। ଅଶୋଧିତ ତୈଳ ଦର ପୁଣି ବଢ଼ିବା ଏବଂ ଧାତୁ ମୂଲ୍ୟ ବୃଦ୍ଧି ସାଙ୍ଗକୁ ପୁଞ୍ଜି ବଜାର ସ୍ଥିତିକୁ ନେଇ ଟଙ୍କା ମୂଲ୍ୟ ହ୍ରାସ ପାଇଛି। ଭୂରାଜନୈତିକ ଉତ୍ତେଜନା ଏବଂ ଦୁର୍ବଳ ପୁଞ୍ଜିବଜାରକୁ ଦୃଷ୍ଟିରେ ରଖି ବିଦେଶୀ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରିନେଉଛନ୍ତି। ଫଳରେ ଭାରତୀୟ ମୁଦ୍ରା ଉପରେ ଚାପ ବୃଦ୍ଧି ପାଇଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ମଙ୍ଗଳବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୦.୨୪ରୁ ଆରମ୍ଭ ହୋଇ ଇଣ୍ଟ୍ରା-ଡେ'ରେ ସର୍ବନିମ୍ନ ୯୦.୩୦ରେ ପହଞ୍ଚିଥିବାବେଳେ ଶେଷରେ ୯୦.୨୩ ରହିଥିଲା। ସୋମବାର କାରବାର ଶେଷ ସୁଦ୍ଧା ଟଙ୍କା ମୂଲ୍ୟ ୯୦.୧୭ ଥିଲା।

# ଭାରତରେ ସଂଖ୍ୟାଲଘୁ ବିରୋଧୀ ଘୃଣିତ ମନ୍ତବ୍ୟ ୧୩% ବଢ଼ିଛି

**ୱାଶିଂଟନ, ୧୩।୧**

ଭାରତରେ ୨୦୨୫ରେ ମୁସଲମାନ ଏବଂ ଖ୍ରୀଷ୍ଟିଆନ୍‌ଙ୍କ ସମେତ ସଂଖ୍ୟାଲଘୁଙ୍କ ବିରୋଧରେ ଘୃଣିତ ବକ୍ତବ୍ୟ ୧୩ ପ୍ରତିଶତ ବୃଦ୍ଧି ପାଇଛି। ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହିନ୍ଦୁ ଜାତୀୟତାବାଦୀ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଘୃଣିତ ମନ୍ତବ୍ୟ ଦେବା ବୃଦ୍ଧି ପାଇଥିବା ୱାଶିଂଟନର ଏକ ଗବେଷଣା ସଂସ୍ଥା ମଙ୍ଗଳବାର କହିଛି। ଇଣ୍ଡିଆ ହେଟ୍ ଲାବ୍ ନାମକ ଉକ୍ତ ସଂସ୍ଥା ୨୦୨୫ରେ ୧,୩୧୮ଟି ଉଦାହରଣର ଦସ୍ତାବିଜ ପ୍ରସ୍ତୁତ କରିଛି, ଯାହାକୁ ଉକ୍ତ ସଂସ୍ଥା ଘୃଣିତ ବକ୍ତବ୍ୟ କହିଛି। ୨୦୨୪ରେ ଏଭଳି ବକ୍ତବ୍ୟ ସଂଖ୍ୟା ୧,୧୬୫ ଏବଂ ୨୦୨୩ରେ ୬୬୮ ଥିଲା। ରାଜନୈତିକ ରାଲି, ଧର୍ମୀୟ ଶୋଭାଯାତ୍ରା ଓ ସାଂସ୍କୃତିକ ସମାବେଶରେ ଏଭଳି ବକ୍ତବ୍ୟ ଦିଆଯାଇଥାଏ। ସେଥିରୁ ଭାଜପା ଶାସିତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୧,୧୬୪ଟି ଘଟଣା ଘଟିଥିବାବେଳେ ଏଥିସହିତ ଉକ୍ତ ଦଳ କିମ୍ବା ଏହାର ସହଯୋଗୀ ସିଧାସଳଖ ସମ୍ପୃକ୍ତ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏହା ଉପରେ ୱାଶିଂଟନରେ ଥିବା ଭାରତୀୟ ଦୂତାବାସର ମତାମତ ଲୋଡ଼ାଯାଇଥିବାବେଳେ ଏହା ତୁରନ୍ତ କୌଣସି ମନ୍ତବ୍ୟ ଦେଇନାହିଁ। ମୋଦି ଓ ତାଙ୍କ ଦଳ ଏହାକୁ ପକ୍ଷପାତ କହି ଅସ୍ୱୀକାର କରିଛି। ସରକାରଙ୍କ ଖାଦ୍ୟ ସବ୍‌ସିଡି କାର୍ଯ୍ୟକ୍ରମ ଏବଂ ବିଦ୍ୟୁତୀକରଣ ପଦକ୍ଷେପ ସବୁ ସମ୍ପ୍ରଦାୟକୁ ସୁବିଧା ପ୍ରଦାନ କରିଥିବା ଦଳ ପକ୍ଷରୁ କୁହାଯାଇଛି। ରିପୋର୍ଟ ଅନୁଯାୟୀ ଗତବର୍ଷ ଏପ୍ରିଲରେ ସର୍ବାଧିକ ୧୫୮ଟି ଘୃଣିତ ବକ୍ତବ୍ୟ ମଧ୍ୟରୁ ପ୍ରଥମ ୧୨ ଦିନରେ ପ୍ରାୟ ୧୦୦ ବକ୍ତବ୍ୟ ଦିଆଯାଇଥିଲା। ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପରେ ଏଭଳି ବକ୍ତୃତା ସଂଖ୍ୟା ବଢ଼ିଥିଲା।

**୨୦୨୫ରେ ୧,୩୧୮ ଘୃଣିତ ମନ୍ତବ୍ୟ**

୨୦୧୪ରେ ମୋଦି କ୍ଷମତାକୁ ଆସିବା ପରେ ଭାରତରେ ସଂଖ୍ୟାଲଘୁଙ୍କ ପ୍ରତି ଦୁର୍ବ୍ୟବହାର ବଢ଼ିଥିବା ଆମନେଷ୍ଟି ଇଣ୍ଟରନ୍ୟାଶନାଲ ଏବଂ ହ୍ୟୁମାନ ରାଇଟ୍ସ ୱାଚ୍ ଆଦି ଅଧିକାର ସଂଗଠନ କହିଛନ୍ତି। ଧର୍ମଭିତ୍ତିକ ନାଗରିକତ୍ୱ ଆଇନ ପ୍ରତି ସେମାନେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ଯାହାକୁ ଜାତିସଂଘ ମୂଳତଃ ଭେଦଭାବପୂର୍ଣ୍ଣ ଏବଂ ଧର୍ମାନ୍ତରୀକରଣ ବିରୋଧୀ ଆଇନ ବୋଲି କହିଛି। ୨୦୧୯ରେ ମୁସଲମାନବହୁଳ କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ଉଚ୍ଛେଦ କରାଯାଇଥିଲା ଏବଂ ମୁସଲମାନଙ୍କ ମାଲିକାନାରେ ଥିବା ସମ୍ପତ୍ତିକୁ ଭାଙ୍ଗିଦିଆଯାଇଥିଲା ବୋଲି ଏଥିରେ କୁହାଯାଇଛି। ଆମେରିକାରେ ରହୁଥିବା କଶ୍ମୀରୀ ଖବରଦାତା ରକିବ୍ ହମିଦ ନାଏକ ଇଣ୍ଡିଆ ହେଟ୍ ଲାବ୍ ପ୍ରତିଷ୍ଠା କରିଛନ୍ତି। ୱାଶିଂଟନର ଅଣଲାଭକାରୀ ଥିଙ୍କ୍‌ଟ୍ୟାଙ୍କ ସେଣ୍ଟର ଫର୍ ଦି ଷ୍ଟଡି ଅଫ୍ ଅର୍ଗାନାଇଜ୍‌ଡ ହେଟ୍‌ର ଏହା ଏକ ପ୍ରୋଜେକ୍ଟ।

# ଶକ୍ସଗାମ୍ ଉପତ୍ୟକାକୁ ନିଜର ଦାବିକଲା ଚାଇନା

**ବେଜିଂ, ୧୩।୧ (ପି.ଟି.)**

ଶକ୍ସଗାମ୍ ଉପତ୍ୟକାକୁ ଚାଇନା ପୁନର୍ବାର ନିଜର ଦାବି କରିବା ପରେ ବିବାଦ ମୁଣ୍ଡ ଟେକିଛି। ଉକ୍ତ ଅଞ୍ଚଳରେ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର ଭିତ୍ତିଭୂମି ପ୍ରକଳ୍ପକୁ ଭାରତ ବିରୋଧ କରିଥିବାବେଳେ ଚାଇନା ଏହାକୁ ଖୋଲା ପ୍ରତ୍ୟାଖ୍ୟାନ କରିଛି। ଚାଇନାର ନିର୍ମାଣ କାର୍ଯ୍ୟ ନିଜ ଅଞ୍ଚଳରେ ହେଉଥିବାରୁ ସମାଲୋଚନାର ବାହାରେ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ନୂଆଦିଲ୍ଲୀ ଚାଇନାର ଉକ୍ତ ଆଭିମୁଖ୍ୟକୁ ଜୋର୍‌ଦାର ବିରୋଧ କରିଛି। ଶକ୍ସଗାମ୍ ଉପତ୍ୟକା ଭାରତୀୟ ଅଞ୍ଚଳ ହୋଇଥିବାରୁ ନୂଆଦିଲ୍ଲୀ ଏହାର ସ୍ୱାର୍ଥର ସୁରକ୍ଷା କରିବ ବୋଲି କହିଛି।

# ପ୍ରେମରେ ପଡ଼ିଛନ୍ତି ଦିଶା




ଦିଶା ପଟାନି

**ମୁମ୍ବାଇ:** ପୁଣି ପ୍ରେମରେ ପଡ଼ିଛନ୍ତି ଅଭିନେତ୍ରୀ ଦିଶା ପଟାନି। ଟାଇଗର ଶ୍ରଫ୍‌ଙ୍କ ସହ ବ୍ରେକ୍‌ଅପ୍ ପରେ ଦିଶାଙ୍କୁ ମିଳିଯାଇଛି ନୂଆ ଜୀବନ ସାଥୀ। ଉଦୟପୁରରେ କ୍ରିତି ସାନନଙ୍କ ଭଉଣୀ ନୁପୁର ସେନ୍ ଏବଂ ଷ୍ଟେବିନ ବେନ୍‌ଙ୍କ ବିବାହରେ ଦିଶା ଏବଂ ପଞ୍ଜାବୀ ଗାୟକ ତଲବିନ୍ଦର ସିଂ ସିଦ୍ଧୁଙ୍କ ସହ ଅନ୍ତରଙ୍ଗ ଫଟୋ ଭାଇରାଲ ହୋଇଛି। କୁହାଯାଉଛି ଉଭୟ ପରସ୍ପରକୁ ଡେଟ୍ କରୁଛନ୍ତି। କିନ୍ତୁ ଦୁହେଁ ଏନେଇ କିଛି କହିନାହାନ୍ତି।

ତଲବିନ୍ଦର ସିଂହ ସିଦ୍ଧୁ ଜଣେ ପଞ୍ଜାବୀ ଗାୟକ, ସଙ୍ଗୀତ ପ୍ରଯୋଜକ ଏବଂ ଗୀତିକାର। ସେ ପଞ୍ଜାବୀ ସଙ୍ଗୀତ ଶିଳ୍ପର ସବୁଠାରୁ ଲୋକପ୍ରିୟ ସ୍ୱାଧୀନ କଳାକାରମାନଙ୍କ ମଧ୍ୟରୁ ଜଣେ। ତଲବିନ୍ଦର ତାଙ୍କ ବ୍ୟକ୍ତିତ୍ୱକୁ ନେଇ ଏକ ରହସ୍ୟମୟ ଭାବନା ବଜାୟ ରଖନ୍ତି, ଏକ ସ୍ୱତନ୍ତ୍ର ମୁହଁ ରଙ୍ଗ ସହିତ ସଙ୍ଗୀତ ପ୍ରଦର୍ଶନ କରନ୍ତି। ସେ ଏହାକୁ ବାରମ୍ବାର ଏକ କଳାତ୍ମକ ପସନ୍ଦ ଭାବରେ ବର୍ଣ୍ଣନା କରିଛନ୍ତି, ଯାହା ତାଙ୍କୁ ତାଙ୍କର ବ୍ୟକ୍ତିଗତ ଜୀବନକୁ ତାଙ୍କର ସାର୍ବଜନୀନ ପରିଚୟରୁ ପୃଥକ ରଖିବାରେ ସାହାଯ୍ୟ କରେ।

ନିକଟରେ ଦିଶା ରାଜସ୍ଥାନର ଉଦୟପୁରରେ ସାନନଙ୍କ ଭଉଣୀ ନୁପୁର ସାନନଙ୍କ ବିବାହରେ ଯୋଗ ଦେଇଥିଲେ। ବିବାହର ଅନେକ ଭିଡିଓ ଭାଇରାଲ ହେଉଛି। ଏଥିରେ ଦିଶା ଏବଂ ତଲବିନ୍ଦରଙ୍କ ଏକ କ୍ଲିପ୍ ମଧ୍ୟ ରହିଛି। ଏଥିରେ ଉଭୟଙ୍କ ଅନ୍ତରଙ୍ଗ ଭାବେ ଦେଖିବାକୁ ମିଳିଛି।



# ଲୋକଦେଖାଣିଆ ଆଲୋଚନା



ଭୁବନେଶ୍ୱର, ୧୩ା୧(ସୁନିତ୍ ମିଶ୍ର)

ଓଡ଼ିଶାରେ ଭାଜପା ଶାସନକୁ ଆସିବା ପରେ ଲକ୍ଷ୍ୟ କରାଯାଉଛି ରାଜ୍ୟରେ ଯେପରି ବିରୋଧୀ ଶୂନ୍ୟ ହୋଇଯାଇଛି। ଶାସକ ଦଳର ଅନେକ ବିଫଳତା ଲକ୍ଷ୍ୟ କରାଯାଉଥିଲେ ସୁଦ୍ଧା ସେଗୁଡିକ ବିରୋଧରେ ମୁହଁ ଖୋଲିବାକୁ କେହି ଆଗକୁ ଆସିପାରୁନାହାନ୍ତି। ଭବିଷ୍ୟତରେ ମଧ ଏହା ସମ୍ଭବ ହୋଇପାରିବ ସେକଥା ଏଯାଏଁ ମନେହେଉନାହିଁ। ୨୦୨୯ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ସଲାସୁତୁରା ହୋଇ ଏବଂ ଭାଜପାକୁ ସମର୍ଥନକରି କିପରି ଶାସକ ଦଳ ସହ ମେଣ୍ଟ କରାଯାଇପାରିବ ସେଥିପାଇଁ ସୁଚିନ୍ତିତ ଭାବେ ବିଜେଡି କାର୍ଯ୍ୟକ୍ରମ ଆଗକୁ ନିଆଯାଉଛି। ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ବିଧାୟକମାନଙ୍କ ହେଉଥିବା ଆଲୋଚନା ଏହାର ଏକ ବଡ଼ ଉଦାହରଣ। ସୂଚନାଯୋଗ୍ୟ, ନବୀନ ୧୦ ଜଣ ଲେଖା ବିଧାୟକଙ୍କୁ ଡାକି ସିଧାସଳଖ ଆଲୋଚନା କରୁଛନ୍ତି। ବୈଠକରେ ସେ ଯାହାସବୁ ଆଲୋଚନା କରୁଛନ୍ତି ସମାନ କଥା ଗଣମାଧମକୁ ବିଜେଡି ପକ୍ଷରୁ ବିଧିବଦ୍ଧ ଭାବେ ଖବର ପ୍ରସାରଣ ପାଇଁ ଦେଇ ଦିଆଯାଉଛି। ଫଳରେ ନବୀନ କରୁଥିବା ବୈଠକ ଅନ୍ତସାର ଶୂନ୍ୟ କେବଳ ଫଟୋ ଛାଡ଼ି ରାଜନୀତି କରିବା ପାଇଁ ଉଦ୍ଦିଷ୍ଟ ବୋଲି ଚର୍ଚ୍ଚା ହେଉଛି। ବୈଠକରେ ଯୋଗଦେଉଥିବା ବିଧାୟକମାନେ କହୁଛନ୍ତି, ନବୀନଙ୍କ ସହିତ ଏଭଳି 'ସୌହାର୍ଦ୍ଦ୍ୟପୂର୍ଣ୍ଣ' ବୈଠକ ପଛରେ ଲୋକଦେଖାଣିଆ ଉଦ୍ଦେଶ୍ୟ ରହିଛି। ସେମାନଙ୍କ ମଧ୍ୟରୁ ଜଣେ ବିଧାୟକଙ୍କ କହିବା କଥା, ଆଗକୁ ରାଜ୍ୟ ସଭା ନିର୍ବାଚନ ହେବାକୁ ଯାଉଛି। ରାଜ୍ୟର ୪ଟି ରାଜ୍ୟ ସଭା ଆସନ ଖାଲି ହେବାକୁ ଥିବାବେଳେ ଏସବୁ ବିଜେଡି ହାତରେ ରହିଛି। ବିଧାନସଭା ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଖାଲି ହେବାକୁ ଥିବା ୪ ଆସନ ମଧ୍ୟରୁ ଭାଜପା ୨ଟି ଏବଂ ବିଜେଡି ଗୋଟିଏ ରାଜ୍ୟ ସଭା ଆସନରେ ନିର୍ଦ୍ୱନ୍ଦ୍ୱରେ ଦଖଲ କରିପାରିବ। ଆଉ ଗୋଟିଏ ଆସନ ପାଇଁ ମୂଳତଃ ରାଜନୀତି ହେବ। ହେଲେ ୪ର୍ଥ ଆସନ ଭାଜପାକୁ ଟେକିଦେବା ଲାଗି ବିଜେଡି ଏବେଠାରୁ ଅଙ୍କ କଷିବା ଆରମ୍ଭ କରିଦେଲାଣି। ସମଦୂରତା କଥା କହି ନବୀନ ତାଙ୍କ ଦଳର ବିଧାୟକମାନଙ୍କୁ ନୀରବ ରହିବାକୁ କହିଦେଲେ ସରଳ ବାଟରେ ସେହି ଆସନ ଖଣ୍ଡକ ଭାଜପା ନେଇଯାଇପାରିବ। ସେଥିପାଇଁ ନବୀନ ଏବେଠାରୁ ବିଧାୟକମାନଙ୍କ ସହ ଆଲୋଚନାକରି ଗୋଟିଏ ବାର୍ତ୍ତା ଆଗ ଦେବାକୁ ଚାହୁଁଛନ୍ତି, ସେ ସିଧାସଳଖ ଦଳର ନେତାମାନଙ୍କୁ ଭେଟି କଥା ହେଉଛନ୍ତି ଏବଂ ସମସ୍ୟା ବୁଝୁଛନ୍ତି। ଫଳରେ ଭାଜପାକୁ ପରୋକ୍ଷରେ ରାଜ୍ୟ ସଭା ଆସନ ଖଣ୍ଡକ ଟେକିଦେଲା ପରେ ନବୀନ କାହା ସହିତ ଭେଟୁନାହାନ୍ତି ବୋଲି ଯେମିତି ପ୍ରଶ୍ନ ନ ଉଠିବ। ଏଥିରୁ ଗୋଟିଏ କଥା ଦିନକୁ ଦିନ ସ୍ପଷ୍ଟହେବାରେ ଲାଗିଛି ଯେତିଦିନ ବିଜେଡି ରହିବ ସେତେଦିନ ରାଜ୍ୟରେ ଭାଜପା ଏକ ପ୍ରକାର ଅପ୍ରତିଦ୍ୱନ୍ଦ୍ୱୀ ଦଳ ଭାବେ ନିଜର ରାଜନୈତିକ ସଫଳ ଯାତ୍ରା ଆଗକୁ ନେଇପାରିବ। କାରଣ ବିଧାନସଭାରେ ବିଜେଡିର ବର୍ତ୍ତମାନ ୫୦ ଜଣ ବିଧାୟକ ରହିଛନ୍ତି। ଦୁର୍ବଳ କାର୍ଯ୍ୟକ୍ରମ ଜରିଆରେ ଯଦି ଏତେବଡ଼ ବିରୋଧୀ ଦଳର ବିଧାୟକମାନଙ୍କୁ ଏକ ପ୍ରକାର ପଙ୍ଗୁକରି ରଖିଦିଆଯାଉଛି ତେବେ ଭାଜପା ପାଇଁ ଆଉ ସମସ୍ୟା ସୃଷ୍ଟି ହେବ ନାହିଁ। ଯଦି କେହି ବିଜେଡି ଛାଡୁଛନ୍ତି ସେମାନେ ଏମିତିରେ ଭାଜପାରେ ହିଁ ସାମିଲ ହେଉଛନ୍ତି। ରାଜ୍ୟରେ ଗୋଷ୍ଠୀକନ୍ଦଳ କାରଣରୁ କଂଗ୍ରେସର ଦୁର୍ବଳ ପ୍ରଦର୍ଶନ ଜାରି ରହିଛି। ଜାତୀୟସ୍ତରରେ ମଧ କଂଗ୍ରେସର ନେତୃତ୍ୱ ପ୍ରତି ତାଙ୍କ ଦଳର ନେତାମାନଙ୍କ ଆସ୍ଥା ରହୁନାହିଁ; ଯେଉଁଥିଲାଗି ରାଜ୍ୟରେ କଂଗ୍ରେସର ସମ୍ଭାବନାକୁ ଏଯାଏଁ କେହି ଅନୁଭବ କରିପାରୁନାହାନ୍ତି। ବିଜେଡି ଯେପର୍ଯ୍ୟନ୍ତ ଏମିତି ଚାଲିବ ସେପର୍ଯ୍ୟନ୍ତ ରାଜ୍ୟରେ କୌଣସି ନୂଆ ଦଳ ବା ରାଜନୈତିକ ସମୀକରଣ ସମ୍ଭବପର ହେବ ନାହିଁ ବୋଲି ଭାଜପାର ଚିନ୍ତନ ଟିମ୍ ଭଲଭାବେ ବୁଝିସାରିଛନ୍ତି। ତେଣୁ କାହିଁକି ବିଜେଡି ନ ଭାଙ୍ଗିବା ଦରକାର ବୋଲି ବହୁ ନେତା ଏବେଠାରୁ ପ୍ରଶ୍ନ ଉଠାଇ ନୂଆ ଆଞ୍ଚଳିକ ଦଳଟିଏ ଗଠନ ହେଉ ବୋଲି ଭାବୁଛନ୍ତି। ଅନ୍ୟପଟେ କଂଗ୍ରେସରୁ ବହିଷ୍କୃତ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ବିରୋଧରେ ଥିବା ଏକ ମାମଲାରେ ସେ ଦୋଷୀସାବ୍ୟସ୍ତ ହୋଇ ଭାଜପାର ଲୁକ୍କାୟିତ ସହଯୋଗୀ ସାଜିଛନ୍ତି ବୋଲି ଶାସକ ଦଳର କେତେଜଣ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହୁଛନ୍ତି।

ସୂଚନାଯୋଗ୍ୟ, ଯଦି ୨୦୨୪ ପୂର୍ବ ପର୍ଯ୍ୟନ୍ତ ଦେଖାଯାଏ ଦେଶର ୩ଟି ଆଞ୍ଚଳିକ ଦଳ ଆନ୍ଧ୍ର ପ୍ରଦେଶର ଜଗନ ମୋହନ ରେଡ୍ଡିଙ୍କ ୱାଇଏସ୍ଆର୍ କଂଗ୍ରେସ, ତେଲଙ୍ଗାନାର କେ. ଚନ୍ଦ୍ରଶେଖର ରାଓଙ୍କ ଟିଆର୍ଏସ୍ ଏବଂ ଓଡ଼ିଶାର ବିଜେଡି ଅନେକ ସମୟରେ କେନ୍ଦ୍ର ସରକାରଙ୍କୁ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ସମର୍ଥନ ଦେଇ ଆସିଲେ। ଏହି ଦଳଗୁଡିକ ଭାଜପା ସହ ମେଣ୍ଟ କରିବାକୁ ମଧ ବାରମ୍ବାର ଆଗ୍ରହ ଦେଖାଇଲେ। କିନ୍ତୁ ଭାଜପାକୁ ସମର୍ଥନ କରି ଆସୁଥିବା ଏହି ୩ ଆଞ୍ଚଳିକ ଦଳ ଶେଷରେ ନିପାତ ହୋଇଯାଇଛନ୍ତି। ମାତ୍ର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହିସବୁ ଦଳ ପାଇଁ ଶିକ୍ଷଣୀୟ ହେବା ଦରକାର ବୋଲି ଏବେ ଚର୍ଚ୍ଚା ହେଉଛି। ନିକଟରେ ମମତାଙ୍କ ଦଳ ଟିଏମ୍ସି(ତୃଣମୂଳ କଂଗ୍ରେସ)ର ନିର୍ବାଚନୀ ରଣନୀତି ପ୍ରସ୍ତୁତ କରୁଥିବା ଆଇ-ପାକ୍ ସଂସ୍ଥା ଉପରେ ଭୋର୍ ସମୟରେ ଇଡି ପକ୍ଷରୁ ରେଡ୍ କରାଗଲା। ମମତା ସ୍ୱୟଂ ରେଡ୍ ଚାଲିଥିବା ସ୍ଥାନରେ ପହଞ୍ଚି ଇଡି ଚଢ଼ାଉ ନାଁରେ ତାଙ୍କ ବ୍ୟକ୍ତିଗତ ରଣନୈତିକ ଫାଇଲ୍ ନେବାକୁ ଚେଷ୍ଟା କରୁଥିବା ଅଭିଯୋଗକରି ସେଗୁଡିକ ସେଠାରୁ ନେଇ ଆସିଥିଲେ। ପରବର୍ତ୍ତୀ ସମୟରେ ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଭିନ୍ନ ପ୍ରକାର ରାଜନୈତିକ ମଞ୍ଚ ଜରିଆରେ ସିଧାସଳଖ ଟାର୍ଗେଟ କରୁଛନ୍ତି। ଏପରିକି ମମତାଙ୍କ ଦଳର ଏମ୍ପିମାନେ ନିକଟରେ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟରେ ଯାଇ ଭାରତୀୟ ନିର୍ବାଚନ କମିଶନଙ୍କୁ କିପରି ପ୍ରଶ୍ନକଲେ ଏବଂ ଇଡି ଚଢ଼ାଉ ବିରୋଧରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବାସଭବନ ଘେରିଲେ ସେକଥା ଦେଶବାସୀ ଦେଖିଲେ। ଭବିଷ୍ୟତରେ ଟିଏମ୍ସିର ପରିସ୍ଥିତି କେଉଁଭଳି ହେବ ସେକଥା କହିବା ଏବେଠାରୁ କଷ୍ଟକର, ହେଲେ ଗୋଟିଏ ଅଞ୍ଚଳିକ ଦଳ କିପରି ନିଜର କାର୍ଯ୍ୟକ୍ରମ କରିବା ଦରକାର ଏହା ମମତାଙ୍କ ଦଳର ଏମ୍ପିମାନେ ମଧ ଦେଖାଇଦେଲେ। ବିଗତ ଦିନରେ ଲୋକ ସଭାରେ ୨୧ରୁ ୨୦ ଏମ୍ପି ବିଜେଡିର ଜିତିଥିଲେ। ହେଲେ ସେମାନେ ସବୁ ସମୟରେ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍ଡିଏ ସରକାର ଆଣୁଥିବା ସବୁ ବିଲ୍କୁ ସମର୍ଥନ କରିଚାଲିଲେ। ଶେଷରେ ୨୦୨୪ରେ ଓଡ଼ିଶା ଲୋକମାନେ ଲୋକ ସଭାରେ ବିଜେଡିକୁ ଶୂନରେ ପହଞ୍ଚାଇବା ସହ ଯେଉଁ ଦଳକୁ ସମର୍ଥନ କରୁଥିଲେ ସେମାନଙ୍କ ସଂଖ୍ୟା ୨୦ କରିଦେଲେ।

କେତେକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ନବୀନଙ୍କ ଏକାନ୍ତ ଅନୁଗତ ଥିବା ପାଣ୍ଡିଆନ୍ ଏବେ ଭୁବନେଶ୍ୱରରେ ରହୁଛନ୍ତି। ତାଙ୍କ ସହ ଦଳର ଅନେକ ନେତା ଯୋଗାଯୋଗରେ ଅଛନ୍ତି। ବହୁ ନେତା ତାଙ୍କୁ ଭେଟିବା ଲାଗି ତାଙ୍କ ବାସଭବନକୁ ମଧ ଯାଉଛନ୍ତି। ଯେଉଁମାନେ ତାଙ୍କୁ ଭେଟୁଛନ୍ତି ସେ ସମସ୍ତଙ୍କୁ ପାଣ୍ଡିଆନ୍ ଯେଉଁ ଗୋଟିଏ ରାଜ୍ୟ ସଭା ଆସନ ପାଇଁ ରାଜନୀତି ହେବାକୁ ଅଛି ସେ କ୍ଷେତ୍ରରେ ଦଳ ସମଦୂରତା ନୀତି ଆପଣାଇବ ବୋଲି କହୁଛନ୍ତି। ଅନ୍ୟପଟେ ୨୦୨୯ରେ ଭାଜପା ସହ ମେଣ୍ଟ ହେବ ଏବଂ ଯେଉଁମାନେ ତାଙ୍କ ସହିତ ରହିବେ ସେମାନଙ୍କୁ କିପରି ଟିକେଟ ମିଳିବ ସେ ଦାୟିତ୍ୱ ତାଙ୍କର ବୋଲି କହୁଛନ୍ତି। ତାଙ୍କ ଉପରେ ଭରସା କରିବାକୁ ହେଲେ ଯେଉଁ ଅଫିସରମାନେ ବିଜେଡି ଶାସନ ସମୟରେ ପାୱାରଫୁଲ୍ ଥିଲେ ସେମାନେ ଏବେ ସୁବିଧାରେ ନା ଅସୁବିଧାରେ ଅଛନ୍ତି ସେକଥାକୁ ଲକ୍ଷ୍ୟ କରି ସବୁକିଛି ବୁଝିଯାଆନ୍ତୁ ବୋଲି ପାଣ୍ଡିଆନ୍ କହୁଛନ୍ତି। ତାଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ସେକଥା ମଧ ପାଣ୍ଡିଆନ୍ କୁଆଡ଼େ କହି ଭାଜପା ସହ ବିଜେଡିର ସମ୍ପର୍କ ବିଷୟରେ ପରୋକ୍ଷରେ ପ୍ରଚାର ଆରମ୍ଭ କରିଦେଲେଣି।




# ଶିମିଳିପାଳରେ ପାରଦ ପୁଣି ୧ ଡିଗ୍ରୀକୁ ଖସିଲା

ବାରିପଦା, ୧୩ା୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ୩ ଦିନ ପରେ ପୁଣି ପାରଦ ନିମ୍ନଗାମୀ ରହିଛି। ଉପରବାରହାକାମୁଡ଼ାରେ ତାପମାତ୍ରା ୧ ଡିଗ୍ରୀରେ ରହିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି। ସେହିପରି ଶିମିଳିପାଳ ଅଭୟାରଣ୍ୟର ଚହଲାରେ ୮ ଡିଗ୍ରୀ, ବରେହିପାଣିରେ ୬ ଡିଗ୍ରୀ, ଗୁଡୁଗୁଡ଼ିଆରେ ୩ ଡିଗ୍ରୀ, ରାମତୀର୍ଥୀ, ସାତକୋଶିଆରେ ଏବଂ କିଆଝରୀରେ ୧୧ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି। ଫଳରେ ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲାବ୍ୟାପୀ ଶୀତରପ୍ରକୋପ ପୁନଶ୍ଚ ବୃଦ୍ଧିପାଇଛି।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)
Dreaming of restarting your career? It's time to shine, again!
ନୂଆ ଆରମ୍ଭ A New Beginning
Applications are invited for
NUA AARAMBHA: A New Beginning!
Second Career for Women Candidates
JOB OPPORTUNITIES in The Tata Power Company for its Distribution Business in Odisha
(TPCODL, TPNODL, TPSODL, TPWODL)
Tata Power, in joint venture with the Government of Odisha, manages power distribution through four DISCOMs (TPCODL, TPNODL, TPSODL, TPWODL) with a focus on reliability, customer service, and innovation across the state. Applications are invited from eligible women candidates currently on career break to apply for roles across four Odisha DISCOMs.
DEPARTMENTS
1. Operation & Maintenance 2. Commercial Function and Customer Services 3. Information Technology 4. Engineering & Quality 5. Contract & Procurement 6. HR & Administration 7. Finance & Accounts 8. Legal & Secretarial
ELIGIBILITY
- **Career Break:** Women candidates who are **currently on a career break** are encouraged to apply for the position in the departments listed above. **Note: Career break must have started on or before 1 January 2025.**
- **Professional Qualifications:** Applicants should have completed a regular full-time course in **B. Tech/ B.E/ Diploma in Electrical Engineering, MBA, LLB, MCA, CA, CS, ICWA** or any other equivalent professional qualification.
- **Academic Performance:** Candidates are required to have minimum 60% marks or above in all academic qualifications.
- **Work Experience: Minimum 2-year full time relevant work experience, post highest qualification** will be considered.
- **Age Limit:** Candidates must be **up to 40 years of age as on 1 January 2026.**
(Preference will be given to candidates who are domiciled in Odisha)
HOW TO APPLY
Last date for application: 23rd January 2026 at 11:59 PM. Scan the QR code to fill up the Application Form. You may reach out to **sandesh.centralhr@tpcentralodisha.com** for issues faced, if any. Please mention the subject as –
**"TP Odisha DISCOMs - Nua Aarambha: Second Career for Women Candidates".**
*Your Purpose.Full journey begins here!*
Scan this QR code to apply now!

# ଆଞ୍ଚଳିକ ବୈଷମ୍ୟ ଦୂରହେବ: ମୁଖ୍ୟମନ୍ତ୍ରୀ

## କେନ୍ଦୁଝରରେ ୧୯୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'କଫି ଟେବୁଲ ବୁକ୍'କୁ ଉନ୍ମୋଚନ କରୁଛନ୍ତି। ନିକଟରେ କେନ୍ଦୁଝର ଏମ୍ପି ଅନନ୍ତ ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ତେଲକୋଇ ବିଧାୟକ ଡା. ଫକୀର ଚରଣ ନାୟକ, ଡିଏଫ୍ଓ ଏଚ୍ଡି ଧନରାଜ, ଏସ୍ପି ନୀତିନ୍ କୁଶଲକର ଉପସ୍ଥିତ ଅଛନ୍ତି।

କେନ୍ଦୁଝର, ୧୩ା୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ବର୍ତ୍ତମାନ ସମୟ କେନ୍ଦୁଝର ଜିଲାର ବିକାଶ ପାଇଁ ଠିକ୍ ସମୟ। ଯେବେଠୁ ମା' ତାରିଣୀଙ୍କ ପ୍ରକଳ୍ପର ଶିଳାନ୍ୟାସ ହୋଇଛି, ସେବେଠାରୁ କେନ୍ଦୁଝରର ବିକାଶର ଡବଲ ଇଞ୍ଜିନ ଗାଡ଼ିରେ ରକେଟ ଇଞ୍ଜିନ ଲାଗିଛି। କେନ୍ଦୁଝର କେବଳ ଏକ ଜିଲା ନୁହେଁ ଏହା ଉତ୍କୃଷ୍ଟ ପ୍ରାକୃତିକ ସମ୍ପଦ, ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ କର୍ମଠ ଲୋକଙ୍କ ଭୂମି। ଏହି ମାଟି ଓଡ଼ିଶାର ଆର୍ଥିକ ଶକ୍ତିରେ ଅପାର ଅବଦାନ ରଖିଛି। ମଙ୍ଗଳବାର କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପାଇଁ ୧୯୦୦ କୋଟିରୁ ଉର୍ଦ୍ଧ୍ୱ ତଥା ୭୧ଟି ପ୍ରକଳ୍ପର ଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, କେନ୍ଦୁଝରକୁ ପ୍ରାୟ ଅଧିକାଂଶ ରାସ୍ତା ୬ ଥାକିଆ ବିଶିଷ୍ଟ କରାଯିବ। ଆସନ୍ତା ୩/୪ ବର୍ଷ ଭିତରେ କେନ୍ଦୁଝର ରାଜ୍ୟର ଏକ ଶ୍ରେଷ୍ଠ ଜିଲା ଭାବରେ ପ୍ରତିଷ୍ଠା ହାସଲ କରିବ। ଭାଜପା ସରକାର ରାଜ୍ୟର ସନ୍ତୁଳିତ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ୨୦୦୦ ମସିହା ପରେ ଅନେକ ବାର ବିଧାନସଭା ଭିତରେ ଏବଂ ବାହାରେ ଆଞ୍ଚଳିକ ବୈଷମ୍ୟତା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଭାଜପା ସରକାର ଆସିବା ମାତ୍ରେ ଲୋକଙ୍କ ଅଭିଯୋଗକୁ ସମାଧାନ ପାଇଁ ସରକାର ତୁରନ୍ତ ଉତ୍ତର ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଏକ ଟାସ୍କଫୋର୍ସ ଗଠନ କରିଥିଲେ। ରିପୋର୍ଟ ଆସିଲା ପରେ ଏହି ୨ ବିକାଶ ପରିଷଦ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ। ଆଞ୍ଚଳିକ ବୈଷମ୍ୟ ଦୂରହେବ, ପ୍ରତ୍ୟେକ ଅଞ୍ଚଳ ବିକଶିତ ହେବ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର ଚଢ଼େଇ ନାମକ ଏକ କଫି ଟେବୁଲ ବୁକ୍ ଉନ୍ମୋଚନ କରିବା ସହ ବିଭିନ୍ନ ଏସ୍ଏଚ୍ଜି ଗ୍ରୁପ୍‌ର ମହିଳା ହିତାଧିକାରୀଙ୍କୁ ସହାୟତା ଚେକ୍ ବଣ୍ଟନ କରିଥିଲେ।

ସୂଚନା ଅନୁଯାୟୀ, ସମୁଦାୟ ୧୭୦୮ କୋଟି ଟଙ୍କା ମୂଲ୍ୟର ୩୫ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ପ୍ରାୟ ୧୯୪ କୋଟି ଟଙ୍କାରେ ୩୬ ପ୍ରକଳ୍ପର ଲୋକାର୍ପଣ କରାଯାଇଥିଲା। ଏଥିରେ କେନ୍ଦୁଝରର ସ୍କୁଲ, ହଷ୍ଟେଲ, ଇରିଗେଶନ, ପାର୍କିଂ ଜୋନ୍, ରାସ୍ତା ନିର୍ମାଣ, ପୋଖରୀ ଉନ୍ନତୀକରଣ, ପର୍ଯ୍ୟଟନ ପ୍ରକଳ୍ପ, ଲାଇବ୍ରେରି, କ୍ୟାରିଅର କାଉନସେଲିଂ ସେଣ୍ଟର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡ଼ି ବିଲ୍ଡିଂ ଇତ୍ୟାଦି ରହିଛି। ପୂର୍ବରୁ ଘୋଷଣା ଅନୁଯାୟୀ ୫୦ କୋଟି ଟଙ୍କା ବିନିଯୋଗରେ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର, ୩୮ କୋଟି ୨୨ ଲକ୍ଷ ଟଙ୍କାରେ ୧୪୭ଟି ମଡେଲ ଅଙ୍ଗନୱାଡ଼ି କେନ୍ଦ୍ର, ୧୦୧ କୋଟି ଟଙ୍କା ବିନିଯୋଗରେ ୬ଟି ବ୍ଲକ୍ସ୍ତରୀୟ ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରାଗଲା। କେନ୍ଦୁଝରର ବିଭିନ୍ନ ସ୍ଥାନରେ ୨୧.୫୦ କୋଟି ଟଙ୍କା ବିନିଯୋଗରେ ୧୦୪ଟି ଏସିଆର୍, ଆଇସିଟି ଲାବ୍ ଓ ବାଉଣ୍ଡରି ୱାଲର ଉଦ୍ଘାଟନ କରାଯାଇଛି। ଏଥିସହ ୧୪ କୋଟି ଟଙ୍କା ବିନିଯୋଗରେ ଚମ୍ପୁଆରେ ନିକଲସନ ଫରେଷ୍ଟ ଟ୍ରେନିଂ ସ୍କୁଲର ପ୍ରତିଷ୍ଠା, ୯.୬୦ କୋଟି ଟଙ୍କାରେ ଖଣି କ୍ଷେତ୍ରରେ ସ୍ଥାନୀୟ ଯୁବକଙ୍କୁ ସ୍କିଲ ଟ୍ରେନିଂ ଦେବା ପାଇଁ ଡିଏମ୍ଏଫ୍ ଖଣି ଶକ୍ତିର ଉଦ୍ଘାଟନ ଆଦି କରାଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ଏମ୍ପି ଅନନ୍ତ ଚରଣ ନାୟକ, ବିଧାୟକ ସନାତନ ମହାକୁଡ, ବିଧାୟକ ଡାକ୍ତର ଫକୀର ଚରଣ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲାପାଳ ବିଶାଳ ସିଂ, ଡିଆଇଜି ବ୍ରିଜେଶ ରାୟ, ଏସ୍ପି ନୀତିନ୍ କୁଶଲକୁର, ଡିଏଫ୍ଓ ଏଚ୍ଡି ଧନ୍‌ରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ୭,୧୯୦ ନୂଆ ବୁଥ୍‌କୁ ଇସିଙ୍କ ଅନୁମୋଦନ

ଭୁବନେଶ୍ୱର, ୧୩ା୧ (ରବିନାରାୟଣ ଜେନା)

ଓଡ଼ିଶାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକାର ସଂଶୋଧନ(ଏସ୍ଆଇଆର୍) ପୂର୍ବରୁ ୭,୧୯୦ଟି ନୂତନ ବୁଥ୍‌କୁ ଭାରତର ନିର୍ବାଚନ ଆୟୋଗ(ଇସି) ଅନୁମୋଦନ କରିଛନ୍ତି। ଏହି ନୂତନ ବୁଥ୍ ସହ ରାଜ୍ୟରେ ବୁଥ୍‌ସଂଖ୍ୟା ୪୫ ହଜାର ୨୫୭ରେ ପହଞ୍ଚିଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟ ଅତିରିକ୍ତ ନିର୍ବାଚନ ଅଧିକାରୀ ସୁଶାନ୍ତ ମିଶ୍ର ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ ପୂର୍ବରୁ ୩୮,୦୬୭ଟି ବୁଥ୍ ଥିଲା। ଏସ୍ଆଇଆର୍ ପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ସିଇଓଙ୍କ ତରଫରୁ ଭାରତର ନିର୍ବାଚନ ଆୟୋଗଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଥିଲା। ଆୟୋଗଙ୍କ ଅନୁମୋଦନକ୍ରମେ ବୁଥ୍‌ସଂଖ୍ୟା ଏବେ ୪୫ ହଜାର ୨୫୭ ହୋଇଛି। ଏହାଦ୍ୱାରା ଆଗାମୀ ଦିନରେ ନିର୍ବାଚନ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଓ ଶୃଙ୍ଖଳା ଆସିପାରିବ ବୋଲି ମିଶ୍ର କହିଛନ୍ତି। ସେ ପୁଣି କହିଛନ୍ତି, ଓଡ଼ିଶାରେ ଏସ୍ଆଇଆର୍ ଲାଗୁହେବା ଲାଗି ଦୀର୍ଘ ୫ ମାସ ଧରି ପ୍ରସ୍ତୁତି ଆରମ୍ଭ ହୋଇଛି। ମାତ୍ର ନୂଆପଡ଼ା ଉପନିର୍ବାଚନ ଯୋଗୁ ଏସ୍ଆଇଆର୍ ଘୋଷଣା ତାଲିକାରୁ ଓଡ଼ିଶା ରହିଯାଇଥିଲା। ତେବେ ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗୋଟିଏ ବୁଥ୍‌ରେ ୧୨୦୦ରୁ ଅଧିକ ଭୋଟର ରହିପାରିବେ ନାହିଁ। ତା'ଠାରୁ କମ୍ ରହିଲେ ଚଳିବ, ମାତ୍ର ଅଧିକ ହେବନାହିଁ। ଏନେଇ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ଜିଲାକୁ ତାଲିମ୍ ପ୍ରଦାନ କରାଯାଇଥିଲା।



ପ୍ଲାନ ର ମୁଖ୍ୟ ବିଶେଷତା
- ପୂରା ପଲିସି ଅବଧିରେ ଆକର୍ଷକ ଗ୍ୟାରଣ୍ଟିଡ୍ ଏଡିଶନ୍ସ
- ପରିପକ୍ୱତା ବୟସ 18 - 25 ବର୍ଷ
- ଏକକ/ସୀମିତ ପ୍ରିମିଅମ୍ ପେମେଣ୍ଟ ବାଛିବାର ବିକଳ୍ପ
ଏହି ପ୍ଲାନ୍ ବିକ୍ରି ପାଇଁ ଅନ୍‌ଲାଇନ୍ ମଧ୍ୟ ଉପଲବ୍ଧ ଅଛି
ଏକ ନନ୍-ପାର୍, ନନ୍-ଲିଙ୍କଡ, ଲାଇଫ୍, ବ୍ୟକ୍ତିଗତ, ସଞ୍ଚୟ ଯୋଜନା
LIC ଲାଇଫ ଇନ୍ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ
ଡାଉନଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ digital | ଦେଖନ୍ତୁ: licindia.in | କଲ୍ ସେଣ୍ଟର ସର୍ଭିସ (022) 6827 6827
ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ ବା ନିଜ ସହର ନାମ ଏସ୍ଏମ୍ଏସ୍ କରନ୍ତୁ 56767474 କୁ
ଆମକୁ ଦେଖନ୍ତୁ ଏଠାରେ: LIC India Forever | IRDAI Regn No.: 512
ଆମର ହ୍ୱାଟସଆପ୍ ନଂ.: 8976862090 'Hi' କହନ୍ତୁ
LIC/R1/2024-25/17/ODI

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶ୍ରୀ ଶ୍ରୀ ଠାକୁର ଗୋଖିବାବା ମେଳା କମିଟି ପକ୍ଷରୁ ମକର ଉତ୍ସବ ପାଳନ, ସ୍ଥାନ:ଗୋଖିବାବା ଆଶ୍ରମ, ସୁନ୍ଦରପଦା, ସମୟ: ସକାଳ ୬ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ବାଣୀବିହାର ମୁଖ୍ୟ ଫାଟକ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ସକାଳ ୯ଟା ୩୦।
- ଜନମଙ୍ଗଳ ପରିଷଦ ପକ୍ଷରୁ ମକର ସଂକ୍ରାନ୍ତି ଉତ୍ସବ ପାଳନ, ସ୍ଥାନ: ଜନ ମଙ୍ଗଳ ପରିଷଦ ଧାରଣାସ୍ଥଳ, ସମୟ: ମଧ୍ୟାହ୍ନ ୧୨ଟା।
- କିଟ୍ ପକ୍ଷରୁ ଚେସ୍ ମହାକୁମ୍ଭ– ସାମାଜିକ ଏବଂ ଶିକ୍ଷାଗତ ଚେସ୍ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ମେ ଫେୟାର, ଅର୍କିଡ୍ ହଲ୍, ସମୟ: ଅପରାହ୍ନ ୧ଟା।
- ଜନ ନେତ୍ରୀ ବୀଣାପାଣି ଦାସଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦସଭା ଗୃହ, ସମୟ: ଅପରାହ୍ନ ୪ଟା।
- ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ, ସ୍ଥାନ: ଜନମଙ୍ଗଳ କ୍ୟାମ୍ପ, ମହାତ୍ମାଗାନ୍ଧୀ ମାର୍ଗ, ସମୟ: ସନ୍ଧ୍ୟା ୬ଟା।

**କଟକ**

- ନିଖିଳ ଉତ୍କଳ କଳା ନିକେତନ ପକ୍ଷରୁ ବୈଭବ ଲୋକନୃତ୍ୟ ମହୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର ବି ପ୍ରେକ୍ଷାଳୟ, ବାରପଥର, ସମୟ: ସକାଳ ୯ଟା।
- ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ, ସ୍ଥାନ: ସେକ୍ଟର–୭ ମର୍କତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସିଂହନାଥ ଦେବଙ୍କ ପ୍ରସିଦ୍ଧ ମକରମେଳା ଉତ୍ସବ, ସ୍ଥାନ: ସିଂଘନାଥ ଦେବଙ୍କ ମନ୍ଦିର ପରିସର, ଗୋପୀନାଥପୁର, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ୩୪ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଅନୁଷ୍ଠାନ ପରିସର, ସିଡିଏ ସେକ୍ଟର–୬, ସମୟ: ସନ୍ଧ୍ୟା ୫ଟା ୩୦।

**ଖୋର୍ଦ୍ଧା**

- ମା' ବୁଢ଼ୀ ଭୂଆଁଣୀ ଦେବୀଙ୍କ ମକର ଉତ୍ସବ, ସ୍ଥାନ: ବୋଲଗଡ଼, ସମୟ: ସକାଳ ୮ଟା।
- ନନ୍ଦିଘୋଷର ମକର ମିଳନ ଅବସରରେ କବିତା ପାଠୋତ୍ସବ ଓ ସାହିତ୍ୟ ସଭା, ସ୍ଥାନ: ନନ୍ଦିଘୋଷ ପ୍ରେକ୍ଷାଳୟ, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମକର ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଅତ୍ରି ଉଷ୍ମ ପ୍ରସ୍ରବଣ ପରିସର, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**

- ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ, ସ୍ଥାନ: କଣ୍ଟେଶ୍ୱର ମନ୍ଦିର ପ୍ରାଙ୍ଗଣ, ହଳଦୀପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ୩୫ତମ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସଭା, ସ୍ଥାନ: ବ୍ଲକ ପରିସର, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ପର୍ଶୁରାମ ମହାଯଜ୍ଞ, ସ୍ଥାନ: ମଇତାପୁର ମେଳନ ପଡ଼ିଆ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ଜିଲ୍ଲା କ୍ରିକେଟ୍ ଫାଇନାଲ ମ୍ୟାଚ୍, ସ୍ଥାନ: ଜହତା ଚଉଦମାଦଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- କ୍ରିକେଟ୍ ଓ ଫୁଟବଲ ଟୁର୍ନାମେଣ୍ଟର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଦରଖୋଳି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**

- ମା' ଦପନାୟକାଣୀଙ୍କ ମକର ମେଳା, ସ୍ଥାନ: ଈଶ୍ୱରପୁର, ତିହିଡ଼ି, ସମୟ: ସକାଳ ୬ଟା।
- ବଉଳାଶୁଣୀ ପୀଠରେ ମକର ମେଳା, ସ୍ଥାନ: ନିଳୋକ ବଉଳାଶୁଣୀ ପଡ଼ିଆ, ବନ୍ତ, ସମୟ: ସକାଳ ୭ଟା।
- ମକର ମେଳା, ସ୍ଥାନ: ବିଦେଇପୁର, ସୁଗୋ, କଇଥା, କୁସୁନ୍ଦିବିନ୍ଧା, ଦଧିବାମନପୁର ମୁନିପଡ଼ିଆ, ବାସୁଦେବପୁର, ସମୟ: ସକାଳ ୭ଟା।

**ବ୍ରହ୍ମପୁର**

- ଆନ୍ଧ୍ର ମହିଳା ସମାଜର ମକର ସଂକ୍ରାନ୍ତି, ସ୍ଥାନ: ପ୍ରକାଶମ ହଲ, ସମୟ: ସକାଳ ୭ଟା।

**ଗଞ୍ଜାମ**

- ହରିହର ଭେଟ ଏବଂ ମୁଆଁ ଫିଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ବାଲିପଦର ମକର ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ ଟା।

**ଢେଙ୍କାନାଳ**

- ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦ ପକ୍ଷରୁ ମକର ମିଳନ, ସ୍ଥାନ: ଶ୍ରୀହନୁମାନ ମନ୍ଦିର, ଅଉଖମା, ଭାପୁର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ମହୋତ୍ସବ, ସ୍ଥାନ: ଅଉଖମା ସଦର ବ୍ଲକ ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।

**ଜଗତ୍‌ସିଂହପୁର**

- ମର୍ଣ୍ଣିଂ କ୍ରିକେଟ କ୍ଲବ ପକ୍ଷରୁ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଜୟଦେବ ସଦନ ପଡ଼ିଆ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୭ଟା।
- ସାହାଡ଼ା ସୁନ୍ଦରୀ ପୀଠରେ ମକରଯାତ୍ରା, ସ୍ଥାନ: ସିହା ଗ୍ରାମ, ଏରସମା, ସମୟ: ପୂର୍ବାହ୍ନ ୧୧ଟା।
- ତେଲୁଗୁ ସମ୍ପ୍ରଦାୟର ଲୋକମାନଙ୍କ ପକ୍ଷରୁ ପୋଙ୍ଗଲ କାର୍ଯ୍ୟକ୍ରମ, ସ୍ଥାନ: ନୋଳିଆସାହି, ଷଣ୍ଢକୁଦ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**

- ମକର ସଂକ୍ରାନ୍ତି ଉତ୍ସବ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୪ଟା, ଶ୍ରୀଚନ୍ଦ୍ର ମୌଳେଶ୍ୱରୀ ମନ୍ଦିର, ଚନ୍ଦନନଗର, ପଟ୍ଟାମୁଣ୍ଡାଇ, ସମୟ: ପ୍ରାତଃ ୫ଟା।
- ସାର୍ବଜନୀନ ଗଙ୍ଗାପୂଜା ଓ ମକର ମେଳା, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତି, ମହାକାଳପଡ଼ା, ସମୟ: ସକାଳ ୬ଟା।
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କ୍ରିକେଟ କପ, ସ୍ଥାନ: ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ପଟ୍ଟାମୁଣ୍ଡାଇ ଟେନିସ କ୍ରିକେଟ ଆସୋସିଏଶନ ପକ୍ଷରୁ ପଟ୍ଟାମୁଣ୍ଡାଇ ପ୍ରିମିୟର ଲିଗ, ସ୍ଥାନ: ଏମ୍‌ଏନ୍ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ପଲ୍ଲିଶ୍ରୀ ମେଳା ଓ ଜିଲ୍ଲା ମହୋତ୍ସବ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**

- ଓଲାଶୁଣୀ ଗୁମ୍ଫା ମେଳା ଆରମ୍ଭ, ସ୍ଥାନ: ଓଲାଶୁଣୀ ପୀଠ ପରିସର, ସମୟ: ପ୍ରାତଃ ୫ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଛତ୍ରପତି ଶିବାଜୀ ଶାଖା ପକ୍ଷରୁ ମକର ସଂକ୍ରାନ୍ତି ଉତ୍ସବ, ସ୍ଥାନ : ଯାଜପୁର ରୋଡ ମୁଣ୍ଡମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୭ଟା୩୦।
- ମକର ଉତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ପଳାଇସ୍ଥିତ ଗଙ୍ଗୀ ପାହାଡ଼, ସକାଳ: ୮ଟା।
- ମହାପୁରୁଷ ହାଡ଼ିଦାସଙ୍କ ୨୫୪ତମ ଜୟନ୍ତୀ ମହୋତ୍ସବ, ସ୍ଥାନ: ଚମ୍ପାପୁର, ଛତିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସୁନ୍ଦରିଆ ପ୍ରିମିୟମ୍ ଲିଗ୍‌ର ଫାଇନାଲ୍ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ସୁନ୍ଦରିଆ ମିନି ଷ୍ଟାଡିୟମ୍ ପରିସର, ସମୟ: ଅପରାହ୍ନ ୧ଟା।
- ଗୁରୁ ପଦ୍ମ ସମ୍ଭବଙ୍କୁ ନେଇ ଆଲୋଚନାଚକ୍ର, ସ୍ଥାନ: ବୌଦ୍ଧ ପୀଠ ଉଦୟଗିରି, ସମୟ: ଅପରାହ୍ନ ୨ଟା।
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ, ସ୍ଥାନ: ଜାରକାସ୍ଥିତ ଗାର୍ଡ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ଅଖିଳଚକ୍ର ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, ସ୍ଥାନ: ବରୁଣେଶ୍ୱର ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**

- ରାମ ଚରିତ ମାନସ ପାରାୟଣର ୫ମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ, ସମୟ:ସକାଳ ୭ଟା।
- ମକର ସକ୍ରାନ୍ତି ଅବସରରେ ଉତ୍ତରାୟଣୀ ପର୍ବ, ସ୍ଥାନ: କଣ୍ଟିଲୋ ନୀଳମାଧବ ସିଦ୍ଧେଶ୍ୱର ମନ୍ଦିର, ସମୟ: ସକାଳ ୭ଟା।
- ରାମ ଚରିତ ମାନସ ପାରାୟଣର ଅୟମାରମ୍ଭ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବାଣପୁର ପଞ୍ଚାୟତ ଚୈତନ୍ୟପୁର, ସମୟ:ସକାଳ ୭ଟା।
- ଭୂଆଁଣୀ ମକରଯାତ୍ରାର ଉଦ୍‌ଯାପନ ଦିବସ, ସ୍ଥାନ: ସୋଳପଟାର ମା' ଭୂଆଁଣୀଙ୍କ ପୀଠ, ସମୟ: ସକାଳ ୮ଟା।
- ମକରଯାତ୍ରା ଉଦ୍‌ଘାଟନ, ସ୍ଥାନ: ଗୋଡିପଡା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମନ୍ଦିର, ସମୟ: ସକାଳ ୮ଟା।
- ମକର ମେଳା ଅୟମାରମ୍ଭ, ସ୍ଥାନ: ଖଣ୍ଡପଡା ବାଉରୀ ଠାକୁରାଣୀ ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ମ୍ୟାଚର ୪ର୍ଥ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କୁମ୍ଭାରପଡା କୁଆଁରିଆ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟ ମ୍ୟାଚ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମ୍‌ଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ନାମେଣ୍ଟର ଅଷ୍ଟମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ବଡ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।
- ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟର ଅଷ୍ଟମ ଦିବସରେ ମ୍ୟାଚ ଏସଟିଏଫସି କାଶ୍ମୀର ବନାମ ସାନ କ୍ଲବ ଭୁବନେଶ୍ୱର, ସ୍ଥାନ:ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ:ଅପରାହ୍ନ ୩ଟା।
- ମକର ଯାତ୍ରା ଅୟମାରମ୍ଭ, ସ୍ଥାନ: ଖଣ୍ଡପଡା ବ୍ଲକ ମୁରାରୀପୁର, ସମୟ: ଅପରାହ୍ନ ୪ଟା।
- ସୁଭଦ୍ରା ଶକ୍ତି ମେଳାର ୩ୟ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟାରୁ ରାତି ୯ଟା ୩୦।
- ଶ୍ରୀରଘୁନାଥଙ୍କର ବିବିଧ ଅର୍ଚ୍ଚନ, ପୂଜନ, ହବନ, ସ୍ମରଣ, ବନ୍ଦନ କାର୍ଯ୍ୟକ୍ରମ, ସ୍ଥାନ: ଦଶପଲ୍ଲା ମହାବୀର ଖୋର୍ଦ୍ଧା, ସମୟ:ସନ୍ଧ୍ୟା ୭ରୁ ରାତି ୧୦ଟା।

**ରାୟଗଡ଼ା**

- ସ୍ୱଦେଶୀ ସଂକଳ୍ପ ରଥକୁ ସ୍ୱାଗତ, ସ୍ଥାନ: ଗୁଣପୁର କଲେଜ, ସମୟ: ସକାଳ ୯ଟା।
- ବ୍ରାହ୍ମଣ ସମାଜର ନଗର ସମ୍ମିଳନୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର ନିକଟ ଆମ୍ବତୋଟା, ଗୁଣପୁର, ସମୟ: ସକାଳ ୯ଟା ୩୦।
- ପୋଙ୍ଗଲ ଉପଲକ୍ଷେ ଫ୍ୟାନ୍‌ସି ଡ୍ରେସ ଓ ପାରମ୍ପରିକ ପୋଷାକ ପ୍ରତିଯୋଗିତା, ସ୍ଥାନ: କନ୍ୟାକା ପରମେଶ୍ୱରୀ ମନ୍ଦିର ନିକଟ, ଗୁଣପୁର, ସମୟ: ଅପରାହ୍ନ ୪ ଟା।

**ନବରଙ୍ଗପୁର**

- ଫକୀର ମୋହନ ପାଠଶାଳର ୧୮ତମ ସ୍ୱନକ୍ଷତ୍ର ଦିବସ, ମକର ମିଳନ, ସ୍ଥାନ: ଉମରକୋଟ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଶହୀଦ ମିନାର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ପାପଡ଼ାହାଣ୍ଡି ଆଦିବାସୀ ସଂଗ୍ରାହଳୟ, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**

- ମକର ସଂକ୍ରାନ୍ତି ଉପଲକ୍ଷେ ଭୋଗି ପୋଡା, ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ପୋଲିସ ପଡିଆ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ ଟା।
- ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଦୋରା ସୁବୁଲାର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପୋଡ଼ାଗଡ଼, ଦଶମନ୍ତପୁର ବ୍ଲକ, ସମୟ: ଅପରାହ୍ନ ୧ଟା ୩୦।

**ସମ୍ବଲପୁର**

- ସଙ୍କଟମୋଚନ ହନୁମାନ ମହାଯଜ୍ଞ, ସ୍ଥାନ: ବ୍ରୁକ୍ସହିଲ ଶ୍ରୀଶ୍ରୀ ହନୁମାନ ମନ୍ଦିର, ସମୟ : ସକାଳ ୭ଟା।
- ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ତିନି ଦୀପ ମହାଯଜ୍ଞ ଓ ଚଣ୍ଡୀ ହୋମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ସକାଳ ୭ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ– ୨୦୨୬ ମଥୁରା ନଗରୀ ଓ ଗୋପପୁର କର୍ମକର୍ତ୍ତାଙ୍କ ବୈଠକ, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ: ସକାଳ ୯ଟା।
- ଦଲେଇପଡା ହନୁମାନ ମନ୍ଦିର କମିଟି ଆୟୋଜନରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ଓ ହସ୍ତାକ୍ଷର ଲିଖନ ପ୍ରତିଯୋଗିତା, ସ୍ଥାନ: ଦଲେଇପଡା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରସିଦ୍ଧ ଠେମରା ମେଳା–୨୦୨୬ ଶୁଭାରମ୍ଭ, ସ୍ଥାନ : ଠେମରା ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।

**ବଲାଙ୍ଗୀର**

- ଲନ୍ ବଲ ପ୍ରଶିକ୍ଷଣ, ସ୍ଥାନ: ଆର୍‌.ଏନ୍‌. ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।

**ରାଉରକେଲା**

- ଦିବ୍ୟକଲ୍ୟାଣମ୍, ସ୍ଥାନ: ଛେଣ୍ଡ ଶ୍ରୀ ବାଲାଜୀ ମନ୍ଦିର, ସମୟ: ସକାଳ ୮ଟା।
- ସୁବର୍ଣ୍ଣରେଖା ଅନୁଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: ବ୍ୟାସ ଭବନ, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମକରପର୍ବ ପାଳନ, ସ୍ଥାନ: ଝିରପାଣି, ସମୟ ପୂର୍ବାହ୍ନ ୧୧ଟା।
- ଧାମରା ସଂଘ ପରିସରରେ ମକର ସଂକ୍ରାନ୍ତି ଉତ୍ସବ ପାଳିତ, ସ୍ଥାନ: ଛେଣ୍ଡ, ଧାମରା ସଂଘ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସବ୍‌ଜୁନିୟର କ୍ରିକେଟ୍ ମ୍ୟାଚ ଉଦ୍‌ଯାପନୀ, ସ୍ଥାନ: ଡିଏଭି ଖେଳପଡିଆ, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମାନସ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଯବାଘାଟ, ସମୟ: ଅପରାହ୍ନ ୩ଟା।

**ବରଗଡ଼**

- ବିରାଟ ମକର ମହୋତ୍ସବ, ସ୍ଥାନ: ପୁଡାପାଲି, ବରଗଡ଼,ସମୟ:ଅପରାହ୍ନ ୨ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ମାଲିପାଲି, ବରଗଡ଼, ସମୟ:ଅପରାହ୍ନ ୩ଟା।
- ବିରାଟ ରାମଲୀଳା ମହୋତ୍ସବ, ସ୍ଥାନ:ଭେଡେନ,ସମୟ:ସନ୍ଧ୍ୟା ୭ଟା।

**କଳାହାଣ୍ଡି**

- ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**

- ଡୁକୁଲୁଣ୍ଡା ଗ୍ରାମରେ ମକର ସଂକ୍ରାନ୍ତି ଉତ୍ସବ ଓ କଳସ ଶୋଭାଯାତ୍ରା, ସ୍ଥାନ: ଡୁକୁଲୁଣ୍ଡା, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ପ୍ରାତଃ ୫ଟା।
- ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଯାତ୍ରା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

**ସୁବର୍ଣ୍ଣପୁର**

- ମକର ସଂକ୍ରାନ୍ତି ପାଳନ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ ଟା।
- ମକରସଂକ୍ରାନ୍ତି ଅବସରରେ ୨୪ପ୍ରହାର ନାମଯଜ୍ଞ ଆରମ୍ଭ, ସ୍ଥାନ: ପୁଲେଶର,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ୩ୟ ଦଧିବାମନ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- କ୍ଷୀରୋଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ସାଗଜୁରୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମକର ମିଳନ ମହୋତ୍ସବ, ସ୍ଥାନ: ଡୁଙ୍ଗୁରିପାଲି ଆରଏମସି ପରିସର, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**

- ବାନରସେନା ପକ୍ଷରୁ ମକର ସଂକ୍ରାନ୍ତି ପାଳନ, ସ୍ଥାନ: କୋମନା ବ୍ଲକ ପଣ୍ଡରାପଥର ଗାଁ, ସମୟ: ସକାଳ ୯ଟା।

# ୪ ଦିନରେ କେନ୍ଦ୍ର ଦେଲାଣି ୪,୬୦୦ କୋଟିର ଅନୁଦାନ

**ଭୁବନେଶ୍ୱର, ୧୩।୧ (ରବିନାରାୟଣ ଜେନା)**

ଡବଲ ଇଞ୍ଜିନ ସରକାରରେ ରାଜ୍ୟର ବିକାଶ କିଭଳି ତ୍ୱରାନ୍ୱିତ ହେବ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଏଥିପାଇଁ କେନ୍ଦ୍ରୀୟ ଅନୁଦାନର ବଡ଼ ଭୂମିକା ରହିଛି। ଏହି ପରିପ୍ରେକ୍ଷୀରେ ୨୦୨୬ ଜାନୁଆରୀରେ ମାତ୍ର ୪ ଦିନରେ ଯୋଜନାର ଅଂଶଧନ ବାବଦକୁ ୪ ହଜାର ୬୦୦ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ମିଳିଛି। ଏହାକୁ ନେଇ ସରକାରୀସ୍ତରରେ ଚର୍ଚ୍ଚା ଏବେ ଜୋର୍ ଧରିଛି। ପୋଲିସକୁ ଅଧିକ ଗତିଶୀଳ କରିବା ଏବଂ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ଲକ୍ଷ୍ୟ ନେଇ ଇଂଲିଶ ନୂଆବର୍ଷରେ କେନ୍ଦ୍ର ସରକାରଙ୍କ କେତେକ ଲୋକାଭିମୁଖୀ ଯୋଜନାରେ କେନ୍ଦ୍ରୀୟ ଅଂଶଧନ ବାବଦକୁ ଓଡ଼ିଶାକୁ ୪,୬୦୦ କୋଟି ଟଙ୍କାର ଅନୁଦାନ ଆସିଛି ବୋଲି ଅର୍ଥ ବିଭାଗ ପକ୍ଷରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ ଜାନୁଆରୀ ୯ରେ ୭ଟି ପର୍ଯ୍ୟାୟରେ ପ୍ରାୟ ୪,୫୭୦ କୋଟି ମିଳିଥିବାବେଳେ ଅବଶିଷ୍ଟ ୩୦ କୋଟି ଟଙ୍କା ୧୨ ତାରିଖରେ ମିଳିଛି। ସେଥିମଧ୍ୟରେ ଗୃହବିଭାଗକୁ ଅଧିକ ଦକ୍ଷ କରିବା ପାଇଁ ଅସ୍ତ୍ରଶସ୍ତ୍ରର ଅତ୍ୟାଧୁନିକୀକରଣ ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ଲାଗି ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ପ୍ରଭୃତି ରହିଛି।

ଓଡ଼ିଶାକୁ ଆସିଥିବା କେନ୍ଦ୍ରୀୟ ଅନୁଦାନ ତଥ୍ୟ ଅନୁଯାୟୀ, ଜାନୁଆରୀ ୯ରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୭ଟି ପର୍ଯ୍ୟାୟ ଯଥାକ୍ରମେ ୧୭୧୪.୦୯ କୋଟି, ୧୨୮୪.୬୪ କୋଟି, ୧୩୩୯.୩୫ କୋଟି, ୨୧୧.୭୬ କୋଟି, ୪୩.୯୯ କୋଟି, ୬.୬୩କୋଟି ଏବଂ ୧୩ ଲକ୍ଷ ଟଙ୍କା ମିଳିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୧୨ରେ ଅବଶିଷ୍ଟ ଅର୍ଥ ଆସିଛି। ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଯଦି ରାଜ୍ୟ ସରକାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ଠିକ୍‌ବାଟରେ ଖର୍ଚ୍ଚ କରିବାରେ ସକ୍ଷମ ହେବେ ତେବେ କେନ୍ଦ୍ରୀୟ ଅନୁଦାନ ସେହି ହାରରେ ଅଧିକ ଆସିପାରିବ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଯୋଜନା(ସ୍ୱର୍ଣ୍ଣ) ମାଧ୍ୟମରେ ଟଙ୍କାର ଟିକିନିଖି ହିସାବ ରଖାଯାଉଛି। ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗ କେନ୍ଦ୍ରୀୟ ଅନୁଦାନକୁ କେତେପରିମାଣରେ ଖର୍ଚ୍ଚ କରୁଛି ତାହା 'ସ୍ୱର୍ଣ୍ଣ' ମାଧ୍ୟମରେ ସେମାନେ ଅନ୍‌ଲାଇନ ଜରିଆରେ ସେଠାରେ ରହି ଜାଣିପାରୁଛନ୍ତି। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତା ଯୋଜନାକୁ ତ୍ୱରାନ୍ୱିତ କରିବାରେ ବିଭାଗୀୟ ଅଧିକାରୀଙ୍କ ପ୍ରମୁଖ ଭୂମିକା ରହିଛି। ଯଦି ଟଙ୍କା ଖର୍ଚ୍ଚରେ ରାଜ୍ୟ ବିଳମ୍ବ କରିବ ତେବେ ଅନୁଦାନ ହାତଛଡ଼ା ହେବାର ସମ୍ଭାବନା ରହିଛି। ଏହାବାଦ୍ ଯଦି କେନ୍ଦ୍ରୀୟ ଅନୁଦାନକୁ ଖର୍ଚ୍ଚ ନ କରି ଏକକ କ୍ଷେତ୍ରୀୟ ଆକାଉଣ୍ଟରେ ଗଚ୍ଛିତ ରଖିବ, ତେବେ ରାଜ୍ୟ ସରକାରଙ୍କୁ ଏହାର ପେନାଲ୍‌ଟି ବାବଦରେ ଦେୟ ଦେବାକୁ ହେବ, ଯାହା ଯୋଜନାର କେନ୍ଦ୍ରୀୟ ଅଂଶଧନରୁ ଆପଣାଛାଏଁ କଟିଯିବ। ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାକୁ ହେଲେ କେନ୍ଦ୍ର ଅନୁଦାନକୁ ନିୟମ ଅନୁଯାୟୀ ଖର୍ଚ୍ଚ କରାଗଲେ ରାଜ୍ୟର ବିକାଶ ଅଗ୍ରଗତି ହୋଇପାରିବ ବୋଲି ବରିଷ୍ଠ ଅଧିକାରୀ ଜଣକ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଇରାନ୍ ଯୋଗୁ...

ଚାଇନା, ତୁର୍କୀ, ଭାରତ, ୟୁଏଇ, ପାକିସ୍ତାନ ଏବଂ ଆର୍ମେନିଆ ରହିଛି। ତେଣୁ ଟ୍ରମ୍ପଙ୍କ ଟାରିଫ୍ ଲାଗୁ ହେଲେ ଭାରତ ପ୍ରଭାବିତ ହେବ। ଆମେରିକା ଭାରତ ଉପରେ ପୂର୍ବରୁ ୫୦ ପ୍ରତିଶତ ଶୁଳ୍କ ଲଗାଇଛି, ଯାହାକି ବିଶ୍ୱରେ ଅନ୍ୟତମ ସର୍ବାଧିକ। ସେଥିରୁ ୨୫ ପ୍ରତିଶତ ରେସିପ୍ରୋକାଲ ଟାରିଫ୍ ହୋଇଥିବାବେଳେ ରୁଷିଆରୁ ତୈଳ କିଣାକୁ ନେଇ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଦଣ୍ଡାତ୍ମକ ଟାରିଫ୍ ଲାଗୁ ହୋଇଛି।

ତେହରାନରେ ଥିବା ଭାରତୀୟ ଦୂତାବାସର ସୂଚନା ଅନୁଯାୟୀ, ଇରାନକୁ ଭାରତ ଚାଉଳ, ଚା', ଚିନି, ଔଷଧ, କୃତ୍ରିମ ଷ୍ଟାପଲ୍ ଫାଇବର, ଇଲେକ୍ଟ୍ରିକାଲ ଯନ୍ତ୍ରପାତି ଓ କୃତ୍ରିମ ଅଳଙ୍କାର ରପ୍ତାନି କରିଥାଏ। ଏହା ବଦଳରେ ସେଠାରୁ ନୂଆଦିଲ୍ଲୀ ଶୁଷ୍କ ଫଳ, ଅଜୈବିକ/ଜୈବିକ ରସାୟନ ଏବଂ ଗ୍ଲାସ୍‌ୱେର ଆମଦାନି କରିଥାଏ। ଅନ୍‌ଲାଇନ ଡାଟା ଭିଜୁଆଲାଇଜେଶନ ଆଣ୍ଡ୍ ଡିଷ୍ଟ୍ରିବ୍ୟୁଶନ ପ୍ଲାଟ୍‌ଫର୍ମ ଅବଜରଭେଟୋରି ଅଫ୍ ଇକୋନୋମିକ୍ କମ୍ପ୍ଲେକ୍ସିଟି (ଓଇସି) ଅନୁଯାୟୀ, ୨୦୨୩ରେ ଭାରତ ଇରାନକୁ ୧.୧୯ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିବାବେଳେ ୧.୦୨ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଆମଦାନୀ କରିଥିଲା। ସେହିବର୍ଷ ଇରାନକୁ ଭାରତ ୭୩୪ ନିୟୁତ ଡଲାରର ଚାଉଳ, ୯୬.୮ ନିୟୁତ ଡଲାର ମୂଲ୍ୟର ସୋୟାବିନ୍ ମିଲ୍, ୫୨ ନିୟୁତ ଡଲାର ମୂଲ୍ୟର କଦଳୀ ରପ୍ତାନି କରିଥିଲା। ଭାରତ ଏବଂ ଇରାନ ମଧ୍ୟରେ ଅନେକ ହଜାର ବର୍ଷର ପାରସ୍ପରିକ ସମ୍ପର୍କ ରହିଆସିଛି। ଐତିହାସିକ ଏବଂ ସଭ୍ୟତା ସଂଯୋଗର ଶକ୍ତି ସମ୍ପର୍କକୁ ମଜଭୁତ କରିଛି ଏବଂ ଉଚ୍ଚସ୍ତରୀୟ ଆଦାନପ୍ରଦାନ, ବ୍ୟବସାୟିକ ଏବଂ ଯୋଗାଯୋଗ ସହଯୋଗ, ସଂସ୍କୃତି ଯୋଗୁ ଏହା ବଢ଼ିଚାଲିଛି। ଭାରତ–ଇରାନ ସମ୍ପର୍କର ମୁଖ୍ୟ ବିଶେଷତ୍ୱ ହେଲା ଚାବାହର ବନ୍ଦରର ମିଳିତ ବିକାଶ। ଯୋଗାଯୋଗ ଏବଂ ବାଣିଜ୍ୟ ସମ୍ପର୍କ ବୃଦ୍ଧି ପାଇଁ ଭାରତ ଓ ଇରାନ ଏହି ବନ୍ଦରର ବିକାଶ କରିଛନ୍ତି।

## ଭାରତର ବାସମତି...

ଅନିଶ୍ଚିତତା ବଢ଼ିଚାଲିଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ମଧ୍ୟରେ ଭାରତ ଇରାନକୁ ୪୬୮.୧୦ ନିୟୁତ ଡଲାର ମୂଲ୍ୟର ୫.୯୯ ଲକ୍ଷ ଟନ୍ ବାସମତି ଚାଉଳ ରପ୍ତାନି କରିଥିବା ବାଣିଜ୍ୟ ତଥ୍ୟରୁ ଜଣାପଡ଼ିଛି। ଇରାନକୁ ଭାରତ ସର୍ବାଧିକ ବାସମତି ଚାଉଳ ରପ୍ତାନି କରିଥାଏ। ତେବେ ଚଳିତ ଆର୍ଥିକ ବର୍ଷ ଅସ୍ଥିରତା କାରଣରୁ ଅର୍ଡର ପଠାଇବା ଏବଂ ପେମେଣ୍ଟ ଏବଂ ଶିପ୍‌ମେଣ୍ଟ କାର୍ଯ୍ୟସୂଚୀରେ ଚାପ ବଢୁଥିବା ଦେଖାଦେଇଛି। ଏହାର ପ୍ରଭାବ ଘରୋଇ ମଣ୍ଡିଗୁଡ଼ିକରେ ସ୍ପଷ୍ଟ ଦେଖିବାକୁ ମିଳିଛି। ସପ୍ତାହେ ହେଲା ଦେଶରେ ବିଭିନ୍ନ ପ୍ରକାର ବାସମତି ଚାଉଳ ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଛି।

## ୧୮ ସୁଦ୍ଧା ସୁଭଦ୍ରା...

ନୂଆ ହିତାଧିକାରୀଙ୍କୁ ୫୦୦୦ ଟଙ୍କା ଲେଖାଏ ଟଙ୍କା ଦିଆଯିବ। ସେହିପରି ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି। ତେଣୁ ମୋଟ ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କ ଖାତାକୁ ୨୫୦ କୋଟି ଟଙ୍କାର ସହାୟତା ରାଶି ଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।

## ଋଣ ଶୁଝିବା ପାଇଁ...

ସମ୍ପର୍କରେ ପୁଅବୋହୂଙ୍କୁ ପଚାରିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଧମକ ଦେଇଥିଲେ। ତାଙ୍କ ଘରେ ବୋହୂ ରୀନାଙ୍କ ମା'(ସମୁଦୁଣୀ) ରହୁଛନ୍ତି। ପୁଅବୋହୂ ଓ ସମୁଦୁଣୀ ମିଳିତ ଭାବେ ଷଡ଼ଯନ୍ତ୍ର କରି ନାତୁଣୀକୁ ବିକ୍ରି କରିଛନ୍ତି କିମ୍ବା ମାରି ଦେଇଛନ୍ତି ବୋଲି ସନ୍ଦେହ କରି ସେ ଥାନାରେ ଅଭିଯୋଗ କରିଥିବା ସାବିତ୍ରୀ କହିଛନ୍ତି। ଏନେଇ ଏକ ମାମଲା(ନଂ.୧୭/୨୬) ରୁଜୁ କରାଯାଇ ଶିଶୁକନ୍ୟାକୁ ଉଦ୍ଧାର ପାଇଁ ପୋଲିସ ଉଦ୍ୟମ ଆରମ୍ଭ କରିଛି ବୋଲି ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉଆ ଚାଉଳର ମୁଣ୍ଡି**
**ସମସ୍ତେ ହେଲେ ଶୁକିଲା ଶୁକିଲି**
**ରାନ୍ଧୁଣୀ କରିଚି ଗଣ୍ଡି।**

ରାନ୍ଧୁଣୀ ମହିଳାର ବର୍ଦ୍ଧିତ ଚେହେରା ହିଁ ସମସ୍ତଙ୍କ ଆଖିରେ ସନ୍ଦେହ ଏବଂ ସମାଲୋଚନାର ଖୋରାକ ଯୋଗାଇଥାଏ। ଲୁଚେଇ ଛପେଇ ଖାଦ୍ୟ ଖାଉଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଆଁସୀ କନ୍ୟାକୁ ଜଗନ୍ନାଥ ବର**
**ତହିଁକି ଲାଗିଛି ମଲ୍ଲିଫୁଲ ହାର।**

ସାଧାରଣତଃ ଉଆଁସ ତିଥିରେ ଜନ୍ମଲାଭ କରିଥିବା କନ୍ୟାକୁ ବିବାହ କରିବା ପାଇଁ କେହି ରାଜି ହୋଇ ନ ଥାନ୍ତି। ଏପରିସ୍ଥଳେ ଉକ୍ତ କନ୍ୟାଟିକୁ ପରିକଳ୍ପନାରେ ଜଗତର ନାଥ ଜଗନ୍ନାଥଙ୍କ ସହ ବିବାହ କରିଦିଆଯାଏ। ଏହା ଫଳରେ ତା'ର ଦୋଷାଦୋଷ କଟିଯିବାର ଅନ୍ଧବିଶ୍ୱାସ ସମାଜରେ ଏବେବି ପ୍ରଚଳିତ ହୋଇ ଆସୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଅଷ୍ଟମସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ଆପଣଙ୍କ ମାନସିକ ସ୍ଥିତି ଭଲ ନ ରହିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଊଣା ହେବନାହିଁ। ଦୀର୍ଘଦିନରୁ ଭଲ ସମ୍ପର୍କ ଥାଇ ମଧ୍ୟ ଦେଖି ପାରି ନ ଥିବା ପ୍ରିୟବନ୍ଧୁଟିର ସାନ୍ନିଧ୍ୟ ଲାଭରୁ ଖୁସୀ ହେବେ। ପୂର୍ବ ନିର୍ଦ୍ଧାରିତ ଆନୁଷ୍ଠାନିକ କାମରେ ସହଯୋଗୀର ଭୂମିକା ନିର୍ବାହ କରି ପ୍ରଶଂସିତ ହୋଇପାରନ୍ତି।

**ବୃଷ** – ବନ୍ଧୁଙ୍କ ସାହାଯ୍ୟ,ସହଯୋଗ ଓ ସହାନୁଭୂତି ଆପଣଙ୍କ ଆଶା ଓ କାମନା ପୂରଣ ଦିଗରେ ସହାୟକ ହେବ। ଯେତେ ଭଲ କାମ କଲେ ମଧ୍ୟ ଆପଣ ସମସ୍ତଙ୍କୁ ସନ୍ତୁଷ୍ଟ କରିବାରେ ସଫଳ ହେବେ ନାହିଁ। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିପାରେ।

**ମିଥୁନ** – ଆଜି ଆପଣଙ୍କ ପୂର୍ବ ଯୋଜନା ଅନୁଯାୟୀ କର୍ମ ଯଥାବିଧି ସମ୍ପନ୍ନ ହେବାରେ କୌଣସି ପ୍ରତିବନ୍ଧକ ରହିବନାହିଁ। ଅନ୍ୟାନ୍ୟ କୌଣସି ଅସୁବିଧା ନ ଥିଲେ ମଧ୍ୟ ପୁରାତନ ରୋଗର ପୀଡ଼ା ଆପଣଙ୍କୁ ନିରୁତ୍ସାହିତ କରିବ। ବନ୍ଧୁ ଗହଣରେ ଭୁଲ୍ ବୁଝାମଣାଜନିତ ପାରସ୍ପରିକ ବିତର୍କଜନିତ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ** – ସାମୟିକ ସ୍ୱାସ୍ଥ୍ୟ ସମସ୍ୟା ଆପଣଙ୍କୁ କାର୍ଯ୍ୟହାସଲ ଦିଗରେ ଅନ୍ତରାୟ ସୃଷ୍ଟି କରିବାର ସୂଚନା ରହିଛି। ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିବା ପାଇଁ ମନସ୍ଥ କରିବେ। ଯାତ୍ରା, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ କୌଣସି ଅସୁବିଧା ରହିବନାହିଁ।

**ସିଂହ** – କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟି ଅଟକି ରହିଯିବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପ୍ରଶାସନ ପାଇଁ କୌଣସି ଅସୁବିଧା ହେବନି। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ସାମୟିକ ମତାନ୍ତର ସୃଷ୍ଟି ହୋଇପାରେ।

**କନ୍ୟା** – ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ଆଜି ଯେକୌଣସି ବିବାଦୀୟ କଥାରେ କିମ୍ବା ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ,କଚେରି ମାମଲାରେ ଆଶାଜନକ ଫଳ ପାଇବେ।

**ତୁଳା** – ଚନ୍ଦ୍ରଙ୍କ ସୁପ୍ରଭାବରୁ ଆପଣଙ୍କ ଆକର୍ଷଣୀୟ ବ୍ୟବହାର ବନ୍ଧୁ ପରିଜନଙ୍କ ପ୍ରୀତିବର୍ଦ୍ଧନ କରିବ। କିନ୍ତୁ ରାହୁଙ୍କ ପ୍ରଭାବରେ କୌଣସି ଦୀର୍ଘମିଆଦୀ ଯୋଜନା ଫସର ଫାଟିଯିବା କାରଣରୁ ମନ ଭଲ ରହି ନ ପାରେ। ଆଜି ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବନ୍ଧୁଙ୍କ ଅଭିଯୋଗ ସକାଶେ ଚିନ୍ତିତ ରହିପାରନ୍ତି।

**ବିଛା** – ଅନୁକୂଳଗ୍ରହ ପ୍ରଭାବରେ ଆଜି ଆପଣ ଯେଉଁ କାମରେ ହାତଦେଲେ ମଧ୍ୟ ସଫଳତା ନିଶ୍ଚିତ ପାଇବେ। ସାହିତ୍ୟ, ସଂଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବାର ସୌଭାଗ୍ୟ ଅର୍ଜନ କରିବେ। ଯାନବାହନରେ ଯିବା ଆସିବା ସମୟରେ ଜିନିଷପତ୍ର ଅଦଳବଦଳ ହୋଇଯାଇପାରେ।

**ଧନୁ** – କର୍ମକ୍ଷେତ୍ରରେ ସାମ୍ୟତା ଅପରିବର୍ତ୍ତିତ ରହିବା କାରଣରୁ ମାନସିକ ଶାନ୍ତି ଅକ୍ଷୁଣ୍ଣ ରହିବ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇବାରେ କୌଣସି ଶୁଭେଚ୍ଛୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସାମୂହିକ ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମକର** – ସକାଳୁ ସକାଳୁ ପ୍ରିୟଜନଙ୍କ ସହ ଭ୍ରମଣ ଓ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇ ଆନନ୍ଦ ଅନୁଭବ କରିବେ। ପାରିବାରିକ କ୍ଷେତ୍ରରୁ ସମର୍ଥନ ଲାଭକରି ଅଭିଳଷିତ କାମକୁ ଶେଷ ପର୍ଯ୍ୟାୟକୁ ନେବାପାଇଁ ଶ୍ରବଣା ଚେଷ୍ଟିତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ପ୍ରଲୋଭନ ପ୍ରତିଶ୍ରୁତି ଦେଇ ଆପଣଙ୍କୁ କାମରେ ନିୟୋଜିତ କରିବେ।

**କୁମ୍ଭ** – ପାରିବାରିକ ଅସ୍ଥିରତା ଦୂର କରିବାରେ ଶୁଭଚିନ୍ତକ ମାର୍ଗଦର୍ଶକ ସାଜିପାରନ୍ତି। ଦୁର୍ବଳ ଆର୍ଥିକ ସ୍ଥିତି ହଠାତ୍ ବଦଳିଯିବା କାରଣରୁ ଅନେକ ଆଶା ଓ କଳ୍ପନା ମନରେ ଜାଗି ଉଠିବ। ଶିଳ୍ପ, ବାଣିଜ୍ୟ, ପରିବହନ, ପ୍ରଶାସନିକ କ୍ଷେତ୍ର ମନ୍ଦ ହେବନି। ରଚନାତ୍ମକ କାର୍ଯ୍ୟ, ସଙ୍ଗୀତ ସମାରୋହ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆହୂତ ହୋଇପାରନ୍ତି।

**ମୀନ** – ଆଜି ନୂତନ ଯୋଜନାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କଲେ ଉପକୃତ ହେବେ। ନିଜ ପରିସରରେ ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। କୌଣସି ବନ୍ଧୁ ପ୍ରତିଶ୍ରୁତି ଦେଇ ମଧ୍ୟ ଆସି ନ ପାରନ୍ତି। ପରିବାରରେ ଯୁକ୍ତିତର୍କଜନିତ ମତାନ୍ତରଜନିତ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

ଆଜି ଜାନୁୟାରୀ ୧୪ ତାରିଖ। ମକର ସଂକ୍ରାନ୍ତି, ଶ୍ରୀସୂର୍ଯ୍ୟଦେବଙ୍କର ଉତ୍ତରାୟଣ ବନ୍ଦାପନା, ଶୁଦ୍ଧକାଳ ଆରମ୍ଭ, ମକରବୁଡ, ଗଙ୍ଗାସାଗର ସ୍ନାନ, ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ, ପୋଙ୍ଗଲ, ଓଳାଶୁଣି ଯାତ୍ରା, ମାଘ କୃଷ୍ଣପକ୍ଷର ସର୍ବସମ୍ମତ ଷଟ୍‌ତିଳା ଏକାଦଶୀ ବୁଧବାର। ରାଶିନକ୍ଷତ୍ର–ଅନୁରାଧା/ବିଛା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୭ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୩୩ମି. ଗତେ ଘ.୧୧.୩୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୫୫ମି. ଗତେ ଘ.୦୧.୧୭ମି. ମଧ୍ୟେ ରାହୁ କାଳ।

# ଝିଅ ନେବେ ନିଜ ବିବାହ ନିଷ୍ପତ୍ତି | ସୁସ୍ଥ ବାତାବରଣରେ ସହାୟକ ହେବ

ଝିଅ ବିବାହ ଯୋଗ୍ୟା ହେଲେ, ମା'ବାପାଙ୍କ ମୁଣ୍ଡରେ ଚିନ୍ତା ପଶେ। କିପରି ଭଲ ପାତ୍ର ଦେଖି ଝିଅକୁ ବିବାହ ଦେଇଦେବେ। ଏଇ ଚିନ୍ତାଧାରା କେଉଁ କାଳୁ ଚାଲି ଆସିଛି। କିନ୍ତୁ ଏବେ ସମୟ ପରିବର୍ତ୍ତନ ହେଲାଣି। ଯୁବତୀମାନେ ନିଜେ ଉଚ୍ଚଶିକ୍ଷିତା ସହ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି। ଏଭଳି ସ୍ଥିତିରେ ମା'ବାପାଙ୍କ ପୁରୁଣାକାଳିଆ ମାନସିକତା ଆଉ ଚଳିବ ନାହିଁ। ଝିଅଙ୍କ ଇଚ୍ଛା ବିରୋଧରେ ମା'ବାପା ଚାପ ପକାଇ ବିବାହ ସ୍ଥିର କରିପାରିବେ ନାହିଁ। ଝିଅଙ୍କ ବିବାହ କରିବାକୁ ହେଲେ ତାଙ୍କ ସମ୍ମତି ନିତାନ୍ତ ଆବଶ୍ୟକ ବୋଲି ଓଡ଼ିଶା ହାଇକୋର୍ଟ ଏକ ମାମଲାର ଶୁଣାଣିରେ ରାୟ ପ୍ରଦାନ କରିଛନ୍ତି। ପୁରୀ ଜିଲା କାକଟପୁର ଥାନା ଅଞ୍ଚଳରେ ଜଣେ ଝିଅଙ୍କ ଇଚ୍ଛା ବିରୋଧରେ ତାଙ୍କ ମା'ବାପା ବିବାହ କରାଇ ଦେଇଥିଲେ। ଝିଅ ନିଜେ ସ୍ୱାବଲମ୍ବୀ ହେବାକୁ ଚାହୁଁଥିଲେ। ତେଣୁ ବିବାହ ପରେ ସେ ସ୍ୱାମୀଙ୍କ ସହ ରହିବେ ନାହିଁ ବୋଲି କହି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ତାଙ୍କ ମତକୁ ଗ୍ରହଣ କରି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଉଚ୍ଚ ଅଦାଲତଙ୍କ ଏଭଳି ଟିପ୍ପଣୀକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହାଦ୍ୱାରା ଝିଅମାନେ ନିଜ ବିବାହ ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଭବିଷ୍ୟତ ସୁରକ୍ଷିତ କରିପାରିବେ, ଯାହାକି ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟିରେ ସହାୟକ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।



## ସେମାନଙ୍କ ମତରେ...

### ଝିଅମାନେ ସୁରକ୍ଷିତ ଭବିଷ୍ୟତ ସହ ଆତ୍ମନିର୍ଭର ଚାହୁଁଛନ୍ତି



ସାମ୍ପ୍ରତିକ ପରିସ୍ଥିତିର ଆହ୍ୱାନକୁ ନେଇ ଅଧିକାଂଶ ଝିଅ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି। ସୁରକ୍ଷିତ ଭବିଷ୍ୟତ ସହିତ ସ୍ୱାଭିମାନ ଓ ଆତ୍ମସମ୍ମାନର ସହ ବଞ୍ଚିବା ଦିଗରେ ଆଜିର ଝିଅମାନେ ସଚେତନ ହେଲେଣି। ବିବାହ ପାଇଁ ସେମାନଙ୍କ ମାନସିକ ପ୍ରସ୍ତୁତି ଓ ମତ ଆବଶ୍ୟକ ମନେହୁଏ। ମାତାପିତା ଏ ଦିଗରେ ଯତ୍ନଶୀଳ ହେବା ଆବଶ୍ୟକ।

**– ମୀରା ବେଉରା, ସଙ୍ଗଠନ ସମ୍ପାଦିକା, ଓଡ଼ିଶା ନାରୀ ସେବା ସଂଘ, କଟକ**

### ଝିଅର ମତ ନେଇ ଦୁରୁପଯୋଗ କରା ନ ଯାଉ

ଭାରତୀୟ ସଂସ୍କୃତିରେ ବିବାହରେ ଝିଅର ମତ ରହିବା ଜରୁରୀ। ଝିଅର ମତ ବିରୋଧରେ ବିବାହ ହେବା ଦ୍ୱାରା ଉଭୟ ସାଂସାରିକ ଓ ସାମାଜିକ କ୍ଷେତ୍ରରେ ବିଭ୍ରାଟ ଦେଖାଦେଉଛି। ତେବେ ବିବାହ ପାଇଁ କାଗଜକଲମରେ ଝିଅର ମତ ନେଇ ଦୁରୁପଯୋଗ ନ ହେବା ଆବଶ୍ୟକ। ହାଇକୋର୍ଟଙ୍କ ରାୟ ଅତ୍ୟନ୍ତ ସ୍ୱାଗତଯୋଗ୍ୟ।



**–ସରୋଜିନୀ ମିଶ୍ର, ସମ୍ପାଦିକା, ଅନନ୍ତ ନିର୍ଝର, ମଧୁପାଟଣା, କଟକ**

### ବିବାହ ପୂର୍ବରୁ ମତ ନେବା ଜରୁରୀ

ମା'ବାପା ଝିଅର ବିବାହ ପୂର୍ବରୁ ମତ ନେବା ଉଚିତ। ଆଜିର ସମୟରେ ଝିଅଟିଏ ଆତ୍ମନିର୍ଭରଶୀଳ ହେବାର ଆବଶ୍ୟକତା ରହିଛି। ଏବେକାର ଝିଅ ଅନ୍ୟ ଉପରେ ବୋଝ ହେବାକୁ ଚାହାନ୍ତି ନାହିଁ। ତେଣୁ ଝିଅଟିଏ ବାହାହେବ ବା ନ ହେବ ସେ ଉପରେ ନିଜେ ମତ ରଖିବାର ଅଧିକାର ଝିଅର ରହିଛି। ନଚେତ୍ ସେ ସାରା ଜୀବନ କଷ୍ଟ ପାଇବ।



**– ରତ୍ନମୟୀ ବେହେରା, କର୍ମଜୀବୀ, ନେତାଜୀ ନଗର**

### ଝିଅର ଇଚ୍ଛାକୁ ସମ୍ମାନ ଦେଲେ ଅଦାଲତ



ମା'ବାପା ଝିଅର ଇଚ୍ଛା ବିରୋଧରେ ବିବାହ କରାଇ ଦେବା ପରେ ଝିଅଟି ସ୍ୱାମୀଙ୍କ ସହ ରହିବେ ନାହିଁ ବୋଲି ହାଇକୋର୍ଟରେ କହିଲେ। ଏହାକୁ ହାଇକୋର୍ଟ ସମ୍ବେଦନଶୀଳତାରେ ହୃଦୟଙ୍ଗମ କରି ଝିଅର ଇଚ୍ଛାକୁ ସମ୍ମାନ ଦେଲେ। ଏହି ମାମଲାଟିର ପରିଚାଳନାବେଳେ ମୋତେ ଖୁସି ଲାଗିଲା। ଏହା ନିଶ୍ଚିତ ଭାବେ ମା'ବାପାଙ୍କୁ ଝିଅର ବିବାହ ପ୍ରସଙ୍ଗରେ ଅଧିକ ସଚେତନ କରାଇବ ବୋଲି ଆଶା ରଖୁଛି।

**– ସଞ୍ଜୟ ରଥ, ଅତିରିକ୍ତ ସରକାରୀ ଓକିଲ, ଓଡ଼ିଶା ହାଇକୋର୍ଟ**

### ସହମତି ବିନା ବିବାହ ଅଶାନ୍ତି ଆଣିବ

ସବୁ ମା'ବାପା ନିଜ ସନ୍ତାନର ଖୁସି ଚାହାନ୍ତି। ମା'ବାପା ପ୍ରତ୍ୟେକ ପ୍ରସଙ୍ଗରେ ପିଲାମାନଙ୍କ ସହ ଆଲୋଚନାକରି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ବିଶେଷ କରି ବୈବାହିକ ପ୍ରସଙ୍ଗ ଅଧିକ ଗୁରୁତ୍ୱପୂର୍ଣ୍ଣ। ଝିଅର ସମ୍ମତିରେ ବିବାହ ନ ହେଲେ ତାହା ସମସ୍ତଙ୍କ ପାଇଁ ପାରିବାରିକ ଅଶାନ୍ତି, ସାମାଜିକ ନିନ୍ଦା ଆଣିବାର ଆଶଙ୍କା ରହିଛି।



**– ଅଳକା ମହାନ୍ତି, ଗୃହିଣୀ, ରାଜାବଗିଚା**

### ଝିଅମାନେ ଦୁନିଆକୁ ଜାଣିଲେଣି



ମା'ବାପାମାନେ ଆମକୁ ପାଠ ପଢ଼ାଇ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଉଛନ୍ତି। ସେମାନେ ଆମ ଭବିଷ୍ୟତ ପାଇଁ ସବୁପ୍ରକାର ଚିନ୍ତା କରୁଛନ୍ତି। ଏବେକାର ଝିଅମାନେ ଦୁନିଆକୁ ଜାଣିଲେଣି। ତେଣୁ ବିବାହ କ୍ଷେତ୍ରରେ ବି ମା'ବାପା ଝିଅର ମତ ନେବା ନିହାତି ଦରକାର। ନ ହେଲେ ପରବର୍ତ୍ତୀ ସମୟରେ ସମସ୍ତେ ଦୁଃଖ ପାଇବେ।

**– ଅଙ୍କିତା ରାଉତ, ଛାତ୍ରୀ, ଦେଉଳସାହି, କଟକ**

### ବିବାହ ସଫଳ ପାଇଁ ଝିଅଙ୍କ ମତାମତ ଜରୁରୀ



ଗୋଟିଏ ବାହାଘରକୁ ସଫଳ କରିବା ପାଇଁ ହେଲେ ଅଭିଭାବକମାନେ ନିଜ ଝିଅର ମତାମତ ନେବାର ନିଶ୍ଚିତ ଆବଶ୍ୟକତା ରହିଛି। ଝିଅମାନେ ୧୮ ବର୍ଷରେ ଭୋଟ୍ ଦେଇ ଦେଶର ନେତା ବାଛି ପାରୁଛନ୍ତି, ତେଣୁ ନିଜ ପସନ୍ଦରେ ଜୀବନସାଥୀ ବାଛିବା କିମ୍ବା କେବେ ବିବାହ କରିବେ ତାହାର ନିଷ୍ପତ୍ତି ସେମାନେ ନେଇ ପାରିବେ। ଅଭିଭାବକ ହିସାବରେ ସେମାନଙ୍କ ଉପରେ ଚାପ ପକାଇବା ଠିକ୍ ନୁହେଁ। ଯେଉଁ ଝିଅ ପାଠ ପଢ଼ି ନିଜ କ୍ୟାରିୟର ଗଢ଼ିବାକୁ ଚାହୁଁଥିବ କିମ୍ବା କେହି କେହି ନିଜ ପସନ୍ଦର ଜୀବନସାଥୀ ବାଛି ସାରିଥିବେ ଏଭଳି ସ୍ଥିତିରେ ମା' ବାପା ତାଙ୍କ ଇଚ୍ଛା ବିରୋଧରେ ବାହା କରିଦେଲେ, ଭବିଷ୍ୟତରେ ଅନେକ ସମସ୍ୟା ସୃଷ୍ଟି ହେବ।

**–ଶୁଭଶ୍ରୀ ଦାସ, ସାମାଜିକକର୍ମୀ, ଭୁବନେଶ୍ୱର**

### ବିବାହ ସମ୍ପର୍କରେ ନିଷ୍ପତ୍ତି ନେବାର ସୁଯୋଗ ମିଳିବା ଉଚିତ୍

ବିବାହ ଏକ ସାମାଜିକ ବ୍ୟବସ୍ଥା, ଜୀବନର ଲକ୍ଷ୍ୟ ନୁହେଁ। ତେଣୁ ଝିଅମାନଙ୍କୁ ସେମାନଙ୍କ ଜୀବନର ଲକ୍ଷ୍ୟ ପୂରଣ କରିବା ସହିତ ବିବାହ ନେଇ ନିଷ୍ପତ୍ତି ନେବାକୁ ସୁଯୋଗ ଦେବା ଆବଶ୍ୟକ। ସେହିପରି ସଫଳ ଦାମ୍ପତ୍ୟ ପାଇଁ ଝିଅ ପୁଅ ଏବଂ ଉଭୟ ପରିବାରର ସହମତି ଆବଶ୍ୟକ। ସାଧାରଣତଃ ବିବାହ ବେଳେ ପୁଅର ମତାମତ ନିଆଯାଉଥିବାବେଳେ ଝିଅର ମତ ପଚରାଯାଏନି। ଅନେକ ସମୟରେ ଝିଅଟିଏ କେବଳ ମା' ବାପାଙ୍କ ଚାପରେ ବିବାହ କରିଥାଏ। ଆଜିକାଲିର ଝିଅମାନେ ଉଚ୍ଚଶିକ୍ଷିତା ହେବା ସହ ନିଜେ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି। ତେଣୁ ନିଜକୁ ସେତିକି ସାମର୍ଥ୍ୟ କରିବା ପାଇଁ ତାଙ୍କୁ ଯେତିକି ସମୟ ଆବଶ୍ୟକ, ମାତାପିତା ହିସାବରେ ତାଙ୍କୁ ସେତିକି ସମୟ ଦେବା ଦରକାର।



**–ନବ କିଶୋର ବେହେରା, ବୁଦ୍ଧିଜୀବୀ, ଭୁବନେଶ୍ୱର**

### ଆମକୁ ଗ୍ରହଣ କରିବାକୁ ହେବ

ବିବାହ ବେଳେ ଝିଅଙ୍କ ସମ୍ମତି ଜରୁରୀ ବୋଲି ଉଚ୍ଚ ଅଦାଲତ ଦେଇଥିବା ରାୟ ପ୍ରଶଂସନୀୟ। ଏହାକୁ ସବୁ ବର୍ଗରେ ସ୍ୱାଗତ କରିବା ଜରୁରୀ। ଏହି ରାୟ ଦ୍ୱାରା ମହିଳାମାନେ ନିଜର ଇଚ୍ଛା ଏବଂ ଅଭିବ୍ୟକ୍ତିକୁ ପରିବାର ନିକଟରେ ଜାହିର କରିପାରିବେ। ବିଶେଷ କରି ଏହାଦ୍ୱାରା ମହିଳାମାନଙ୍କ ପ୍ରତି ନିର୍ଯାତନା କମିବ। ତେଣୁ ଏହି ରାୟକୁ ଗ୍ରହଣ କରିବା ସହ ଆମମାନଙ୍କ ମାନସିକତାରେ ପରିବର୍ତ୍ତନ ହେବା ଆବଶ୍ୟକ।



**–ପ୍ରୀତିଛନ୍ଦା ଧଳ, ସାମାଜିକ କର୍ମୀ**

# ମ୍ୟୁଜିୟମ ଭଳି ରହିବ ବିଧାନସଭା

**ଭୁବନେଶ୍ୱର, ୧୩।୧ (ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଲୋକସେବା ଭବନ ଓ ବିଧାନସଭା ଗୋଟିଏ କ୍ୟାମ୍ପସ୍‌ରେ ରଖିବେ। ୭୧.୧୩ ଏକର ଜମିରେ ପ୍ରାୟ ୩୬୨୩ କୋଟି ଟଙ୍କା ଖର୍ଚ୍ଚରେ ଏହା ନିର୍ମାଣ କରାଯିବ। ତେବେ ଏତେ ଜମି କେଉଁଠାରୁ ଆସିବ ଏବଂ ଅନେକ ନୂତନ ଅଫିସ୍ ଥିବାବେଳେ ସେଗୁଡିକ ଭାଙ୍ଗିବ ନା ନାହିଁ ତାକୁ ନେଇ ଅନେକ ଦ୍ୱନ୍ଦ୍ୱ ରହିଛି। ଇତିମଧ୍ୟରେ ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ନିର୍ମାଣ ହେବ ଲୋକସେବା ଭବନ ମୁଖ୍ୟ ଅଫିସ୍। ଏହିପରି ୩ଟି ପର୍ଯ୍ୟାୟରେ କାର୍ଯ୍ୟ ହେବ। ଲୋକସେବା ଭବନର ମୁଖ୍ୟ ବିଲ୍ଡିଂ କଲେକ୍ଟରମାନଙ୍କ ଯେଉଁ କ୍ୟାମ୍ପ ଅଫିସ୍ ରହିଛି ସେଠାରେ ନିର୍ମାଣ ହେବାକୁ ଲକ୍ଷ୍ୟ ରଖାଯାଇଛି। ନୂଆ ବିଲ୍ଡିଂ ପାଇଁ ଯେତିକି ଜାଗା ଆବଶ୍ୟକତା ଅଛି ସେଠାରେ ତାହା ରହିଛି। ଲୋକସେବା ଭବନର ନୂତନ ବିଲ୍ଡିଂ କାର୍ଯ୍ୟ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ତା'ପରେ ଧୀରେ ଧୀରେ ଅଫିସ୍‌ଗୁଡିକ ଶିଫ୍ଟ ହେବ। ସେହିପରି ଲୋକସେବା ଭବନ ଏବଂ ବିଧାନସଭା ଭିତରେ ଯେଉଁ ଜାଗା ରହିଛି ତା' ମଧ୍ୟରେ ନୂତନ ବିଧାନସଭା ନିର୍ମାଣ କରାଯିବ। ଏହା ୩୦୦ ଆସନ ବିଶିଷ୍ଟ ହେବ। ହେଲେ ପୁରୁଣା ବିଧାନସଭା ବିଲ୍ଡିଂ ନ ଭାଙ୍ଗି ସେମିତି ରଖାଯିବ। ବିଧାନସଭା ମ୍ୟୁଜିୟମ ଭଳି ରହିବ। ଯଦି ଭବିଷ୍ୟତରେ କେବେ ବିଧାନ ପରିଷଦ ହୁଏ ତେବେ ସେଠାରେ ତାହା ଚାଲିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାପରେ ପର୍ଯ୍ୟାୟକ୍ରମେ ଯେଉଁ ବିଲ୍ଡିଂଗୁଡିକ ବିପଦସଙ୍କୁଳ ଅବସ୍ଥାରେ ରହିଛି ବା ଅନ୍‌ସେଫ୍ ହୋଇଯାଇଛି ସେଗୁଡିକ ଭଙ୍ଗାଯିବ। ୯ ତାଲା ବିଲ୍ଡିଂ, ରାଜୀବ ଭବନ ଏବଂ ସେଚ ସଦନକୁ ସମ୍ପୂର୍ଣ୍ଣ ଭାଙ୍ଗି ନୂଆ କରାଯିବ। ଲୋକସେବା ଭବନର କନ୍‌ଭେନସନ ସେଣ୍ଟର, ଇଆଇସି ଅଫିସ୍ ଏବଂ ଖାରବେଳ ଭବନ ସେମିତି ରହିବ। କୃଷି ଭବନକୁ ମଧ୍ୟ ନ ଭାଙ୍ଗି ସେମିତି ରଖାଯିବ। ପରବର୍ତ୍ତୀ ସମୟରେ ଏଗୁଡିକ ଉପରେ ନିଷ୍ପତ୍ତି ହେବ। ଏହିସବୁ ଅଫିସ୍ ଯେଉଁସବୁ ଅଞ୍ଚଳରେ ରହିଛି ସେଗୁଡିକ ଗୋଟିଏ କ୍ୟାମ୍ପସ୍ ଭିତରେ ରହିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

## ୧୭ ଯାଏ ଶୀତ ପ୍ରଭାବ

**ଭୁବନେଶ୍ୱର,୧୩।୧ (ବନ୍ଦନା ସେଠୀ)**

ରାଜ୍ୟରେ ଶୀତ ଲହରୀ ଜାରି ରହିଛି। ଜାନୁଆରୀ ୧୭ ପର୍ଯ୍ୟନ୍ତ ଶୀତ ପ୍ରଭାବ ରହିବ ଏବଂ ପଶ୍ଚିମାଝଡ଼ ପ୍ରଭାବରେ ୧୮ରୁ ତାପମାତ୍ରା ବୃଦ୍ଧି ପାଇବ ବୋଲି ସୂଚନା ଦିଆଯାଇଛି। ତେବେ ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ଜି.ଉଦୟଗିରିରେ ୪.୬ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ସେହିପରି ଫୁଲବାଣୀରେ ୭, ରାଉରକେଲାରୁ ୭, ଝାରସୁଗୁଡାରେ ୭.୨, ଦାରିଙ୍ଗିବାଡ଼ିରେ ୮, ସେମିଳିଗୁଡାରେ ୮.୧, ଅନୁଗୋଳରେ ୮.୮, କିରେଇରେ ୮.୯, କେନ୍ଦୁଝରରେ ୯.୪, ଚିପିଲିମାରେ ୯.୫ ଏବଂ ସୁନ୍ଦରଗଡ଼ରେ ୯.୬ ଡିଗ୍ରୀ ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି।

DADLS-77
ଓଡ଼ିଶା ସରକାର



ବ୍ୟାସକବି ଫକୀର ମୋହନ ସେନାପତିଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୪.୦୧.୨୦୨୬ (ମକର ସଂକ୍ରାନ୍ତି)
ସକାଳ–ଘ.୮.୩୦ ମିନିଟ୍
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ଛକ ଭୁବନେଶ୍ୱରସ୍ଥିତ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସ୍ଥାନ – ଜୟଦେବ ଭବନ, ଭୁବନେଶ୍ୱର
ଅପରାହ୍ଣ ୪ ଘଟିକା– ବ୍ୟାସକବିଙ୍କ ସୃଷ୍ଟି ଓ ସାଧନାକୁ ନେଇ କବିତା ପାଠୋତ୍ସବ
ଆୟୋଜକ–ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ
ସନ୍ଧ୍ୟା – ୬ ଘଟିକା ସାଧାରଣ ସଭା
ସଦୟ ଉପସ୍ଥିତି
ବାଲେଶ୍ୱର ଜିଲାର ବିଧାୟକ ବୃନ୍ଦ
ଶ୍ରୀଯୁକ୍ତ ବାବୁ ସିଂ, ବିଧାୟକ, ଏକାମ୍ର–ଭୁବନେଶ୍ୱର
ବିଶିଷ୍ଟ ଅତିଥି
ଡଃ ଅମିୟ ପଟ୍ଟନାୟକ
ପ୍ରାକ୍ତନ କୁଳପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୁଖ୍ୟବକ୍ତା
ଡଃ ଲଲାଟେନ୍ଦୁ ଦାସ ମହାପାତ୍ର
ପ୍ରାକ୍ତନ ନିର୍ଦ୍ଦେଶକ, ସେଣ୍ଟର ଫର୍ ଜୁଡ଼ିସିଆଲ ଆର୍କାଇଭସ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ
ଉପସଂହାର ବକ୍ତବ୍ୟ
ଶ୍ରୀଯୁକ୍ତ ଜୀବନ କୁମାର ମହାପାତ୍ର
ସଭାପତି, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ
ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR_

DSPL-476



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା




ଭ୍ରୂଣର ଲିଙ୍ଗ ନିରୂପଣ ଏକ ଦଣ୍ଡନୀୟ ଅପରାଧ
ସୂଚନା ଦାତାଙ୍କୁ ପ୍ରୋତ୍ସାହନ
ଅଣପଞ୍ଜିକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ର ଓ ଭ୍ରାମ୍ୟମାଣ ଅଲଟ୍ରାସାଉଣ୍ଡ ମେସିନ୍ ସମ୍ବନ୍ଧରେ ସଠିକ ସୂଚନା ଜଣାଇଲେ ସୂଚନା ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ୨୫,୦୦୦ଟଙ୍କା ପ୍ରୋତ୍ସାହନ ରାଶି ୩ଟି କିସ୍ତିରେ ପ୍ରଦାନ କରାଯିବ
ସର୍ତ୍ତାବଳୀ
- ସୂଚନା ପାଇବା ପରେ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ନିରୀକ୍ଷଣ କମିଟି ଦ୍ୱାରା ତଦନ୍ତ କରାଯାଇ ସତ୍ୟ ପ୍ରମାଣିତ ହେଲେ ସୂଚନା ଦାତାଙ୍କୁ ପ୍ରଥମ କିସ୍ତିରେ ୧୦,୦୦୦ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ
- ପରବର୍ତ୍ତୀ ପର୍ଯ୍ୟାୟରେ ଦୋଷୀଙ୍କ ବିରୁଦ୍ଧରେ କୋର୍ଟରେ ମାମଲା ରୁଜୁ ହେଲେ ସୂଚନା ଦାତାଙ୍କୁ ଦ୍ୱିତୀୟ କିସ୍ତିରେ ୧୦,୦୦୦ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ
- କୋର୍ଟ ମାମଲାର ଶୁଣାଣି ଶେଷ ହୋଇ ଦୋଷୀଙ୍କୁ ଦଣ୍ଡବିଧାନ ହେଲେ ସୂଚନା ଦାତାଙ୍କୁ ଶେଷ ତଥା ତୃତୀୟ କିସ୍ତିରେ ୫,୦୦୦ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ

ସୂଚନା ଦେଇଥିବା ବ୍ୟକ୍ତି ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ କି ନୁହେଁ ତାହା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ସ୍ଥିର କରିବେ
ଏହି ଆଇନ ଅନୁଯାୟୀ ସୂଚନା ଦାତାଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-

ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। -ଶ୍ରୀମା

-ଉତ୍ତରାୟଣ ମକର ସଂକ୍ରାନ୍ତି, ପୋଙ୍ଗଲ, ଷଟ୍‌ତିଳା ଏକାଦଶୀ, ଓଲାଶୁଣୀ ମେଳା ଓ ହଳ ନିଷେଧ



# ସୋର୍ସ କୋଡ୍

କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ପ୍ରଯୁକ୍ତିସମ୍ପନ୍ନ ଯୁଗରେ ଡାଟା ବା ତଥ୍ୟ ନୂଆ ଇନ୍ଧନ ଭାବେ ବିବେଚନା କରାଯାଉଛି। କୁହାଯାଉଛି ଯାହା ପାଖରେ ଯେତେ ତଥ୍ୟ ଅଛି ସେ ସେତେ ଧନୀ। ସେଥିପାଇଁ ତଥ୍ୟ ଗୋଟାଇବା ବା କାରସାଦି କରି ହାତେଇବା ଦିଗରେ ଗୁପ୍ତ ଭାବେ ଅନେକ ସଂସ୍ଥା କାର୍ଯ୍ୟ କରୁଛନ୍ତି। କିନ୍ତୁ ଯେତେବେଳେ ସରକାର ତା'ର ଜନସାଧାରଣଙ୍କ ତଥ୍ୟ ପାଇଁ ବ୍ୟାକୁଳ ହୋଇପଡ଼ିବ, ସେତେବେଳେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ। ସହଜରେ ସୂଚନା ନ ମିଳିଲେ ବିଧିବ୍ୟବସ୍ଥା କରି ନାଗରିକଙ୍କ ପ୍ରିଭେସି ବା ଅନ୍ତରଙ୍ଗ ତଥ୍ୟକୁ ସରକାର ନେଉଛନ୍ତି। ଭାରତରେ ଆଧାର ଏ ଦିଗରେ ସର୍ବାଗ୍ରେ ରହିଛି ଓ ଅଦ୍ୟାବଧି ଏହାର ବୈଧତା ଉପରେ ସାଧାରଣ ସ୍ତରରୁ କୋର୍ଟଯାଏ ଅନେକ ପ୍ରଶ୍ନ ପଚାରି ଚାଲିଛନ୍ତି। ଗତ କିଛି ବର୍ଷ ହେବ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ଉପରେ ଭାରତ ସରକାରଙ୍କ ନଜର ପଡ଼ିଛି। ୨୦୨୫ ନଭେମ୍ବର ୨୮ରେ ଦୂରସଞ୍ଚାର ବିଭାଗ (ଡଟ୍) ପକ୍ଷରୁ ସ୍ମାର୍ଟଫୋନ୍ ମୋବାଇଲ ପାଇଁ ଏକ ନିର୍ଦ୍ଦେଶାବଳୀ ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଥିଲା ଯେ, ଘରୋଇ ହେଉ ବା ବିଦେଶୀ, ସମସ୍ତ ସ୍ମାର୍ଟଫୋନ୍ ନିର୍ମାତା ସେମାନଙ୍କ ନୂଆ ଫୋନ୍‌ରେ ସଞ୍ଚାର ସାଥୀର ଆପ୍ ପ୍ରାକ୍-ଅବସ୍ଥାପନ କରିବେ। ଏହା ଦ୍ୱାରା ସନ୍ଦେହାତ୍ମକ ଫୋନ୍‌କୁ ଜାଣିବା ସହ ଡିଜିଟାଲ ଠକାମିକୁ ରୋକି ହେବ ବୋଲି ସରକାରୀ ଭାବେ କୁହାଯାଇଥିଲା। ହେଲେ ଚାରିଆଡ଼ୁ ଘୋର ବିରୋଧ ହେବାରୁ ସରକାର ବୁଝାଇବାକୁ ଯାଇ କହିଲେ ଯେ, ଉକ୍ତ ଆପ୍ ବାଧ୍ୟତାମୂଳକ ନୁହେଁ, ସ୍ମାର୍ଟଫୋନ୍ ବ୍ୟବହାରକାରୀ ତାହାକୁ ଚାହିଁଲେ ଫୋନ୍‌ରେ ଇନ୍‌ଷ୍ଟଲ ବା ଅନ୍‌ଇନ୍‌ଷ୍ଟଲ କରିପାରିବେ। ଏହି ଝଡ଼ ସରି ନାହିଁ। ଏବେ ପୁଣି କୁହାଗଲାଣି, ସ୍ମାର୍ଟଫୋନ୍ ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣି ସାଇବର ବିପଦକୁ ହ୍ରାସ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ମୋବାଇଲ ଫୋନ୍ ନିର୍ମାତା କମ୍ପାନୀଗୁଡ଼ିକୁ ନିଜ ଅପରେଟିଂ ସିଷ୍ଟମ୍‌ର ସୋର୍ସ କୋଡ୍ ଶେୟାର କରିବାକୁ ପ୍ରସ୍ତାବ ଦିଆଯାଇଛି। ତାହାକୁ ନେଇ ବିବାଦ ଉଠିଲାଣି।

**ଦୁଷ୍ଟ ପ୍ରକୃତିର ପୋଲିସ କିମ୍ବା ଅନ୍ୟ ସରକାରୀ କର୍ମଚାରୀ ସବୁବେଳେ ବ୍ୟକ୍ତିବିଶେଷଙ୍କର ପ୍ରତ୍ୟେକଟି ତଥ୍ୟ ଏହି ସୋର୍ସ କୋଡ୍ ମାଧ୍ୟମରେ ଜାଣିପାରିବ। ଅର୍ଥାତ୍ କୌଣସି ଲୋକର କୌଣସି ତଥ୍ୟ ସରକାରଙ୍କ ଦୃଷ୍ଟିରୁ ଦୂରେଇ ରଖି ହେବ ନାହିଁ। ଅନେକ ଅନଭିଜ୍ଞ, ବୋକା ନାଗରିକ ବାରମ୍ବାର କହୁଥିବାର ଶୁଣାଯାଏ ଯେ 'ଆମର ଭୟ ନାହିଁ, କାରଣ ଆମର କିଛି ଲୁଚାଇବାର ନାହିଁ'। ଏଭଳି ନାଗରିକ ଦୁଷ୍ଟ ବୁଦ୍ଧିର ସରକାରୀ କର୍ମଚାରୀଙ୍କ ଜାଲରେ ପଡ଼ିଲେ ବୁଝିବେ କେଉଁଭଳି ସମସ୍ୟା ନିଜ ପରିବାର ଓ ନିଜ ପାଇଁ ସୃଷ୍ଟି କରିଦେଲେ।**

ଏଠାରେ ସୋର୍ସ କୋଡ୍ କହିଲେ କୌଣସି ସଫ୍ଟୱେର, ଆପ୍ କିମ୍ବା ଅପରେଟିଂ ସିଷ୍ଟମ୍‌ର 'ମୂଳଲେଖା'କୁ ବୁଝାଏ। ଅଧିକ ପ୍ରାଞ୍ଜଳ କରି ବୁଝାଇଲେ ଜଣେ କମ୍ପ୍ୟୁଟର ପ୍ରୋଗ୍ରାମର୍ ଏକ ସଫ୍ଟୱେର ତିଆରି କରିବା ପାଇଁ ଯେଉଁ ନିର୍ଦ୍ଦେଶାବଳୀ ଲେଖନ୍ତି, ତାହାକୁ ସୋର୍ସ କୋଡ୍ କୁହାଯାଏ। ଏହା ବୈଷୟିକ ଭାଷା ହୋଇଥିବାରୁ ତାହାକୁ ସାଧାରଣରେ ବୁଝିବା କଷ୍ଟକର ହୋଇଥାଏ। ତେଣୁ ଉକ୍ତ କୋଡ୍‌କୁ ଏକ 'କମ୍ପାଇଲର୍' ସହଯୋଗରେ ବାଇନାରୀ କୋଡ୍ (୦ ଓ ୧)ରେ ପରିବର୍ତ୍ତନ କରାଯାଏ, ଯାହାକୁ ମେଶିନ ବୁଝିପାରେ। ସ୍ମାର୍ଟଫୋନ୍ ନିର୍ମାତାମାନେ ଉକ୍ତ କୋଡ୍‌କୁ ଗୁପ୍ତ ରଖିଥାଆନ୍ତି। ତାହା ହିଁ ସେମାନଙ୍କ ସମ୍ପତ୍ତି। ସେହି ମୌଳିକ ଗୁପ୍ତ କୋଡ୍‌କୁ ସରକାର ହାତେଇ ନେବା ପାଇଁ ଯେଉଁ ପଦକ୍ଷେପ ନେଉଛନ୍ତି, ତାହା ପଛରେ ମନ୍ଦ ଉଦ୍ଦେଶ୍ୟ ରହିଛି। ଅପରେଟିଂ ସିଷ୍ଟମ୍‌ର ସୋର୍ସ କୋଡ୍ ପାଇଗଲେ ସରକାର ତାଙ୍କ ମନଇଚ୍ଛାରେ ଯେକୌଣସି ବ୍ୟକ୍ତି ହାତରେ ଧରିଥିବା ଫୋନ୍‌ରୁ ସବୁ ତଥ୍ୟ ଉତାରି ନେଇପାରିବେ। ଏପରିକି ବ୍ୟକ୍ତିଗତ ଫଟୋ, ତଥ୍ୟ କିମ୍ବା ଅନ୍ୟ ଗୋପନୀୟ ଆର୍ଥିକ ସୂଚନା ମଧ୍ୟ ହାତେଇ ନେଇପାରିବେ। ଅପରପଟେ ସରକାର ସବୁ ନାଗରିକଙ୍କୁ ଆଧାର ପଞ୍ଜୀକରଣ କରିବାକୁ ବାଧ୍ୟ କରୁଛନ୍ତି। ନାଗରିକର ଆଧାର ନମ୍ବର ସହିତ ତାଙ୍କର ମୋବାଇଲ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ସହିତ ଅନ୍ୟସବୁ ତଥ୍ୟ ଜଡ଼ିତ ରହୁଛି। ଦୁଷ୍ଟ ପ୍ରକୃତିର ପୋଲିସ କିମ୍ବା ଅନ୍ୟ ସରକାରୀ କର୍ମଚାରୀ ସବୁବେଳେ ବ୍ୟକ୍ତିବିଶେଷଙ୍କର ପ୍ରତ୍ୟେକଟି ତଥ୍ୟ ଏହି ସୋର୍ସ କୋଡ୍ ମାଧ୍ୟମରେ ଜାଣିପାରିବ। ଅର୍ଥାତ୍ କୌଣସି ଲୋକର କୌଣସି ତଥ୍ୟ ସରକାରଙ୍କ ଦୃଷ୍ଟିରୁ ଦୂରେଇ ରଖି ହେବ ନାହିଁ। ଅନେକ ଅନଭିଜ୍ଞ, ବୋକା ନାଗରିକ ବାରମ୍ବାର କହୁଥିବାର ଶୁଣାଯାଏ ଯେ 'ଆମର ଭୟ ନାହିଁ, କାରଣ ଆମର କିଛି ଲୁଚାଇବାର ନାହିଁ'। ଏଭଳି ନାଗରିକ ଦୁଷ୍ଟ ବୁଦ୍ଧିର ସରକାରୀ କର୍ମଚାରୀଙ୍କ ଜାଲରେ ପଡ଼ିଲେ ବୁଝିବେ କେଉଁଭଳି ସମସ୍ୟା ନିଜ ପରିବାର ଓ ନିଜ ପାଇଁ ସୃଷ୍ଟି କରିଦେଲେ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | 8 | | 2 | 9 |
| | | | | 1 | | | | |
| 9 | | | | 3 | | 6 | | |
| 2 | | | 5 | 9 | | | | 4 |
| | 5 | | | | 2 | | | |
| | 6 | | | | | | 7 | |
| | | 2 | | | 3 | | | |
| | | | | | 7 | | 6 | 1 |
| 1 | | | | | | 4 | 3 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 6 | 7 | 3 | 5 | 2 | 1 | 4 |
| 3 | 7 | 4 | 2 | 9 | 1 | 8 | 5 | 6 |
| 2 | 1 | 5 | 6 | 8 | 4 | 7 | 9 | 3 |
| 7 | 6 | 1 | 5 | 4 | 2 | 9 | 3 | 8 |
| 5 | 8 | 2 | 9 | 6 | 3 | 1 | 4 | 7 |
| 4 | 3 | 9 | 1 | 7 | 8 | 5 | 6 | 2 |
| 9 | 4 | 3 | 8 | 5 | 7 | 6 | 2 | 1 |
| 6 | 2 | 7 | 4 | 1 | 9 | 3 | 8 | 5 |
| 1 | 5 | 8 | 3 | 2 | 6 | 4 | 7 | 9 |

ଗତକାଲିର ଉତ୍ତର

# ତଦନ୍ତ କମିଶନର ପରିଣାମ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଅନେକ ସମୟରେ ତଦନ୍ତ କମିଶନ ନିଯୁକ୍ତ କରାଯାଇଥାଏ ଅଧିକୃତ ସଂସ୍ଥା ଦ୍ୱାରା। ଏହି ଯାଞ୍ଚ ଆୟୋଗ ବିଶେଷ ଉଦ୍ଦେଶ୍ୟ ନେଇ ଗଠିତ ହୋଇଥାଏ। ଯାନବାହନରେ ଦୁର୍ଘଟଣା, ଦୁର୍ନୀତି, ମାନବ ଅଧିକାର ଉଲ୍ଲଂଘନ, ଅର୍ଥନୈତିକ ଅପରାଧ, ଆଇନ ଶୃଙ୍ଖଳା ରକ୍ଷକଙ୍କ ମାତ୍ରାଧିକ ବଳ ପ୍ରୟୋଗ, ବିଭ୍ରାନ୍ତିକର ଗୁଜବ ଇତ୍ୟାଦି ସମସ୍ୟା ଯୋଗୁ ଯେତେବେଳେ ଜନସାଧାରଣ ବିକ୍ଷୁବ୍ଧ, ଆନ୍ଦୋଳନରତ ହୋଇଥାନ୍ତି, ସେମିତି ଅସ୍ୱାଭାବିକ ପରିସ୍ଥିତିରେ ଯାଞ୍ଚ ଆୟୋଗ ଆବଶ୍ୟକ ହୋଇଥାଏ।

ଆୟୋଗ ପାରଦର୍ଶିତା ସହ ନିରପେକ୍ଷ ଭାବେ ପ୍ରସଙ୍ଗର ସତ୍ୟାସତ୍ୟ ନିରୂପଣ କରିବା ଆବଶ୍ୟକ। ତାହାହେଲେ ଏହାର ଅନୁସନ୍ଧାନରୁ ପ୍ରାପ୍ତ ସିଦ୍ଧାନ୍ତ ବିଶ୍ୱାସଯୋଗ୍ୟ ହେବ। ଏହା ଦୋଷୀକୁ ଚିହ୍ନଟ କରିବା ସହ ପୀଡ଼ିତ ପାଇଁ ନ୍ୟାୟ ପ୍ରଦାନ ସକାଶେ ମତ ଦେଇଥାଏ। ଭବିଷ୍ୟତରେ ଏହି ପ୍ରକାର ଅଘଟଣ ଯେମିତି ନ ଘଟିବ, ସେଥି ସକାଶେ ସୁପାରିସ କରିଥାଏ। ଆବଶ୍ୟକ ସ୍ଥଳେ ଆଇନରେ ପରିବର୍ତ୍ତନ, ନୀତିଗତ ସଂଶୋଧନ ଏବଂ ଅନ୍ୟ ପନ୍ଥାମାନ ଉଲ୍ଲେଖ କରିବା ଏହାର ପରିସରଭୁକ୍ତ।

ଆୟୋଗ ଏକ ବା ଏକାଧିକ ସଦସ୍ୟ ବିଶିଷ୍ଟ ହୋଇଥାଏ। ସଦସ୍ୟମାନଙ୍କ ଯୋଗ୍ୟତା ବିଷୟରେ ଧରାବନ୍ଧା ନିୟମ ନ ଥିଲେ ସୁଦ୍ଧା ଦେଖାଯାଏ ଯେ, ନିଯୁକ୍ତିଦାତା ଉପଯୁକ୍ତ ବ୍ୟକ୍ତିଙ୍କୁ ଏଥିପାଇଁ ମନୋନୀତ କରିଥାଏ। ଅଧିକାଂଶ ସ୍ଥଳରେ ସେବାନିବୃତ୍ତ ବା ସେବାରତ ବିଚାରପତି ପ୍ରଶାସନିକ ଅଧିକାରୀ, ସାମାଜିକ କର୍ମୀ 'ଉପଯୁକ୍ତ' ବୋଲି ବିବେଚନା କରାଯାଇଥାଏ। ତେବେ ଏମିତି କେତେକ ସମସ୍ୟା ପାଇଁଆୟୋଗ ଗଠନ କରାଯାଏ, ଯାହା ବିଶେଷଜ୍ଞଙ୍କ ସହାୟତା ଆବଶ୍ୟକ କରେ। ଏହି ପରିପ୍ରେକ୍ଷୀରେ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା, ପ୍ରଶାସନ, ଆଇନ, ଅର୍ଥ ଇତ୍ୟାଦି ବିଭାଗରେ କୁଶଳୀ ଏବଂ ଅଭିଜ୍ଞ ବ୍ୟକ୍ତିଙ୍କୁ ସଦସ୍ୟତା ପ୍ରଦାନ କରିବା ଯଥାର୍ଥ ମନେହୁଏ।

ଲକ୍ଷ୍ୟ କରାଯାଇଛି ଯେ, ଅନେକ କ୍ଷେତ୍ରରେ ଯେଉଁ ମହତ ଉଦ୍ଦେଶ୍ୟ ସକାଶେ କମିଶନ ବସାଯାଇଥାଏ ତାହା ନିଯୁକ୍ତିଦାତାଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ଫଳାଫଳ ବିଷମ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଗୋଟିଏ ଦୃଷ୍ଟାନ୍ତ ହେଉଛି ଗୋଧ୍ରା ରେଳ ଅଗ୍ନିକାଣ୍ଡ। ୨୭ ଫେବୃୟାରୀ ୨୦୦୨ରେ ସାବରମତି ଏକ୍ସପ୍ରେସ ଟ୍ରେନର ଗୋଟିଏ ଡବାରେ ୫୯ ଜଣ ହିନ୍ଦୁ ତୀର୍ଥଯାତ୍ରୀ (କରସେବକ) ଅଯୋଧ୍ୟାର ରାମ ଜନ୍ମଭୂମି ଆନ୍ଦୋଳନରେ ଭାଗ ନେଇ ଗୁଜରାଟର ନିଜ ବାସସ୍ଥାନକୁ ଫେରୁଥିଲା ବେଳେ ଡବାରେ ଅଗ୍ନିକାଣ୍ଡ ଘଟି ସେମାନେ ଜୀବନ୍ତ ଦଗ୍ଧ ହେଲେ, ଅନ୍ୟ କେତେକେ ଆହତ ହେଲେ। ତେବେ ପ୍ରଶ୍ନ ଉଠିଲା ଏହି ଆକସ୍ମିକ ଅଘଟଣ ପଛରେ କାରଣ କ'ଣ? ଜନସାଧାରଣଙ୍କ ମନରେ ବାଦାନୁବାଦ ଦେଖାଦେଲା। ଦଳେ କହିଥିଲେ ଯେ, ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। କିନ୍ତୁ ଏହାକୁ ପ୍ରତ୍ୟାଖ୍ୟାନ କରି ଅନ୍ୟ କେତେଜଣ ମତ ଦେଲେ ଯେ, ଏହା ଏକ ଦୁର୍ଘଟଣା ଏବଂ ଏହା ପଛରେ କୌଣସି ଅଭିସନ୍ଧି ନଥିଲା। ପ୍ରସଙ୍ଗଟି ଗୁରୁତର ଆକାର ଧାରଣ କଲା, ଯେତେବେଳେ ଏହା ସାମ୍ପ୍ରଦାୟିକ ରୂପ ନେଲା।



ଏତାଦୃଶ ସଂକଟବେଳେ ସତ୍ୟାନୁସନ୍ଧାନ ପାଇଁ ମାର୍ଚ୍ଚ ୨୦୦୨ରେ ପ୍ରଥମେ ଗୁଜରାଟ ଉଚ୍ଚନ୍ୟାୟଳୟର ପୂର୍ବତନ ବିଚାରପତି କେ.ଜି. ସାହା କମିଶନର ଦାୟିତ୍ୱ ବହନ କଲେ। କିନ୍ତୁ ଏହାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଯିବାରୁ ସୁପ୍ରିମକୋର୍ଟର ସେବାନିବୃତ୍ତ ବିଚାରପତି ଜି.ଟି. ନାନାବତୀ ଏହାର ଚେୟାରମ୍ୟାନ ହେଲେ। ଜଷ୍ଟିସ ନାନାବତୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ଥାନ ଜଷ୍ଟିସ ଅକ୍ଷୟ ମେହେଟ୍ଟା ପୂରଣ କଲେ। ୨୦୦୮ରେ ନାନାବତୀ ମେହେଟ୍ଟା କମିଶନଙ୍କ ରିପୋର୍ଟ ପ୍ରକାଶ ପାଇଲା। ଏଥିରେ ଏହି ଅଗ୍ନିକାଣ୍ଡକୁ ଏକ ସୁନିୟୋଜିତ ଷଡ଼ଯନ୍ତ୍ର ବୋଲି ବିବେଚନା କରାଗଲା। କିନ୍ତୁ ଏହି ଅଘଟଣର ତଦନ୍ତ ଅନ୍ୟ ଏକ ଦିଗରୁ କରାଯାଇଥିଲା। ୨୦୦୪ରେ କେନ୍ଦ୍ରରେ ଏନ୍‌ଡିଏ ସରକାର ବଦଳି ୟୁପିଏ ସରକାର ଅଧିଷ୍ଠିତ ହେଲା। ରେଳ ବିଭାଗ ଦ୍ୱାରା ଏହାର ସ୍ୱତନ୍ତ୍ର ଭାବେ ତଦନ୍ତ ପାଇଁ ଜଷ୍ଟିସ ୟୁସି ବାନାର୍ଜୀଙ୍କୁ ନିଯୁକ୍ତ କରାଗଲା। ଏହି କମିଶନର ଅନ୍ତରୀଣ ରିପୋର୍ଟ ଅନୁସାରେ ଅଗ୍ନିକାଣ୍ଡ କୋଚ ଭିତରୁ ସୂତ୍ରପାତ ହୋଇଥିଲା, ବାହାରୁ ନୁହେଁ। ଏହା ଏକ ଦୁର୍ଘଟଣା। ଏହି ପ୍ରକାରେ ଦୁଇଟି କମିଶନ ସମ୍ପୂର୍ଣ୍ଣ ଓଲଟା ମତ ଦେଲେ। ଫଳରେ ଲୋକଙ୍କ ମନରେ ସମ୍ପନ୍ନ ଜାତ ହେଲା ଯେ, କମିଶନର ନିଷ୍କର୍ଷ ମାନ ପ୍ରଶ୍ନବାଚୀ।

ଏହି ପରିପ୍ରେକ୍ଷୀରେ ଅନ୍ୟ ଏକ ତଦନ୍ତ ରିପୋର୍ଟ ବିଷୟରେ ଅବତାରଣା କରାଯାଇପାରେ। ୨୮ ଜାନୁୟାରୀ ୧୯୮୬ରେ ଆମେରିକାର ଫ୍ଲୋରିଡ଼ା ସ୍ଥିତ କେପ୍ କେନାଭେରାଲ ସମୁଦ୍ର ତଟରୁ ସ୍ପେସ୍ ସଟଲ ଚାଲେଞ୍ଜର ଉତ୍‌କ୍ଷେପଣ କରାଯାଇଥିଲା। କିନ୍ତୁ ମାତ୍ର ୭୩ ସେକେଣ୍ଡ ପରେ ୪୬,୦୦୦ ଫୁଟ ଉପରୁ ଯାନରେ ବିସ୍ଫୋରଣ ଘଟି ସମୁଦ୍ର ବକ୍ଷକୁ ଖସିପଡ଼ିଲା। ସମସ୍ତ ସାତଜଣ ମହାକାଶଯାତ୍ରୀଙ୍କର ଦୁଃଖଦ ମୃତ୍ୟୁ ଘଟିଲା। ତନ୍ମଧ୍ୟରେ ଥିଲେ ବୋଷ୍ଟନରେ ୧୯୪୮ରେ ଜନ୍ମିତ ଶିକ୍ଷୟିତ୍ରୀ ସେବେନ କ୍ରିଷ୍ଟା, ମଇକ ଆଲିଫ। ତାଙ୍କର ଭୂମିକା ଥିଲା ଅନ୍ତରୀକ୍ଷରୁ ଶ୍ରେଣୀକକ୍ଷ। ପ୍ରୋଗ୍ରାମ ଅନୁସାରେ ପାଠ ପଢ଼ାଇବା। ଏହାଦ୍ୱାରା ମହାକାଶ ବିଜ୍ଞାନ ସମ୍ବନ୍ଧରେ ଜନସାଧାରଣ ବିଶେଷ ଭାବେ ଛାତ୍ର ସମାଜରେ ଆଗ୍ରହ ସୃଷ୍ଟି କରିବା। ଅବଶ୍ୟ ଏତଦବ୍ୟତୀତ ପ୍ରମୁଖ କାର୍ଯ୍ୟକ୍ରମ ଥିଲା ଧୂମକେତୁ ଅଧ୍ୟୟନ ଏବଂ କୃତ୍ରିକ ଉପଗ୍ରହ ସ୍ଥାପନ। ଯୁକ୍ତରାଷ୍ଟ୍ର ମହକାଶ ଅଭିଯାନରେ ଏତାଦୃଶ ଦୁର୍ଘଟଣା ହେଉଛି ପ୍ରଥମ। କହିବାବାହୁଲ୍ୟ ଯେ ୧୯୭୮ ହିସାବନୁଯାୟୀ ଏହାର ନିର୍ମାଣ ପାଇଁ ୧.୭ ବିଲିୟନ( ଏକ ବିଲିୟନ ହେଉଛି ୧୦,୦୦୦ ଲକ୍ଷ) ଆମେରିକୀୟ ଡଲାର ବିନିଯୋଗ ହୋଇଥିଲା। ଏହାର ଗୁରୁତ୍ୱ ଦୃଷ୍ଟିରୁ ନାସା ତରଫରୁ ତଦନ୍ତ କମିଶନ ବସାଗଲା। ଏହା ଚରାଜେରସ କମିଶନ ଭାବେ ନାମିତ ହେଲା। ନୋବେଲ ବିଜେତା ରିଚାର୍ଡ ଫାଇନ୍‌ମ୍ୟାନ (୧୯୧୮ ରୁ ୧୯୮୮) ଏହାର ସଦସ୍ୟ ଥିଲେ। ନାସାର ଉଚ୍ଚ ମର୍ଯ୍ୟାଦା ରକ୍ଷା କରିବାକୁ ରିପୋର୍ଟ ପ୍ରସ୍ତୁତ କରିବାକୁ ପ୍ରଚେଷ୍ଟା କଲେ। କିନ୍ତୁ ଫାଇନ୍‌ମ୍ୟାନ ମିଳିତଭାବେ ସତ୍ୟ ପ୍ରକାଶ କରିବାକୁ ଚାହିଁଲେ। ତାଙ୍କ କଟୁ ମନ୍ତବ୍ୟ ରିପୋର୍ଟରେ ଅନ୍ତର୍ଭୁକ୍ତ କରିବାକୁ ଅନ୍ୟମାନଙ୍କୁ ସେ ବାଧ କଲେ। କିନ୍ତୁ ତାହା ଗ୍ରହଣ ନ କରିବାରୁ ସେ ସାମ୍ବାଦିକ ସମ୍ମିଳନୀରେ ନାସାର ତ୍ରୁଟିକୁ ପ୍ରକାଶ କଲେ। ସେ ଜଣାଇଲେ ଯେ ଦୀର୍ଘଦିନ ଧରି ଇଞ୍ଜିନିୟରମାନେ ସେହି ଯାନରେ ବ୍ୟବହୃତ ରବର ଓ ରିଙ୍ଗ ଏବର ମୁଡ଼ିପରି ଗୋଲାକାର। ସେ ବିପରୀତରେ ମତ ଦେଉଥିଲେ କାରଣ ତାହା ଅନ୍ତରୀକ୍ଷରେ ନିମ୍ନ ତାପମାତ୍ରା ଯୋଗୁ କଠିନ ହୋଇ ଫାଟିଯାଇପାରେ କିମ୍ବା ରନ୍ଧ୍ର ଜାତ ହୋଇପାରେ। ଫଳରେ ଉତ୍ତପ୍ତ ଦହନଶୀଳ ଗ୍ୟାସ ଛିଦ୍ରବାଟେ କ୍ଷରଣ ହୋଇ ଗ୍ୟାସ ଟାଙ୍କିକୁ ଜଳାଇବ। ଏଣୁ ବିସ୍ଫୋରଣ ଘଟିବ।

ଓୟାରିଙ୍ଗ ଖୁବ୍ ଶସ୍ତା। ପାଇପ ମିସ୍ତ୍ରି ଦୁଇଟି ପାଇପକୁ ଦ୍ରୁତ ଭାବେ ସଂଯୋଗ କରିବାକୁ ଏହା ବ୍ୟବହାର କରିଥାନ୍ତି। କିନ୍ତୁ ନାସା-କର୍ତ୍ତୃପକ୍ଷ ଏହାର ଭୂମିକା ପ୍ରତି ହେୟଜ୍ଞାନ କରି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଲକ୍ଷ ଲକ୍ଷ ଟଙ୍କା ବରବାଦ ହୋଇଗଲା। ଅବଶ୍ୟ ଫାଇନମେନଙ୍କ ମତକୁ ପରେ ଗ୍ରହଣ କରାଗଲା। ପ୍ରକାଶଥାଉକି ସେତେବେଳେ ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ମରଣ ଥିଲା ଅଳ୍ପ ଦୂରରେ। ବିଭିନ୍ନ ଯାଞ୍ଚ ଆୟୋଗର ସଦସ୍ୟମାନେ ଫାଇନମ୍ୟାନଙ୍କ ପରି ନିରପେକ୍ଷ, ନିର୍ଭୀକ, ସାଧୁ ହୁଅନ୍ତେ କି! ଦୁଃଖର ବିଷୟ ଯେ, ଉଦ୍ଦେଶ୍ୟପ୍ରଣୋଦିତ ନିଯୁକ୍ତିଦାତା ଯେଉଁ ଯାଞ୍ଚ ଆୟୋଗ ଗଠନ କରିଥାନ୍ତି, ତାଙ୍କୁ ସୁହାଇବା ପରି ରିପୋର୍ଟ ପ୍ରସ୍ତୁତ କରାଯାଏ; ତାହା ସାଧାରଣରେ ଅଗ୍ରହଣୀୟ ହୋଇଥାଏ। ପରିଣାମବଶତଃ ଖୋଦ ଯାଞ୍ଚ ଆୟୋଗ ବର୍ତ୍ତମାନ ବଦନାମ ତାଲିକାଭୁକ୍ତ ହୋଇଗଲାଣି।

ମୋ:୯୦୭୮୭୪୩୮୪୩

## ଏଇ ଭାରତରେ

ଉତ୍ତରପ୍ରଦେଶର ସୋତ ନଦୀ ଗଙ୍ଗାର ଏକ ଉପନଦୀ। ଏହା ସମ୍ଭଲ ଜିଲାର ଜୀବନ ରେଖା। ଏହି ନଦୀ ସମ୍ଭଲର ୫ଟି ବ୍ଲକ୍‌ର ୭୧ଟି ଗ୍ରାମପଞ୍ଚାୟତ ଦେଇ ୧୧୦ କି.ମି. ପ୍ରବାହିତ ହେଉଥିଲା। ସମୟ ସ୍ରୋତରେ ଜବରଦଖଲ ଯୋଗୁ ଏହାର ଧାରା ଅଟକି ଯାଇଥିଲା। ହେଲେ ୨୦୨୨ରେ ମନୀଷ ବଂଶଲ ସମ୍ଭଲର ଜିଲାପାଳ ଭାବେ ଯୋଗ ଦେବା ପରେ ସେହି ବର୍ଷ ଡିସେମ୍ବରରୁ ନଦୀର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସବୁଠୁ ବଡ଼ କଥା ହେଲା, ଜୁନ୍ ୨୦୨୩ ମଧ୍ୟରେ ମାତ୍ର ୬ ମାସରେ ପ୍ରୋଜେକ୍ଟ କାର୍ଯ୍ୟ ଶେଷ କରିପାରିଥିଲେ। ବିଶେଷକରି ଏମ୍‌ଜିଏନ୍‌ଆର୍‌ଇଜିଏ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ଶ୍ରମଶକ୍ତିକୁ ଆଧାରକରି ସୋତ ନଦୀ ପୁନରୁଦ୍ଧାର ସମ୍ଭବ ହୋଇଛି। ଏବେ ନଦୀ ଅବବାହିକା ଅଞ୍ଚଳରେ ଭୂତଳଜଳସ୍ତରବୃଦ୍ଧିପାଇବା ସହ ସବୁ ପଞ୍ଚାୟତର ଲୋକ ଜଳସେଚନର ସୁବିଧା ପାଇପାରୁଛନ୍ତି। ଏହା ବ୍ୟତୀତ ମୃତ୍ତିକା ରକ୍ଷା ରୋକିବା ସକାଶେ ୧୦,୦୦୦ ବାଉଁଶ ଚାରା ନଦୀକଡ଼ରେ ଲଗାଯାଇଛି।

# ବର୍ଦ୍ଧିତ ଆୟ ଓ ଅଭାବୀ ଜୀବନ



ଅନନ୍ତ ଚରଣ ସ୍ୱାଇଁ

ଅଦ୍ଭୁତ ଏ ଦୁନିଆ। ଅଦ୍ଭୁତ ଆମ ବ୍ୟବହାର ଓ ମାନସିକତା। ଛୋଟ ବେଳେ ଦେଖିଛୁ, ଆମ ପିତାମାତା କିପରି ସେମାନଙ୍କର ଅର୍ଥ ପରିଚାଳନା କରୁଥିଲେ। ଘର ଖର୍ଚ୍ଚ, ପିଲାଙ୍କ ପାଠପଢ଼ା, ବିବାହ, ବ୍ରତ ପରି ସାମାଜିକ କର୍ମ, ସ୍ୱାସ୍ଥ୍ୟସେବା ଏବଂ ଅନେକ ଆନୁଷଙ୍ଗିକ ଖର୍ଚ୍ଚ ପରେ ମଧ୍ୟ ନିୟମିତ କିଛି ସଞ୍ଚୟ କରୁଥିଲେ। ନ ଥିଲା ଆଜି ପରି ମୋଟା ରୋଜଗାର, ସଞ୍ଚୟ ଓ ନିବେଶର ବିଶେଷ ସୁବିଧା। ଏହା ସତ୍ତ୍ୱେ ସେମାନେ ଭବିଷ୍ୟତ ସୁରକ୍ଷା ପାଇଁ ସଞ୍ଚୟର ଗୁରୁତ୍ୱ ଭଲଭାବେ ଉପଲବ୍ଧି କରିଥିଲେ।

ଆଜିର ବ୍ୟସ୍ତବହୁଳ ଜୀବନରେ ଅନେକ ପରିବାର ଏକ ଅଦ୍ଭୁତ ବିରୋଧାଭାସର ସମ୍ମୁଖୀନ ହେଉଛନ୍ତି। ଯଥେଷ୍ଟ ମାସିକ ଆୟ ସତ୍ତ୍ୱେ ଅଭାବ ଅନୁଭବ କରିବା, ମାସ ଶେଷକୁ ଟଙ୍କାର ଅଭାବ ଏବଂ ଆୟ ବୃଦ୍ଧି ସହ ନିଜର ଆର୍ଥିକ ସ୍ଥିତିର ଉନ୍ନତି ନ ହେବା ଅନୁଭୂତି। ସ୍ଥାୟୀ ଚାକିରି, ନିୟମିତ ଆୟ, ଉଚ୍ଚ ଶିକ୍ଷା, ଘର, ଗାଡ଼ି ଏବଂ ସୁନ୍ଦର ଘର ଥାଇ ମଧ୍ୟ ମାନସିକ ଚାପ ଓ ଆର୍ଥିକ ଅସ୍ଥିରତା ରହିବା ଏକ ସାଧାରଣ ଘଟଣା ହୋଇଗଲାଣି। ତେବେ ପ୍ରଶ୍ନ ଉଠେ, ଯଦିଆୟ ଭଲ, ତେବେଏହିଅଭାବ କାହିଁକି?

ମୋଟା ଆୟ ସତ୍ତ୍ୱେ ଅଭାବର କାରଣଗୁଡିକ ହେଉଛି: ପ୍ରଥମରେ ମହଙ୍ଗା ଜୀବନଶୈଳୀ: ଆୟ ବଢ଼ିଲେ ଖର୍ଚ୍ଚମଧ୍ୟ ବଢ଼ିଚାଲେ। ଏହାକୁଲାଇଫଷ୍ଟାଇଲ ଇନ୍‌ଫ୍ଲେଶନ କୁହାଯାଏ। ଯେତେବେଳେ ବେତନ ବଢ଼େ, ସେତେବେଳେ ନୂଆ ଗାଡ଼ି, ବଡ଼ ଘର, ମହଙ୍ଗା ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଭ୍ରମଣଜନିତ ଖର୍ଚ୍ଚ ଏବଂ ଦାମୀ ବ୍ରାଣ୍ଡେଡ୍ ପୋଷାକପତ୍ରରେ ଅଧିକ ବ୍ୟୟ ହୋଇଥାଏ। ଆୟ ବଢ଼ିବା ସହ ଜୀବନଧାରଣ ମଧ୍ୟ ଉନ୍ନତ ହେବା ଜରୁରୀ ବୋଲି ଧାରଣା ମନରେ ଆସେ। ଏପରି ମାନସିକତା ପାଇଁ ବ୍ୟୟ ବୃଦ୍ଧିପାଏ। ସଞ୍ଚୟ କ୍ଷମତାକୁ ନଷ୍ଟ କରିଦେଇଥାଏ। ଫଳସ୍ୱରୂପ ଆୟ ଯେତିକି ବଢ଼େ, ଖର୍ଚ୍ଚ ମଧ୍ୟ ସେତିକି ବଢ଼ିଚାଲେ ଏବଂ ଅଭାବ ଅନୁଭୂତ ହୋଇଥାଏ। ଦ୍ୱିତୀୟରେ ଋଣଯନ୍ତା: ଉଚ୍ଚ ଆୟର ଏକ ବଡ଼ ଅଂଶ ଘର ଋଣ, ଗାଡ଼ି ଋଣ, ବ୍ୟକ୍ତିଗତ ଋଣ, କ୍ରେଡିଟ୍ କାର୍ଡ ଦେୟରେ ସରିଯାଏ। ବେତନ ବଢ଼ିବା ସହ ନୂଆ ଏବଂ ବଡ଼ ଋଣ ନେବାର ପ୍ରବୃତ୍ତି ମଧ୍ୟ ବଢ଼ିଥାଏ। ଏହି ଋଣଗୁଡ଼ିକର ମାସିକ କିସ୍ତି ଏତେ ଅଧିକ ହୋଇଯାଏ ଯେ ବାକି ଟଙ୍କାରେ ପରିବାରର ମୌଳିକ ଚାହିଦା ପୂରଣ କରିବା କଷ୍ଟକର ହୋଇପଡ଼େ। ଋଣ ହେଉଛି ଏକ ଦ୍ୱିଧାରିଆ ତରବାରି। ଏହା ଆବଶ୍ୟକତା ପୂରଣ କରେ, କିନ୍ତୁ ଆୟର ଏକ ବଡ଼ ଅଂଶକୁ ଲଗାତର ବାନ୍ଧି ରଖେ। ଗୋଟିଏ ଋଣ ପରିଶୋଧ କରିବାକୁ ଅନ୍ୟ ଏକ ଋଣ କରିବାକୁ ପଡ଼େ। ଏପରି ଏକ ସମୟ ଆସେ ଯେ ଋଣ ମଧ୍ୟରୁ ବାହାରି ହୁଏ ନାହିଁ। ଋଣଯନ୍ତାରେ ପଡ଼ି ଛଟପଟ ହେବାକୁ ପଡ଼େ।

ତତୀୟରେ ଅସ୍ପଷ୍ଟ ବଜେଟ, ଅନିୟମିତ ଖର୍ଚ୍ଚ, ପ୍ରେରଣା କ୍ରୟ( ଆକସ୍ମିକ କ୍ରୟ): ଭଲ ଆୟ ଥିବା ସତ୍ତ୍ୱେ ବ୍ୟବସ୍ଥିତ ବଜେଟ ବା ସୁକଳ୍ପିତ ଆୟ ଓ ବ୍ୟୟର ଯୋଜନାର ଅଭାବ। ମାସ ଆରମ୍ଭରେ କେଉଁ ଖର୍ଚ୍ଚ କେତେ ହେବ, କେତେ ସଞ୍ଚୟ ହେବ, କେତେ ନିବେଶ ପାଇଁ ରଖାଯିବ ଏସବୁର କୌଣସି ସ୍ପଷ୍ଟ ଯୋଜନା ନ ଥାଏ। ଫଳରେ ଅନିୟମିତ ଭାବରେ ଖର୍ଚ୍ଚ ହୋଇଯାଏ, ଯାହା ମାସ ଶେଷ ବେଳକୁ ଅଭାବ ସୃଷ୍ଟିକରେ। ଛୋଟ ଛୋଟ ଖର୍ଚ୍ଚ, ଯେପରିକି ବାରମ୍ବାର ବାହାରେ ଖାଇବା, ଅନ୍‌ଲାଇନ କିଣାକିଣି, ମନୋରଞ୍ଜନ ପାଇଁ ଅତ୍ୟଧିକ ଖର୍ଚ୍ଚ, ପୂର୍ବରୁ ଯୋଜନା ନ ଥାଇ ମନର ଆକର୍ଷଣ ପ୍ରଭାବରେ କିଣିବା ଦ୍ୱାରା ବଡ଼ ଅଙ୍କର ଟଙ୍କା ଖର୍ଚ୍ଚ ହୋଇଯାଏ ଓ ଅଭାବ ପଡ଼େ।



ଚତୁର୍ଥ କାରଣ ହେଉଛି ସାମାଜିକ ଚାପ, ପଡ଼ୋଶୀ ପ୍ରଭାବ ଏବଂ ଦେଖାଇହେବା ପ୍ରବୃତ୍ତି : ପଡ଼ୋଶୀ ଓ ସାଙ୍ଗସାଥୀଙ୍କ ସହ ତୁଳନାକରି ଜୀବନଯାପନ କରିବାର ପ୍ରବୃତ୍ତି ଆର୍ଥିକ ସଙ୍କଟରେ ପକାଇଥାଏ। ଯଦି ପଡ଼ୋଶୀଙ୍କ ଘରେ ନୂଆ ଗାଡ଼ି ଆସିଲା, ତେବେ ଆମେ ମଧ୍ୟ ଗାଡ଼ି କିଣିବାକୁ ଚାହୁଁ; ସାଙ୍ଗମାନେ ମହଙ୍ଗା ଛୁଟିରେ ଯାଉଛନ୍ତି, ତେବେ ଆମେ ମଧ୍ୟ ଯିବାକୁ ଇଚ୍ଛାକରୁ; ସାମାଜିକ ଗଣମାଧ୍ୟମ (ଯେପରି ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍) ଆଦିରେ ଲୋକମାନେ ନିଜର ସଫଳତା ଏବଂ ଭଲ ଜିନିଷ ଦେଖାଉଥିବାରୁ ଆମେ ମଧ୍ୟ ସେମିତି ଜୀବନଯାପନ କରିବାକୁ ଚାହୁଁ। ଏପରି ସାମାଜିକ ଚାପ, ପଡ଼ୋଶୀଙ୍କ ପ୍ରଭାବ ଏବଂ ନିଜକୁ ଦେଖାଇହେବା ପ୍ରବୃତ୍ତି ଆମକୁ ଆମର କ୍ଷମତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ କରେ, ଫଳରେ ଆର୍ଥିକ ଅସ୍ଥିରତା ଦେଖାଦିଏ।

ପଞ୍ଚମରେ ଅପଚୟ ଏବଂ ଅନାବଶ୍ୟକ ଖର୍ଚ୍ଚ: ଭଲ ଆୟ ଥିବା ଲୋକମାନେ ମଧ୍ୟ ଅନେକ ସମୟରେ ଅପଚୟ କରିଥାନ୍ତି। ଯେପରିକି ଖାଦ୍ୟବସ୍ତୁ ନଷ୍ଟକରିବା, ଲାଇଟ-ପାଣି ବୃଥା ଖର୍ଚ୍ଚ, ଅଧିକ ସମୟ ପର୍ଯ୍ୟନ୍ତ ଏସି କିମ୍ବା ହିଟର ଚାଲୁରଖିବା, ଅନାବଶ୍ୟକ ମୋବାଇଲ ଫୋନ୍ କିମ୍ବା ଇଲେକ୍ଟ୍ରୋନିକ୍ ସାମଗ୍ରୀ କିଣିବା ଇତ୍ୟାଦି ଇତ୍ୟାଦି। ଷଷ୍ଠରେ ମୁଦ୍ରାସ୍ଫୀତି :ଆୟ ବଢୁନାହିଁ, କିନ୍ତୁ ଜିନିଷପତ୍ରର ଦାମ୍ ବଢୁଛି। ମୁଦ୍ରାସ୍ଫୀତି ଯୋଗୁ ପ୍ରତିବର୍ଷ ଖାଦ୍ୟଦ୍ରବ୍ୟ, ଇନ୍ଧନ, ଚିକିତ୍ସା, ଶିକ୍ଷା, ଏବଂ ଘରଭଡ଼ା ଆଦିର ମୂଲ୍ୟ ବଢ଼ିଚାଲିଥାଏ। କିନ୍ତୁ ସମସ୍ତଙ୍କ ଆୟ ସେହି ହାରରେ ବଢ଼େନାହିଁ। ଫଳରେ ଆୟ ବଢ଼ିଲେ ମଧ୍ୟ କ୍ରୟ କ୍ଷମତା ସମାନ ରହେ ନାହିଁ କିମ୍ବା କମିଯାଏ। ଅର୍ଥାତ୍ ଆଜି ଯେତେ ଟଙ୍କାରେ ଯାହା ମିଳୁଛି, ଆଗାମୀ ବର୍ଷ ସେଇ ଟଙ୍କାରେ ତାହା ମିଳିବ ନାହିଁ। ଏହା ଆର୍ଥିକ ଶକ୍ତିକୁ କ୍ଷୟ କରିଥାଏ।

ସପ୍ତମରେ ଅପ୍ରତ୍ୟାଶିତ ଖର୍ଚ୍ଚ, ପାରିବାରିକ ଦାୟିତ୍ୱ ଏବଂ କର ବୋଝ ବୃଦ୍ଧି ଓ ଏହିସବୁ ଖର୍ଚ୍ଚ ପାଇଁ ପ୍ରସ୍ତୁତ ନ ରହିବା ଅଭାବର କାରଣ ହୋଇଥାଏ।

ଅଷ୍ଟମ କାରଣ ହେଉଛି ନିବେଶ ଏବଂ ଭବିଷ୍ୟତ ପାଇଁ ସଞ୍ଚୟର ଅଭାବ : ଅନେକ ଉଚ୍ଚ ଆୟକାରୀ ଲୋକ କେବଳ ବର୍ତ୍ତମାନକୁ ଚିନ୍ତାକରି ଖର୍ଚ୍ଚ କରନ୍ତି, ଭବିଷ୍ୟତ ପାଇଁ ଯୋଜନା କରନ୍ତି ନାହିଁ। ସେମାନେ ନିବେଶ କରନ୍ତି ନାହିଁ, ଫଳରେ ଟଙ୍କାର ମୂଲ୍ୟ ସମୟ ସହ କମିଯାଏ। ଭବିଷ୍ୟତରେ ପିଲାଙ୍କ ଶିକ୍ଷା, ନିଜର ଅବସରକାଳୀନ ଜୀବନ ପାଇଁ ଟଙ୍କା ସଞ୍ଚୟ ନ ଥିଲେ ଆଜିର ଭଲ ଆୟ ମଧ୍ୟ ଭବିଷ୍ୟତରେ ଅଭାବ ସୃଷ୍ଟି କରିପାରେ। ନିବେଶ ନ କରି କେବଳ ସଞ୍ଚୟ କରିବା ମଧ୍ୟ ପର୍ଯ୍ୟାପ୍ତ ନୁହେଁ, କାରଣ ମୁଦ୍ରାସ୍ଫୀତି ସଞ୍ଚୟର ମୂଲ୍ୟକୁ କମାଇଦିଏ।

ଭଲ ଆୟ ହେଉଛି ଏକ ବଡ଼ ସୁଯୋଗ, କିନ୍ତୁ ଏହା ଆପେ ଆପେ ଆର୍ଥିକ ସୁରକ୍ଷା ଦେଇପାରେ ନାହିଁ। ଆୟ ଯେତିକି ଗୁରୁତ୍ୱପୂର୍ଣ୍ଣ, ଟଙ୍କାକୁ ବୁଦ୍ଧିମତ୍ତାର ସହ ଖର୍ଚ୍ଚ କରିବା, ସଞ୍ଚୟ ଏବଂ ନିବେଶ କରିବା ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଅଭାବ ଅନୁଭବ ହେଉଛି ଆମର ଚିନ୍ତାଧାରା, ମାନସିକତା ଏବଂ ତ୍ରୁଟିପୂର୍ଣ୍ଣ ଅର୍ଥ ପରିଚାଳନାର ଫଳ। ଆୟ ବଢ଼ାଇବା ଉପରେ ଧ୍ୟାନଦେବା ସହ ଜୀବନର ବିଭିନ୍ନ ଲକ୍ଷ୍ୟ ପୂରଣ ପାଇଁ ଅର୍ଥ ନିୟୋଜନ, ଖର୍ଚ୍ଚ ନିୟନ୍ତ୍ରଣ ଏବଂ ଆର୍ଥିକ ସ୍ଥିତିର ନିୟମିତ ମୂଲ୍ୟାଙ୍କନ ଉପରେ ଧ୍ୟାନଦେଲେ ଆର୍ଥିକ ସ୍ୱାଚ୍ଛନ୍ଦ୍ୟ ଏବଂ ମାନସିକ ଶାନ୍ତି ଲାଭ କରିହେବ।

ପଲେଇ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ମୋ: ୭୩୮୧୦୪୬୪୭୭

## ୫୦ ବର୍ଷ ତଳର ଧରିତ୍ରୀ

### ୧୪ ଜାନୁଆରୀ ୧୯୭୭

- ଲୋକ ସଭା ସଦସ୍ୟ ମୋହନ ଧରିଆ ଏବଂ ରାଜ୍ୟସଭା ସଭ୍ୟ ଚନ୍ଦ୍ରଶେଖରଙ୍କୁ ଖଲାସ କରି ଦିଆଯାଇଛି।
- ଭାରତର ଅନ୍ୟତମ ଶିଳ୍ପ ସମ୍ରାଟ୍ ସେଠ ରାମକୃଷ୍ଣ ଡାଲମିୟା, ତାଙ୍କର ସାନଭାଇ ଶିଳ୍ପପତି ଜୟଦୟାଲ ଡାଲମିଆ ଏବଂ ଜାମାତା ଶିଳ୍ପପତି ଶାନ୍ତିପ୍ରସାଦ ଜୈନଙ୍କୁ ଚକ୍ରାନ୍ତ, ବିଶ୍ୱାସଭଙ୍ଗ ଓ ଠକେଇ ଅଭିଯୋଗରେ ୨ ବର୍ଷ ସଶ୍ରମ କାରାଦଣ୍ଡ।
- ଜାଏର୍‌ର ପୂର୍ବାଞ୍ଚଳସ୍ଥିତ ନାଉରାଗଙ୍ଗୋ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ହେବା ଫଳରେ ପ୍ରାୟ ୨୦୦୦ ଲୋକଙ୍କ ପ୍ରାଣହାନି।

## ଚିରନ୍ତନୀ

ଝରଇ ଅହରହ ଧରଣୀ ଦୁରୁବହ
ବିପୁଳ ସ୍ୱେଦରାଶି ପରଶେ
ପତର ଲତା ପରେ କି ମୃଦୁ ବାଣୀ ଝରେ
ସବୁଜ-ଘାସ-ଲୋମହରଷେ ।
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରୀନ୍ ଷ୍ଟିକର: ଧର୍ମକୁ ଆଖିଠାର

ମହାଶୟ,

ଇ-ଚାଲାଣ ଅଫ୍‌ଲାଇନ ଜରିଆରେ ପୈଠ ବ୍ୟବସ୍ଥା, ଜରିମାନା କୋହଳର ଆଶ୍ୱସ୍ତି ଏବଂ ପ୍ରଦୂଷଣ ପ୍ରମାଣପତ୍ର ଥିବା ଗାଡ଼ିରେ ଗ୍ରୀନ୍ ଷ୍ଟିକର ଲଗାଇବା, ଜନସାଧାରଣ ଏବଂ ଆଞ୍ଚଳିକ ବାୟୁମଣ୍ଡଳକୁ କେତେଦିନ ଓ କିପରି ସୁସ୍ଥି ଦେଇପାରିବ ଭାବି ବସିଲେ ବୋଧେ ନିରାଶ ହେବାକୁ ପଡ଼ିବ। କେବେ ପ୍ରମାଣପତ୍ର ଓ ଗ୍ରୀନ୍ ଷ୍ଟିକର କ'ଣ 'ଗ୍ରୀନ୍ ଓଡ଼ିଶା, କ୍ଲିନ୍ ଓଡ଼ିଶା'ର ସ୍ଲୋଗାନକୁ ସମ୍ଭାବନାରେ ରୂପାନ୍ତରିତ କରିବାକୁ ସମର୍ଥ? ପ୍ରମାଣପତ୍ର ପ୍ରାପ୍ତି ପରେ ପେଟ୍ରୋଲ, ଡିଜେଲଚାଳିତ ଗାଡ଼ି କ'ଣ ଆଉ ବାୟୁମଣ୍ଡଳକୁ ଧୂଆଁ ଛାଡ଼ିବନି? ପ୍ରକାଶ ଥାଉକି ସିଏନ୍‌ଜି ଏବଂ ବ୍ୟାଟେରିଚାଳିତ ଯାନ ପ୍ରତ୍ୟକ୍ଷରେ ବାୟୁମଣ୍ଡଳକୁ ଧୂଆଁ ଛାଡ଼ି ଦୂଷିତ ନ କଲେ ବି ଇ-ଯାନ ରିଜେକ୍ଟ (ପରିତ୍ୟକ୍ତ) ବ୍ୟାଟେରି ପରିବେଶ ପ୍ରତିକୂଳ। ଏ ପ୍ରେକ୍ଷାପଟରେ ସବୁ ଯାନ ପାଇଁ ନିୟମ ସମାନ ହେଉ।

-ଦୁର୍ଗା ପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୧୦୦ ଦିନର କାମ ପାଇଛନ୍ତି ମାତ୍ର ୫୬୦ ପରିବାର

**ଯାଜପୁର,୧୩।୧(ହର୍ଷବର୍ଦ୍ଧନ ବେହେରା)**



ଏମ୍‌ଜିଏନ୍‌ଆରଇଜିଏସ୍‌ରେ ନିୟୋଜିତ ଶ୍ରମିକ କାମ କରୁଛନ୍ତି।

ଗ୍ରାମାଞ୍ଚଳ ବିକାଶର ଏକ ପ୍ରମୁଖ ମାଧ୍ୟମ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ତଥା ବର୍ତ୍ତମାନର 'ଭିବି-ଜି ରାମ ଜି'ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପକୁ ଜିଲାରେ ଉପେକ୍ଷା କରାଯାଉଛି। ୨୦୨୫-୨୬ ଆର୍ଥିକ ବର୍ଷର ସୋମବାର ସୁଦ୍ଧା ଏହି ଯୋଜନାରେ ମାତ୍ର ୫୬୦ ପରିବାର ୧୦୦ ଦିନର କାମ ପାଇଛନ୍ତି। ଏଥିରେ ଦାନଗଦି ବ୍ଲକରେ ସର୍ବନିମ୍ନ ୬ ପରିବାର ଓ ଧର୍ମଶାଳା ବ୍ଲକର ସର୍ବାଧିକ ୨୧୧ ପରିବାର ରହିଛନ୍ତି। ଜିଲାର ୧୦ ବ୍ଲକ ପାଇଁ ଆବଣ୍ଟିତ ୫୪୧୨.୭୪ ଲକ୍ଷ ଟଙ୍କା ମଧ୍ୟରୁ ୪୫୧୬.୩୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି। ଜିଲାର ଶ୍ରମିକମାନେ ଜବ୍‌କାର୍ଡ ଧରି ବିଭିନ୍ନ ଖଣି ଓ ଶିଳ୍ପ କମ୍ପାନୀରେ ଠିକା ଶ୍ରମିକ କାମ କରୁଥିବାବେଳେ ଯୋଜନା ଅନ୍ତର୍ଗତ ଟଙ୍କା କିପରି ଖର୍ଚ୍ଚ ହୋଇଛି ତାହା ସମସ୍ତଙ୍କୁ ଚକିତ କରୁଛି। ବିଭିନ୍ନ ପ୍ରକଳ୍ପ ମେସିନ ଦ୍ୱାରା କାର୍ଯ୍ୟକାରୀ ହେଉଥିବାବେଳେ ସରକାରଙ୍କୁ ମିଥ୍ୟା ରିପୋର୍ଟ ଦେଇ ଯୋଜନା ଅନ୍ତର୍ଗତ ଲକ୍ଷାଧିକ ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ୨୦୨୫-୨୬ ବର୍ଷ ଶେଷ ହେବାକୁ ଆଉ ମାତ୍ର ଅଢ଼େଇ ମାସ ବାକି ରହିଛି। ହେଲେ ୫ ବର୍ଷର ଏହି ରିପୋର୍ଟକୁ ଅବଲୋକନ କଲେ ଚଳିତବର୍ଷ ଶ୍ରମିକ ନିୟୋଜନ ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ମନେହେଉଛି। ୨୦୨୧-୨୨ରେ ୧,୮୬୫ ପରିବାର, ୨୦୨୨-୨୩ରେ ୨,୨୫୩ ପରିବାର, ୨୦୨୩-୨୪ରେ ୨,୮୫୭ ପରିବାର ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ଏଥିରୁ ଚଳିତବର୍ଷ ଭିବି-ଜି ରାମ ଜିକୁ ଜିଲା ପ୍ରଶାସନ ଠିକ୍ ଭାବେ ଦୃଷ୍ଟି ଦେଇ ନ ଥିବା ମନେହେଉଛି। ଅନ୍ୟପକ୍ଷେ ୨୦୨୩ ଅକ୍ଟୋବରରେ ନଗଡ଼ା ପାର୍ଶ୍ୱବର୍ତ୍ତୀ ପାହାଡ଼ ଶୀର୍ଷରେ ଥିବା ତୁମୁଣି ଗ୍ରାମକୁ ଭିବି-ଜି ରାମ ଜି ଯୋଜନାରେ ରାସ୍ତା ନିର୍ମାଣ କରିବାକୁ ପ୍ରସ୍ତାବ ରହିଥିଲେ ହେଁ ତାହାର ଏଯାଏ ଅଗ୍ରଗତି ନୈରାଶ୍ୟଜନକ ରହିଛି।

ଭିବି-ଜି ରାମ ଜି ଯୋଜନାରେ ଗ୍ରାମାଞ୍ଚଳର ମରୁଡ଼ି ପ୍ରତିକାର, ବନ୍ୟା ନିୟନ୍ତ୍ରଣ, ଜମି ଉନ୍ନତୀକରଣ, କ୍ଷୁଦ୍ର ଜଳସେଚନ କାର୍ଯ୍ୟ, ଖେଳ ପଡ଼ିଆ, ପାରମ୍ପରିକ ଜଳଭଣ୍ଡାରର ପୁନରୁଦ୍ଧାର, ଗ୍ରାମ ସଂଯୋଗୀକରଣ, ଗ୍ରାମ୍ୟ ପାନୀୟ ଜଳ, ଜଳ ସଂରକ୍ଷଣ, ନିଯୁକ୍ତି ସୁଯୋଗ ଆଦି କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ଏହାସହ ତଳସ୍ତରରେ ଥିବା ସାଧାରଣ ଗରିବ ଲୋକଙ୍କ ବିକାଶ, ଆର୍ଥିକସ୍ଥିତିର ଉନ୍ନତି ଲକ୍ଷ୍ୟରେ ମୁଖ୍ୟତଃ କାମ ଯୋଗାଇବା ଏହି ଯୋଜନାର ଲକ୍ଷ୍ୟ ରହିଛି । ଏହି ଯୋଜନା ଗ୍ରାମାଞ୍ଚଳରେ ବସବାସ କରୁଥିବା କୁଶଳୀ ଓ ଅକୁଶଳୀ ଶ୍ରମିକଙ୍କୁ ପୂର୍ବରୁ ୧୦୦ଦିନ ଏବଂ ଏବେ ୧୨୫ ଦିନର କାମ ଯୋଗାଇବ। ଫଳରେ ଶ୍ରମିକମାନେ ରୋଜଗାର ପାଇବା ସହ ସେମାନଙ୍କ ଆର୍ଥିକସ୍ଥିତି ସୁଦୃଢ଼ ହେବ। ହେଲେ ଯାଜପୁର ଜିଲାରେ ଏହି ଯୋଜନା କେବଳ କାଗଜକଲମରେ ସୀମିତ ହୋଇଛି। ମିଥ୍ୟା ମଷ୍ଟରରୋଲ ପ୍ରସ୍ତୁତ କରାଯାଇ ଶ୍ରମିକଙ୍କ ନାଁରେ ଲକ୍ଷାଧିକ ଟଙ୍କା ବାଟମାରଣା ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ୧୦୦ ଦିନ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ତାଲିକାକୁ ଅବଲୋକନ କଲେ ବଡ଼ଚଣା ବ୍ଲକରେ ୩୦, ବରାରେ ୫୦, ବିଞ୍ଝାରପୁରରେ ୧୭, ଦଶରଥପୁରରେ ୪୯, ଧର୍ମଶାଳାରେ ୨୧୧, ଯାଜପୁରରେ ୮, କୋରେଇରେ ୭୪, ରସୁଲପୁରରେ ୧୧ ଓ ସୁକିନ୍ଦା ବ୍ଲକରେ ୨୪ ପରିବାର ସାମିଲ ହୋଇଛନ୍ତି।

ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ ଅଶୋକଝର ପାଦଦେଶଠାରୁ ତୁମୁଣିକୁ ୫.୧ କିମି ପାଦଚଲା ରାସ୍ତା ଜଙ୍ଗଲ ବିଭାଗ ଅଧୀନରେ ଯାଉଛି। ଏଭଳି ସ୍ଥିତିରେ ଜଙ୍ଗଲ ଜମି ପରିବର୍ତ୍ତନ ନ କରି ତୁମୁଣିକୁ ତୁରନ୍ତ ରାସ୍ତା ନିର୍ମାଣ ସମ୍ଭବପର ନୁହେଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ଫଳରେ ତୁମୁଣି ଜୁଆଙ୍ଗ ଗ୍ରାମବାସୀ ସମସ୍ତ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ରହିଛନ୍ତି। ଅନ୍ୟପକ୍ଷେ ଏହି ଗ୍ରାମକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତା ନିର୍ମାଣ କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ପୁଷ୍ଟିହୀନତାର ଶିକାର ହୋଇ ନଗଡ଼ା ଶିଶୁ ମୃତ୍ୟୁ ଘଟଣାକୁ ୯ ବର୍ଷ ଅତିକ୍ରାନ୍ତ ହୋଇଛି। ଇତିମଧ୍ୟରେ ନଗଡା ରାଜସ୍ୱ ମୌଜାର ସାମଗ୍ରିକ ବିକାଶ ନିମନ୍ତେ ପ୍ରାୟ ୧୩ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପାହାଡ଼ ଚିରି ରାସ୍ତା ନିର୍ମାଣ ହୋଇଛି। ଏହାପରେ ସେଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟ ଜଳ, ସାଧାରଣ ବଣ୍ଟନ ଆଦି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ନଗଡ଼ାଠାରୁ ୨.୭୦୦ କିମି ଦୂର ବାମପାର୍ଶ୍ୱରେ ଥିବା ତୁମୁଣି ଗ୍ରାମକୁ ଏଯାଏ ରାସ୍ତା ନିର୍ମାଣ ହୋଇପାରିନାହିଁ।

# ୨ ରାସ୍ତାର ଶିଳାନ୍ୟାସ



ଶିଳାନ୍ୟାସ କାର୍ଯ୍ୟକ୍ରମରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟମାନେ ।

**ବଡ଼ଚଣା/ଛତିଆ,୧୩।୧(ଦିଲୀପ କୁମାର ମହାନ୍ତି/ ସୌମ୍ୟରଞ୍ଜନ ସାହୁ):**

ବଡ଼ଚଣା ବ୍ଲକ୍ ଅଧୀନ ଛତିଆ ଜଗନ୍ନାଥ ସଡ଼କ ଓ ବନ୍ଦଲ-ଏଣ୍ଡରପଦା ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟର ମଙ୍ଗଳବାର ଶିଳାନ୍ୟାସ କରାଯାଇଛି। ଛତିଆ ବଟ ସମ୍ମୁଖ ରାସ୍ତା ଚାରିଥାକିଆ ସହ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବିଭାଗ ପକ୍ଷରୁ ୧୮ କୋଟି ୮୭ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ଦୀର୍ଘ ୪୨ ବର୍ଷ ଅପେକ୍ଷାର ଅନ୍ତଘଟାଇ ବନ୍ଦାଳ-ଏଣ୍ଡରପଦା ପୂର୍ତ୍ତ ବିଭାଗ ରାସ୍ତାର ୫.୨୪୦ ମିଟର କାମ ପାଇଁ ୨୮ କୋଟି ୨୬ ଲକ୍ଷ ୯୩ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ଛତିଆ ନେଳିଆ ଛକ ଓ ବନ୍ଦାଳଠାରେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଛି। ପୂର୍ତ୍ତ ଓ ଆଇନ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଏହି ୨ ରାସ୍ତାର ଶିଳାନ୍ୟାସ କରିଛନ୍ତି। ଏଥିରେ ବିଧାୟକ ଅମର କୁମାର ନାୟକ ଯୋଗଦେଇ ମଠ ମନ୍ଦିର ଓ ଦେବାଳୟ ଉନ୍ନତୀକରଣ ପାଇଁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ଏନେଇ ବନ୍ଦାଳଠାରେ ଆୟୋଜିତ ସଭାରେ ପ୍ରମୋଦ କୁମାର ଜେନା ସଭା ସଞ୍ଚାଳନ କରିଥିଲେ। ବ୍ଲକ୍ ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ପ୍ରସାଦ ନାୟକ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶିଳାନ୍ୟାସ ସମୟରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶ୍ୱେତା ସୁଚରିତା ଦାଶ, ନିର୍ବାହୀ ଯନ୍ତ୍ରୀ ତପନ କୁମାର ସେଠୀ ଓ କନିଷ୍ଠ ଯନ୍ତ୍ରୀ ପାର୍ଥସାରଥି ପ୍ରୟାଗରାଜ ଉପସ୍ଥିତ ଥିଲେ। ବିମଳ ପ୍ରସନ୍ନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ମୃତ ବ୍ୟକ୍ତିଙ୍କ ଚକ୍ଷୁଦାନ କଲେ ପରିବାର

**ବରୀ,୧୩।୧(ମହେନ୍ଦ୍ର ସ୍ୱାଇଁ):**



ବରୀ ବ୍ଲକ ଅଧୀନ ଧାରପୁର ପଞ୍ଚାୟତ ନାଥପୁର ଗ୍ରାମର ବୈଷ୍ଣବ ଚରଣ ଜେନା(୭୭)ଙ୍କ ମୃତ୍ୟୁପରେ ମଙ୍ଗଳବାର ପରିବାର ଲୋକେ ତାଙ୍କ ଚକ୍ଷୁଦାନ କରାଇଛନ୍ତି। ବୈଷ୍ଣବ ହଠାତ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ସାମାଜିକ କର୍ମୀ ରାଜନାରାୟଣ ଜେନା ଓ ସତ୍ୟରଞ୍ଜନ କରଙ୍କ ପରାମର୍ଶ କ୍ରମେ ଚକ୍ଷୁ ଦାନ କରିବା ପାଇଁ ବୈଷ୍ଣବଙ୍କ ପରିବାର ସଦସ୍ୟ ସ୍ୱୀକୃତି ପ୍ରଦାନ କରିଥିଲେ। ଫଳରେ ମରଶରୀରକୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ କଟକ ବଡ଼ ମେଡିକାଲକୁ ନିଆଯାଇ ସେଠାରେ ଚକ୍ଷୁଦାନ କରାଯାଇଥିଲା। ଏହାପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବୈଷ୍ଣବଙ୍କ ବଡ଼ପୁଅ ଗଣେଶ, ବୋହୂ ଜ୍ୟୋତ୍ସ୍ନା, ଭାଇ ନୃସିଂହ, ପୁରୁଷୋତ୍ତମ, ଗୁରୁଚରଣ ଓ ପଞ୍ଚାନନଙ୍କ ସମେତ ସମଗ୍ର ପରିବାରର ଏଭଳି ମହତ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହାରଣ ସାଜିଛନ୍ତି। ଏହି ଆଖି ଜଣେ ଦୃଷ୍ଟି ହୀନଙ୍କଠାରେ ପ୍ରତିରୋପଣ କରାଗଲେ ସେ ଦୁନିଆର ଆଲୋକ ଦେଖିବା ସମ୍ଭବ ହେବ। ତେଣୁ ଏଭଳି କାର୍ଯ୍ୟରେ ଅନ୍ୟମାନେ ଅନୁପ୍ରାଣିତ ହେବା ଉଚିତ ବୋଲି ଗଣେଶ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି।

# ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ



ଦଶରଥପୁର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ପିଏମ୍‌ଶ୍ରୀ ଉତ୍ସବରେ ଯୋଗଦେଇଥିବା ଅତିଥି।

**ଝୁମ୍ପୁରୀ,୧୩।୧(ସରୋଜ ନାୟକ):**

ଦଶରଥପୁର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ପ୍ରଫୁଲ୍ଲ ଚନ୍ଦ୍ର ସାମଲ, ମୁଖ୍ୟବକ୍ତାଭାବେ ବିଡିଓ ଆକାଶ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଫକୀର ଚରଣ ସାହୁ, ବ୍ଲକ ଶିକ୍ଷାଅଧିକାରୀ ଶାନ୍ତନୁ କୁମାର ମଲ୍ଲିକ, ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ଦାସ, ପଞ୍ଚସଖା ଶିକ୍ଷା ସେତୁ ଅଭିଯାନ ସଭାପତି ନାରାୟଣ ଚନ୍ଦ୍ର ସାହୁ ଯୋଗଦେଇ ବିକଶିତ ଭାରତ, ବିକଶିତ ଓଡ଼ିଶା ଗଠନ ନିମନ୍ତେ ଶିକ୍ଷାସହ ଅନ୍ୟ ଜ୍ଞାନ କୌଶଳ ପ୍ରୟୋଗ ପାଇଁ ସରକାର ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ସାକାର କରିବା ନିମନ୍ତେ ଛାତ୍ରୀଛାତ୍ର ଆଗେଇ ଆସିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଗାୟତ୍ରୀ ପ୍ରିୟଦର୍ଶିନୀ ଦେବତା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ହରିହର ନାୟକ, ସୁବ୍ରତ ସାହୁ, ହରିହର ଜେନା, ଶିକ୍ଷୟିତ୍ରୀ ବର୍ଷା ପଣ୍ଡା ସଭା କାର୍ଯ୍ୟରେ ସହଯୋଗ କରିଥିଲେ। ଶିକ୍ଷକ ଦେବଦତ୍ତ ବେହେରା ବେଦ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଷ୍ଟଲଗୁଡ଼ିକୁ ଅତିଥି ବୁଲି ଦେଖିଥିଲେ। ଏହାପରେ ବିଦ୍ୟାଳୟ ପକ୍ଷରୁ ସମସ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅନିଲ କୁମାର ଧନ୍ୟବାଦ ଦେଇଥିଲେ।

## ବାବା ବରୁଣେଶ୍ୱର କ୍ୟାସେଟ୍ ଉନ୍ମୋଚିତ

**ସିଂହପୁର,୧୩।୧(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ଅଞ୍ଚଳର ପୁରାତନ ଶୈବ ପୀଠ ବାବା ବରୁଣେଶ୍ୱରଙ୍କ ମହିମାକୁ ନେଇ ଏକ ଭଜନ କ୍ୟାସେଟ ଉନ୍ମୋଚିତ ହୋଇଛି। ଏହାକୁ ଗୀତିକାର ନଳିନୀ ପ୍ରଭା ଦାସ ରଚନା କରିଛନ୍ତି। ସ୍ୱରଲକ୍ଷ୍ମୀ ରିଏଲିଟି ଶୋ'ର ବିଜେତା ଅରୁପମା ନାୟକ ଗୀତରେ କଣ୍ଠଦାନ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଭଜନ ସ୍ରୋତାଙ୍କ ମନକୁ ଛୁଇଁବ ବୋଲି ଆଶାକରାଯାଉଛି।

**REQUIRED**
**Female Nurses (DMLT)**
for Fresher/ Experience Lab Testing in Bhubaneswar. Send resume on Whatsapp.
or Contact- 8339966999

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

**ଯାଜପୁର ସଦର,୧୩।୧ (ସମର ବିଜୟ ଶରଣ):**



ଯାଜପୁର ଅତିରିକ୍ତ ତହସିଲଦାର ଅଜୟ କୁମାର ପଣ୍ଡା, ମହେଶ୍ୱରପୁର ସର୍କଲ ରାଜସ୍ୱ ନୀରିକ୍ଷକ, ସରକାରୀ ଅମିନ ଓ ସଦର ଥାନା ପୋଲିସ ଉପସ୍ଥିତିରେ ଜେସିବି ସାହାଯ୍ୟରେ ୨ କ୍ୟାବିନ ଭଙ୍ଗାଯିବା ସହ ପୋତାଯାଇଥିବା ଜଳାଶୟକୁ ପ୍ରଶାସନ ପକ୍ଷରୁ ଖୋଳାଯାଇଥିଲା।

ଯାଜପୁର ସଦର ଥାନା ଅନ୍ତର୍ଗତ ଗଜିପାଢ଼ୀ ଛକରେ ଥିବା ସରକାରୀ ଜମିରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଏଠାରେ କବିରପୁର ମୌଜାର ୩୦ ଡିସିମିଲ ଜଳାଶୟକୁ ରକ୍ଷାକାଳୀ ବଣିକ ସଂଘ ପକ୍ଷରୁ ମାଟି ପକାଇ ପୋତି ଦିଆଯାଇଥିଲା। ଏହାପରେ ଉକ୍ତ ଜମି ଉପରେ ସନାତନ ବାରିକ ଓ ଦନେଇ ବାରିକ ୨ ବ୍ୟକ୍ତି ସେଲୁନ କରି ପରିବାର ପ୍ରତିପୋଷଣ କରୁଥିଲେ। ସ୍ଥାନୀୟ କେତେଜଣ ବ୍ୟକ୍ତି ଏହାକୁ ବିରୋଧ କରି ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୧୩-୦୧-୨୦୨୬ ପୂର୍ବରୁ ସ୍ଥାନ ଖାଲି କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ମାତ୍ର ସ୍ଥାନ ଖାଲି ହୋଇ ନ ଥିବାରୁ

## ବଟେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଧର୍ମଶାଳା, ୧୩।୧(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କଦମପାଳ ଗ୍ରାମ ହରିବୋଲିଆ ମଠର ବଟେଶ୍ୱର ପୀଠ ପରିସରରେ ୩ ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଅଙ୍କୁରାରୋପଣ, କଳସଯାତ୍ରା, ଗୋପୂଜା, ଗୁରୁ ପୂଜା, ସୂର୍ଯ୍ୟ ପୂଜା, ଧରିତ୍ରୀ ପୂଜା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ଦ୍ୱିତୀୟ ଦିନ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଭକ୍ତି ଚେତନା ବିଷୟରେ ଆଲୋଚନା କରିଥିଲେ। ୩ୟ ଦିନ ଯଜ୍ଞକର୍ମ, ପ୍ରସାଦ ସେବନ, ମହାଭିଷେକ, ରାଜପୋଚାର ପୂଜା ଓ ପୂର୍ଣ୍ଣାହୁତି ରାତ୍ର ୧୦ଟାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ହୋରିବୋଲିଆ ମଠର ମଠାଧୀଶ ବାବା ଧନେଶ୍ୱର ଦାସ ଯୋଗ ଦେଇଥିଲେ। ଆଖପାଖ ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ଯୋଗଦେଇ ବିଭୁକୃପା ଲାଭ କରିଥିଲେ।

**Gangadhar Meher University,**
**Amruta Vihar, Sambalpur, Odisha-768001**
**Invitation of Expression of Interest for engagement as PMC for Construction of different buildings at G.M University, Sambalpur**

**Advt. No. 121/GMU** **Date 13.01.2026**

Gangadhar Meher University, Sambalpur invites Expression of Interest (EoI) from reputed public sector organization such as State PSU/ Central PSU for engagement as Project Management Consultant (PMC) for Construction of different buildings at the G.M. University, Sambalpur. Interested Agencies are requested to visit the official website **www.gmuniversity.ac.in** for details. The last date of submission of EoI is 12.02.2026.

Sd/-
**Registrar**

**Gangadhar Meher University,**
**Amruta Vihar, Sambalpur, Odisha-768001**
Invitation of Expression of Interest (EoI) for Empanelment of Vendors for Supply of various items/services

**Advt. No. 125/GMU** **Date 13.01.2026**

G.M. University, Sambalpur invites Expression of Interest (EoI) from reputed Manufacturer(s)/ Authorised Dealer(s)/ Distributor(s)/ Supplier(s) for Vendor Registration and Empanelment for supply of various items & services i.e. Accommodation for guests, supply of Tea, Snacks & water, Seminar gifts, Tent and Decorator, Travel Agency, Office stationaries, Flower decorators, Catering services, Printing services, Photography and Videography services, etc. as provided in the prescribed format. Interested vendor(s) are requested to visit the official website **www.gmuniversity.ac.in** for details. The last date of submission of EoI is 22.01.2026.

Sd/-
Registrar

No. O-2035 **GOVERNMENT OF ODISHA** eerwbnjr@gmail.com
**OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR**
**NATIONAL COMPETITIVE BIDDING THROUGH e-Procurement**
Identification No. Online Tender/24/RWDBNJ/2025-2026
Ltr. No. 114 Date: 07.01.2026

| Identification No. | Name of Work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDBNJ/24/ 2025-26 | Road Work | 2 Nos. | 66.74 to 67.80 Lakhs | "B" Class as applicable | 02 (Three) Calendar Months |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, R.W. Division, Bhanjanagar | Online Tender/24/ RWDBNJ/2025-2026 | 15.01.2026 at 10.00 A.M. | 27.01.2026 upto 3.00 P.M. |

Further details can be seen from the website: **www.tendersodisha.gov.in.**
OIPR- Sd./- Executive Engineer, R.W. Division, Bhanjanagar

**PARADIP PORT AUTHORITY**
Tender No.ENG/CE/1523/NDC3/2024/375
Dt.08.01.2026
**DEVELOPMENT OF NORTH DOCK COMPLEX-3 (NDC-3) BERTH FOR HANDLING DRY BULK CARGO ON CAPTIVE BASIS**
**INVITATION OF REQUEST FOR QUALIFICATION (RFQ)**
Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date and time of submission of RFQ Applications is 24/02/2026 till 1400 hours.
Executive Engineer (C),
Project Implementation Office, PPA.
PPA/PR/64/2025-2026, dt.12/01/2026

**ଚେନ୍ନାଇ** (ଶ୍ରୀପେରୁମ୍ବୁଦୁର)ଠାରେ ଆମ ଗ୍ରାନାଇଟ୍ ୟୁନିଟ୍‌ରେ କାମ କରିବା ପାଇଁ **ପୁରୁଷ ହେଲ୍‌ପର୍** ପ୍ରାର୍ଥୀ ଆବଶ୍ୟକ । ପ୍ରାର୍ଥୀଙ୍କୁ ଫିନିଶ୍‌ଡ ଗ୍ରାନାଇଟ୍ ବୋଝେଇ ଓ ଖଲାସ କରିବା, ପ୍ୟାକିଂ ତଥା ଷ୍ଟାକିଂରେ ସାହାଯ୍ୟ କରିବାକୁ ହେବ । ଦରମା: **ଟ.14,000-15,000/-** । ରହିବା ଓ ଖାଇବା ସୁବିଧା ଦିଆଯିବ ।
**ଷ୍ଟୋନ୍ ଆର୍ଟ ପ୍ରା. ଲି଼, ଚେନ୍ନାଇ**
ଯୋଗାଯୋଗ:
**8090890945, 8015654079**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
At: Chandikhole, P.O.: Sunguda, Jajpur - 754296, Email: serw_kpd@yahoo.com
Letter No. 66 Date: 09.01.26
**2nd Corrigendum Notice**
**2nd Corrigendum to Bid Identification No. Tender Online RCK-20/25 invited this office Letter No. 4008 Dt.27.11.2025.**
No. O-2034: The changes as detailed below are hereby made in the above N.I.T. for Sl. No. 12, 13, 22, 24, 25, 26, 28, 30, 31, 32, 33 & 34 (Annexure attached).

| Procurement Officer | Bid Identification No. | Availability of Tender Online for Bidding | | Last Date & Time of seeking tender clarification | | Date & Time of opening of Tender | | | |
|---|---|---|---|---|---|---|---|---|---|
| | | | | | | Technical Bid | | Financial Bid | |
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara-Jajpur | Tender Online RCK-20/25 | From 10.12.2025 at 11.00 A.M. to 12.01.2026 upto 05.00 P.M. | From 12.01.2026 at 11.00 A.M. to 27.01.2026 upto 05.00 P.M. | 12.01.2026 upto 02.00 P.M. | 27.01.2026 upto 02.00 P.M. | 13.01.2026 at 11.00 A.M. | 28.01.2026 at 11.00 A.M. | Will be intimated later | Will be intimated later |

All other conditions of NIT remain unaltered.
OIPR: Sd./- Chief Construction Engineer, Rural Works Circle, Kendrapara-Jajpur

**ଦ.ପୂ. ରେଳପଥ – ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୭-୧୧-୨୬, ତାରିଖ: ୦୯।୦୧।୨୦୨୬ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍ (ଇଏନ୍‌ଜିଜି)/ଆଦ୍ରା, ଦକ୍ଷିଣ ପୂର୍ବ ରେଳପଥ ତଳେ ଦର୍ଶାଯାଇଥିବା ଅନୁଯାୟୀ **ପି.ୱେ, ବାଲାଷ୍ଟ, ଏଫ୍‌ଓବି ଏବଂ ଡ୍ରେନେଜ୍, ବିବିଧ କାର୍ଯ୍ୟ** ନିମନ୍ତେ **୦୫ (ପାଞ୍ଚ)** ଗୋଟି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କ୍ର.ସଂ.-୧, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୭-୨୬ । କାର୍ଯ୍ୟର ବର୍ଣ୍ଣନା:** ଯେକୌଣସି କ୍ୱାରିରୁ ବିଷ୍ଣୁପୁର ଡିପୋଠାରେ ଷ୍ଟାକ୍‌ରେ ୫୦ ମିମି ଗେଜ୍ ମେଶିନ୍ କ୍ରଶ୍‌ଡ ବାଲାଷ୍ଟର ଯୋଗାଣ କରିବା ଓ ପହଞ୍ଚାଇବା ତଥା ତାହାକୁ ଯେକୌଣସି ପ୍ରକାର ରେଳ ୱାଗନ୍‌ରେ ବୋଝେଇ କରିବା । **ଟେଣ୍ଡର ମୂଲ୍ୟ: ₹୨,୩୦,୪୨,୪୪୮। କ୍ର.ସଂ.-୨, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୮-୨୬ । କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ୍/ପୁରୁଲିଆଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାଫିକ୍‌ର ସୁରକ୍ଷିତ ଚଳାଚଳ ଲାଗି ଟ୍ରାକ୍‌ର ସୁଦୃଢ଼ୀକରଣ ଓ ମାନକୀକରଣ ଲାଗି ବିବିଧ ପି.ୱେ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ: ₹୪,୧୪,୦୬,୯୮୧.୪୬ । କ୍ର.ସଂ.-୩, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୯-୨୬ । କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ୍/ପୂର୍ବ/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାଫିକ୍‌ର ସୁରକ୍ଷିତ ଚଳାଚଳ ଲାଗି ଟ୍ରାକ୍‌ର ସୁଦୃଢ଼ୀକରଣ ଓ ମାନକୀକରଣ ଲାଗି ବିବିଧ ପି.ୱେ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ: ₹୪,୧୪,୦୬,୯୮୧.୪୬ । କ୍ର.ସଂ.-୪, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୦-୨୬ । କାର୍ଯ୍ୟର ବର୍ଣ୍ଣନା:** ବାଙ୍କୁରା-ମାସାଗ୍ରାମ ସେକ୍ସନ ମଧ୍ୟରେ ବନ୍ଦ ଲେଭଲ କ୍ରସିଂ ବିଆର୍-୧୦୮ ଓ ବିଆର୍-୦୧ ନିକଟରେ ପ୍ରସ୍ତାବିତ ଏଲ୍‌ଏଚ୍‌ଏସ୍‌ଠାରେ ଡ୍ରେନେଜ୍ ସିଷ୍ଟମ୍‌ର ଉନ୍ନତୀକରଣ ଓ କଭର୍ ଶେଡ୍‌ର ବ୍ୟବସ୍ଥା । **ଟେଣ୍ଡର ମୂଲ୍ୟ: ₹୪,୨୨,୫୧,୬୭୫.୧୭ । କ୍ର.ସଂ.-୫, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୧-୨୬ । କାର୍ଯ୍ୟର ବର୍ଣ୍ଣନା:** ଚନ୍ଦ୍ରକୋଣା ରୋଡ୍ ଷ୍ଟେଶନର ସର୍କୁଲେଟିଂ ଏରିଆ ସହିତ ବିଦ୍ୟମାନ ଆଇଲାଣ୍ଡ ପିଏଫ୍ ଏବଂ ପ୍ରସ୍ତାବିତ ପିଏଫ୍‌କୁ ଯୋଡ଼ିବା ପାଇଁ ଏକ ନୂତନ ଏଫ୍‌ଓବି (୩-ମିଟର ଚଉଡ଼ା)ର ନିର୍ମାଣ । **ଟେଣ୍ଡର ମୂଲ୍ୟ: ₹୫,୬୨,୩୮,୭୭୯.୧୦ ।** ଇ-ଟେଣ୍ଡରଗୁଡ଼ିକ ବନ୍ଦ ହେବାର ତାରିଖ ଓ ସମୟ ହେଉଛି **ତା୧୦।୦୨।୨୦୨୬ରିଖ ୧୫.୦୦ ଘଟିକା** (କ୍ର.ସଂ. ୧ ଓ ୫ ପାଇଁ ପ୍ରତ୍ୟେକ) । ଉପରୋକ୍ତ ଇ-ଟେଣ୍ଡରର ବିବରଣୀ **www.ireps.gov.in** ରେ ଦେଖାଯାଇପାରିବ । (PR-1054)

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. **eT-M-BG-PURI-42-2026**
**କାର୍ଯ୍ୟର ନାମ :** 04 (ଚାରି) ବର୍ଷର ଅବଧି ନିମନ୍ତେ କୋଚିଂ ଡିପୋ ପୁରୀ ଠାରେ କ୍ୟାରେଜ ମରାମତି କାରଖାନା, ମଞ୍ଚେଶ୍ୱର ପର୍ଯ୍ୟନ୍ତ BG କୋଚ ର ସମସ୍ତ ପ୍ରକାର ବଗିଗୁଡ଼ିକର ପରିବହନ ଏବଂ ଫେରିବା, ଯେଉଁଥିରେ ମେସିନକୃତ ଭରିବା / ଖାଲିକରିବା ଅନ୍ତର୍ଭୁକ୍ତ ଅଟେ ଏବଂ SS-I ସୂଚୀ ନିମନ୍ତେ ବନ୍ଦେ ଭାରତ ବଗିଗୁଡ଼ିକୁ ପୁରୀ ଠାରୁ ତିରୁପତି କାରଖାନା ପର୍ଯ୍ୟନ୍ତ ପରିବହନ ଏବଂ ଫେରିବା।
**ଟେଣ୍ଡର ମୂଲ୍ୟ :** ₹ 3,13,52,431.78, EMD : ₹ 3,06,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 48 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.15.01.2026ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :**
ତା.29.01.2026 ରିଖ 1530 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
କୋଚିଂ ଡିପୋ ଅଧିକାରୀ/ ପୁରୀ
PR-1004/Q/25-26

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. 58-SBP-TRD-OT-2025-26, ତା.07.01.2026ରିଖ
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ OHE ର ନିର୍ଭରଯୋଗ୍ୟତା (Reliability) ବୃଦ୍ଧି ନିମନ୍ତେ ଏଣ୍ଟି-ମଙ୍କି କ୍ଲାଇବିଂ (Climbing) ଡିଭାଇସ୍ ର ବ୍ୟବସ୍ଥା ।
**ଆନୁମାନିକ ମୂଲ୍ୟ :** ₹ 84,56,508/-, EMD : ₹ 1,69,100/-, ଶେଷ ହେବା ଅବଧି : 08 ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :**
ତା.29.01.2026ରିଖ 1530 ଘଟିକା ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-1002/Q/25-26

**ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା - ୨୦୨୬**

ରାଇରଙ୍ଗପୁର ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ମିଳିତ ଉଦ୍ୟମରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଆସନ୍ତା ଜାନୁୟାରୀ ୧୮ତାରିଖଠାରୁ ଜାନୁୟାରୀ ୨୨ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁର କଚେରି ଷ୍ଟାଡିୟମଠାରେ ଆୟୋଜିତ ହେବାକୁ ଯାଉଛି। ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୦ରୁ ଊର୍ଦ୍ଧ୍ୱ ଅଭିଜ୍ଞ ବୈଦ୍ୟମାନଙ୍କର ସମାଗମ ହେବ। ପ୍ରାଚୀନ ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀକୁ ଆଧାରକରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଚେରମୂଳୀ ଓ ହର୍ବାଲ ଔଷଧ ଇତ୍ୟାଦି ବିକ୍ରୟ ହେବ। ଲୋକମାନଙ୍କ ମଧ୍ୟରେ ଆୟୁର୍ବେଦିକ ଚିକିତ୍ସାର ପ୍ରଚାର ପ୍ରସାର ପାଇଁ ଏହା ଏକ ପ୍ରୟାସ। ଏଥି ସହିତ ଅଭିଜ୍ଞ ସରକାରୀ ସ୍ୱୀକୃତିପ୍ରାପ୍ତ ଆୟୁର୍ବେଦିକ ଡାକ୍ତରମାନଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷାର ମଧ୍ୟ ସୁବିଧା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି ଏହି ମେଳାକୁ ସାଫଲ୍ୟ ମଣ୍ଡିତ କରାନ୍ତୁ।

**ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ**
**ରାଇରଙ୍ଗପୁର ବନଖଣ୍ଡ**

See Career Appointment on every **Wednesday & Saturday**

**୨୮ ବୋତଲ ମଦ ଜବତ, ଜଣେ ଗିରଫ**

ରାଜନଗର, (ଭାସ୍କର ରାଉତରାୟ) ରାଜନଗର ଥାନା ଅନ୍ତର୍ଗତ ଗୁପ୍ତିପାଙ୍ଗରା ଛକରେ ଭରତ ଜେନାଙ୍କ ପାନ, ଥଣ୍ଡା ଓ ଷ୍ଟେସନେରୀ ଦୋକାନ ରହିଛି। ସୋମବାର ସନ୍ଧ୍ୟାରେ ଏଏସ୍‌ଆଇ ଶିଶିର କୁମାର ସାହୁ ଗୁପ୍ତିପାଙ୍ଗରା ଛକରେ ଭରତଙ୍କ ଦୋକାନରେ ଚଢ଼ାଉ କରିଥିଲେ। ମଦ ବିକୁଥିବା ଓ ଷ୍ଟକ ରଖୁଥିବା ଭରତଙ୍କୁ ପୋଲିସ କାବୁ କରିବା ସହ ଦୋକାନରୁ ୨୮ ବୋତଲ ବିଦେଶୀ ମଦ ଜବତ କରିଥିଲା। ଏ ନେଇ ପୋଲିସ ନଂ. ୧୧/୨୬ରେ ମାମଲା ରୁଜୁ କରିଛି। ମଙ୍ଗଳବାର ଭରତଙ୍କୁ ରାଜନଗର ଗ୍ରାମ୍ୟ ନ୍ୟାୟାଳୟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି।

# ତହସିଲ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀଙ୍କ ବିକ୍ଷୋଭ

## ବାଲି ଚୋରା ଚାଲାଣକୁ ବିରୋଧ

ପଟ୍ଟାମୁଣ୍ଡାଇ, ୧୩।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଅଳଭା ନଦୀପଠାରୁ ବାଲି ଉତ୍ତୋଳନ ନ କରିବାକୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିଷେଧାଦେଶ ଜାରି କରିଛନ୍ତି। ହେଲେ କେତେଜଣ ବାଲି ବ୍ୟବସାୟୀ ଟଙ୍କା ଲୋଭରେ ସମସ୍ତ ନୀତି ନିୟମ ଭୁଲି ବିନା ନିଲାମରେ ବେଆଇନ ଭାବେ ବାଲି ଚାଲାଣ କରୁଛନ୍ତି। ଫଳରେ ଅଳଭା ଗାଁ ପ୍ରତି ବିପଦ ବଢ଼ୁଛି। ଯାହାକୁ ନେଇ ମଙ୍ଗଳବାର ମଧ୍ୟାହ୍ନରେ ଛାତ୍ର କଂଗ୍ରେସର ସହଯୋଗରେ ଅଳଭା ଗ୍ରାମର ଶତାଧିକ ମହିଳାପୁରୁଷ ବେଆଇନ ବାଲି ଚାଲାଣକୁ ବିରୋଧ କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ କରିଥିଲେ। ଫଳରେ କିଛି ସମୟ ପର୍ଯ୍ୟନ୍ତ ତହସିଲ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ତହସିଲଦାର ତହସିଲ କାର୍ଯ୍ୟରେ ବାହାରେ ଥିବାବେଳେ ଅତିରିକ୍ତ ତହସିଲଦାର ଦିଲୀପ ନାଏକ ଅପରାହ୍ଣ ସାଢ଼େ ୩ଟାରେ ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିବା ସହିତ ବାଲି ଉତ୍ତୋଳନ ସ୍ଥାନ ତନଖି କରି



ତହସିଲ ସମ୍ମୁଖରେ ଅଳଭା ଗ୍ରାମବାସୀ, କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଉପଯୁକ୍ତ ପଦକ୍ଷେପ ନେବାକୁ କହିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ପାର୍ଶ୍ୱ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ଅଳଭା ପଠାରୁ ବେଆଇନ ଭାବେ ବାଲି ଉତ୍ତୋଳନ ଦିନକୁଦିନ ବଢ଼ି ଚାଲିଛି। ନଦୀ ଶଯ୍ୟାରୁ କ୍ରମାଗତ ବାଲି ଚୋରି ହେବା ଯୋଗୁ କୂଳକ୍ଷୟ ଘଟି ପଟ୍ଟାମୁଣ୍ଡାଇ-ମଦନପୁର ଘେରି ନଦୀବନ୍ଧ ଦୁର୍ବଳ ହୋଇପଡ଼ୁଛି। ନଦୀପଠା କ୍ଷୟ ହୋଇ ତଟବର୍ତ୍ତୀ ଅଳଭା ଗ୍ରାମ ପ୍ରତି ବିପଦ ସୃଷ୍ଟି କରୁଛି। ଏହା ବନ୍ୟା ବେଳେ ପାର୍ଶ୍ୱବର୍ତ୍ତୀ ଅଳଭା ଗ୍ରାମ ପ୍ରତି ବିପଦ ସୃଷ୍ଟି କରିବ। ଏହି କାରଣରୁ ସ୍ଥାନୀୟ ଲୋକେ ବାଲି ଚାଲାଣକୁ ବିରୋଧ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ପ୍ରଶାସନ, ପୋଲିସ ନଜର ଦେଉ ନାହାନ୍ତି। ଏହାକୁ ନେଇ ଗତ ୬ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଗ୍ରାମବାସୀ ଅଭିଯୋଗ ମଧ୍ୟ କରିଥିଲେ। ମାତ୍ର ପ୍ରଶାସନ କାଁ ଭାଁ ଧଉଗଡ଼ କରୁଥିଲେ ମଧ୍ୟ ବାଲି ଚୋରା ଚାଲାଣକୁ ରୋକାଯାଇପାରୁନାହିଁ। ଗତ କିଛିଦିନ ହେବ ଟ୍ରକ, ଟ୍ରାକ୍ଟର ଓ ହାଇୱା ଯୋଗେ ଅହରହ ବାଲି ଚାଲାଣ ହେଉଛି। ଚୋରାଚାଲାଣକାରୀ ଗ୍ରାମବାସୀଙ୍କୁ ନାଲି ଆଖି ଦେଖାଉଛନ୍ତି। ଫଳରେ ପ୍ରଶାସନ ଧ୍ୟାନ୍ତାକୁ ନେଇ ଛାତ୍ର କଂଗ୍ରେସର ସହଯୋଗରେ ଗ୍ରାମବାସୀ ବିଷ୍ଣୁ ପ୍ରସାଦ ଜେନା, ଦେବେଶ ରାଜ ମଲ୍ଲିକ, ସୁରଜ ରାଉତରାୟ, ଉମେଶ ପାତ୍ରଙ୍କ ସହ ବିଶାଳ ଭୁୟାଁ, ଶୁଭମ ବାରିକ, ସନ୍ଧ୍ୟା ମଲ୍ଲିକ, ମମି ମଲ୍ଲିକ, ଆରତୀ ମଲ୍ଲିକ, ରୋହିତ ମଲ୍ଲିକ, ପ୍ରମିଳା ମଲ୍ଲିକ, ସୁଜାତା ମଲ୍ଲିକଙ୍କ ସମେତ ବହୁ ମହିଳାପୁରୁଷ ସାମିଲ ହୋଇ ଧାରଣା ଦେଇଥିଲେ। ଅପରାହ୍ଣରେ ଅତିରିକ୍ତ ତହସିଲଦାର ନାଏକ ଘଟଣାସ୍ଥଳ ପରିଦର୍ଶନ କରି ବାଲି ଚୋରାଚାଲାଣ ପାଇଁ ବ୍ୟବହୃତ ବେଆଇନ ରାସ୍ତାକୁ ଉଚ୍ଛେଦ କରି ଦେଇଥିବା କହିଛନ୍ତି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏସିଡ୍ ମାଡ଼, ଜଣେ କୋର୍ଟ ଚାଲାଣ

ପଟ୍ଟାମୁଣ୍ଡାଇ, ୧୩।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବାଞ୍ଛରା ଗାଁରେ ପୂର୍ବ ଶତ୍ରୁତାକୁ ନେଇ ସୋମବାର ସନ୍ଧ୍ୟାରେ ଏସିଡ୍ ମାଡ଼ ହୋଇଥିଲା। ଏହାକୁ ନେଇ ମା' ଓ ପୁଅ ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଏସିଡ୍ ମାଡ଼ ଘଟଣାରେ ନଂ. ୧୭/୨୬ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରି କୋର୍ଟ ଚାଲାଣ କରିଛି ବୋଲି ଆଇଆଇସି ବନ୍ଦନା ପାତ୍ର କହିଛନ୍ତି।

ବାଞ୍ଛରା ଗ୍ରାମର ରବୀନ୍ଦ୍ର ସାହୁ ଓ ବିଜୟ ସାହୁଙ୍କ ମଧ୍ୟରେ ଜାଗା ବାଡ଼ିକୁ ନେଇ ପୁରୁଣା କଳି ଲାଗି ରହିଥିଲା। ଏ ନେଇ ପୂର୍ବରୁ ମଧ୍ୟ ବିବାଦ ଦେଖା ଦେଇଥିବା ବେଳେ ଥାନାରେ କଳି ପଡ଼ି ମାମଲା ଚାଲିଛି। ତେବେ ଏହି ଶତ୍ରୁତା ଏବେ ଉଗ୍ରରୂପ ନେଇ ଦେଇଥିଲା। ସୋମବାର ରବୀନ୍ଦ୍ର ସାହୁ ଘର କାମ କରୁଥିବା ବେଳେ ବିଜୟ ସାହୁ ହାତରେ ଗ୍ଲୋଭ୍ସ ପିନ୍ଧି ରବୀନ୍ଦ୍ର ଓ ତାଙ୍କ ମା'ଙ୍କ ଉପରେ ଏସିଡ ମାଡ଼ କରିଥିଲେ। ଫଳରେ ରବୀନ୍ଦ୍ର ଓ ତାଙ୍କ ମା' ଗୁରୁତର ହୋଇପଡିଥିଲେ। ସେମାନଙ୍କୁ ପରିବାର ଲୋକେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନା


ଏସିଡ୍ ମାଡ଼ରେ ଆହତ ମା' ପୁଅ।

ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେମାନେ ଚିକିତ୍ସାଧୀନ ଅଛନ୍ତି। ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ବିଜୟଙ୍କୁ ଅଟକ ରଖି ପଚରାଉଚରା କରିବା ସହିତ ତଦନ୍ତକୁ ତ୍ୱରାନ୍ୱିତ କରି ମଙ୍ଗଳବାର ସାଇଣ୍ଟିଫିକ ଟିମ ନେଇ ଘଟଣାର ତନଖି ଆରମ୍ଭ କରିଥିଲା। ତେବେ ତଦନ୍ତ ବେଳେ ପୋଲିସ ଅଭିଯୁକ୍ତ ଠାରୁ ୩ ବୋତଲ ଏସିଡ ସହ ଫାର୍ସା ଓ ବ୍ୟବହୃତ ଗ୍ଲୋଭ୍ସକୁ ଜବତ କରିଥିଲା।

## ସଂକ୍ଷେପରେ

### ନିଆଁ ଲାଗି ୩ ବଖରା ଜଳିଗଲା



ମହାକାଳପଡ଼ା, ୧୩।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତ ଲୁଣାପେଟେ ଗ୍ରାମ ସପନ ମଣ୍ଡଳଙ୍କ ଘରେ ମଙ୍ଗଳବାର ପୂର୍ବାହ୍ନରେ ନିଆଁ ଲାଗି ୩ ବଖରା ଜଳି ଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର, ଧାନ, ଚାଉଳ ସମେତ ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ନିଆଁର ପ୍ରକୋପ ଏତେ ଥିଲା ଯେ ପାଖରେ ପହଞ୍ଚିବା ସମ୍ଭବ ହୋଇ ନ ଥିଲା। ପାଖ ଅଞ୍ଚଳରେ ଲୋକେ ବାଲି, ଗରା ଧରି ନିଆଁକୁ ଆୟତ କରିଥିଲେ ମଧ୍ୟ ସବୁ ଜଳି ପୋଡ଼ି ପାଉଁଶ ହୋଇଗଲା। ଖବର ପାଇ ମହାକାଳପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଖବରପାଇ ଭାଜପା ସଂଯୋଜକ ସରୋଜକାନ୍ତ ସାହୁ, ଜଗନ୍ନାଥ ଦଳାଇଙ୍କ ସମେତ ଅନ୍ୟମାନେ ପହଞ୍ଚି ବିପନ୍ନ ପରିବାରକୁ ଆଶ୍ୱାସନା ଦେଇଥିଲେ। ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଖବରପାଇ ମର୍ମାହତ ହେବା ସହ ପରିବାରକୁ ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ରଶ୍ମିରଞ୍ଜନ ସାମଲ କହିଛନ୍ତି। ଘଟଣାସ୍ଥଳରେ କ୍ଷୟକ୍ଷତି ଆକଳନ କରିବାକୁ ରାଜସ୍ୱ ନିରୀକ୍ଷକ ପହଞ୍ଚି ଥିଲେ। ତୁରନ୍ତ ପିନ୍ଧା ଲୁଗା, ଖାଦ୍ୟ ସାମଗ୍ରୀ ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

### ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ରାଜନଗର, ୧୩।୧ (ଭାସ୍କର ରାଉତରାୟ)

ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ)ରେ ଧାନମଣ୍ଡିକୁ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ବିଶ୍ୱ ପ୍ରକାଶ ସାମଲ ଓ ରାଜନଗର ପାକ୍ସର ସଭାପତି ଦଧିବାମନ ଭୁୟାଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପାକ୍ସର ନିର୍ଦ୍ଦେଶକ ରବିନାରାୟଣ ଲେଙ୍କା, ଅକ୍ଷୟ କୁମାର ନାୟକ, ଗଣେଶ୍ୱର ସାହୁ, ଚିତ୍ତରଞ୍ଜନ ଦାସ, ଦାମୋଦର ସାମଲ, ଖଗେଶ୍ୱର ସେଠୀ, ମାଳତୀ ସ୍ୱାଇଁଙ୍କ ସମେତ ମଇଷାସୁର ସରପଞ୍ଚ ଅଶୋକ କୁମାର ମହାନ୍ତି, ଚାଷୀ ଅରକ୍ଷିତ ପ୍ରଧାନ, ବାଇଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପାକ୍ସର ସମ୍ପାଦକ ଜ୍ଞାନ ରଞ୍ଜନ ନାୟକ, ପ୍ରେମାନନ୍ଦ ସାହୁ, ନିଗମାନନ୍ଦ ପଢ଼ିଆରୀ, ନିରାକାର ପରିଡ଼ା, ଦିବାକର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ନୁଆବସନ୍ତ ପାକ୍ସରେ ଧାନମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ସମିତିର ସଭାପତି ରତ୍ନାକର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହାକୁ ସମିତିର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନା ଓ କର୍ମଚାରୀମାନେ ପରିଚାଳନା କରିଥିଲେ। ବାଲିସାହିପାଟଣା ପାକ୍ସରେ ଧାନମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଭାପତି ବଂଶୀଧର ବରାଳ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏଥିରେ ସମିତିର ସମ୍ପାଦକ ଅମର କୁମାର ବଳ, ବୈକୁଣ୍ଠ ବିହାରୀ ପରିଡ଼ା, ସଚ୍ଚିଦାନନ୍ଦ ବଳ ଏବଂ ଚାଷୀମାନେ ଯୋଗଦେଇଥିଲେ।

### ନାରାୟଣଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ

ଆଳି, ୧୩।୧ (ବନମାଳୀ ସେନାପତି)

ଆଳି ବ୍ଲକ ମାଣିକପାଟଣା ପଞ୍ଚାୟତର କୁଢ଼ିପାଟଣା ଗ୍ରାମର ନାରାୟଣ ଦାଶ (୪୮) ଦୀର୍ଘଦିନ ହେବ ଗଳା କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ସେ ଏବେ ରୋଗରେ ଆକ୍ରାନ୍ତ ଥିବାରୁ ପରିବାର ପ୍ରତିପୋଷଣ ଓ ଚିକିତ୍ସା ନିମନ୍ତେ ଅର୍ଥ ବାଧକ ସାଜିଛି। ନାରାୟଣଙ୍କ ଚିକିତ୍ସାରେ ଅର୍ଥ ଅଭାବ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଆମ ସ୍ୱାଭିମାନ ଟ୍ରଷ୍ଟର ସଦସ୍ୟମାନେ ନାରାୟଣଙ୍କ ବାସଭବନରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ପଚାରି ବୁଝି ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଟ୍ରଷ୍ଟର ସଦସ୍ୟମାନଙ୍କଠାରୁ ନାରାୟଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ବୁଝିବା ପରେ ସାମାଜିକ କର୍ମୀ ବିଦ୍ୟାଧର ବିଶ୍ୱାଳ ତାଙ୍କ ବାସଭବନରେ ପହଞ୍ଚି ସ୍ୱାସ୍ଥ୍ୟ କଥା ପଚାରି ବୁଝି ୧୦ ହଜାର ଟଙ୍କା ସାହାଯ୍ୟ କରିଥିଲେ।

# ପାଟକୁରାର ବିକାଶ ପାଇଁ ସଂଗ୍ରାମ ଅବ୍ୟାହତ ରହିବ

## ୩୫ ଲକ୍ଷର ପ୍ରକଳ୍ପ ଉଦ୍‌ଘାଟନ

ଡେରାବିଶ, ୧୩।୧ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ୍ ଅଧୀନ କୁଶିଆପାଳ ପଞ୍ଚାୟତର ବାଲିପାଟଣାସ୍ଥିତ ଶ୍ରୀଲକ୍ଷ୍ମଣ ଜୀଉଙ୍କ ମନ୍ଦିର ନିକଟରେ ମଙ୍ଗଳବାର ଅନୁଷ୍ଠିତ ଏକ ଉତ୍ସବରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଟକୁରା ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ପାଇଁ ତାଙ୍କ ସଂଗ୍ରାମ ଅବ୍ୟାହତ ରହିବ ବୋଲି କହିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ବିଦ୍ୟୁତ୍ ଓ ପାନୀୟଜଳର ସୁଗମ ବ୍ୟବସ୍ଥା କରିବାକୁ ସେ ବାରମ୍ବାର ବିଧାନସଭାଠାରୁ ଆରମ୍ଭକରି ପ୍ରଶାସନିକସ୍ତର ପର୍ଯ୍ୟନ୍ତ ତାଙ୍କ ଉଦ୍ୟମ ଜାରି ରଖିଛନ୍ତି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ବିଧାୟକ। ସ୍ଥାନୀୟ ସରପଞ୍ଚ ଦୟାନିଧି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମିତିସଭ୍ୟ ସୁବାସ ଚନ୍ଦ୍ର ସାହୁ, ଗୁଆଳସିଂ ସରପଞ୍ଚଙ୍କ ପ୍ରତିନିଧିର ଦିଲୀପ କୁମାର ଦାସ, କୁରୁଜଙ୍ଗା ସରପଞ୍ଚଙ୍କ


କଲ୍ୟାଣମଣ୍ଡପକୁ ବିଧାୟକ ଅରବିନ୍ଦ ମହାପାତ୍ର ଲୋକାର୍ପଣ କରୁଛନ୍ତି।

ପ୍ରତିନିଧି ସତ୍ୟପ୍ରକାଶ ସାମଲ, ସମିତିସଭ୍ୟ ନିରଞ୍ଜନ କର, ସରପଞ୍ଚ ସୁଧୀର କୁମାର ଖଟୁଆ, ପ୍ରବୀର କୁମାର ସିଂହ ଓ ଯୁବନେତା ପ୍ରଶାନ୍ତ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୩୫ ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମିତ ହୋଇଥିବା ନୂତନ କଲ୍ୟାଣମଣ୍ଡପକୁ ବିଧାୟକ ଲୋକାର୍ପଣ କରିଥିଲେ। ବିଜେଡି ନେତ୍ରୀ ସରଳରେଖା ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମମତାମୟୀ ସାମଲ ଧନ୍ୟବାଦ ଦେଇଥିଲେ।

### ଗରଜଙ୍ଗା ପାକ୍ସର ଧାନମଣ୍ଡି ଉଦ୍‌ଘାଟିତ

ମାର୍ଶାଘାଇ, ୧୩।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଗରଜଙ୍ଗା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ର ଧାନମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପାକ୍ସର ଉପସଭାନେତ୍ରୀ ବନଲତା ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ମଣ୍ଡି ପରିଚାଳନା କମିଟି ସଦସ୍ୟ ବିକ୍ରମ କେଶରୀ ରାଉତରାୟ ଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା କରି ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମିତି ସମ୍ପାଦକ ହିମାଂଶୁ ଶେଖର ନାୟକଙ୍କ ସଂଯୋଜନାରେ ନିର୍ଦ୍ଦେଶକମଣ୍ଡଳୀ ସଭ୍ୟ ପ୍ରଣବ କିଶୋର ସାମଲ, ମଣ୍ଡି ଧାନକ୍ରୟ କମିଟି ସଦସ୍ୟ ପ୍ରଶାନ୍ତ ସାହୁ, ରାଧାନାଥ ନାୟକ, ଚାଷୀ ଦୁଷ୍ମନ୍ତ ନାୟକ, ବିଦ୍ୟାଧର ଦାସ, ସହସମ୍ପାଦକ ଅନିଲ କୁମାର ଷଡ଼ଙ୍ଗୀ, ଡିଇଓ ବିଶ୍ୱରଞ୍ଜନ ପରିଡ଼ା, ସହକାରୀ କର୍ମଚାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ପଟ୍ଟାମୁଣ୍ଡାଇରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୧୩।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଓ ଏମ୍‌ଏନ୍ ହାଇସ୍କୁଲ ମିଳିତ ସହଯୋଗରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଆୟୋଜିତ ହୋଇଛି। ଆଇଆଇସି ବନ୍ଦନା ପାତ୍ରଙ୍କ ନେତୃତ୍ୱରେ ସହରର ବିଭିନ୍ନସ୍ଥାନରେ ସଚେତନତା ସୃଷ୍ଟି କରାଯାଇଥିଲା। ଆଇଆଇସି ଓ ଏମ୍‌ଏନ୍ ହାଇସ୍କୁଲ ଏନ୍‌ସିସି ଶିକ୍ଷକ ସରୋଜ ସ୍ୱାଇଁ, ଖେଳ ଶିକ୍ଷକ ଶଶାଙ୍କ ଶେଖର ସାହୁ, ସହକାରୀ ଶିକ୍ଷକ ଅଶୋକ ଦାଶ, ସହକାରୀ ଶିକ୍ଷୟିତ୍ରୀ ଅନିତା ଧଳ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ହାଇସ୍କୁଲର ଏନ୍‌ସିସି, ସ୍କାଉଟ୍ ଓ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଇଥିଲେ। ସେମାନେ ସଡ଼କ ସୁରକ୍ଷା ଜୀବନ ରକ୍ଷା, ନିଶା ସେବନ କରି ଗାଡ଼ି ଚଳାଇବା ନାହିଁ, ହେଲମେଟ ପିନ୍ଧି ଗାଡ଼ି ଚଳାଇବା, ସରକାରୀ ନୀତି ନିୟମ ଓ ଟ୍ରାଫିକ୍ ନିୟମ ମାନିବା ଆଦି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଆଇଆଇସି, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ଥାନା କର୍ମଚାରୀ ହେଲମେଣ୍ଟ ଓ ସିଟ୍‌ବେଲ୍ଟ ଲଗାଇ ଥିବା ବିଭିନ୍ନ ଗାଡ଼ି ଆରୋହୀଙ୍କୁ ଗୋଲାପ ଫୁଲ ଦେଇ ସଚେତନତା ସୃଷ୍ଟି କରିଥିଲେ।

# ସେମିରେ ଜେଏସ୍‌ଏସ୍‌ସି ଜାଗୁଲାଇପଡ଼ା

## ରାଜକନିକା ନେତାଜୀ ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ନାମେଣ୍ଟ

ରାଜକନିକା, ୧୩।୧ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ତରାସସ୍ଥିତ ନେତାଜୀ ମିନି ଷ୍ଟାଡିୟମଠାରେ ନେତାଜୀ କ୍ଲବ୍ ଦ୍ୱାରା ଆୟୋଜିତ ନେତାଜୀ ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ନାମେଣ୍ଟର ମଙ୍ଗଳବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ଜେଏସ୍‌ସିସି ଜଗୁଲାଇପଡା ୧-୦ ଗୋଲ ବ୍ୟବଧାନରେ ଏସ୍‌ଏନ୍ କ୍ଲବ ବାଘବୁଦାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳି ଜନ ଖାନଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି। ଖେଳ ପରିଚାଳନା ଶିବ ପ୍ରସାଦ ମଲ୍ଲିକ, ଶରତ କୁମାର ଜେନା ଓ ସଞ୍ଜୟ ନାୟକ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ମହାବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଯଦୁବିର ପ୍ରତାପ ରାୟ, ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ସଙ୍ଗଠକ ତରପଦା ମହାନ୍ତି, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସିପକ୍ ଟାକରାର ଉପସଭାପତି ପ୍ରଭାସ ପ୍ରିୟଦର୍ଶିନୀ ମହାନ୍ତି ଏବଂ ଅବସରପ୍ରାପ୍ତ ଶିକ୍ଷକ ନବ କିଶୋର ବେହୁରା ଉପସ୍ଥିତି ଥିଲେ। କ୍ଲବ ସଦସ୍ୟ ମୁକ୍ତିକାନ୍ତ ଦଳାଇ, ସୁଜିତ ଜେନା, ଦିବ୍ୟ ପ୍ରକାଶ ନାୟକ, ଶେଖର ନାୟକ, ଲଗ୍ନଜିତ ବାରିକ, ରାହୁଲ ନାୟକ ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ମ୍ୟାଚ୍ ଆୟୋଜକ ନେତାଜୀ କ୍ଲବ ଏବଂ କିଶାନ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବର କ୍ରୀଡ଼ା ସମ୍ପାଦକ ପ୍ରୀତମ ସାହୁ ସୂଚନା ଦେଇଛନ୍ତି।

**REQUIRED**
**Female Nurses (DMLT)**
for Fresher/ Experience Lab Testing in Bhubaneswar. Send resume on Whatsapp. or Contact- 8339966999

**ଚେନ୍ନାଇ** (ଶ୍ରୀପେରୁମ୍ବୁଦୁର)ଠାରେ ଆମ ଗ୍ରାନାଇଟ୍ ୟୁନିଟ୍‌ରେ କାମ କରିବା ପାଇଁ **ପୁରୁଷ ହେଲ୍‌ପର୍** ପ୍ରାର୍ଥୀ ଆବଶ୍ୟକ। ପ୍ରାର୍ଥୀଙ୍କୁ ଫିନିଶ୍‌ଡ ଗ୍ରାନାଇଟ୍ ବୋଝେଇ ଓ ଖଲାସ କରିବା, ପ୍ୟାକିଂ ତଥା ଷ୍ଟାକିଂରେ ସାହାଯ୍ୟ କରିବାକୁ ହେବ। ଦରମା: **ଟ.14,000-15,000/-**। ରହିବା ଓ ଖାଇବା ସୁବିଧା ଦିଆଯିବ।
**ଷ୍ଟୋନ୍ ଆର୍ଟ ପ୍ରା. ଲି଼, ଚେନ୍ନାଇ**
ଯୋଗାଯୋଗ:
**8090890945, 8015654079**

Gangadhar Meher University,
Amruta Vihar, Sambalpur, Odisha-768001
**Invitation of Expression of Interest for engagement as PMC for Construction of different buildings at G.M University, Sambalpur**
**Advt. No. 121/GMU** **Date 13.01.2026**
Gangadhar Meher University, Sambalpur invites Expression of Interest (EoI) from reputed public sector organization such as State PSU/ Central PSU for engagement as Project Management Consultant (PMC) for Construction of different buildings at the G.M. University, Sambalpur. Interested Agencies are requested to visit the official website **www.gmuniversity.ac.in** for details. The last date of submission of EoI is 12.02.2026.
Sd/-
**Registrar**

Gangadhar Meher University,
Amruta Vihar, Sambalpur, Odisha-768001
Invitation of Expression of Interest (EoI) for Empanelment of Vendors for Supply of various items/services
**Advt. No. 125/GMU** **Date 13.01.2026**
G.M. University, Sambalpur invites Expression of Interest (EoI) from reputed Manufacturer(s)/ Authorised Dealer(s)/ Distributor(s)/ Supplier(s) for Vendor Registration and Empanelment for supply of various items & services i.e. Accommodation for guests, supply of Tea, Snacks & water, Seminar gifts, Tent and Decorator, Travel Agency, Office stationaries, Flower decorators, Catering services, Printing services, Photography and Videography services, etc. as provided in the prescribed format. Interested vendor(s) are requested to visit the official website **www.gmuniversity.ac.in** for details. The last date of submission of EoI is 22.01.2026.
Sd/-
Registrar

No. O-2035 **GOVERNMENT OF ODISHA** eerwbnjr@gmail.com
**OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR**
**NATIONAL COMPETITIVE BIDDING THROUGH e-Procurement**
Ltr. No. 114 Identification No. Online Tender/24/RWDBNJ/2025-2026 Date: 07.01.2026

| Identification No. | Name of Work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDBNJ/24/ 2025-26 | Road Work | 2 Nos. | 66.74 to 67.80 Lakhs | "B" Class as applicable | 02 (Three) Calendar Months |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, R.W. Division, Bhanjanagar | Online Tender/24/ RWDBNJ/2025-2026 | 15.01.2026 at 10.00 A.M. | 27.01.2026 upto 3.00 P.M. |

Further details can be seen from the website: **www.tendersodisha.gov.in**.
OIPR- Sd./- Executive Engineer, R.W. Division, Bhanjanagar

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
At: Chandikhole, P.O.: Sunguda, Jajpur - 754296, Email: serw_kpd@yahoo.com
Letter No. 66 Date: 09.01.26
**2nd Corrigendum Notice**
**2nd Corrigendum to Bid Identification No. Tender Online RCK-20/25 invited this office Letter No. 4008 Dt.27.11.2025.**
No. O-2034: The changes as detailed below are hereby made in the above N.I.T. for Sl. No. 12, 13, 22, 24, 25, 26, 28, 30, 31, 32, 33 & 34 (Annexure attached).

| Procurement Officer | Bid Identification No. | Availability of Tender Online for Bidding | | Last Date & Time of seeking tender clarification | | Date & Time of opening of Tender | | | |
|---|---|---|---|---|---|---|---|---|---|
| | | | | | | Technical Bid | | Financial Bid | |
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara-Jajpur | Tender Online RCK-20/25 | From 10.12.2025 at 11.00 A.M. to 12.01.2026 upto 05.00 P.M. | From 12.01.2026 at 11.00 A.M. to 27.01.2026 upto 05.00 P.M. | 12.01.2026 upto 02.00 P.M. | 27.01.2026 upto 02.00 P.M. | 13.01.2026 at 11.00 A.M. | 28.01.2026 at 11.00 A.M. | Will be intimated later | Will be intimated later |

All other conditions of NIT remain unaltered.
OIPR: Sd./- Chief Construction Engineer, Rural Works Circle, Kendrapara-Jajpur

**ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା - ୨୦୨୬**

ରାଇରଙ୍ଗପୁର ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ମିଳିତ ଉଦ୍ୟମରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଆସନ୍ତା ଜାନୁୟାରୀ ୧୮ତାରିଖଠାରୁ ଜାନୁୟାରୀ ୨୨ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁର କଚେରି ଷ୍ଟାଡିୟମଠାରେ ଆୟୋଜିତ ହେବାକୁ ଯାଉଛି। ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୦ରୁ ଊର୍ଦ୍ଧ୍ୱ ଅଭିଜ୍ଞ ବୈଦ୍ୟମାନଙ୍କର ସମାଗମ ହେବ। ପ୍ରାଚୀନ ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀକୁ ଆଧାରକରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଚେରମୂଳୀ ଓ ହର୍ବାଲ ଔଷଧ ଇତ୍ୟାଦି ବିକ୍ରୟ ହେବ। ଲୋକମାନଙ୍କ ମଧ୍ୟରେ ଆୟୁର୍ବେଦିକ ଚିକିତ୍ସାର ପ୍ରଚାର ପ୍ରସାର ପାଇଁ ଏହା ଏକ ପ୍ରୟାସ। ଏଥି ସହିତ ଅଭିଜ୍ଞ ସରକାରୀ ସ୍ୱୀକୃତିପ୍ରାପ୍ତ ଆୟୁର୍ବେଦିକ ଡାକ୍ତରମାନଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷାର ମଧ୍ୟ ସୁବିଧା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି ଏହି ମେଳାକୁ ସାଫଲ୍ୟ ମଣ୍ଡିତ କରାନ୍ତୁ।
**ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ**
**ରାଇରଙ୍ଗପୁର ବନଖଣ୍ଡ**

**PARADIP PORT AUTHORITY**
Tender No.ENG/CE/1523/NDC3/2024/375 Dt.08.01.2026
**DEVELOPMENT OF NORTH DOCK COMPLEX-3 (NDC-3) BERTH FOR HANDLING DRY BULK CARGO ON CAPTIVE BASIS**
**INVITATION OF REQUEST FOR QUALIFICATION (RFQ)**
Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date and time of submission of RFQ Applications is 24/02/2026 till 1400 hours.
Executive Engineer (C),
Project Implementation Office, PPA.
PPA/PR/64/2025-2026, dt.12/01/2026

**ଦ.ପୂ. ରେଳପଥ – ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୭-୧୧-୨୬, ତାରିଖ: ୦୯।୦୧।୨୦୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍ (ଇଏନ୍‌ଜିଜି)/ଆଦ୍ରା, ଦକ୍ଷିଣ ପୂର୍ବ ରେଳପଥ ତଳେ ଦର୍ଶାଯାଇଥିବା ଅନୁଯାୟୀ **ପି.ୱେ, ବାଲାଷ୍ଟ, ଏଫ୍‌ଓବି ଏବଂ ଡ୍ରେନେଜ୍, ବିବିଧ କାର୍ଯ୍ୟ** ନିମନ୍ତେ **୦୫ (ପାଞ୍ଚ)** ଗୋଟି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କ୍ର.ସଂ.-୧, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୭-୨୬। କାର୍ଯ୍ୟର ବର୍ଣ୍ଣନା:** ଯେକୌଣସି କ୍ୱାରିରୁ ବିଷ୍ଣୁପୁର ଡିପୋଠାରେ ଷ୍ଟାକ୍‌ରେ ୫୦ ମିମି ଗେଜ୍ ମେଶିନ୍ କ୍ରଶ୍‌ଡ ବାଲାଷ୍ଟର ଯୋଗାଣ କରିବା ଓ ପହଞ୍ଚାଇବା ତଥା ତାହାକୁ ଯେକୌଣସି ପ୍ରକାର ରେଳ ୱାଗନ୍‌ରେ ବୋଝେଇ କରିବା। **ଟେଣ୍ଡର ମୂଲ୍ୟ: ₹୨,୩୦,୪୨,୪୪୮।** **କ୍ର.ସଂ.-୨, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୮-୨୬। କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ୍/ପୁରୁଲିଆଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାଫିକ୍‌ର ସୁରକ୍ଷିତ ଚଳାଚଳ ଲାଗି ଟ୍ରାକ୍‌ର ସୁଦୃଢ଼ୀକରଣ ଓ ମାନକୀକରଣ ଲାଗି ବିବିଧ ପି.ୱେ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ: ₹୪,୧୪,୦୬,୯୮୧.୪୬।** **କ୍ର.ସଂ.-୩, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୯-୨୬। କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ୍/ପୂର୍ବ/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାଫିକ୍‌ର ସୁରକ୍ଷିତ ଚଳାଚଳ ଲାଗି ଟ୍ରାକ୍‌ର ସୁଦୃଢ଼ୀକରଣ ଓ ମାନକୀକରଣ ଲାଗି ବିବିଧ ପି.ୱେ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ: ₹୪,୧୪,୦୬,୯୮୧.୪୬।** **କ୍ର.ସଂ.-୪, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୦-୨୬। କାର୍ଯ୍ୟର ବର୍ଣ୍ଣନା:** ବାଙ୍କୁରା-ମାସାଗ୍ରାମ ସେକ୍ସନ ମଧ୍ୟରେ ବନ୍ଦ ଲେଭଲ କ୍ରସିଂ ବିଆର୍-୧୦୮ ଓ ବିଆର୍-୦୧ ନିକଟରେ ପ୍ରସ୍ତାବିତ ଏଲ୍‌ଏଚ୍‌ଏସ୍‌ଠାରେ ଡ୍ରେନେଜ୍ ସିଷ୍ଟମ୍‌ର ଉନ୍ନତୀକରଣ ଓ କଭର୍ ଶେଡ୍‌ର ବ୍ୟବସ୍ଥା। **ଟେଣ୍ଡର ମୂଲ୍ୟ: ₹୪,୨୨,୫୧,୬୭୫.୧୭।** **କ୍ର.ସଂ.-୫, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୧-୨୬। କାର୍ଯ୍ୟର ବର୍ଣ୍ଣନା:** ଚନ୍ଦ୍ରକୋଣା ରୋଡ୍ ଷ୍ଟେଶନର ସର୍କୁଲେଟିଂ ଏରିଆ ସହିତ ବିଦ୍ୟମାନ ଆଇଲାଣ୍ଡ ପିଏଫ୍ ଏବଂ ପ୍ରସ୍ତାବିତ ପିଏଫ୍‌କୁ ଯୋଡ଼ିବା ପାଇଁ ଏକ ନୂତନ ଏଫ୍‌ଓବି (୩-ମିଟର ଚଉଡ଼ା)ର ନିର୍ମାଣ। **ଟେଣ୍ଡର ମୂଲ୍ୟ: ₹୫,୬୨,୩୮,୭୭୯.୧୦।** ଇ-ଟେଣ୍ଡରଗୁଡ଼ିକ ବନ୍ଦ ହେବାର ତାରିଖ ଓ ସମୟ ହେଉଛି **ତା୧୦।୦୨।୨୦୨୬ରିଖ ୧୫.୦୦ ଘଟିକା** (କ୍ର.ସଂ. ୧ ଓ ୫ ପାଇଁ ପ୍ରତ୍ୟେକ)। ଉପରୋକ୍ତ ଇ-ଟେଣ୍ଡରର ବିବରଣୀ **www.ireps.gov.in** ରେ ଦେଖାଯାଇପାରିବ। (PR-1054)

See Career Appointment on every **Wednesday & Saturday**

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. **eT-M-BG-PURI-42-2026**
**କାର୍ଯ୍ୟର ନାମ :** 04 (ଚାରି) ବର୍ଷର ଅବଧି ନିମନ୍ତେ କୋଚିଂ ଡିପୋ ପୁରୀ ଠାରେ କ୍ୟାରେଜ ମରାମତି କାରଖାନା, ମଞ୍ଚେଶ୍ୱର ପର୍ଯ୍ୟନ୍ତ BG କୋଚ ର ସମସ୍ତ ପ୍ରକାର ବଗିଗୁଡ଼ିକର ପରିବହନ ଏବଂ ଫେରିବା, ଯେଉଁଥିରେ ମେସିନକୃତ ଭରିବା / ଖାଲିକରିବା ଅନ୍ତର୍ଭୁକ୍ତ ଅଟେ ଏବଂ SS-I ସୂଚୀ ନିମନ୍ତେ ବନ୍ଦେ ଭାରତ ବଗିଗୁଡ଼ିକୁ ପୁରୀ ଠାରୁ ତିରୁପତି କାରଖାନା ପର୍ଯ୍ୟନ୍ତ ପରିବହନ ଏବଂ ଫେରିବା।
**ଟେଣ୍ଡର ମୂଲ୍ୟ :** ₹ 3,13,52,431.78, EMD : ₹ 3,06,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 48 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.15.01.2026ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.01.2026 ରିଖ 1530 ଘଟିକାରେ।
ଏହି ଟେଣ୍ଡରର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।
କୋଚିଂ ଡିପୋ ଅଧିକାରୀ/ ପୁରୀ
PR-1004/Q/25-26

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. 58-SBP-TRD-OT-2025-26, ତା.07.01.2026ରିଖ
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ OHE ର ନିର୍ଭରଯୋଗ୍ୟତା (Reliability) ବୃଦ୍ଧି ନିମନ୍ତେ ଏଣ୍ଟି-ମଙ୍କି କ୍ଲାଇବିଂ (Climbing) ଡିଭାଇସ୍ ର ବ୍ୟବସ୍ଥା।
**ଆନୁମାନିକ ମୂଲ୍ୟ :** ₹ 84,56,508/-, EMD : ₹1,69,100/-, ଶେଷ ହେବା ଅବଧି : 08 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.01.2026ରିଖ 1530 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-1002/Q/25-26

# ନାରୀ ଶିକ୍ଷାର ଅନ୍ତୁଡ଼ିଶାଳ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ

ଓଡ଼ଗାଁ, ୧୩।୧(ଆଦର୍ଶ କୁମାର ପଟ୍ଟନାୟକ):

ନୟାଗଡ଼ ଜିଲା ଓଡ଼ଗାଁରେ ତତ୍କାଳୀନ ସମୟରେ ନାରୀ ଶିକ୍ଷାର ଅନ୍ତୁଡ଼ିଶାଳ ରୂପେ ପରିଚୟ ସୃଷ୍ଟି କରିଥିବା ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ପରିଣତ ହେବାର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ମଙ୍ଗଳବାର ପିଏମ୍‌ଶ୍ରୀ ଉତ୍ସବ ପାଳନ କରିଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ,ଏନ୍ଏସି ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ,ପ୍ରଧାନ ଶିକ୍ଷୟିତ୍ରୀ ବସିରନ ବିବି,ଏସ୍ଏମ୍‌ସି ସଭାପତି ବରେନ୍ଦ୍ର ନନ୍ଦ ପ୍ରମୁଖ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଆଶୀର୍ବଚନ ପ୍ରଦାନ ସହିତ ଆକାଂକ୍ଷା ମେଳା ଉଦ୍‌ଘାଟନ କରିଥିଲେ। ଏହିପରି ନାରୀ ଶିକ୍ଷାର ଅନ୍ତୁଡ଼ିଶାଳ ବୋଲି ବିଭିନ୍ନ ବକ୍ତା ଉଲେଖ କରିଥିଲେ। ମେଳାରେ ଶିଶୁମାନଙ୍କ ସୃଜନଶୀଳ ପ୍ରକଳ୍ପ, ସୁସ୍ଥ ଖାଦ୍ୟ, ସାହିତ୍ୟ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଆଦି ଷ୍ଟଲକୁ ସମସ୍ତ ଅତିଥିଙ୍କ ସହିତ ବିଡିଓ ପ୍ରୀତିବାଳା ରଣା ବୁଲି ଦେଖିଥିଲେ ଏବଂ ଚାଖିଥିଲେ।
ନମ୍ବର ପଛରେ ନ ପଡ଼ି ଶିକ୍ଷାର୍ଥୀମାନେ ବ୍ୟବହାରିକ ଶିକ୍ଷା ପାଇଁ ଅଧିକ ଧ୍ୟାନ ଦିଅନ୍ତୁ। ପିଏମ୍‌ଶ୍ରୀ ଯୋଜନା ମାଧ୍ୟମରେ ଶିକ୍ଷଣୀୟ ସାମଗ୍ରୀ ଯୋଗାଡ଼ କରି ବିଜ୍ଞାନ ଭିତ୍ତିକ ଜ୍ଞାନ କୌଶଳର ପ୍ରୟୋଗ ସହିତ ଦୈନନ୍ଦିନ ଜୀବନ ଶୈଳୀର ବ୍ୟବହାରିକ ପଦ୍ଧତି ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିଶୁମାନଙ୍କ ଦ୍ୱାରା କମ୍ପ୍ୟୁଟର ରୋଲ ପ୍ଲେ ଅଭିନୟ ସହିତ ଅନ୍ୟ ମନୋରଞ୍ଜନକାରୀ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ଓଡ଼ଗାଁ ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

ସନ୍ଧ୍ୟା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜୋନ୍ ୨ ଜିଲା ପରିଷଦ ସଭ୍ୟ ବିରଜା ଲକ୍ଷ୍ମୀ ସାହୁ, ବିଶିଷ୍ଟ ଅତିଥି ଭାବେ ବିଡିଓ ପ୍ରୀତିବାଳା ରଣା,ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜଳନ୍ଧର ରଥ,ରଘୁନାଥ ସମବାୟ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଅଧିବାସ ପଣ୍ଡା ମଞ୍ଚାସୀନ ଥିଲେ। କଳା ଶିକ୍ଷକ ଏକଲବ୍ୟ ଦାଶ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟପକ୍ଷେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ହାସଲ କରିଥିବା ଛାତ୍ରୀଙ୍କୁ ଜିଲା ପରିଷଦ ଅଧ୍ୟକ୍ଷ ପଟ୍ଟନାୟକ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବାକୁ ଘୋଷଣା କରିଥିଲେ।

# ଅନ୍ତର୍ନିହିତ ଗୁଣର ବିକାଶ ସାଙ୍ଗକୁ ଆତ୍ମନିର୍ଭରଶୀଳ ଶିଖାଏ

ନୂଆଗାଁ, ୧୩।୧ (ଧନେଶ୍ୱର ସାହୁ):
ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହିପୁର ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି।

ଛାତ୍ରୀଛାତ୍ରମାନେ ଦେଶର ଭାଗ୍ୟ ଓ ଭବିଷ୍ୟତ। ତେଣୁ ଛାତ୍ରୀଛାତ୍ରଙ୍କୁ ନୂତନ ଜ୍ଞାନ କୌଶଳରେ ଶିକ୍ଷା ପ୍ରଦାନ କରିବା ସହ ଆତ୍ମ ନିର୍ଭରଶୀଳ କରାଇବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ଛାତ୍ର ଜୀବନରୁ ନିଜର ଅନ୍ତର୍ନିହିତ ଗୁଣର ବିକାଶ ସହିତ ନିଜେ କିଭଳି ରୋଜଗାରକ୍ଷମ ହୋଇପାରିବ ତାହା ମଧ୍ୟ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଲାଭ କରିବାର ସୁଯୋଗ ସୃଷ୍ଟି କରାଯାଉଛି। ତେଣୁ ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ମାଧ୍ୟମରେ ୨୦୩୬ସୁଦ୍ଧା ଓଡ଼ିଶାର ରୂପରେଖରେ ବିକାଶ ଆଣିବା, କାର୍ଯ୍ୟକ୍ରମର କୌଶଳ କ୍ରୀଡାଙ୍ଗନା, ସାହିତ୍ୟ ସୃଜନୀ ମାଧ୍ୟମରେ ଜିଜ୍ଞାସା, ଆକାଂକ୍ଷୀ ଛାତ୍ରୀଛାତ୍ର ପରଖିବା, ବ୍ୟବସାୟ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବା ଶିକ୍ଷା ଦେବା ହେଉଛି ମୁଖ୍ୟ ଉଦ୍ଦେଶ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଅତିରିକ୍ତ ଜିଲାପାଳ ରୋଜିନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏପରି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିବା ସହ ଏପରି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣର ବିକାଶ ହେବା ସହ ଛାତ୍ରୀଛାତ୍ରମାନେ ଆତ୍ମ ନିର୍ଭରଶୀଳ ହେବା ଶିକ୍ଷା ଲାଭ କରିଥାଆନ୍ତି ବୋଲି କହିଥିଲେ। ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏପରି କାର୍ଯ୍ୟକ୍ରମ ସବୁ ଶିକ୍ଷାନୁଷ୍ଠାନରେ ଆୟୋଜନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସ୍ଥାନ ପାଇଥିବା ଆକାଂକ୍ଷୀ ମେଳା ଇନ୍ସପାଏରିଂ ଓଡ଼ିଶା ୨୦୩୬ ପଲ୍ୟୁସନ କଣ୍ଟ୍ରୋଲ ଟୁଲ ସାଇନ୍ସ ମ୍ୟାଜିକ, ଫ୍ରମ ଓ୍ୱେଷ୍ଟ, ୨୦୩୬ର ଆନିମେସନ ଭିଡିଓ, କଲ୍ଲରାଲ ହେରିଟେଜ ରିଭାଇଭାଲ ଜୋନ, ସ୍ମାର୍ଟ ଭିଲେଜ, ଆକାଂକ୍ଷୀ ଛାତ୍ର ପରିଷଦ ଟ୍ୟାଲେଣ୍ଟ ଗ୍ୟାଲେରିରେ ପ୍ରୋଜେକ୍ଟ ଅନ ପ୍ରସ୍ୱରସ ଓଡ଼ିଶା,ଗ୍ଲୋରିଜ ଅଫ୍ କ୍ରୀଡାଙ୍ଗନା ଇନ୍ ସ୍କୁଲ ପାଓ୍ୱାର ପଏଣ୍ଟ ସ୍ଲାଇଡ ଶୋ ଭଳି ଅନେକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।
ସେହିଭଳି ଆତ୍ମନିର୍ଭର ଶିକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ବିକ୍ରି କରିବାର ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମ ଉଦ୍‌ଘାଟନୀ ସଭାରେ ମହୀପୁର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ଦାସ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଜିଲାପାଳ ଦାସ ମୁଖ୍ୟ ଅତିଥି ଓ ନୂଆଗାଁ ବିଡିଓ ରାଉଳ, ବ୍ଲକ ଶିକ୍ଷାଧିକାରୀ ଭକ୍ତି ବିନୋଦ ସଲ, ବ୍ଲକ ଉପାଧ୍ୟକ୍ଷ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ମଞ୍ଚାସୀନ ଅତିଥି ବୃନ୍ଦ।

## ବିଦ୍ୟାଳୟସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ

# ଖଣ୍ଡପଡ଼ା ସହର ପରିକ୍ରମା କଲା ସହଯୋଗ ରଥ


ସହଯୋଗ ରଥକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଖଣ୍ଡପଡ଼ା,୧୩।୧(ଅଜୟ କୁମାର ମହାରଣା):

ଖଣ୍ଡପଡ଼ା ସହରବାସୀଙ୍କୁ ହାତପାଆନ୍ତାରେ ଡିଜିଟାଲ ସେବା ଯୋଗାଇ ଦେବାର ମହତ ଲକ୍ଷ୍ୟ ନେଇ ସହଯୋଗ ରଥ ମଙ୍ଗଳବାରଠାରୁ ସହର ପରିକ୍ରମା ଆରମ୍ଭ କରିଛି। ଆଜିର ଡିଜିଟାଲ ଯୁଗରେ ସମସ୍ତେ ଇଣ୍ଟରନେଟ ସେବା ଉପରେ ନିର୍ଭର କରୁଥିବା ବେଳେ ସହଯୋଗ ରଥ ଜରିଆରେ ସବୁକିଛି ସମସ୍ୟାର ସମାଧାନ ହୋଇପାରିବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ଖଣ୍ଡପଡ଼ା ଏନ୍ଏସି ଅଧ୍ୟକ୍ଷ ଆରତୀ ପ୍ରଧାନ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ସହଯୋଗ ରଥ ପରିକ୍ରମାର ଶୁଭାରମ୍ଭ କରିଥିବା ଜଣାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପର୍ଯ୍ୟାୟକ୍ରମେ ଖଣ୍ଡପଡ଼ା ସହରର ୧୩ ଟି ଓ୍ୱାର୍ଡରେ ସହଯୋଗ ରଥ ପରିକ୍ରମା କରିବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି।

## ଲାଞ୍ଚ ମାମଲା, ରାଜସ୍ୱ କର୍ମଚାରୀଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ,୧୩।୧(ରାକେଶ କୁମାର ରାଉତ): ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ରାକେଶ ଦାଶ ପିରିଙ୍ଗିଆ ତହସିଲ ଅନ୍ତର୍ଗତ ବାଲନ୍ଦାପଡା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ପୂର୍ବତନ ରାତ୍ର ଜଗୁଆଳି ଅଜୟ କୁମାର ମଲ୍ଲିକଙ୍କୁ ୮ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଅଜୟ ଏବେ ପିରିଙ୍ଗିଆ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ୨୦୧୭ରେ ଅଜୟ ବାଲନ୍ଦାପଡା ଅଞ୍ଚଳର ଜଣେ ଚାଷୀଙ୍କ ଜମିର ଏମାଲ୍ଗେସନ କରିବା ସହ ଚାଷୀ ଏବଂ ତାଙ୍କ ପରିବାରର ଅନ୍ୟ ଉତ୍ତରାଧିକାରୀମାନଙ୍କ ନାମରେ ଜମି ପଟ୍ଟା କରାଇବା ପାଇଁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ।

# ଭାରସାମ୍ୟ ହରାଇ ରାସ୍ତାରୁ ଖସିଲା ଯାତ୍ରୀବାହୀ ବସ୍



ଗଣିଆ,୧୩।୧(ସନ୍ତୋଷ କୁମାର ପ୍ରଧାନ): ଲାଞ୍ଜିଗଡ଼ରୁ ଭୁବନେଶ୍ୱରକୁ ଆସୁଥିବା ଓଡି୦୩କେ ୮୭୮୫ ବୁଲ୍‌ବୁଲ୍ ନାମକ ଘରୋଇ ବସ୍ ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଭୋର ୩ ଟାରେ ବସ୍‌ଟି ଦ୍ରୁତଗତିରେ ଥିବାରୁ ଦଶପଲ୍ଲା -ଗଣିଆ ଜାତୀୟ ରାଜପଥର ଗଣିଆ ଥାନା ଅନ୍ତର୍ଗତ ଆଡକଟାଠାରେ ରାସ୍ତାର ୨୦୦ମିଟର ତଳକୁ ଖସି ପଡିଥିଲା। ରାସ୍ତାକୁ ଲାଗି ରହିଥିବା ଏଲେକ୍ଟ୍ରିକ ପୋଲ ଓ ତାଳ ଗଛରେ ପିଟିହୋଇ ବିଲ ଭିତରେ ଓଲଟି ପଡ଼ିଥିଲା। ଘଟଣା ସ୍ଥଳରେ ଗଣିଆ ଥାନା ଏଏସ୍ଆଇ ସାହା ଆଲମ ଖାଁ ଓ ପୋଲିସ କର୍ମଚାରୀ, ୧୦୮ ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ଲୋକଙ୍କୁ ଉଦ୍ଧାର କରିଥିଲେ। ଡ୍ରାଇଭର ଓ ହେଲ୍ପରଙ୍କର କୌଣସି କ୍ଷତି ହୋଇନଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ସ୍ଥାନୀୟ ଲୋକମାନେ ଆହତଙ୍କୁ ଉଦ୍ଧାର କରିଥିଲେ।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଗିରଫ

ପାରଳାଖେମୁଣ୍ଡି,୧୩।୧(ଗିରିଧାରୀ ପରିଛା)
ପାରଳାଖେମୁଣ୍ଡି ସହରରେ ଜଣେ ୧୦ ବର୍ଷର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଅଭିଯୁକ୍ତ ପାଇଲୁ ରବି (୩୫) ଗିରଫ ହୋଇଛନ୍ତି। ସହରର ଏକ ସାହିରେ ରହୁଥିବା ନାବାଳିକାଙ୍କ ପରିବାର ଲୋକେ ସୋମବାର କାମକୁ ଯାଇଥିଲେ। ନାବାଳିକା ଜଣକ ଏକୁଟିଆ ଥିବାର ସୁଯୋଗ ନେଇ ପାଇଲୁ ଘରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ସେ ପାଟି କରିବାରୁ ପାଇଲୁ ତାଙ୍କ ପାଟି ବନ୍ଦ କରି ବଳାତ୍କାର କରିବାକୁ ଉଦ୍ୟମ କଲା ବେଳେ କୌଣସି ପ୍ରକାରେ ନାବାଳିକା ଜଣକ ତାଙ୍କ କବଳରୁ ଖସି ଆସିଥିଲେ। ବାହାରେ ନାବାଳିକା ଏକ କୁଅ ପାଖରେ ପଡ଼ିଯାଇଥିଲେ। ତାଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ପହଞ୍ଚି ପାଇଲୁଙ୍କୁ ଘର ଭିତରେ ଅଟକାଇ ରଖି ଧରିଥିଲେ। ଏହି ଖବର ଶୁଣି ନାବାଳିକାଙ୍କ ମା' ବାପା ପହଞ୍ଚି ଝିଅଠାରୁ ସବୁ ଶୁଣି ପୋଲିସକୁ ଖବର ଦେଇଥିଲେ। ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତ ପାଇଲୁଙ୍କୁ ଗିରଫ କରିଥିଲା। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ୬/୨୬ରେ ଏକ ମାମଲା ରୁଜୁ ହୋଇଛି।

## ଦମାଦୁଆ ସରପଞ୍ଚ ଅଯୋଗ୍ୟ ଘୋଷିତ

ମୋହନା, ୧୩।୧(ମନ୍ମଥ ମିଶ୍ର)
ଗତ ପଞ୍ଚାୟତ ନିର୍ବାଚନରେ ଭୁଲ୍ ତଥ୍ୟ ଦେଇ ସରପଞ୍ଚ ରୂପେ ନିର୍ବାଚିତ ହୋଇଥିବାରୁ ଏହାର ପ୍ରତିବାଦରେ ପ୍ରତିଦ୍ୱନ୍ଦ୍ୱୀ କୈଳାସି ମାଝୀ ୨୦୨୨ରେ ମୋହନା ସିଭିଲ ଜଜ୍ ଜୁନିୟର ଡିଭିଜନର ଆଶ୍ରୟ ନେଇଥିଲେ। ବିଚାରପତି ୬।୯।୨୦୨୪ରେ ଏହାର ଶୁଣାଣି କରି ସରପଞ୍ଚ ସରସତୀ ମଳିକଙ୍କୁ ସମସ୍ତ ଦାୟିତ୍ୱ ନାଏବ ସରପଞ୍ଚଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରପଞ୍ଚ ସରସ୍ୱତୀ ଏହି ରାୟରେ ଅସନ୍ତୋଷ ପ୍ରକାଶ କରି ଜିଲା ସିଭିଲ ଜଜ୍‌ଙ୍କ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଜିଲା ସିଭିଲ ଜଜ୍ ମାମଲାର ବିଚାର କରି ଦମାଦୁଆ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ସାନି ନିର୍ବାଚନ କରାଯିବ ବୋଲି ରାୟ ଦେଇଥିଲେ। ଏଥିରେ ମଧ୍ୟ ସରସ୍ୱତୀ ଅସନ୍ତୋଷ ପ୍ରକାଶ କରି ହାଇକୋର୍ଟରେ ଅପିଲ କରିଥିଲେ। ହାଇକୋର୍ଟ ଏହାର ବିଚାର କରି ସରସ୍ୱତୀ ମଳିକଙ୍କ ସରପଞ୍ଚ ପଦବୀକୁ ରଦ୍ଦ କରି ନାଏବ ସରପଞ୍ଚଙ୍କୁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ରାୟ ଦେଇଛନ୍ତି। ଏ ସମ୍ପର୍କିତ ଚିଠି ପାଇବା ପରେ ଗଜପତି ଜିଲାପାଳ ସମ୍ପୃକ୍ତ ସରପଞ୍ଚ ସରସ୍ୱତୀଙ୍କୁ ଅବଗତ କରାଇବା ସହ ଏ ଦିଗରେ ପଦକ୍ଷେପ ନେବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ପାଲାଗାୟକ ମନୋଜ ମିଶ୍ରଙ୍କୁ ଉତ୍କଳ ଘଣ୍ଟ ସମ୍ମାନ

ନୟାଗଡ଼,୧୩।୧ (ଲୋକନାଥ ମିଶ୍ର):ଗୋଡିପଡା ଗାଁର ରାଜ୍ୟସ୍ତରୀୟ ପାଲା ଗାୟକ ଗାୟକ କୁଳନିଧି ମନୋଜ କୁମାର ମିଶ୍ରଙ୍କୁ ଉତ୍କଳ ଘଣ୍ଟ ସମ୍ମାନରେ ସମ୍ବର୍ଦ୍ଧନା ମିଳିଛି। ଓଡ଼ିଆ ସାହିତ୍ୟର ଅନନ୍ୟ ସ୍ରଷ୍ଟା, ଓଡିଶା ମାଟିରେ ବିସ୍ମୟ ବିଧାଣୀ, ଆଶୁ ତଥା ବ୍ୟଙ୍ଗ କବି, ଶବ୍ଦର ଯାଦୁଗର, କଥାସାଗର, ଉତ୍କଳ ଘଣ୍ଟ, ନୟାଗଡ଼ ମାଟିରେ ଗର୍ବ ଓ ଗୌରବ ଯଦୁମଣି ମହାପାତ୍ରଙ୍କର ଇଟାମାଟିଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜୟନ୍ତୀରେ ଏହି ସମ୍ମାନ ଦିଆଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ମୁଖ୍ୟବକ୍ତା ଜଗନ୍ନାଥ ସଂସ୍କୃତି ଗବେଷକ ଭୁବନେଶ୍ୱରର ଆଶୁତୋଷ ମିଶ୍ର ଯୋଗ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ସମ୍ମାନିତ ଅତିଥି ଓ ବିଶିଷ୍ଟ ଅତିଥି ଯଦୁମଣି ସାହିତ୍ୟର ପ୍ରଚାରକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଯଦୁମଣିଙ୍କ ପରିବାରର ୬ଷ୍ଠ ପିଢ଼ିର ଦାୟାଦ୍ ରୋହନ ମହାପାତ୍ର ଯୋଗ ଦେଇଥିଲେ।

## ଡିଜିପି ପଦକ ପାଇଲେ ଭେଜିପୁଟ ଫାଣ୍ଡି ଅଧିକାରୀ

ଖଲ୍ଲିକୋଟ, ୧୩।୧(ପ୍ରଶାନ୍ତ କୁମାର ମିଶ୍ର)
ଖଲିକୋଟ ଥାନା ଅନ୍ତର୍ଗତ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଡିଜିପି ପଦକ ପାଇଛନ୍ତି। ରାଜ୍ୟ ପୋଲିସ ବାହିନୀରେ ନିଷ୍ଠାପର ସେବା ଓ କାର୍ଯ୍ୟ ଦକ୍ଷତା ପାଇଁ ପୋଲିସ ମହାନିର୍ଦ୍ଦେଶକ ତାଙ୍କୁ ଏହି ପଦକ ପ୍ରଦାନ କରିଛନ୍ତି। ରବିବାର କଟକ ସ୍ଥିତ ଆର୍‌କେ ମେମୋରିଆଲ ହଲରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ୪୬ ଜଣ ପୋଲିସ ଅଧିକାରୀଙ୍କୁ ଡିଜିପି ପଦକ ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ଭେଜିପୁଟ ଫାଣ୍ଡି ଓ ଆଇସି ଦେବାଶିଷ ମିଶ୍ର ରହିଛନ୍ତି। ଖଲିକୋଟ ଥାନା ଅଞ୍ଚଳରେ ଘଟୁଥିବା ଘଟଣା ଗୁଡିକୁ ଗୁରୁତର ସହ ନେବା ଏବଂ ଖୁବ କମ ଦିନରେ ସେଗୁଡିକ ସମାଧାନ କରିବା ଓ ଜଣେ ସଚୋଟ ଅଫିସର ଭାବେ ଦେବାଶିଷଙ୍କ ସୁନାମ ରହିଛି। ଏନେଇ ଖଲିକୋଟ ଥାନା ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।


Gangadhar Meher University,
Amruta Vihar, Sambalpur, Odisha-768001
Invitation of Expression of Interest for engagement as PMC for Construction of different buildings at G.M University, Sambalpur

Advt. No. 121/GMU Date 13.01.2026

Gangadhar Meher University, Sambalpur invites Expression of Interest (EoI) from reputed public sector organization such as State PSU/ Central PSU for engagement as Project Management Consultant (PMC) for Construction of different buildings at the G.M. University, Sambalpur. Interested Agencies are requested to visit the official website www.gmuniversity.ac.in for details. The last date of submission of EoI is 12.02.2026.

Sd/-
Registrar

Gangadhar Meher University,
Amruta Vihar, Sambalpur, Odisha-768001
Invitation of Expression of Interest (EoI) for Empanelment of Vendors for Supply of various items/services

Advt. No. 125/GMU Date 13.01.2026

G.M. University, Sambalpur invites Expression of Interest (EoI) from reputed Manufacturer(s)/ Authorised Dealer(s)/ Distributor(s)/ Supplier(s) for Vendor Registration and Empanelment for supply of various items & services i.e. Accommodation for guests, supply of Tea, Snacks & water, Seminar gifts, Tent and Decorator, Travel Agency, Office stationaries, Flower decorators, Catering services, Printing services, Photography and Videography services, etc. as provided in the prescribed format. Interested vendor(s) are requested to visit the official website www.gmuniversity.ac.in for details. The last date of submission of EoI is 22.01.2026.

Sd/-
Registrar



No. O-2035 GOVERNMENT OF ODISHA eerwbnjr@gmail.com
OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR
NATIONAL COMPETITIVE BIDDING THROUGH e-Procurement
Identification No. Online Tender/24/RWDBNJ/2025-2026
Ltr. No. 114 Date: 07.01.2026


| Identification No. | Name of Work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDBNJ/24/ 2025-26 | Road Work | 2 Nos. | 66.74 to 67.80 Lakhs | "B" Class as applicable | 02 (Three) Calendar Months |

| Procurement Officer | Bid Identification No. | Availability of Tender Online for Bidding From | To |
|---|---|---|---|
| Superintending Engineer, R.W. Division, Bhanjanagar | Online Tender/24/ RWDBNJ/2025-2026 | 15.01.2026 at 10.00 A.M. | 27.01.2026 upto 3.00 P.M. |


Further details can be seen from the website: www.tendersodisha.gov.in.
OIPR- Sd./- Executive Engineer, R.W. Division, Bhanjanagar



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR
At: Chandikhole, P.O.: Sunguda, Jajpur - 754296, Email: serw_kpd@yahoo.com
Letter No. 66 Date: 09.01.26
2nd Corrigendum Notice
2nd Corrigendum to Bid Identification No. Tender Online RCK-20/25 invited this office Letter No. 4008 Dt.27.11.2025.
No. O-2034: The changes as detailed below are hereby made in the above N.I.T. for Sl. No. 12, 13, 22, 24, 25, 26, 28, 30, 31, 32, 33 & 34 (Annexure attached).


| Procurement Officer | Bid Identification No. | Availability of Tender Online for Bidding | | Last Date & Time of seeking tender clarification | | Date & Time of opening of Tender: Technical Bid | | Financial Bid | |
|---|---|---|---|---|---|---|---|---|---|
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara-Jajpur | Tender Online RCK-20/25 | From 10.12.2025 at 11.00 A.M. to 12.01.2026 upto 05.00 P.M. | From 12.01.2026 at 11.00 A.M. to 27.01.2026 upto 05.00 P.M. | 12.01.2026 upto 02.00 P.M. | 27.01.2026 upto 02.00 P.M. | 13.01.2026 at 11.00 A.M. | 28.01.2026 at 11.00 A.M. | Will be intimated later | Will be intimated later |


All other conditions of NIT remain unaltered.
OIPR: Sd./- Chief Construction Engineer, Rural Works Circle, Kendrapara-Jajpur



ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା - ୨୦୨୬

ରାଇରଙ୍ଗପୁର ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ମିଳିତ ଉଦ୍ୟମରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଆସନ୍ତା ଜାନୁୟାରୀ ୧୮ତାରିଖଠାରୁ ଜାନୁୟାରୀ ୨୨ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁର କଚେରି ଷ୍ଟାଡିୟମଠାରେ ଆୟୋଜିତ ହେବାକୁ ଯାଉଛି। ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୦ରୁ ଉର୍ଦ୍ଧ୍ୱ ଅଭିଜ୍ଞ ବୈଦ୍ୟମାନଙ୍କର ସମାଗମ ହେବ। ପ୍ରାଚୀନ ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀକୁ ଆଧାରକରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଚେରମୂଳୀ ଓ ହର୍ବାଲ ଔଷଧ ଇତ୍ୟାଦି ବିକ୍ରୟ ହେବ। ଲୋକମାନଙ୍କ ମଧ୍ୟରେ ଆୟୁର୍ବେଦିକ ଚିକିତ୍ସାର ପ୍ରଚାର ପ୍ରସାର ପାଇଁ ଏହା ଏକ ପ୍ରୟାସ। ଏଥି ସହିତ ଅଭିଜ୍ଞ ସରକାରୀ ସ୍ୱୀକୃତିପ୍ରାପ୍ତ ଆୟୁର୍ବେଦିକ ଡାକ୍ତରମାନଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷାର ମଧ୍ୟ ସୁବିଧା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି ଏହି ମେଳାକୁ ସାଫଲ୍ୟ ମଣ୍ଡିତ କରାନ୍ତୁ।

ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ
ରାଇରଙ୍ଗପୁର ବନଖଣ୍ଡ



PARADIP PORT AUTHORITY
Tender No.ENG/CE/1523/NDC3/2024/375
Dt.08.01.2026
DEVELOPMENT OF NORTH DOCK COMPLEX-3 (NDC-3) BERTH FOR HANDLING DRY BULK CARGO ON CAPTIVE BASIS
INVITATION OF REQUEST FOR QUALIFICATION (RFQ)
Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date and time of submission of RFQ Applications is 24/02/2026 till 1400 hours.
Executive Engineer (C),
Project Implementation Office, PPA.
PPA/PR/64/2025-2026, dt.12/01/2026



ଦ.ପୂ. ରେଳପଥ – ଟେଣ୍ଡର
ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୭-୧୧-୨୬, ତାରିଖ: ୦୯।୦୧।୨୦୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍ (ଇଏନ୍‌ଜିଜି)/ଆଦ୍ରା, ଦକ୍ଷିଣ ପୂର୍ବ ରେଳପଥ ତଳେ ଦର୍ଶାଯାଇଥିବା ଅନୁଯାୟୀ ପି.ଓ୍ୱେ, ବାଲାଷ୍ଟ, ଏଫ୍‌ଓବି ଏବଂ ଡ୍ରେନେଜ୍, ବିବିଧ କାର୍ଯ୍ୟ ନିମନ୍ତେ ୦୫ (ପାଞ୍ଚ) ଗୋଟି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.-୧, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୭-୨୬। କାର୍ଯ୍ୟର ବର୍ଣ୍ଣନା: ଯେକୌଣସି କ୍ୱାରିରୁ ବିଷ୍ଣୁପୁର ଡିପୋଠାରେ ଷ୍ଟାକ୍‌ରେ ୫୦ ମିମି ଗେଜ୍ ମେସିନ୍ କ୍ରସ୍‌ଡ ବାଲାଷ୍ଟର ଯୋଗାଣ କରିବା ଓ ପହଞ୍ଚାଇବା ତଥା ତାହାକୁ ଯେକୌଣସି ପ୍ରକାର ରେଳ ୱାଗନ୍‌ରେ ବୋଝେଇ କରିବା। ଟେଣ୍ଡର ମୂଲ୍ୟ: ₹୨,୩୦,୪୨,୪୪୮। କ୍ର.ସଂ.-୨, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୮-୨୬। କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ପୁରୁଲିଆଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାଫିକ୍‌ର ସୁରକ୍ଷିତ ଚଳାଚଳ ଲାଗି ଟ୍ରାକ୍‌ର ସୁଦୃଢ଼ୀକରଣ ଓ ମାନକୀକରଣ ଲାଗି ବିବିଧ ପି.ଓ୍ୱେ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୪,୧୪,୦୬,୯୮୧.୪୬। କ୍ର.ସଂ.-୩, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୯-୨୬। କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ପୂର୍ବ/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାଫିକ୍‌ର ସୁରକ୍ଷିତ ଚଳାଚଳ ଲାଗି ଟ୍ରାକ୍‌ର ସୁଦୃଢ଼ୀକରଣ ଓ ମାନକୀକରଣ ଲାଗି ବିବିଧ ପି.ଓ୍ୱେ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୪,୧୪,୦୬,୯୮୧.୪୬। କ୍ର.ସଂ.-୪, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୦-୨୬। କାର୍ଯ୍ୟର ବର୍ଣ୍ଣନା: ବାଙ୍କୁରା-ମାସାଗ୍ରାମ ସେକ୍ସନ ମଧ୍ୟରେ ବନ୍ଦ ଲେଭଲ କ୍ରସିଂ ବିଆର୍-୧୦୮ ଓ ବିଆର୍-୦୧ ନିକଟରେ ପ୍ରସ୍ତାବିତ ଏଲ୍‌ଏଚ୍‌ଏସ୍‌ଠାରେ ଡ୍ରେନେଜ୍ ସିଷ୍ଟମ୍‌ର ଉନ୍ନତୀକରଣ ଓ କଭର୍ ଶେଡ୍‌ର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ₹୪,୨୨,୫୧,୬୭୫.୧୭। କ୍ର.ସଂ.-୫, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୧-୨୬। କାର୍ଯ୍ୟର ବର୍ଣ୍ଣନା: ଚନ୍ଦ୍ରକୋଣା ରୋଡ୍ ଷ୍ଟେଶନର ସର୍କୁଲେଟିଂ ଏରିଆ ସହିତ ବିଦ୍ୟମାନ ଆଇଲାଣ୍ଡ ପିଏଫ୍ ଏବଂ ପ୍ରସ୍ତାବିତ ପିଏଫ୍‌କୁ ଯୋଡ଼ିବା ପାଇଁ ଏକ ନୂତନ ଏଫ୍‌ଓବି (୩-ମିଟର ଚଉଡ଼ା)ର ନିର୍ମାଣ। ଟେଣ୍ଡର ମୂଲ୍ୟ: ₹୫,୬୨,୩୮,୭୭୯.୧୦। ଇ-ଟେଣ୍ଡରଗୁଡ଼ିକ ବନ୍ଦ ହେବାର ତାରିଖ ଓ ସମୟ ହେଉଛି ତା୧୦।୦୨।୨୦୨୬ରିଖ ୧୫.୦୦ ଘଟିକା (କ୍ର.ସଂ. ୧ ଓ ୫ ପାଇଁ ପ୍ରତ୍ୟେକ)। ଉପରୋକ୍ତ ଇ-ଟେଣ୍ଡରର ବିବରଣୀ www.ireps.gov.in ରେ ଦେଖାଯାଇପାରିବ। (PR-1054)



See Career Appointment on every Wednesday & Saturday



REQUIRED
Female Nurses (DMLT)
for Fresher/ Experience Lab Testing in Bhubaneswar. Send resume on Whatsapp. or Contact- 8339966999



ଚେନ୍ନାଇ (ଶ୍ରୀପେରୁମ୍ବୁଦୁର)ଠାରେ ଆମ ଗ୍ରାନାଇଟ୍ ୟୁନିଟ୍‌ରେ କାମ କରିବା ପାଇଁ **ପୁରୁଷ ହେଲ୍‌ପର୍** ପ୍ରାର୍ଥୀ ଆବଶ୍ୟକ। ପ୍ରାର୍ଥୀଙ୍କୁ ଫିନିଶ୍‌ଡ ଗ୍ରାନାଇଟ୍ ବୋଝେଇ ଓ ଖଲାସ କରିବା, ପ୍ୟାକିଂ ତଥା ଷ୍ଟାକିଂରେ ସାହାଯ୍ୟ କରିବାକୁ ହେବ। ଦରମା: ଟ.14,000-15,000/-। ରହିବା ଓ ଖାଇବା ସୁବିଧା ଦିଆଯିବ।
ଷ୍ଟୋନ୍ ଆର୍ଟ ପ୍ରା. ଲିଃ, ଚେନ୍ନାଇ
ଯୋଗାଯୋଗ:
8090890945, 8015654079



ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. eT-M-BG-PURI-42-2026
କାର୍ଯ୍ୟର ନାମ : 04 (ଚାରି) ବର୍ଷର ଅବଧି ନିମନ୍ତେ କୋଚିଂ ଡିପୋ ପୁରୀ ଠାରେ କ୍ୟାରେଜ ମରାମତି କାରଖାନା, ମଞ୍ଚେଶ୍ୱର ପର୍ଯ୍ୟନ୍ତ BG କୋଚ ର ସମସ୍ତ ପ୍ରକାର ବଗିଗୁଡ଼ିକର ପରିବହନ ଏବଂ ଫେରିବା, ଯେଉଁଥିରେ ମେସିନକୃତ ଭରିବା / ଖାଲିକରିବା ଅନ୍ତର୍ଭୁକ୍ତ ଅଟେ ଏବଂ SS-I ସୂଚୀ ନିମନ୍ତେ ବନ୍ଦେ ଭାରତ ବଗିଗୁଡ଼ିକୁ ପୁରୀ ଠାରୁ ତିରୁପତି କାରଖାନା ପର୍ଯ୍ୟନ୍ତ ପରିବହନ ଏବଂ ଫେରିବା।
ଟେଣ୍ଡର ମୂଲ୍ୟ : ₹ 3,13,52,431.78, EMD : ₹ 3,06,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 48 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.15.01.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :
ତା.29.01.2026 ରିଖ 1530 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
କୋଚିଂ ଡିପୋ ଅଧିକାରୀ/ ପୁରୀ
PR-1004/Q/25-26



ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. 58-SBP-TRD-OT-2025-26, ତା.07.01.2026ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ OHE ର ନିର୍ଭରଯୋଗ୍ୟତା (Reliability) ବୃଦ୍ଧି ନିମନ୍ତେ ଏଣ୍ଟି-ମଙ୍କି କ୍ଲାଇମ୍ବିଂ (Climbing) ଡିଭାଇସ୍ ର ବ୍ୟବସ୍ଥା।
ଆନୁମାନିକ ମୂଲ୍ୟ : ₹ 84,56,508/-, EMD : ₹1,69,100/-, ଶେଷ ହେବା ଅବଧି : 08 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :
ତା.29.01.2026ରିଖ 1530 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-1002/Q/25-26

**ଆଜିଠାରୁ ଓଳାଶୁଣୀ ଗୁମ୍ଫା ମେଳା**

ଚଣ୍ଡିଖୋଲ,(ପ୍ରଦୀପ୍ତ କୁମାର ପୃଷ୍ଟି): ଓଡ଼ିଶାର ପ୍ରସିଦ୍ଧ ମେଳା ଭାବେ ପରିଚିତ ଓଳାଶୁଣୀ ଗୁମ୍ଫାମେଳା ବୁଧବାରଠାରୁ ଆରମ୍ଭ ହେବ। ଏହା ୧୨ ଦିନ ଧରି ଚାଲିବ। ଏଥିପାଇଁ ମଙ୍ଗଳବାର ସନ୍ଧ୍ୟାରେ କେଶ ଯାତ୍ରା ଆରମ୍ଭ ହୋଇ ରାତି ସୁଦ୍ଧା ପାହାଡ଼ ଶୀର୍ଷ ଦେଶରେ ଥିବା ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ମନ୍ଦିର ପହଞ୍ଚିଯାଇଛି। ମେଳା ପାଇଁ ଗୁମ୍ଫା ଉନ୍ନୟନ ପରିଷଦ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପାହାଡର ପାଦ ଦେଶରୁ ଶୀର୍ଷ ଦେଶ ପର୍ଯ୍ୟନ୍ତ ବହୁ ଦୋକାନ ଖୋଲିଛି। ମିଶନ ଶକ୍ତି ଓ ହସ୍ତଶିଳ୍ପ କଳା ପ୍ରଦର୍ଶନୀ ପାଇଁ ଅସ୍ଥାୟୀ ଶିବିର ଆୟୋଜନ କରାଯାଇଛି। ବୁଧବାର ଭୋର ସମୟରେ ବହୁ ଭକ୍ତ ପହଞ୍ଚି ମହାପ୍ରସାଦ ସେବନ କରିବାର ବ୍ୟବସ୍ଥା କରାଯାଇଛି।



# କୃଷି ବିକାଶରେ ପାଣି ପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ - ୨୦୨୬ ପାଳିତ

**ଯାଜପୁରରୋଡ୍, ୧୩।୧ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁର ଜଳସମ୍ପଦ ବିଭାଗ ପକ୍ଷରୁ ବ୍ୟାସନଗର ସ୍ଥିତ ଟାଉନ ହଲଠାରେ ମଙ୍ଗଳବାର ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯାଜପୁର ଏମ୍ପି ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ଜିଲାପାଳ ଅମ୍ବର କୁମାର କର, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଣବ ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ତପନ ମହାପାତ୍ର, ଯାଜପୁର ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ଜାରକା ଅଧୀକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାସ ଯୋଗ ଦେଇଥିଲେ।

ଏହିଅବସରରେ ଏମ୍ପି ବେହେରା କହିଥିଲେ, କୃଷିର ବିକାଶରେ ପାଣି ପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମଧ୍ୟ ନଦୀ ସଂଯୋଗୀକରଣ ଉପରେ ଯୋଜନା କରିଥିଲେ। ଯାଜପୁରର ନଦୀଗୁଡ଼ିକରେ ବ୍ୟାରେଜ ନିର୍ମାଣ ସହ ଜାତୀୟ ଜଳପଥ-୫କୁ ସଂଯୋଗ ପାଇଁ ସରକାର ଯୋଜନା କରୁଛନ୍ତି ଏବଂ ଏହା ଆଗାମୀ ଦିନରେ କାର୍ଯ୍ୟକାରୀ ହେବ। ବ୍ରିଟିଶ ଅମଳର କେନାଲଗୁଡ଼ିକୁ ପୁନରୁଦ୍ଧାର କରି ଜଳସେଚନ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରାଯିବ। ସେ ଆଣ୍ଡାମାନ ନିକୋବାରରେ ଜଳ ସୁପରିଚାଳନାର ଉଦାହରଣ ଦେଇ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଉପରେ ମତବ୍ୟକ୍ତ କରିଥିଲେ।

ବିଧାୟକ ଦାସନାୟକ ପାଣି ପଞ୍ଚାୟତର ଆବଶ୍ୟକତା ସମ୍ପର୍କରେ ବୁଝାଇବା ସହ ରେଙ୍ଗାଲି କେନାଲ କାର୍ଯ୍ୟକାରୀ ହେବା ପରେ କୋରେଇର ଏକ ବୃହତ ଅଞ୍ଚଳ ଲାଭବାନ ହେବ ବୋଲି କହିଥିଲେ। ଆଗକୁ ପ୍ରାୟ ୩୦୦ କୋଟି ଟଙ୍କାର ଟେଣ୍ଡର ହେବା ପାଇଁ ଯାଉଛି, ଏହାଦ୍ୱାରା କୋରେଇ ଏବଂ ଘସିପୁରା ଅଞ୍ଚଳବାସୀ ଜଳସେଚନ ସୁବିଧା ପାଇବେ। ବାର ମାସ ଅର୍ଥକାରୀ ଫସଲ ଉତ୍ପାଦନ କରି ଚାଷୀ କିଭଳି ଜଣେ ବ୍ୟବସାୟୀ ଏବଂ କୃଷି ଉଦ୍ୟୋଗୀ ହୋଇପାରିବେ, ସେ ଉପରେ ବିଧାୟକ ଗୁରୁତ୍ୱ ଦେଇଥିଲେ। ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ପାଣି ପଞ୍ଚାୟତର ସଚେତନତା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଜିଲାପାଳ ଜଳ, ମୃତ୍ତିକା ଭଳି ପ୍ରାକୃତିକ ସମ୍ପଦର ସଂରକ୍ଷଣ ଓ ସୁପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲା ପରିଷଦ ସଭାପତି ପାଣି ପଞ୍ଚାୟତ ଦ୍ୱାରା କିଭଳି କୃଷିର ବିକାଶ ହେଉଛି ସେ ସମ୍ପର୍କରେ ବୁଝାଇଥିଲେ।

କାର୍ଯ୍ୟକ୍ରମରେ ବରିଷ୍ଠ କୃଷି ବୈଜ୍ଞାନିକ ସୁନିଲ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ସୁଧାଂଶୁ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ବିପିନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଟାଉନ ହଲ ପରିସରରେ ମତ୍ସ୍ୟ ସମ୍ପଦ, ଆଗ୍ରୋ ଇଣ୍ଡଷ୍ଟ୍ରିଜ, କୃଷି ବିଭାଗ, ଉଦ୍ୟାନ ବିଭାଗ, ଉଠା ଜଳସେଚନ ବିଭାଗ, ବୃହତ ଉଠା ଜଳସେଚନ ସମ୍ବନ୍ଧୀୟ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଜିଲାର ବିଭିନ୍ନ ପାଣି ପଞ୍ଚାୟତର ସଭାପତି, ସଦସ୍ୟ, ଚାଷୀ ଭାଇ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ପାଣି ପଞ୍ଚାୟତ ସମ୍ପାଦକ ନଳିନୀକାନ୍ତ ପୃଷ୍ଟି ଧନ୍ୟବାଦ ଦେଇଥିଲେ।


ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଝୁମାଇଲେ ମଣ୍ଟୁ ଛୁରିଆ, ହସାଇଲେ ପପୁ ପମ୍‌ପମ୍

## କ୍ରୋମନଗର ମହୋତ୍ସବ ଉଦ୍‌ଯାପିତ

**କାଳିଆପାଣି, ୧୩।୧ (ଅସିତ ମହାନ୍ତ):**

୩ ଦିନ ଧରି ଚାଲିଥିବା କ୍ରୋମନଗର ମହୋତ୍ସବ-୨୦୨୬ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସମବାୟ, ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବ ପଲ୍ଲୀ ସୌରିକି ଅଞ୍ଚଳର କଳା, ଭାସ୍କର୍ଯ୍ୟ, ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣିପାରିଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଯାଜପୁର ଏମ୍ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ସରକାରଙ୍କ ଜନହିତକର କାଯ୍ୟକ୍ରମରେ ଲାଭଉଠାଇବାକୁ ପଲ୍ଲୀସୌରିକି ଅଞ୍ଚଳବାସୀଙ୍କୁ ନିବେଦନ କରିଥିଲେ। ଯାଜପୁର ଭାଜପା ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ରାଜ, ଓଡ଼ିଶା ଖଣିନିଗମ ଆଞ୍ଚଳିକ ପ୍ରବନ୍ଧକ ଅବନୀକାନ୍ତ ପ୍ରଧାନ, କ୍ରୋମ ନଗର ମହୋତ୍ସବ ସଭାପତି ଅମଳେନ୍ଦୁ ବେହୁରା, କାର୍ଯ୍ୟକାରୀ ସଭାପତି ବିଶ୍ୱଜିତ ନାୟକ, ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିୟନର ସଭାପତି ସବ୍ୟସାଚୀ ବଳସାମନ୍ତ ଉପସ୍ଥିତଥିଲେ।

ଅପରାହ୍ନରେ କୋରିଓଗ୍ରାଫର ସାଗର ନାୟକଙ୍କ ସଂଯୋଜନାରେ କ୍ରୋମନଗର ଅଞ୍ଚଳର କୁନିକୁନି କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଅତିଥିଙ୍କ ଦ୍ୱାରା ଓଡ଼ିଶା ଖଣିନିଗମ, ଟାଟାଷ୍ଟିଲ, ବେଦାନ୍ତ, ଇମ୍ଫା, ବାଲେଶ୍ୱର ଅଲଏଜ, ଜିନ୍ଦଲ ଷ୍ଟେନଲେସ ଷ୍ଟିଲ, ମାହେଶ୍ୱରୀ, ଓଡ଼ିଶା ମୋଟର୍ସ, ଡେକୋ, କେସିସି, ଏଏସି, ଅଟୱାଲ, ଧନେଶର ମହାନ୍ତ କମ୍ପାନୀର ଖଣି ମୁଖ୍ୟ ଏବଂ ବିଭିନ୍ନ ଖଣିରେ କାର୍ଯ୍ୟକରୁଥିବା ପରିବହନ ସଂସ୍ଥାକୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସନ୍ଧ୍ୟାରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ମଣ୍ଟୁ ଛୁରିଆ ତାଙ୍କ ସମ୍ବଲପୁରୀ ଗୀତରେ ଦର୍ଶକଙ୍କୁ ଝୁମାଇଥିଲେ। ପପୁ ପମ୍‌ପମ୍ ତାଙ୍କ କମେଡିରେ ଦର୍ଶକଙ୍କୁ ହସାଇଥିଲେ। ସେହିପରି ଓଡ଼ିଆ ଅଭିନେତ୍ରୀ ଶୀତଲଙ୍କ ଅଭିନୟ ଓ ନୃତ୍ୟ ଏବଂ କଣ୍ଠଶିଳ୍ପୀ ସିମରାନ ଦାସଙ୍କ ସଙ୍ଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଦର୍ଶକ ମନଭରି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ ଅସିତ ମହାନ୍ତ, ଲମ୍ବୋଦର ଦଳବେହେରା, ରବୀନ୍ଦ୍ର ସାମଲ, ପୁଷ୍ପକ ମହାପାତ୍ର, ଶେଖ ଜହୁର, ଭାଜପା ନେତା ବେଣୁଧର ମହାନ୍ତ, ମନୋଜ ନାୟକ, ଦୀପକ ପାତ୍ର, ସତ୍ୟଜିତ ନାୟକ, ମନୋଜ ମହାନ୍ତ, ଦିଲୀପ ନାୟକ, ବେଣୁଧର ମହାକୁଡ଼, ଲିଟୁ ମହାନ୍ତ, ରବୀନ୍ଦ୍ର ଭଞ୍ଜ, ଗୋପବନ୍ଧୁ ଦାଶ, ମଧୁସୂଦନ ପୃଷ୍ଟି, ବାପଜ ମହାନ୍ତି, ଗଣେଶ୍ୱର ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।


କଣ୍ଠ ଶିଳ୍ପୀ ମଣ୍ଟୁ ଛୁରିଆ ସଙ୍ଗୀତ ପରିବେଷଣ କରୁଛନ୍ତି।

# ବଳାତ୍କାରୀ, ସହଯୋଗୀଙ୍କୁ ୧୦ବର୍ଷ କାରାଦଣ୍ଡ

**ଯାଜପୁର ଟାଉନ, ୧୩।୧ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଯାଜପୁର ଆଡହକ ଏଡିଜେ ତଥା ସ୍ୱତନ୍ତ୍ର ପୋକସୋ ଜଜ୍ ଶରତ କୁମାର ଦେହୁରୀ ୯ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଅଭିଯୁକ୍ତ ଗଣେଶ ବାଷ୍ଟ ଓ ସହଯୋଗୀ ରାକେଶ ନାୟକଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ଏଥି ସହିତ ୧୦ ହଜାର ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ସେହିପରି ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ଅଗଷ୍ଟ ୫ରେ ପାଣିକୋଇଲି ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକା ଶୌଚ ହେବାକୁ ସନ୍ଧ୍ୟାରେ ନିକଟ ଗ୍ରାମ୍ୟ ପଡ଼ିଆକୁ ଯାଇଥିଲେ। ଏହି ସମୟରେ ଗଣେଶ ଓ ରାକେଶ ନାବାଳିକାଙ୍କ ମୁହଁରେ କପଡ଼ା ବାନ୍ଧି ତାଙ୍କୁ ବାଇକରେ ଉଠାଇ ନେଇଥିଲେ। ଏକ ଚାଳ ଛପର ଘରେ ଏକୁଟିଆ ଛାଡ଼ି କବାଟରେ ତାଲା ପକାଇ ପଳାଇ ଯାଇଥିଲେ। ଏହାପରେ ନାବାଳିକାଙ୍କୁ ଗଣେଶ ୧୫ ଦିନ ରଖି ବଳାତ୍କାର କରିଥିଲେ। ଏଥିରେ ରାକେଶ ସହଯୋଗ କରିଥିଲେ। ଏନେଇ ନାବାଳିକାଙ୍କ ବାପା ୨୦୧୮ ଅଗଷ୍ଟ ୬ରେ ପାଣିକୋଇଲି ଥାନାରେ ଝିଅ ନିଖୋଜ ହୋଇ ଯାଇଥିବା ଅଭିଯୋଗ କରିଥିଲା। ପରେ ସେହି ମାସ ୯ ତାରିଖରେ ତାଙ୍କ ଝିଅଙ୍କୁ ଅପହରଣ କରି ଉପରୋକ୍ତ ଯୁବକଦ୍ୱୟ ନେଇ ଯାଇଛନ୍ତି ବୋଲି ପୁଣି ଅଭିଯୋଗ କରିଥିଲେ। ପୋଲିସ ନଂ. ୧୧୯/୧୮ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ରାୟ ପରିଚାଳନା କରୁଥିଲେ।

# ଅସଦାଚରଣକାରୀଙ୍କୁ ୩ ବର୍ଷ ଜେଲ

**ଯାଜପୁର ଟାଉନ, ୧୩।୧ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ ମାମଲାର ମଙ୍ଗଳବାର ରାୟପ୍ରକାଶ ପାଇଛି। ଯାଜପୁର ଆଡହକ ଏଡିଜେ ତଥା ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଶରତ କୁମାର ଦେହୁରୀ ମାମଲାର ବିଚାର କରି ୫ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଦୋଷୀ ସରଜୁ ଜେନାଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ୩ ହଜାର ଜରିମାନା କରିଛନ୍ତି। ଜରିମାନା ଅନାଦେୟ ୬ମାସ ଅଧିକ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଅକ୍ଟୋବର ୧୬ରେ ସମ୍ପୃକ୍ତ ନାବାଳିକା ଟ୍ୟୁସନ ଯାଉଥିବାବେଳେ କୁଆଖିଆ ଥାନା କଣ୍ଡିଆକଣ ଗ୍ରାମର ସରଜୁ ତାଙ୍କୁ ଅଟକାଇବା ସହ ରାସ୍ତା ମଝିରେ ଟଣାଓଟରା କରି ଅସଦାଚରଣ କରିଥିଲେ। ନାବାଳିକା ଜଣକ ଘଟଣା ସମ୍ପର୍କରେ ତାଙ୍କ ଘରେ ଜଣାଇଥିଲେ। ନାବାଳିକାଙ୍କ ବାପା ସରଜୁଙ୍କୁ ପଚାରିବାରୁ ସେ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ମାଡ଼ ମାରିବା ସହ ମାରଣାସ୍ତ୍ର ଦେଖାଇ ବିଭିନ୍ନ ଧମକ ଚମକ ଦେଇଥିଲେ। ଏନେଇ ନାବାଳିକାଙ୍କ ବାପା ୧୭-୧୦-୨୦୨୦ରେ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୩୪୮/୨୦ରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ରାୟ ପରିଚାଳନା କରୁଥିଲେ।

# ଆମ ବଡ଼ଚଣା ମହୋତ୍ସବ ଉଦ୍‌ଯାପିତ

**ବଡ଼ଚଣା, ୧୩।୧ (ଦିଲୀପ କୁମାର ମହାନ୍ତି):**

ବଡ଼ଚଣା କେଏମସି ପଡ଼ିଆରେ ୭ତାରିଖରୁ ଆରମ୍ଭ ହୋଇଥିବା ଆମ ବଡ଼ଚଣା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ତଥା ବିଧାୟକ ଅମର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ବଡ଼ଚଣାର ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ପର୍ଯ୍ୟଟନର ପ୍ରଚାର ପ୍ରସାର କ୍ଷେତ୍ରରେ ବଡ଼ଚଣା ମହୋତ୍ସବ ସାହାଯ୍ୟ କରିବା ସହିତ ବଡ଼ଚଣାର ବିକାଶ ଭାଇଚାରା ସୃଷ୍ଟି କରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ଉଦୟଗିରିଠାରେ ବିଶ୍ୱ ସମ୍ମିଳନୀ ଓ ସନ୍ଥ ହାଡ଼ି ଦାସଙ୍କ ଜୟନ୍ତୀ ବଡ଼ଚଣାକୁ ବିଶ୍ୱରେ ପରିଚିତ କରିଛିବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଉଦୟ ଭାରତ ସଂପାଦକ ଦୀପକ ରଥ ଯୋଗଦେଇ ମତ ରଖିଥିଲେ। ବିଧାୟକ ମହୋତ୍ସବର ସଫଳତା ପାଇଁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସମ୍ପାଦକ ଦିଲୀପ ଚୌଧୁରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହୋଲି ଜେଶସ ପବ୍ଲିକ ସ୍କୁଲ ଅଧ୍ୟକ୍ଷା କାମିନୀ ନାୟକଙ୍କ ରଚିତ ପୁସ୍ତକ 'ଦି ୱେ ୟୁ କ୍ୟାନ'କୁ ଅତିଥି ଉନ୍ମୋଚନ କରିଥିଲେ।


ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

# ପାଣି ବୋତଲ ପ୍ୟାକେଟରେ ଗଞ୍ଜେଇ ଚାଲାଣ

**୧ କୁଇଣ୍ଟାଲ ୬୦ କେଜି ଗଞ୍ଜେଇ ଜବତ, ୨ ଗିରଫ**

**ଯାଜପୁର ଟାଉନ, ୧୩।୧ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ଭ୍ରାମ୍ୟମାଣ ଅବକାରୀ ପୋଲିସ ଟିମ୍ ୧ କୁଇଣ୍ଟାଲ ୬୦ କେଜି ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗାଡ଼ି ଚାଳକ ବୌଦ୍ଧ ଜିଲା ରକ୍ସା ଗ୍ରାମର ଆନନ୍ଦ ଭୋଇ(୨୦) ଓ ଗଞ୍ଜେଇ ବେପାରୀ ଅନୁଗୋଳ ଜିଲା ରେଙ୍ଗଲବେଡ଼ା ଅଞ୍ଚଳର ଅନିଲ ବେହେରା(୨୨)। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ଟଙ୍କାର ହେବ ବୋଲି ଜଣାପଡ଼ିଛି।

ସୋମବାର ଅପରାହ୍ନରେ ଯାଜପୁର ଅବକାରୀ ଭ୍ରାମ୍ୟମାଣ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଯାଜପୁର-ଷଠିପୁର ରାସ୍ତାର ମାଳହାଟ ନିକଟରେ ଓଡି୦୨ସିଭି୩୦୭୩ ନମ୍ବରର ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଗଞ୍ଜେଇ ଯାଉଥିବା ବିଶେଷ ସୂତ୍ରରୁ ଖବର ପାଇଥିଲା। ଏହାପରେ ଅବକାରୀ ଟିମ୍ ଗାଡ଼ି ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ପାଣିବୋତଲ ପ୍ୟାକେଟ୍ ତଳେ ଗଞ୍ଜେଇ ରଖାଯାଇ ଚାଲାଣ କରାଯାଉଥିବା ଅବକାରୀ ଟିମ୍ ଜାଣିବାକୁ ପାଇଥିଲା। ଟିମ୍ ଗାଡ଼ି ଜବତ କରିବା ସହିତ ଚାଳକ ଓ ଜଣେ ଗଞ୍ଜେଇ ବେପାରୀଙ୍କୁ କାବୁକରି ଥାନାକୁ ଆଣି ପଚରାଉଚରା ଜାରି ରଖିଥିଲା। ଏନେଇ ଥାନାରେ ନଂ.୨୫୧/୨୫-୨୬ରେ ଏକ ମାମଲା ରୁଜୁ ହୋଇଛି। ଚଢ଼ାଉରେ ଅବକାରୀ ଭ୍ରାମ୍ୟମାଣ ଇନ୍ସପେକ୍ଟର ନାରାୟଣ ବେହେରା, ଅବକାରୀ ଉପନିରୀକ୍ଷକ ଖଗେଶ୍ୱର କଟା, ଏଏସ୍‌ଆଇ ରମେଶ ଚନ୍ଦ୍ର ବେହେରା, ଏଏସ୍‌ଆଇ ସରୋଜ ଚନ୍ଦ୍ର ବେହେରା, କନଷ୍ଟେବଳ ରାକେଶ କୁମାର ମୁର୍ମୁ, ବିକ୍ରମ କୁମାର ବେହେରା ଓ ରୀତାରାଣୀ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

# ଏଆର୍‌ସିଏସ୍ ଅଫିସରେ ତାଲା ପକାଇ ବିକ୍ଷୋଭ

## ଧାନମଣ୍ଡିରେ ଅବ୍ୟବସ୍ଥା ଅଭିଯୋଗ ଆଣିଲା ନବ ନିର୍ମାଣ କୃଷକ ସଙ୍ଗଠନ

**ଯାଜପୁର ଟାଉନ, ୧୩।୧ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ନବନିର୍ମାଣ କୃଷକ ସଙ୍ଗଠନ ଯାଜପୁର ଶାଖା ପକ୍ଷରୁ ମଙ୍ଗଳବାର ଯାଜପୁର ବ୍ଲକ ମାଳଆନ୍ଦପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମରେ ଥିବା ସମବାୟ ସମିତି ଅତିରିକ୍ତ ନିବନ୍ଧକ (ଏଆରସିଏସ୍) ଅଫିସରେ ତାଲା ପକାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଚଳିତ ଖରିଫ ଋତୁରେ ମଣ୍ଡିରେ ଧାନ କିଣାରେ ଚରମ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। ଅଦ୍ୟାବଧି ଜିଲାରେ ବହୁ ସ୍ଥାନରେ ମଣ୍ଡି ଖୋଲା ଯାଇନାହିଁ। ଏ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ କୃଷି ମନ୍ତ୍ରୀ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ସଙ୍ଗଠନ ଅଭିଯୋଗ କରିଛି। ସେହିପରି ପ୍ରକୃତ ଚାଷୀଙ୍କ ଜମି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇ ନ ଥିବାରୁ ମଣ୍ଡିରେ ଚାଷୀ ଧାନ ଦେବାରେ ସମସ୍ୟା ଦେଖାଦେଇଛି। ସାଟେଲାଇଟ ମାଧ୍ୟମରେ ତ୍ରୁଟିପୂର୍ଣ୍ଣ ସର୍ଭେ କରାଯାଇଛି। ଫଳରେ ଚାଷୀ ନିଜର ଉତ୍ପାଦିତ ଧାନକୁ ମଣ୍ଡିରେ ବିକ୍ରି କରିପାରୁନାହାନ୍ତି। ଟୋକନ ମଧ୍ୟ ଠିକଣା ଭାବେ ପାଇବାରେ ସମସ୍ୟା ହେଉଛି। କୃଷି ସମବାୟ ସମିତିରେ ଜାଣିଶୁଣି ଚାଷୀଙ୍କୁ ହଇରାଣ କରାଯାଉଛି ବୋଲି ଅଭିଯୋଗ କରାଯାଇଛି। ତେଣୁ ଏଥିରେ ସୁଧାର ଆଣି ମଣ୍ଡିରେ ସ୍ୱଚ୍ଛତାର ସହ ବିନା କଟନୀ ଛଟନୀରେ ଚାଷୀଙ୍କ ସମସ୍ତ ଧାନ କିଣିବା ପାଇଁ ଦାବି କରାଯାଇଛି। ବିକ୍ଷୋଭ ସ୍ଥଳରେ ଡିଆରସିଏସ୍ ଅମୂଲ୍ୟ କୁମାର ସେଠୀ ପହଞ୍ଚି ସଙ୍ଗଠନ କର୍ମକର୍ତ୍ତାଙ୍କୁ ବୁଝାସୁଝା କରିଥିଲେ। ଚାଷୀ ଯେପରି ମଣ୍ଡିରେ ଧାନ ଦେଇପାରିବେ ତାହାର ସୁବନ୍ଦୋବସ୍ତ କରାଯିବ ବୋଲି ସେ କହିଥିଲେ। ଏଥିସହିତ ଯଦି କୌଣସି ସମସ୍ୟା ସୃଷ୍ଟି ହୁଏ ତେବେ ଲିଖିତ ଜଣାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଆରସିଏସ୍ ମତ ରଖିଥିଲେ। ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଅଶୋକ ଶାନ୍ତି, ଅଶ୍ୱିନୀ କୁମାର, ମାଧବାନନ୍ଦ ଶାନ୍ତି, ବଲ୍ଲଭ ଜେନା, ସୁବାସ ଖଣ୍ଡେଇ, ଅଜୟ ନାୟକ, କାଳନ୍ଦୀ ସାମଲ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।


ଏଆର୍‌ସିଏସ୍ ଅଫିସରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବାସୁ


@ ଜଗତ୍


@ ପ୍ରଦୀପ୍ତ


@ ରଜତ


@ ଶୁଭ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ୱଦେଶୀ ଦ୍ରବ୍ୟ କ୍ରୟରେ ଦେଶକୁ ଆର୍ଥିକ ଶକ୍ତି ମିଳିବ

**କେନ୍ଦ୍ରାପଡ଼ା, ୧୩।୧(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ମହୋତ୍ସବ, ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ମହୋତ୍ସବ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ବେଳେ ୧୭

### ଜିଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା

ପର୍ଯ୍ୟନ୍ତ ପଲ୍ଲିଶ୍ରୀ ମେଳା ରହିବ। କେନ୍ଦ୍ରାପଡ଼ା ଜିଲା ପ୍ରଶାସନ, ଜିଲା ସଂସ୍କୃତି ପରିଷଦ ଏବଂ ଓରମାସ ପକ୍ଷରୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ମହୋତ୍ସବକୁ ମୁଖ୍ୟ ଅତିଥି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ


ଜିଲା ମହୋତ୍ସବରେ ଅତିଥି।

ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଛନ୍ତି। ଜିଲାପାଳ ରଘୁନାଥ ଆର୍. ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ମନ୍ତ୍ରୀ ପାତ୍ର, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଏମ୍‌ପିଙ୍କ ପ୍ରତିନିଧି ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଆୟୋଜିତ ସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ବିଜୟ କେତନ ଉପାଧ୍ୟାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ, ଭାଜପା ସରକାର ଦେଶ ଓ ରାଜ୍ୟର ବିକାଶ ପାଇଁ ସର୍ବଦା କାର୍ଯ୍ୟ କରୁଛି। ଗ୍ରାମାଞ୍ଚଳ ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ଦେଶକୁ ସ୍ୱାବଲମ୍ବୀ କରିବାକୁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ନିକଟରେ ଅପରେଶନ ସିନ୍ଦୂରରେ ବ୍ୟବହାର ହୋଇଥିବା ସ୍ୱଦେଶୀ ଅସ୍ତ୍ର ବାହାର ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଏହାର ଉପଯୋଗିତାକୁ ଦୁନିଆ ପ୍ରଣାମ କରିଛି। ସେହିପରି ଗ୍ରାମାଞ୍ଚଳରେ ହେଉଥିବା ଉତ୍ପାଦ ଏବେ ଗ୍ରାମ ମଧ୍ୟରେ ସୀମିତ ନ ରହି ଦେଶ ଦୁନିଆରେ ପରିଚିତି ଲାଭ କରୁଛି। ଓଡ଼ିଶାରେ ଏବେ ବହୁସଂଖ୍ୟକ ଉତ୍ପାଦକୁ ଜିଆଇ ଟ୍ୟାଗ୍ ମିଳିଲାଣି। ଭାରତ ଏବେ ଆତ୍ମନିର୍ଭର ହେଉଥିବା ବେଳେ ସ୍ୱଦେଶୀ ମେଳାକୁ ଗୁରୁତ୍ୱ ଦିଆଯାଉଛି। ସ୍ୱଦେଶୀ ଦ୍ରବ୍ୟ ସମସ୍ତେ ବ୍ୟବହାର କଲେ ଦେଶରେ ଆର୍ଥିକ ସ୍ଥିତି ସୁଦୃଢ଼ ହେବ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ପ୍ରଶାସନିକ ଅଧିକାରୀମାନେ ପରିଚାଳନା କରିଥିଲେ।

# ଯୁବବର୍ଗଙ୍କ ସଫଳତା ପାଇଁ ଧନଠାରୁ ଜ୍ଞାନ ବଡ଼


ପୁସ୍ତକ ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି, ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷ।

**କେନ୍ଦ୍ରାପଡ଼ା, ୧୩।୧(ଜଗନ୍ନାଥ ଧଳ)**

ଜୀବନଧାରାରେ ସମସ୍ୟା ଆସିବ। ଏହାର ନିରାକରଣ ପାଇଁ ଚେଷ୍ଟା ହେବ। ଜିଜ୍ଞାସୁ ମନ ସର୍ବଦା ସ୍ୱଳ୍ପ ସମୟରେ ସମାଧାନର କାମନା କରିବ। ମାତ୍ର ଏଥିପାଇଁ ଉପଯୁକ୍ତ ଜ୍ଞାନ ଆବଶ୍ୟକ। ଏଠାରେ ଧନଠାରୁ ଜ୍ଞାନ ବଡ଼। ଜ୍ଞାନ ବୃଦ୍ଧି ପାଇଁ ଯୁବବର୍ଗ ପୁସ୍ତକ ପଠନରେ ବ୍ରତୀ ହୁଅ ବୋଲି ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକମେଳାରେ ଅତିଥିମାନେ ଉଦ୍‌ଯାପନୀ ସଭାରେ ମଙ୍ଗଳବାର ମତପ୍ରକାଶ କରିଛନ୍ତି। ସହରର ମହିପାଳଠାରେ

### ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକମେଳା ଉଦ୍‌ଯାପିତ

କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ(କେମ୍) ପକ୍ଷରୁ ଗତ ୬ ତାରିଖଠାରୁ ପୁସ୍ତକମେଳା ଆରମ୍ଭ ହୋଇଥିଲା। ଏହି ପୁସ୍ତକମେଳାର ଉଦ୍‌ଯାପନୀ ସଭାରେ କେମ୍ ସଭାପତି ଅକ୍ଷୟ ପାଣି ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଦେବେନ୍ଦ୍ର କୁମାର ଦାସ, ସମ୍ମାନିତ ଅତିଥି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, କବି ନିରାକାର ଦାସ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ମାତୃଭୂମି ଓ ମାତୃଭାଷାର ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ପ୍ରଥମ କର୍ତ୍ତବ୍ୟ। ବର୍ତ୍ତମାନ ଓଡ଼ିଆ ଭାଷା ସାହିତ୍ୟ ବିଭିନ୍ନ କାରଣରୁ କ୍ରମକ୍ଷୟିଷ୍ଣୁ ହୋଇଚାଲିଛି। ପୁସ୍ତକ ପଠନଠାରୁ ମୋବାଇଲ ବା ଡିଜିଟାଲ ଲାଇବ୍ରେରି ପ୍ରତି ଯୁବବର୍ଗଙ୍କ ଆଗ୍ରହ ବଢ଼ୁଛି। ମାତ୍ର ଖବରକାଗଜ ଓ ପୁସ୍ତକ ପାଠରେ ମନ ଭିତରେ ପଡୁଥିବା ଛାପ ଦୀର୍ଘସ୍ଥାୟୀ ହୋଇଥାଏ। ପୁସ୍ତକ ପଠନ ପାଇଁ ଅବସର ସମୟ ଖୋଜା ନ ଯାଉ ବୋଲି ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ପୁସ୍ତକମେଳାର ଯୁବ ସାହିତ୍ୟ ସମ୍ମାନ ମାତୃଦତ୍ତ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ସଂଗ୍ରାମ ମହାରଣାଙ୍କୁ ନବ ସୃଜନ ସମ୍ମାନ, କବି ଅନ୍ନପୂର୍ଣ୍ଣା ମହାନ୍ତିଙ୍କୁ ସାହିତ୍ୟ ସମ୍ମାନ, ସୂର୍ଯ୍ୟନାରାୟଣ ପବ୍ଲିକେଶନର ସୁଦର୍ଶନ ସାହୁଙ୍କୁ ଶ୍ରେଷ୍ଠ ପ୍ରକାଶକ, ପରେଶ ଦାସଙ୍କୁ ଖବରଦାତା ସମ୍ମାନ ଓ ଲକ୍ଷ୍ମୀକାନ୍ତ ନାୟକ, ଅମ୍ରିନ ସାହାଦ, ବଂଶୀଧର ମହାନ୍ତିଙ୍କୁ କେମ୍‌ର ଶ୍ରେଷ୍ଠ ପରିଚାଳକ ସଦସ୍ୟ ଭାବେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ମହମଦ୍ ଜାହିଦ୍ ଖାନ୍ ପୁସ୍ତକମେଳାର ଉଦ୍‌ଯାପନୀ ବିବରଣୀ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ବିରଜା ରାଉତରାୟ, ରଶ୍ମିରଞ୍ଜନ ବାରିକ, ସରୋଜକାନ୍ତ ସାହୁ, ଗୌତମ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ରୁଦ୍ରେଶ୍ୱର ମହାଦେବ ମନ୍ଦିରରୁ ଚୋରି

**ରଘୁନାଥପୁର, ୧୩।୧ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ଥାନା ଅନ୍ତର୍ଗତ ପଣ୍ଡୁଆସ୍ଥିତ ରୁଦ୍ରେଶ୍ୱର ମହାଦେବ ମନ୍ଦିର ଦାନବାକ୍ସକୁ ସୋମବାର ରାତିରେ ଦୁର୍ବୃତ୍ତମାନେ ଚୋରି କରିନେଇଛନ୍ତି। ସେଥିରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଦାନ ଟଙ୍କା ଚୋରି କରି ନେବା ପରେ ଉକ୍ତ ବାକ୍ସକୁ ଦୁର୍ବୃତ୍ତ ମାନେ ପାଇକା ନଦୀ କୂଳ ଧୋବାତୁଠରେ ଭଗ୍ନ ଅବସ୍ଥାରେ ପକାଇଦେଇଛନ୍ତି। ଏ ସମ୍ପର୍କରେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ନିର୍ମଳ କୁମାର ଦାସ ରଘୁନାଥପୁର ଥାନାରେ ଏତଲା ଦେବା ପରେ ପୋଲିସ ମାମଲା (ନଂ. ୮/୨୦୨୬) ରୁଜୁ କରି ସନ୍ଧାନୀ କୁକୁର ମାଧ୍ୟମରେ ଅନୁସନ୍ଧାନ କରିଛନ୍ତି। ଏହି ଘଟଣାରେ ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରା ଯାଇ ନ ଥିବା ବେଳେ ରଘୁନାଥପୁର ଅଞ୍ଚଳରେ ମାଦକ ଦ୍ରବ୍ୟ କାରବାର ଯୋଗୁ ଯୁବକମାନେ ପଥ ଭ୍ରଷ୍ଟ ହୋଇ ଏଭଳି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଗତବର୍ଷ ଏହି ମନ୍ଦିର ପ୍ରାଙ୍ଗଣରେ ଥିବା ଏକ ମୂଲ୍ୟବାନ ଚନ୍ଦନ ଗଛକୁ ଦୁର୍ବୃତ୍ତମାନେ କାଟି ନେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବାସୁ


@ ଜଗତ୍


@ ପ୍ରଦିପ୍ତ


@ ଶୁଭ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାସ୍ତା ନିର୍ମାଣକୁ ନେଇ ଛୁରାମାଡ଼

**ନାଉଗାଁ, ୧୩।୧(ସୁଧା ବେହୁରା)**

ନାଉଗାଁ ଥାନା କୋରୁଅ ଗ୍ରାମ ଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଉଛି। ଏହି ରାସ୍ତା ନିର୍ମାଣକୁ କେନ୍ଦ୍ର କରି ମଙ୍ଗଳବାର ଛୁରୀରେ ଆକ୍ରମଣ ହୋଇଛି। ଏ ନେଇ ଥାନାରେ ୨ଟି ପୃଥକ୍ ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣ ଠିକାଦାର ରଘୁନାଥ କାଣ୍ଡୀଙ୍କ ଅଭିଯୋଗ ମୁତାବକ, କୋରୁଅ ପଞ୍ଚାୟତର ବାଉଁଶଜୋରୀଠାରୁ ସାଧୁଗୋସ୍ୱାମୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହେଉଛି। ଏହି କାମ ସମୟରେ ତାଙ୍କ କର୍ମଚାରୀ ସଞ୍ଜୟ ଭୋଇ, ସୁଶୀଲ କୁମାର ପରିଡା କାର୍ଯ୍ୟ ସ୍ଥଳରେ ଉପସ୍ଥିତ ଥିଲେ। ସେତେବେଳେ ପଞ୍ଚାୟତର କେତେଜଣ ଯୁବକ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ୫ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ନଚେତ୍ କାମ କରାଇ ଦେବୁ ନାହିଁ ବୋଲି ଧମକ ଦେଇଥିଲେ। ଏ ନେଇ ତାଙ୍କ କର୍ମଚାରୀ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ସଞ୍ଜୟଙ୍କୁ ଏକ ଛୁରୀରେ ଆକ୍ରମଣ କରିଥିଲେ। ସୁଶୀଲ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। ଉଭୟେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଥିବା ବେଳେ କେତେଜଣ ବାଇକ୍‌ରେ ଆସି ଥାନାରେ ଜଣାଇଲେ, ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏପରିକି ଜାତିଆଣ ଆକ୍ଷେପ କରିଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷେ ମେନକା ସ୍ୱାଇଁଙ୍କ ଅଭିଯୋଗ ମୁତାବକ, ତାଙ୍କ ଜମିରେ ଜୋରଜବରଦସ୍ତ ରାସ୍ତା ନେବାକୁ ଲୋକ ପଠାଇ ଠିକାଦାର ଝଗଡ଼ା କରିବା ସହ ତାଙ୍କ ଘରକୁ କେତେଜଣ ଲୋକଙ୍କୁ ଆଣି ପୁଅକୁ ଖୋଜିବା ସହ ଗୁଲିଗୁଲଜ କରିଥିଲେ। ପରେ ପୁଅକୁ ବିଲ ନିକଟରେ ପାଇ ମାଡ ମାରିଛନ୍ତି। ଜମି ଦେଇ ରାସ୍ତା ବନ୍ଦ କଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟପଟରେ ଏହି ଘଟଣାକୁ ନେଇ ନାଉଗାଁ ପୋଲିସ ପକ୍ଷରୁ ଜଣକୁ ଥାନାରେ ଅଟକ ରଖାଯାଇଛି। ଏ ସମ୍ପର୍କରେ ଆଇଆଇସି ପ୍ରଦୀପ୍ତ କାନୁନ୍‌ଗୋଙ୍କୁ ପଚାରିବାରୁ ଘଟଣା ଉପରେ ତଦନ୍ତ ଚାଲିଥିବା ସେ କହିଛନ୍ତି।

## ବେଆଇନ ମାଟି ଖୋଳା ବିରୋଧରେ ଅଭିଯୋଗ

**ନାଉଗାଁ, ୧୩।୧(ସୁଧା ବେହୁରା)**

ନାଉଗାଁ ତହସିଲ ଅଞ୍ଚଳରେ ବେଆଇନ ଭାବେ ମାଟି ଖୋଳା ଯାଉଥିବା ନେଇ କନିଷ୍ଠ ଖଣି ଅଧୀକାରୀ ଜିତେନ୍ଦ୍ର କୁମାର ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗଳଦାରୀ ଗ୍ରାମ ନିକଟରେ ବେଆଇନ ଭାବେ ମାଟି ଖୋଳା ଯାଉଥିବା ନେଇ ସ୍ଥାନୀୟ ଲୋକଙ୍କଠାରୁ ଅଭିଯୋଗ ପାଇବା ପରେ ସେ ଜାନୁଆରୀ ୧୨ ରାତିରେ ଉକ୍ତ ସ୍ଥାନକୁ ଯାଇଥିଲେ। ଘଟଣାସ୍ଥଳରେ ଏକ ଜେସିବି ମାଟି ଖୋଲୁଥିବା ବେଳେ ତାକୁ ଅଟକ ରଖିଥିଲେ। ଏହି ସମୟରେ ଜେସିବି ଚାଳକ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରି ସେଠାରୁ ପଳାଇ ଯାଇଥିଲେ। ପରେ ଜେସିବି ମାଲିକ କେତେଜଣ ଲୋକଙ୍କୁ ଆଣି ଜିତେନ୍ଦ୍ର ଏବଂ ତାଙ୍କ ସହ ଥିବା ଅନ୍ୟ କର୍ମଚାରୀଙ୍କୁ ଧମକ ଚମକ ଦେବା ସହ ମେଶିନ ଛାଡିବା ପାଇଁ କହିଥିଲେ। ଏ ନେଇ ଜିତେନ୍ଦ୍ର ସ୍ଥାନୀୟ ପୋଲିସକୁ ଖବର ଦେବା ସହ ସ୍ଥାନୀୟ ତହସିଲଦାରଙ୍କୁ ସୂଚନା ଦେଇଥିଲେ। ଆଇଆଇସି, ଅତିରିକ୍ତ ତହସିଲଦାର ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ।

## ଜବର ଦଖଲ ଉଚ୍ଛେଦ ନିମନ୍ତେ ନୋଟିସ

**କୁଜଙ୍ଗ, ୧୩।୧(ମନୋଜ ପ୍ରଧାନ)**

ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ସୀମା ପ୍ରାଚୀର ଠାରୁ ୨୦୦ ଶହ ମିଟର ଦୂରତା ମଧ୍ୟରେ ସରକାରୀ ଜମି ବା ପତିତ କିସମ ଜମିରେ ଯେଉଁମାନେ ବେଆଇନ ଭାବେ ଜବରଦଖଲ କରି ପକ୍କା ଘର ସମେତ ପାନ ବରଜ ଆଦି କରିଛନ୍ତି ସେମାନଙ୍କୁ ସ୍ୱତଃ ପ୍ରବୃତ୍ତ ଭାବେ ଖାଲି କରିବାକୁ ଏରସମା ତହସିଲ ପକ୍ଷରୁ ୨୦୨୫ ନଭେମ୍ବର ୭ ରେ ‘ଖ’ ଫର୍ମ ନୋଟିସ ଜାରି କରାଯାଇଥିଲା। ମାତ୍ର ଅଦ୍ୟାବଧି କେହି ଜବର ଦଖଲ ମୁକ୍ତ କରି ନ ଥିବାରୁ ମଙ୍ଗଳବାର ଏରସମା

### ଢିଙ୍କିଆ, ଅଭୟଚାନ୍ଦପୁର ମୌଜା

ତହସିଲ ପକ୍ଷରୁ ‘ଗ’ ଫର୍ମ ଜାରି କରାଯାଇଛି। ଉକ୍ତ ନୋଟିସ ରେ ଉଲ୍ଲେଖ ଅଛି ଯେ, ଜାନୁଆରୀ ୧୮ ସୁଦ୍ଧା ଯଦି ସ୍ୱତଃ ପ୍ରବୃତ୍ତ ଭାବେ ବେଆଇନ ଦଖଲ ଜାଗା ଖାଲି ନ ହୁଏ ୧୯ ତାରିଖ ଦିନ ତହସିଲ ପ୍ରଶାସନ ପକ୍ଷରୁ ଜବରଦାଖଲ ମୁକ୍ତ ପାଇଁ ପଦକ୍ଷେପ ନିଆଯିବ। ଢିଙ୍କିଆ ଓ ଅଭୟଚାନ୍ଦପୁର ମୌଜାର ୭୭ ଜଣକୁ ଏହି ନୋଟିସ୍ କରାଯାଇଥିବା ନୂଆଗାଁ ରାଜସ୍ୱ ନୀରିକ୍ଷକ ଶ୍ରୀନିବାସ ସ୍ୱାଇଁ କହିଛନ୍ତି।

# ସ୍କୁଲ ବସ୍‌କୁ ପିଟିଲା ଟ୍ରକ୍: ୫ ଛାତ୍ର ଆହତ, ଜଣେ ଗୁରୁତର

**ରଘୁନାଥପୁର, ୧୩।୧ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ଖଣ୍ଡତରିଠାରେ ଏକ ସ୍କୁଲ ବସ୍‌କୁ ପଛପଟୁ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ବସ୍‌ରେ ଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ ଜଣ ଆହତ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ବିଦ୍ୟାଧରପୁର ଗ୍ରାମର ବିଶ୍ୱଜିତ ଦାସଙ୍କ ପୁଅ ରବିନାରାୟଣ ଦାସ (୧୪)। ଆହତମାନେ ହେଲେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ବାଲିଆର ଜନ୍ମେଜୟ ଓମ୍ ପ୍ରକାଶ ଦଳେଇ (୧୫), ରଥିପୁରର ଆୟୁଷ ମହାପାତ୍ର (୧୬), ତିର୍ତ୍ତୋଲର ନିର୍ମାଲ୍ୟ ମଲ୍ଲିକ (୧୫), ହାବେଳି ଗ୍ରାମର କୁମାର ରୋହିତ (୧୫ )ଏବଂ ରାହାମା ଅଞ୍ଚଳର ସ୍ନେହାଂଶ ରାୟ (୧୪)। ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ରବିନାରାୟଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର







ଦୁର୍ଘଟଣାଗ୍ରସ୍ତ ବସ୍, ଧକ୍କା ଦେଇଥିବା ଟ୍ରକ୍।

କରାଯାଇଛି। ସ୍କୁଲବସ ଚାଳକଙ୍କ ପକ୍ଷରୁ ରଘୁନାଥପୁର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା (ନଂ.୯/୨୦୨୬) ରୁଜୁ କରି ଟ୍ରକ୍ ଚାଳକକୁ ଅଟକ ରଖି ପରେ ନୋଟିସରେ ଛାଡିଥିବା ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି। ବସ୍‌କୁ ମଧ୍ୟ ଅନୁରୂପ ଭାବେ ରିଲିଜ କରାଯାଇଥିବା ସୂଚନା ମିଳିଛି।

ସବୁଦିନ ପରି କଲରାବାଙ୍କସ୍ଥିତ କଳିଙ୍ଗ ଇଂଲିଶ୍ ମିଡିଅମ ସ୍କୁଲ ବସ୍ ରାହାମା ଅଞ୍ଚଳରୁ ପିଲାଙ୍କୁ ନେଇ ଆସୁଥିଲା। ଖଣ୍ଡତରି ନିକଟରେ ବାଙ୍କ ବୁଲୁଥିବାବେଳେ ହଠାତ୍ ପଛ ପାର୍ଶ୍ୱରୁ ଆସୁଥିବା ମାଲ୍‌ବୋଝେଇ ଟ୍ରକ ବସର୍ ପଛକୁ ଧକ୍କା ଦେଇଥିଲା। ଫଳରେ ବସର ପଛପାର୍ଶ୍ୱ ନଷ୍ଟ ହୋଇଯିବା ସହ କାଚ ଭାଙ୍ଗି ଯାଇଥିଲା। ସେଥିରେ ଥିବା ପିଲାମାନେ ଆଗକୁ ଝୁଙ୍କି ପଡି ଖଣ୍ଡିଆ ଖାବରା ହୋଇଥିଲେ।

# ଅଭିଯୁକ୍ତ ଗିରଫ, ଅନେକ ସାମଗ୍ରୀ ଜବତ

**ଜଗତ୍‌ସିଂହପୁର, ୧୩।୧ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଚର୍ଚ୍ଚିକା ବଜାରସ୍ଥିତ ମା’ଚର୍ଚ୍ଚିକାଙ୍କ ମନ୍ଦିରରୁ ୨୦୨୫ ନଭେମ୍ବର ୨୮ ରାତିରେ ପାଖାପାଖି ୧୦/୧୨ ଲକ୍ଷ ଟଙ୍କାର ସୁନା, ରୂପା ଅଳଙ୍କାର ସମେତ ଅନେକ ସାମଗ୍ରୀ ଚୋରି ଯାଇଥିଲା। ମନ୍ଦିର ପୂଜକ ତଥା ଖେରସ ଗ୍ରାମର ପ୍ରଫୁଲ୍ଲ କୁମାର ନାୟକଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ମାମଲା (ନଂ. ୯୪୬/୨୫) ରୁଜୁ ହୋଇଥିଲା। ଏହି ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ସଫଳ ହୋଇ ନ ଥିଲେ ସୁଦ୍ଧା ଜଣଙ୍କୁ ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଥାନା ତଥା ସ୍ଥାନୀୟ ଗାଲୁପଡ଼ା ଗ୍ରାମର ସେକ୍ ନବାବ। ତାଙ୍କଠାରୁ ବହୁ ଅଳଙ୍କାର, ସାମଗ୍ରୀ ଜବତ ହୋଇଛି। ମଙ୍ଗଳବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଆଜିଙ୍କ୍ୟ ମାଣେ ଏହି ସୂଚନା ଦେଇଛନ୍ତି। ସେ କହିଥିଲେ, ଜବତ ଅଳଙ୍କାର ଓ ସାମଗ୍ରୀଗୁଡିକ ମଧ୍ୟରେ ବଡ଼ ପିତ୍ତଳ ଥାଳି ୨ଟା, ଛୋଟ ପିତ୍ତଳ ଥାଳି ୩, ଘଣ୍ଟା (ଛୋଟ) ୪, ବଡ଼ ଘଣ୍ଟା ୧, ଛୋଟ ଘଣ୍ଟି ୫, ପିତ୍ତଳ ତସଲା ୧, ପିତ୍ତଳ ଢ଼ାଳ ୨, ପିତ୍ତଳ ଗ୍ଲାସ ୨, ପିତ୍ତଳ ଦୀପଦାନୀ ୧, ରୂପା (ଚାନ୍ଦି) ଆଖି (ବଡ଼) ୩ ହଳ, ରୂପା (ଚାନ୍ଦି) ଆଖି (ଛୋଟ) ୧ ହଳ, ରୂପା (ଚାନ୍ଦି) ଓଠ ୧ଟି, ରୂପା (ଚାନ୍ଦି) ନାକ ୧, ରୂପା (ଚାନ୍ଦି) ମୁକୁଟ ୧,


ଅଭିଯୁକ୍ତ ଓ ଜବତ ସାମଗ୍ରୀ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

ମୋବାଇଲ ୫, ପାସପୋର୍ଟ ୨ ଓ ଗୋଟିଏ ବାଇକ (ନଂ. ଓଡି ୨୧ଟି ୪୧୩୬) ରହିଛି। ଚୋରି ପରେ ପରେ ଏସ୍‌ପି ଅଙ୍କିତ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏକ ଦଳ ଗଠନ କରାଯାଇଥିଲା। ଏହି ଦଳ ତଦନ୍ତ ସମୟରେ ୫୦ରୁ ଅଧିକ ସିସିଟିଭି ଫୁଟେଜ ଯାଞ୍ଚ କରିବା ସାଙ୍ଗକୁ ଅନ୍ୟାନ୍ୟ ମାଧ୍ୟମରେ ଅଭିଯୁକ୍ତଙ୍କ ସମ୍ପର୍କରେ ଜାଣିପାରିଥିଲା। ମୁଖ୍ୟ ଅଭିଯୁକ୍ତଙ୍କ ନାମରେ ବହୁ ସଙ୍ଗୀନ ମାମଲା ରହିଥିବାବେଳେ ସେ ଫେରାର ଅଛନ୍ତି। ମାତ୍ର ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ନବାବଙ୍କୁ ବିରିଡ଼ି ଥାନା ଅଞ୍ଚଳରୁ ଗିରଫ କରିବା ସମ୍ଭବ ହୋଇଛି। ତାଙ୍କୁ

### ଜଗତ୍‌ସିଂହପୁର ଚର୍ଚ୍ଚିକା ମନ୍ଦିର ଚୋରି ମାମଲା

### ମାସେ ପରେ ବି ମୁଖ୍ୟ ଅଭିଯୁକ୍ତଙ୍କ ସନ୍ଧାନ ମିଳୁନି

ପଚରାଉଚରା କରାଯିବା ପରେ ସେ ମନ୍ଦିର ଓ ଘରଗୁଡ଼ିକରେ ଚୋରି କରନ୍ତି ବୋଲି ସ୍ୱୀକାର କରିଥିଲେ। ଜବତ ସାମଗ୍ରୀ ମଧ୍ୟରୁ ଅନେକ ତାଙ୍କ ସ୍ତ୍ରୀଙ୍କ ପାଖରେ ଅର୍ଥାତ୍ ଜଗତପୁର ପିର ବଜାର ଘରେ ଥିବା ଅଭିଯୁକ୍ତ କହିବାରୁ ପୋଲିସ ସେଠାରେ ପହଞ୍ଚିଥିଲା। ହେଲେ ସେତବେଳକୁ କେହି ନ ଥିଲେ। ତାଙ୍କ ଘର ଯାଞ୍ଚ ପରେ ଅତିରିକ୍ତ ସାମଗ୍ରୀ ଯଥା ଗହଣା, ବାଇକ, ୨ଟା ପାସପୋର୍ଟ, ୫ଟି ମୋବାଇଲ ଏବଂ ଏଟିଏମ ଆଦି ସେଠାରୁ ଜବତ କରାଯାଇଥିଲା। ଏ ସମ୍ପର୍କରେ ନବାବ କହିଥିଲେ ଚୋରି ସାମଗ୍ରୀ ବିକି ସେ ବାଇକ କିଣିଥିଲେ। କିନ୍ତୁ ଅବଶିଷ୍ଟ ସାମଗ୍ରୀ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ପୁଅଙ୍କ ପାଖରେ ଅଛି। ନବାବଙ୍କ ନାଁରେ ଜଗତ୍‌ସିଂହପୁର ଥାନାରେ ପୂର୍ବରୁ ମାମଲା (ନଂ. ୧୦୧୭/୨୫ ଓ ନଂ.୩୪/୨୬ ) । ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ସତ୍ୟବ୍ରତ ଦାସ, ଜଗତ୍‌ସିଂହପୁର ଆଇଆଇସି ସରୋଜକାନ୍ତ ସାମଲ ଉପସ୍ଥିତ ଥିଲେ ।

# ୩ ମାସରୁ ୧୬ ଦିନ ଗଲା, କିଣାହେଲାନି ଧାନ

■ ୧୭୪ ସ୍ଥାନରୁ ଗୋଟିଏ ସ୍ଥାନରେ ଖୋଲିଛି ଧାନମଣ୍ଡି
■ କିଣା ଆରମ୍ଭ ହେଉନଥିବାରୁ ଆନ୍ଦୋଳନ ପାଇଁ ଚାଷୀ ସଜବାଜ

ନୟାଗଡ଼, ୧୩।୧ (ଲୋକନାଥ ମିଶ୍ର)

ଖରିଫ ଋତୁରେ ଧାନକିଣା ୯୦ ଦିନ ହେବାକୁ ଥିବାବେଳେ ଆରମ୍ଭର ୧୬ ଦିନ ବିତିଛି। ମାତ୍ର ଗୋଟିଏ ମଣ୍ଡି ରଣପୁର ସୁରୁକାବାଡିରେ ଖୋଲିଛି। ଫଳରେ ଧାନ କିଣା ଯାଇନି। ଜିଲାରେ ୧୭୪ ଧାନମଣ୍ଡି ଖୋଲିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଥିବା ବେଳେ ମାତ୍ର ଗୋଟିଏ ଖୋଲିବା ପରେ ଚାଷୀ ଆନ୍ଦୋଳନ ପାଇଁ ସଜବାଜ ହେଉଛି।

ଜିଲାରେ ୧୫୩ ପ୍ୟାକ୍ସ ଦ୍ୱାରା ୧୭୪ ସ୍ଥାନରେ ଧାନମଣ୍ଡି ଖୋଲିବାର ରହିଛି । ଜିଲାରେ ଡିସେମ୍ବର ୨୯ ରୁ ଧାନ କିଣା ଆରମ୍ଭ ହୋଇଛି। ଏଡାର ୧୦ ଦିନ ଭିତରେ ସବୁ ମଣ୍ଡି ଖୋଲିଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ହେଲେ ଧାନମଣ୍ଡି ଖୋଲୁ ନ ଥିବାରୁ ଚାଷୀଙ୍କ ଉଦ୍‌ବେଗ, ଅସନ୍ତୋଷ ଓ କ୍ଷୋଭ ବଢ଼ିଛି। କୃଷକ ନେତା ରଣଜିତ ଦଳବେହେରା କୁହନ୍ତି, ପ୍ରଶସନ ପକ୍ଷରୁ ଆଜି, କାଲି ପରଦିନ କୁହାଯାଇ ୧୬ ଦିନ ସମୟ ନେଇ ସାରିଲେଣି । ତେବେ ଜିଲାରେ ଏଯାବତ ଧାନମଣ୍ଡି ଖୋଲିପାରୁ ନାହିଁ। ୧୬ଦିନରେ ମାତ୍ର ଗୋଟିଏ ମଣ୍ଡି ଖୋଲିବା ପ୍ରଶାସନର ପାରିବାରିଆ ପଣିଆକୁ ପଦାରେ ପକାଇଛି। ଅନ୍ୟପକ୍ଷେ ଚାଷୀ ପ୍ରଶାସନର ଅସୁବିଧା ବୁଝିବା ସ୍ଥିତିରେ ନାହାନ୍ତି। କାରଣ ଗତ ନଭେମ୍ବର ଓ ଡିସେମ୍ବରରୁ ଚାଷୀ ଧାନ କାଟି ଅମଳ କରି ଘରେ ଆଣି ରଖିଛି। କେତେକ ଚାଷୀ ପ୍ରଶାସନର ନୀତି ଦେଖି ଧାନ ବେପାରୀ ଓ ଦଲାଲଙ୍କୁ ବିକ୍ରି କରୁଛନ୍ତି। ଧାନର କୁଇଣ୍ଟାଲ ପିଛା ଦର ୩୧୦୦ଟଙ୍କା ଥିବାବେଳେ ଚାଷୀ ୧୫୦୦ରୁ ୧୮୦୦ଟଙ୍କାରେ ବିକ୍ରି କରୁଛି । ଆଉ ୧୦ରୁ ୧୫ଦିନ ଗଲା ପରେ ଚାଷୀ ମଣ୍ଡିକୁ ନ ଯାଇ ଧାନ ବେପାରୀ ଓ ଦଲାଲଙ୍କୁ ବିକ୍ରି କରିଦେବ ବୋଲି ଜଣାପଡିଲାଣି। ରଣପୁରର ବିକ୍ରମ ସ୍ୱାଇଁ କୁହନ୍ତି, ଚାଷୀ ଧାର କରଜ କରି ଧାନ ଚାଷ କରିଥିଲା। ଅମଳ ପରେ ଧାର କରଜ ପରିଶୋଧ କରିବ ବୋଲି ଦର୍ଶାଇ ଟଙ୍କା ଆଣିଥିଲା । ଧାନ ଅମଳ ପରେ ସରକାର କିଣୁ ନ ଥିବାରୁ ଚାଷୀ ବାଧ୍ୟ ହୋଇ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ସରକାର ଚାଷୀଙ୍କୁ ବାହାରେ ଧାନ ବିକ୍ରି କରିବାକୁ ବାଧ୍ୟ କରୁଛନ୍ତି। ଚାଷୀ ମାରଣ ନୀତି ଲାଗି ରହିଲେ କେତେକ ୨୦୨୬ ଖରିଫ ଋତୁରେ ଧାନ ଚାଷ ଛାଡିବାକୁ ବାଧ୍ୟ ହେବେ ବୋଲି କହିଛନ୍ତି ।

ଭାପୁରର ଚାଷୀ ଭରତ ସାହୁ କୁହନ୍ତି, ଧାନ ବୁଣିବା, ରୋଇବା, ସାର ପକାଇବା, ରୋଗ ପୋକ ହେଲେ ଔଷଧ ପାଇଁ, ବିକ୍ରି ସମୟରେ ଚାଷୀ ସବୁବେଳେ ହଇରାଣ ହେଉଛି। ଚଳିତ ବର୍ଷ ଯେପରି ଧାନକିଣାରେ ବିଳମ୍ବ ହୋଇଛି ଏଭଳି ଅସୁବିଧା କେବେ ଦେଖା ଦେଇ ନ ଥିଲା। ସରକାର ଚାଷୀ ପାଇଁ ନ କହି ମିଲରଙ୍କ ପାଇଁ କହୁଥିବା ଅନୁଭବ ହେଉଛି । ଚାଷୀଙ୍କୁ ଅଣଦେଖା କଲେ ଏହାର ଫଳ ଭଲ ହେବ ନାହିଁ ବୋଲି କ୍ଷୋଭର ସହ କହିଛନ୍ତି । ନୂଆଗାଁର ବିକାଶ ପ୍ରଧାନ ଓ ଗଣିଆର ଚାଷୀ ମନୋରଞ୍ଜନ ନାୟକ କୁହନ୍ତି, ଧାନ କିଣା ହୋଇନାହିଁ । ତେବେ ମିଲରମାନେ କେତେକ ଦଲାଲଙ୍କ ଦ୍ୱାରା ଧାନ କିଣି ଗଚ୍ଛିତ ରଖି ସାରିଲେଣି । ମିଲରମାନଙ୍କ ପାଖରେ ଧାନ ଅଛି କି ନାହିଁ ତାହା ତଦନ୍ତ କଲେ ଜଣାପଡିବ । ଅନ୍ୟପକ୍ଷେ ପ୍ରତିବର୍ଷ ଚାଷୀ ଧାନବିକ୍ରିରେ ହଇରାଣ ହୋଇ ଆସୁଛି । ଏବେ କିଣା ଆରମ୍ଭର ୧୬ ଦିନ ବିତିଲାଣି ମଣ୍ଡି ଖୋଲି ପାରିଲାନି। ପରେ ପୁଣି କଟନୀଛଟନୀ ପାଲା ଲାଗିବ । ଚଳିତ ବର୍ଷ ଭଲ ଧାନ ହୋଇଥିଲେ ମଧ୍ୟ ମିଲର କଟନୀଛଟନୀ କରି କିଣିବ ବୋଲି ଚର୍ଚ୍ଚା ହେଉଛି। ଚାଷୀର ଅସୁବିଧା କେହି ନ ବୁଝି କେବଳ ଭାଷଣବାଜି କରାଯାଉଥିବାରୁ ଚାଷୀଙ୍କ ଉପରକୁ ଉଠିବା ବଦଳରେ ପ୍ରତିବର୍ଷ କ୍ଷତିର ସମ୍ମୁଖୀନ ହେଉଛି । ସରକାର ଚାଷୀଙ୍କ ସମସ୍ୟା ବୁଝି ତୁରନ୍ତ ମଣ୍ଡି ଖୋଲି ବିନା କଟନୀ ଛଟନୀରେ ଧାନ କିଣିବା ଦରକାର । ନୟାଗଡ଼ ଡିଆରସିଏସ୍ ଅନନ୍ତ ଚରଣ ନାୟକ କୁହନ୍ତି, ୧୭୪ ମଣ୍ଡିରୁ ମାତ୍ର ଗୋଟିଏ ଖୋଲିଛି । ଆମେ ଶନିବାର ସୁଦ୍ଧା ଜିଲାର ସବୁ ମଣ୍ଡି ଖୋଲିବାକୁ ଉଦ୍ୟମ ଜାରି ରଖିଛୁ ବୋଲି କହିଛନ୍ତି । ଜିଲା ଯୋଗାଣ ଅଧିକାରୀ ମୁରଲି କୃଷ୍ଣଙ୍କୁ ପଚାରିବାରୁ ଧାନକିଣା ସମ୍ପର୍କରେ ସୂଚନା ଦଉଛି କହି, ପରବର୍ତ୍ତୀ ସମୟରେ ୯୪୩୭୩୭ ୪୫୭୬ ଫୋନ ଉଠାଇ ନ ଥିଲେ ।

## ସଂକ୍ଷେପରେ

### ବିଷପିଇ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଓଡ଼ଗାଁ, ୧୩।୧ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ରାବରା ଗ୍ରାମର ରମେଶ କୁମାର ବିଶ୍ୱାଳ(୩୬) ବିଷପିଇ ମୃତ୍ୟୁ ହୋଇଥିବା ଓଡ଼ଗାଁ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି । ପୋଲିସ ନଂ.୧/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଅଭିଯୋଗ ଅନୁସାରେ ରମେଶ ସୋମବାର ବିଳମ୍ବିତ ରାତିରେ ବିଷପାନ କରିଥିବା ଜାଣିବା ପରେ ପରିବାର ଲୋକ ମଙ୍ଗଳବାର ଭୋର ୩ ଟାରୁ ୪ଟା ମଧ୍ୟରେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଓଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ। ସେଠାରୁ ତାଙ୍କୁ ନୟାଗଡ଼ ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର ଦେଖିବା ପରେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ତ୍ରୀ ପୁଅଙ୍କୁ ନେଇ ବାପଘରକୁ ଯାଇଥିବା ବେଳେ ରମେଶ ଘରେ ଏକା ଥିଲେ।

### ସଚିନ ଲିପୁନ କ୍ରିକେଟ ଟୁର୍ନାମେଣ୍ଟ, ବ୍ରହ୍ମପୁରା ବିଜୟୀ

ଖଣ୍ଡପଡ଼ା, ୧୩।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ସିଧାମୂଳା ଗ୍ରାମ କ୍ରୀଡାଙ୍ଗନରେ ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୨୮ ତମ ସଚିନ ଓ ଲିପୁନ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ୪ ର୍ଥ ଲିଗ୍ ମ୍ୟାଚରେ ବ୍ରହ୍ମପୁରା ଟିମ୍ ୪ ଉଇକେଟରେ ଖଳିସାହି କ୍ରିକେଟ କ୍ଲବକୁ ପରାସ୍ତକରି ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଖଳିସାହି ଟିମ୍ ୧୫ ଓଭରରେ ୮ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କରିଥିଲା। ଜବାବରେ ବ୍ରହ୍ମପୁରା ଟିମ୍ ୧୪.୩ ଓଭରରେ ୬ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରି ବିଜୟୀ ହୋଇଥିବା ଜଣାଯାଇଛି। ବିଜୟୀ ଦଳର ପପୁନ ୩୬ ବଲରୁ ୭୪ ରନ ସଂଗ୍ରହ କରି ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ସନାତନ ବେହେରା ଓ ସୂର୍ଯ୍ୟକାନ୍ତ ରାଉତ ମ୍ୟାଚ ପରିଚାଳନା କରିଥିଲେ। ଆଲୋକ ରାଉତ ଭାଷ୍ୟକାର, ନିରଞ୍ଜନ ରାଉତ ସ୍କୋରର ଥିଲେ।

# ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ




କାର୍ଯ୍ୟକ୍ରମରେ ଜିଲାପାଳ ମଧୁମିତା ରଥ ଓ ଅନ୍ୟ ଅଧିକାରୀମାନେ ।

ନୟାଗଡ଼, ୧୩।୧ (ଲୋକନାଥ ମିଶ୍ର)

ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଷ୍ଟଲକୁ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ମଧୁମିତା ରଥ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାପରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା ।

ବାଚସ୍ପତି କହିଥିଲେ, ଜଳ ସଂରକ୍ଷଣ କରାଯିବା ସହ ଛୋଟ ଛୋଟ କେନାଲ ମରାମତି କରାଯାଇ ପାରିଲେ ପାଣି ସମସ୍ୟା ଦୂରୀଭୂତ ହୋଇ ପାରିବ। କୃଷି କ୍ଷେତ୍ରରେ ଜଳସେଚନର ପରିବର୍ତ୍ତନ ଆଣିବା ପାଇଁ ଆହୁରି ସରକାର ଉପ-ଯୋଜନା ସେଚାଞ୍ଚଳ ଉନ୍ନୟନ ଆଧୁନିକୀକରଣ ମାଧ୍ୟମରେ ଯୋଡ଼ିଛନ୍ତି। କମ ପାଣିରେ ଅଧିକ ଅଞ୍ଚଳରେ ଜଳ ସେଚନ କରାଯିବା ପାଇଁ ବହୁ ପଦକ୍ଷେପ ନିଆଯାଉଛି। ଆନୁସଙ୍ଗିକ ବିଭାଗୀୟ ଅଧିକାରୀ, କୃଷକ ଛାତ୍ରୀଛାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପାଣି ପଞ୍ଚାୟତ ପକ୍ଷ ସଂକ୍ରାନ୍ତିୟ ପ୍ରତିଯୋଗିତାରେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଚେତନତା ତରଫରୁ ଛୋଟ ଛୋଟ ନାଟକ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା ।

## ନୀଳମାଧବ ଜୀଉଙ୍କ ନବାଙ୍କ ବେଢ଼ା ପରିକ୍ରମା

ଖଣ୍ଡପଡା, ୧୩।୧ (ଅଜୟ କୁମାର ମହାରଣା)

ପୌଷ ତ୍ରୟୋଦଶୀ ତିଥି ଅବସରରେ ମଙ୍ଗଳବାର ନୀଳମାଧବ ଜୀଉଙ୍କ ନବାଙ୍କ ବେଢା ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ରାତ୍ର ଧୂପ ପରେ ଶ୍ରୀ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ହାନ୍ଦୋଳାରେ ବିଜେ କରାଯାଇ ପ୍ରଥମେ ଗରୁଡଙ୍କ ଚତୁଃପାର୍ଶ୍ୱରେ ୩ ଘେରା ବୁଲା ଯାଇଥିଲା। ପରେ ମନ୍ଦିର ଓ ବେଢା ଚାରିପାଖରେ ୩ ଘେରା ଲେଖାଏ ସମୁଦାୟ ୯ ଘେରା ପରିକ୍ରମା କରାଯାଇଥିଲା। ଏହାକୁ ନବାଙ୍କ ବେଢା ପରିକ୍ରମା ବୋଲି କୁହାଯାଏ। ଠାକୁରଙ୍କ ଏହି ନବାଙ୍କ ବେଢା ପରିକ୍ରମା ଦୃଶ୍ୟ ଦର୍ଶନ ସହ ଠାକୁରଙ୍କ ବେଢା ପରିକ୍ରମା କରିବାକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମନ୍ଦିର ପରିସରରେ ସମାଗମ ହୋଇଥିଲେ। ଏହି ଜନ ସମାଗମ ଓ ବେଢା ପରିକ୍ରମା କରିବା ପଛରେ ଏକ ଲୋକ ବିଶ୍ୱାସ ରହିଛି, ଏହି ନବାଙ୍କ ବେଢା କାର୍ଯ୍ୟକ୍ରମ ବେଳେ ପିତୃ ପୁରୁଷମାନେ ସେମାନଙ୍କ ବଂଶଜମାନେ କିପରି ଅଛନ୍ତି, ଦେଖିବାକୁ ଆସିଥାନ୍ତି । ମନ୍ଦିରରେ ଉପସ୍ଥିତ ଶ୍ରଦ୍ଧାଳୁ ସେମାନଙ୍କ ପିତୃ ପୁରୁଷଙ୍କ ସଦ୍‌ଗତି ନିମନ୍ତେ ଠାକୁରଙ୍କୁ ପ୍ରାର୍ଥନା କରିଥାନ୍ତି। ଯଦି ଏହି ଦିନରେ କେହି ମନ୍ଦିର ଆସି ନ ଥାନ୍ତି ତେବେ କୌଣସି ଅଘଟଣ ଘଟିଛି କିମ୍ବା ତାଙ୍କ ବଂଶରେ କେହି ନ ଥିବା ପିତୃ ପୁରୁଷମାନେ ବିଶ୍ୱାସ କରନ୍ତି ବୋଲି ଲୋକ ବିଶ୍ୱାସ ରହିଛି। ଏହି ପାରମ୍ପରିକ ନୀତି ନିୟମ ଓ ବିଶ୍ୱାସକୁ ଆଧାର କରି ସୋମବାର ସନ୍ଧ୍ୟାଠାରୁ ରାତି ପର୍ଯ୍ୟନ୍ତ ନବାଙ୍କ ବେଢା ପରିକ୍ରମା ପାଇଁ ପ୍ରବଳ ଜନସମାଗମ ଲାଗି ରହିଥିଲା ।

## ଖଣ୍ଡପଡ଼ା ଥାନାରେ ନୂତନ ଅଧିକାରୀଙ୍କ ଯୋଗଦାନ

ଖଣ୍ଡପଡ଼ା ୧୩।୧ ( ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ଥାନାରେ ନୂତନ ଅଧିକାରୀ ଭାବେ କୃତିବାସ ହରିଚନ୍ଦନ ଯୋଗ ଦେଇଛନ୍ତି । ନୂତନ ଥାନାଧିକାରୀଙ୍କୁ ଅଞ୍ଚଳବାସୀ ସ୍ୱାଗତ ଜଣାଇଥିବା ବେଳେ ଖଣ୍ଡପଡ଼ା ଅଞ୍ଚଳରେ କର୍ତ୍ତବ୍ୟବରତ ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିବା ଜଣାଯାଇଛି। ଖଣ୍ଡପଡ଼ା ଥାନା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ସେ ପ୍ରାଥମିକତା ଦେବେ କହିଛନ୍ତି।

# ଫକୀର ମୋହନ ସେନାପତିଙ୍କ ଜୟନ୍ତୀ



ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଫକୀରମୋହନଙ୍କ ଫଟୋ ନିକଟରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

ନୟାଗଡ଼, ୧୩।୧ (ଲୋକନାଥ ମିଶ୍ର)

ପୂଜ୍ୟପୂଜା କମିଟି ନୟଗଡ଼ ଆନୁକୂଲ୍ୟରେ ନୟାଗଡ଼ ନୀଳମାଧବ କଲ୍ୟାଣ ମଣ୍ଡପରେ ଓଡ଼ିଆ ସାହିତ୍ୟର କାଳଜୟୀ ସ୍ରଷ୍ଟା ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂଜ୍ୟପୂଜା କମିଟି ଉପଦେଷ୍ଟା ଗୋଦାବରୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖବରଦାତା ରାମକୃଷ୍ଣ ରଥ, ରୋଟାରିଆନ ଧୀରେନ୍ଦ୍ର ପଟ୍ଟନାୟକ, ଅବିନାଶ ସାହୁ, ବସନ୍ତ ରାଉତ, କୈଳାସ ପ୍ରଧାନ, ସନ୍ତୋଷ ଶର୍ମା, ଗୋପବନ୍ଧୁ ଲେଙ୍କା ଓ ଜିତେନ୍ଦ୍ର କୁମାର ସେଠୀ ପ୍ରମୁଖ ଯୋଗଦେଇ ଫକୀରମୋହନଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ତାଙ୍କ ସାହିତ୍ୟକୃତି ସମ୍ପର୍କରେ ଆଲୋଚନା କରିଥିଲେ। ଫକୀରମୋହନଙ୍କ ରଚିତ ଓଡ଼ିଆ ସାହିତ୍ୟର ପ୍ରଥମ କ୍ଷୁଦ୍ରଗଳ୍ପ ରେବତୀ କିଭଳି ଓଡ଼ିଆ ଜନ ମାନସରେ ଘରେ ଘରେ ପ୍ରସିଦ୍ଧି ଲାଭ କରିଛି ସେ ସମ୍ପର୍କରେ ଆଲୋଚନା କରିବା ସହ ଓଡ଼ିଆ ସାହିତ୍ୟର ଯଶସ୍ୱୀ ସାଧକ ଫକୀର ମୋହନ ସେନାପତି ଅମର ରହେ ନାରା ଦିଆଯାଇଥିଲା ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବାସୁ



@ ଜଗତ୍



@ ପ୍ରଦିପ୍ତ



@ ରଜତ



@ ଶୁଭ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ: ଭୁବନେଶ୍ୱର ବିଜୟୀ



ଅତିଥିଙ୍କ ସହ ଦୁଇ ଦଳର ଖେଳାଳି ।

ଦଶପଲ୍ଲା, ୧୩।୧ (ପ୍ରକାଶ କୁମାର ପାଣି)

ସ୍ପୋର୍ଟିଭ ସ୍ପୋର୍ଟସ ସୋସାଇଟ ଆନୁକୂଲ୍ୟରେ ଗାନ୍ଧୀ ମଇଦାନଠାରେ ଚାଲିଥିବା ଦଶପଲ୍ଲା କପ୍ ଟୁର୍ନାମେଣ୍ଟର ମଙ୍ଗଳବାର 'ବି'ଗ୍ରୁପ ଖେଳର ପ୍ରଥମ ଦିନ ତାର୍ଜନ କ୍ଲବ କଟକ ସହ ସାନ କ୍ଲବ ଭୁବନେଶ୍ୱର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ମଧ୍ୟାନ୍ତର ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇ ପାରି ନ ଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱରର ୬ ନମ୍ବର ଖେଳାଳି କଟକକୁ ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଶେଷ ପର୍ଯ୍ୟନ୍ତ ସେଇ ଗୋଟିଏ ଗୋଲରେ ଭୁବନେଶ୍ୱର ଜିତିଥିବା ବେଳେ କଟକକୁ ପରାଜିତ ହୋଇ ଫେରିବାକୁ ପଡିଥିଲା। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଗୋଲ କରିଥିବା ଖେଳାଳିଙ୍କୁ ଏକ ହଜାର ଟଙ୍କା ପୁରସ୍କାର ଦେଇ ଉତ୍ସାହିତ କରିଥିଲେ। ରେଫରୀ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିଲା ବେଳେ ଅତିଥି ଭାବେ ଥିଲେ ସୂର୍ଯ୍ୟଘର ଯୋଜନା ନିର୍ଦ୍ଦେଶକ ବିରଞ୍ଚି ପ୍ରଧାନ, ଏବଂ ସହକାରୀ ନିର୍ଦ୍ଦେଶକ ଜ୍ୟୋତି ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ଦିଲ୍ଲୀପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ବୁଧବାର 'ଏସଟି ଏଫ ସି କାଶ୍ମୀର' ଭୁବନେଶ୍ୱର ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ସୂତ୍ରରୁ ଜଣାଯାଇଛି।

# ବେଆଇନ ପଥର ବ୍ଲାଷ୍ଟିଂ : ପ୍ରଶାସନ ପାଖରେ ଖବର ନାହିଁ

### ବିପଦରେ ବନ୍ୟଜନ୍ତୁ, ଜନସାଧାରଣ



ଗଣିଆ, ୧୩।୧ (ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲାରେ ଖଣି ମାଫିଆଙ୍କର ଚେର ଲମ୍ବିବାରେ ଲାଗିଛି। ମାଫିଆମାନେ ବେଆଇନ ଭାବେ ପଥରଖଣି ସୃଷ୍ଟି କରି ଚୋରା ଚାଲାଣ କରିବାରେ ଲାଗିପଡିଛନ୍ତି ; ଯାହା କି ସ୍ଥାନୀୟ ପ୍ରଶାସନର ଅଗୋଚରରେ କରାଯାଉଥିବା ଜଣାପଡିଛି ।

ସୂଚନା ଅନୁଯାୟୀ, ଗଣିଆ ତହସିଲ ଛାମୁଣ୍ଡିଆ ରାଜସ୍ୱ ସର୍କଲ ଅନ୍ତର୍ଗତ ମହୁକଣ ଗ୍ରାମରେ ଖଣି ମାଫିଆମାନେ ବେଧଡକ ଭାବେ ବଡ ବଡ ପଥର ଖୋଳି ବ୍ଲାଷ୍ଟିଂ କରି ଚାଲିଛନ୍ତି । ପରେ ପଥରଗୁଡ଼ିକୁ ବାହାରକୁ ଚୋରାଚାଲାଣ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ପଥର ବ୍ଲାଷ୍ଟିଂ ଦ୍ୱାରା ସ୍ଥାନୀୟ ଲୋକଙ୍କଠାରୁ ଆରମ୍ଭ କରି ବନ୍ୟଜନ୍ତୁ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି । ବ୍ଲାଷ୍ଟିଂ କରାଯାଉଥିବା ପଥର ଖଣିର ଉଭୟ ପାର୍ଶ୍ୱରେ ଗଣିଆ ବନାଞ୍ଚଳର ସାତବୋରି ଓ ଅପରପାର୍ଶ୍ୱରେ ଛାମୁଣ୍ଡିଆ ବନାଞ୍ଚଳର ସାତକୋଶିଆ ଅଭୟାରଣ୍ୟ ରହିଛି। ବିଶେଷକରି ମାଫିଆମାନେ ସନ୍ଧ୍ୟା ନଇଁଲେ ବିସ୍ଫୋରକ ସାମଗ୍ରୀ ବ୍ୟବହାର କରି ପଥର ବ୍ଲାଷ୍ଟିଂ କରୁଛନ୍ତି। ଏଥିସହ ରାତିରେ ଭାରିଯାନ ହାଇୱା ସାହାଯ୍ୟରେ ପଥର ଚାଲାଣ କରୁଥିବାରୁ ଅଭୟାରଣ୍ୟ ଅଞ୍ଚଳରେ ଚଳପ୍ରଚଳ କରୁଥିବା ବନ୍ୟପ୍ରାଣୀଙ୍କ ପ୍ରତି ଘୋର ବିପଦ ସୃଷ୍ଟି କରୁଛି। ଏ ସମ୍ପର୍କରେ ଉଭୟ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଓ ନୟାଗଡ଼ ବନଖଣ୍ଡ କର୍ମଚାରୀମାନେ ନୀରବଦ୍ରଷ୍ଟା ସାଜିଥିବା ବେଳେ ଗଣିଆ ରାଜସ୍ୱ ବିଭାଗ ଅଧିକାରୀଙ୍କ ପାଖରେ କୌଣସି ଖବର ନ ଥିବା ଜଣାପଡ଼ିଛି । ତେବେ ଖଣି ମାଫିଆମାନେ ବେଧଡ଼କ ଭାବେ ଭାରିଯାନ ସାହାଯ୍ୟରେ ଉକ୍ତ ପଥରକୁ ଅଭୟାରଣ୍ୟ ମଧ୍ୟକୁ କିଭଳି ନେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକାଶଥାଉ କି, ଖଣିମାଫିଆମାନେ ବେଧଡ଼କ ଭାବେ ବ୍ଲାଷ୍ଟିଂକରି ଏହି ପଥରକୁ ଛାମୁଣ୍ଡିଆ ବନାଞ୍ଚଳର ବଡ଼ମୂଳଠାରେ ନିର୍ମାଣାଧୀନ ପଥରବୁରୁଜକୁ ନେଉଥିବା ଦେଖାଯାଇଛି। ତେବେ ଦିନ ଦ୍ୱିପ୍ରହରରେ ପଥର ଖାଦାନ କରି ଚୋରାଚାଲାଣ କରୁଥିବା ବେଳେ ବନ ବିଭାଗ ଓ ରାଜସ୍ୱ ବିଭାଗର କର୍ମଚାରୀମାନଙ୍କ ପାଖରେ ଖବର ନ ଥିବା ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ଗଣିଆ ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠଙ୍କୁ ପଚାରିବାରୁ ମୁଁ ଛୁଟିରେ ଅଛି, ଆମର କର୍ମଚାରୀ ଓ ପୋଲିସକୁ ସୂଚନା ଦେଇଛି ବୋଲି କହିଥିଲେ । ସେହିପରି ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରାଙ୍କୁ ପଚାରିବାରୁ ମୁଁ କର୍ମଚାରୀଙ୍କୁ ପଥରଖଣିକୁ ପଠାଇ ବୁଝିବି ବୋଲି କହିଛନ୍ତି। ଅପରପକ୍ଷେ ଏ ସମ୍ପର୍କରେ ନୟାଗଡ଼ ଖଣି ଅଧିକାରୀଙ୍କୁ ୯୫୫୬୦୪୦୧୩୫ରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଇଠାଇ ନ ଥିଲେ ।

# ପଲ୍ଲୀମେଳାରୁ ମହାମେଳା

ପବିତ୍ର ମକର ସଂକ୍ରାନ୍ତିଠାରୁ ଆରମ୍ଭ ହେଉଛି ଯାଜପୁର ଜିଲା ପ୍ରସିଦ୍ଧ ବରୁଣେଶ୍ୱର ମେଳା। ଓଡ଼ିଶାର ମନ୍ଦିର ଓ ଏହାର ଭିନ୍ନ ପରମ୍ପରା ଭାରତରେ ସମସ୍ତ ରାଜ୍ୟଠାରୁ ସ୍ୱତନ୍ତ୍ର। ତେବେ ମକର ସଂକ୍ରାନ୍ତି ମେଳା ବଡ଼ ପର୍ବ। ଏହି ପର୍ବ ବିଶେଷତଃ କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ ଆଦି ଅଞ୍ଚଳରେ ଏକ ଗଣପର୍ବ ହୋଇଥିଲାବେଳେ ଯାଜପୁର ପ୍ରସିଦ୍ଧ ଶୈବପୀଠ ବରୁଣେଶ୍ୱର ପୀଠରେ ଏକ ସ୍ୱତନ୍ତ୍ର ଉତ୍ସବ ଭାବରେ ପାଳନ କରାଯାଏ। ଏହି ପୀଠଟି ପ୍ରାଚୀନ ଓ ପୁରାଣ ପରମ୍ପରା ବହନ କରିଥାଏ। ଏଠାରେ ନବଦିନ ବ୍ୟାପୀ ବିରାଟ ପଲ୍ଲୀମେଳା ଅନୁଷ୍ଠିତ ହୁଏ। ଏହି ମେଳାରେ ପ୍ରତ୍ୟହ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଉକ୍ତ ମେଳା ଏବେ ମହାମେଳାରେ ପରିଣତ ହୋଇଛି। ଯାଜପୁର ଜିଲାରେ ଏହା କୁମ୍ଭମେଳା ନାମରେ ପରିଚିତି ହାସଲ କରିଛି। ସେହିପରି ମକର ସଂକ୍ରାନ୍ତି ଦିନଠାରୁ ପାଞ୍ଚଦିନ ବ୍ୟାପୀ ବାବା ବରୁଣେଶ୍ୱରଙ୍କର ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥାଏ।

ବରୁଣେଶ୍ୱର ପୀଠ ତଥା ବରୁଣେଶ୍ୱର ମନ୍ଦିର ବହୁ ପୁରାତନ। ଅବଶ୍ୟ ବର୍ତ୍ତମାନର ବରୁଣେଶ୍ୱର ମନ୍ଦିର ନୂତନ ଭାବରେ ନିର୍ମିତ ହୋଇଛି। ପୁରାତନ ମନ୍ଦିର ଯଯାତି କେଶରୀଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ଏହି ମନ୍ଦିର ମଧ୍ୟରେ ଗୋଟିଏ କୁଣ୍ଡ ମଧ୍ୟରେ ବରୁଣେଶ୍ୱରଙ୍କ ଲିଙ୍ଗ ଅବସ୍ଥାପିତ। ଏହି ଲିଙ୍ଗ ସର୍ବଦା ଜଳ ମଧ୍ୟରେ ବୁଡି ରହିଥାନ୍ତି। ବିଶେଷ ପର୍ବରେ କୁଣ୍ଡରୁ ଜଳ ନିଷ୍କାସନ କରାଯାଇ ଲିଙ୍ଗକୁ ବିଭିନ୍ନ ବେଶ କରାଯାଇଥାଏ। ଅନ୍ୟ ଦିନଗୁଡ଼ିକରେ ଜଳ ମଧ୍ୟରେ ବୁଡି ରହିଥିବା ଲିଙ୍ଗକୁ ପୂଜା କରାଯାଏ। କୁଣ୍ଡ ଜଳ ପାଦୁକା ନାମରେ ନାମିତ। ଏହି କୁଣ୍ଡ ମଧ୍ୟରେ ପ୍ରତ୍ୟହ ବେଲପତ୍ର, ଫୁଲ ଆଦି ପଡ଼ି ପଡ଼ି ପାଦୁକା ହୋଇଥାଏ। ଭକ୍ତମାନେ ଏହି ପାଦୁକା ପାନ କରି ଆତ୍ମସନ୍ତୋଷ ଲାଭ କରିଥାନ୍ତି। ବାବା ବରୁଣେଶ୍ୱରଙ୍କ ମୁଖ୍ୟ ମନ୍ଦିର କୋଡ଼ିଏ ଫୁଟ ଉଚ୍ଚତା ବିଶିଷ୍ଟ ହୋଇଥିଲାବେଳେ ଏହାର ନିର୍ମାଣ ଶୈଳୀ ଅନ୍ୟ ଶିବ ମନ୍ଦିର ଶୈଳୀ ସହ ସମାନ। ଭଗବାନ ବରୁଣେଶ୍ୱରଙ୍କ ଲିଙ୍ଗ ନିକଟରେ ମାତା ପାର୍ବତୀଙ୍କର ଛୋଟ ମୂର୍ତ୍ତି ପୂଜା ପାଇଆସୁଛି। କୁହାଯାଏ ମକର ସଂକ୍ରାନ୍ତି ପ୍ରତ୍ୟୁଷରୁ ବାବାଙ୍କର ବଡ଼ସିଂହାର ବେଶ ଦର୍ଶନ କଲେ ବହୁ ପୁଣ୍ୟ ପ୍ରାପ୍ତି ହୋଇଥାଏ। ତେଣୁ ମକର ସଂକ୍ରାନ୍ତି ପୂର୍ବ ରାତ୍ରିରୁ ଶ୍ରଦ୍ଧାଳୁମାନେ କୁଶଭଦ୍ରା ନଦୀରେ ସ୍ନାନ କରି ବାବାଙ୍କ ଦର୍ଶନ କରିଥାନ୍ତି। ଅନେକେ ମଧ୍ୟ ଏହି ପୀଠକୁ ପଞ୍ଚଲିଙ୍ଗେଶ୍ୱର ବୋଲି କହିଥାନ୍ତି। ବାବା ବରୁଣେଶ୍ୱର ମନ୍ଦିର ନିକଟରେ ପ୍ରବାହିତ ପୂଣ୍ୟତୋୟା କୁଶଭଦ୍ରା ନଦୀ। ବିଲୁପ୍ତପ୍ରାୟ ଏହି ନଦୀଟି ସମୟକ୍ରମେ ଏବେ ଏକ ନାଳରେ ପରିଣତ ହୋଇଯାଇଛି। ଏହି ନଦୀରେ ସ୍ନାନ କରି ବାବା ବରୁଣେଶ୍ୱରଙ୍କ ଦର୍ଶନ କଲେ ପୁଣ୍ୟ ପ୍ରାପ୍ତି ହୁଏ ବୋଲି କଥିତ ଅଛି।



## ବରୁଣ ବୃକ୍ଷରୁ ବାବା ବରୁଣେଶ୍ୱର

ଏହି କ୍ଷେତ୍ରର ସ୍ୱତନ୍ତ୍ରତା ରହିଛି ଯାହା ସଦା ପଲ୍ଲବିତ ବରୁଣ ଗଛ। ଏହି ବୃକ୍ଷ କେଉଁ କାଳରୁ ରହିଛି, ତାହାର କୌଣସି ସଠିକତା କେହି ପାରନ୍ତିନାହିଁ। ତେବେ ଏହି ବରୁଣ ବୃକ୍ଷର ଚେର ବରୁଣେଶ୍ୱରଙ୍କ ଶକ୍ତି ବୋଲି ସାଧାରଣରେ ଧାରଣା ରହିଛି। ବରୁଣଗଛ ବହୁଳତା ବୃଷ୍ଟିରୁ ବାବାଙ୍କ ନାମ ବରୁଣେଶ୍ୱର ରହିଥିବା ଅନୁମାନ କରାଯାଏ। ପ୍ରାୟ ଏହି ଅଞ୍ଚଳରେ ବହୁଳ ଭାବରେ ବରୁଣ ବୃକ୍ଷ ଦେଖାଯାଏ। ଏହି ବୃକ୍ଷ ସମେତ ବେଲ, ଦେବଦାରୁ, ବଉଳ ବୃକ୍ଷରେ ଭରା ଉକ୍ତ ଶୈବପୀଠ।

ପୌରାଣିକ ଆଖ୍ୟାନ ଅନୁଯାୟୀ ଏହି ପୀଠ ସମ୍ପର୍କରେ ଅନେକ ତଥ୍ୟ ପୂଜକ ସ୍ୱର୍ଗତ ଗୟାଧର ପଣ୍ଡାଙ୍କ ବରୁଣେଶ୍ୱର ମେଳା ମହାତ୍ମ୍ୟରେ ଉଲ୍ଲେଖ ଥିବାର ଦେଖିବାକୁ ମିଳିଥାଏ। ମା' ମହିମାମୟୀ ଦୁର୍ଗାଙ୍କ ଅଷ୍ଟମୂର୍ତ୍ତି ସ୍ଥାପନ ପାଇଁ ପିତାମହ ବ୍ରହ୍ମା ଇଚ୍ଛା ପ୍ରକାଶ କଲେ। ଏହି ଅଷ୍ଟମୂର୍ତ୍ତି ବିରଜା, ବିମଳା, ଚଣ୍ଡୀ, ଶାରଳା, ମଙ୍ଗଳା, ସମଲାଇ, ଧାମରାଇ, ବନଦୁର୍ଗା ଆଦି ମତେ ମା' ବିରଜାଙ୍କୁ ଯାଜନଗର ବିନ୍ଧ୍ୟଗିରି ପର୍ବତ ଶିଖରରେ ସ୍ଥାପନ କଲେ। ବିନ୍ଧ୍ୟଗିରି ପର୍ବତ ମା'ଙ୍କ ଭାର ସମ୍ଭାଳି ନ ପାରିବାରୁ ଭୂତଳ ଗାମୀ ହେବାକୁ ଲାଗିଲା। ଏହା ଦେଖି ପିତାମହ ବ୍ରହ୍ମା ଭଗବାନ ବିଷ୍ଣୁ ଓ ଭଗବାନ ଶଙ୍କରଙ୍କୁ ସ୍ମରଣ କଲେ। ବ୍ରହ୍ମାଙ୍କର ସ୍ମରଣ ଦ୍ୱାରା ସେହିଠାରେ ଭଗବାନ ବିଷ୍ଣୁ ଓ ଭଗବାନ ଶଙ୍କର ଉପସ୍ଥିତ ହୋଇ ବିନ୍ଧ୍ୟ ପର୍ବତର ତିନିକୋଣକୁ ପ୍ରଦକ୍ଷିଣ କଲେ। ପ୍ରଦକ୍ଷିଣ ପରେ ତିନୋଟି କୋଣରେ ତିନୋଟି ଆତ୍ମଲିଙ୍ଗ ସ୍ଥାପନ ପାଇଁ ଭଗବାନ ବିଷ୍ଣୁ ଭଗବାନ ଶଙ୍କରଙ୍କୁ ଅନୁରୋଧ କଲେ। ତାଙ୍କର ଅନୁରୋଧ ରକ୍ଷାକରି ବିନ୍ଧ୍ୟାଞ୍ଚଳର ତିନି କୋଣରେ ତିନୋଟି ଆତ୍ମଲିଙ୍ଗ ପ୍ରତିଷ୍ଠା କଲେ, ଯାହାକି ବେଲେଶ୍ୱର, ଖିଲାଟେଶ୍ୱର, ବରୁଣେଶ୍ୱର ନାମରେ ନାମିତ। ଏହାପରେ ମା' ବିରଜାଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ଯଜ୍ଞ କରାଯାଇଥିଲା। ତନ୍ମଧ୍ୟରୁ ବରୁଣେଶ୍ୱର କ୍ଷେତ୍ର ବର୍ତ୍ତମାନ ବିରଜା ମନ୍ଦିରଠାରୁ ୧୦ କିଲୋମିଟର ଦୂରତାରେ ପୂର୍ବକୁ ବିଞ୍ଝାରପୁର ବ୍ଲକ୍‌ର ଅରେଇ ଗ୍ରାମରେ ଅବସ୍ଥିତ। ପରେ ଯଯାତିକେଶରୀଙ୍କ ଦ୍ୱାରା ମନ୍ଦିର ନିର୍ମାଣ କରାଯାଇ ଅରେଇ ଗ୍ରାମରେ ପୂଜକମାନଙ୍କୁ ନିୟୋଜିତ କରି ପୂଜା ବ୍ୟବସ୍ଥା କରାଇଥିଲେ। ଏବେବି ଶ୍ରଦ୍ଧାଳୁମାନେ ତିନି କୋଣରେ ବିଦ୍ୟମାନ ବେଲେଶ୍ୱର, ଖିଲାଟେଶର, ବରୁଣେଶ୍ୱରଙ୍କୁ ଦର୍ଶନ କରିସାରି ମା' ବିରଜାଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥାନ୍ତି।

– ରାମକୃଷ୍ଣ ଦାସ
ଧରିତ୍ରୀ ପ୍ରତିନିଧି, ବିଞ୍ଝାରପୁର

# ଶୈବକ୍ଷେତ୍ର ଶ୍ରୀବରୁଣେଶ୍ୱର

■ ଡ. ରବୀନ୍ଦ୍ର ପରିଡ଼ା, ମଇଁଦା



ବିରଜାକ୍ଷେତ୍ର ଏକ ଶକ୍ତି କ୍ଷେତ୍ର ଭାବେ ପରିଚିତ ଥିଲେ ମଧ୍ୟ ଏହା ଏକ ଶୈବକ୍ଷେତ୍ର ଭାବେ ମଧ୍ୟ ପରିଚିତ। ଏଠାରେ କୋଟିଏରୁ ଗୋଟିଏ ଶିବଲିଙ୍ଗ କମ୍ ଥିବା କଥା ଜଣାଯାଏ। ଯାଜପୁରରେ ୧୦୮ଟି ଶୈବପୀଠ ଥିବା କଥା ପୁରାଣରେ ବର୍ଣ୍ଣିତ ହୋଇଛି। ଗୋକର୍ଣ୍ଣେଶ୍ୱର, ଲଳିତେଶ୍ୱର, ଅଗ୍ନିଶ୍ୱର, ଖଣ୍ଡେଶ୍ୱର, ଗରୁଡ଼େଶ୍ୱର, ଗୋଧନେଶ୍ୱର, ସିଦ୍ଧେଶ୍ୱର ପ୍ରଭୃତି ଶୈବପୀଠ ଏହି କ୍ଷେତ୍ରରେ ବିଦ୍ୟମାନ। ଯାଜପୁରର ସର୍ବପ୍ରାଚୀନ ଶୈବପୀଠ ହେଉଛି ଇଶାନେଶ୍ୱର। ଏହି ଇଶାନେଶ୍ୱରଙ୍କ ଆବିର୍ଭାବ ବ୍ରହ୍ମା କରିଥିବା ଯଜ୍ଞର ଦକ୍ଷିଣାଗ୍ନି କୁଣ୍ଡରୁ ହୋଇଥିଲା। ଏହି ଇଶାନେଶ୍ୱର ବିରଜାମନ୍ଦିର ବେଢ଼ା ମଧ୍ୟରେ ବିରାଜିତ।

ଭୌମକର ବଂଶର ପତନପରେ ମହାଶିବଗୁପ୍ତ ୨ୟ ଯଯାତି ବ୍ରାହ୍ମଣଧର୍ମରେ ପୁନଃ ପ୍ରତିଷ୍ଠା କରିବା ସହ ସେ ଶୈବଧର୍ମର ପୃଷ୍ଠପୋଷକତା କରିଥିଲେ। ଫଳରେ ଯାଜପୁର ତନ୍ତ୍ରକ୍ଷେତ୍ର ଏକ ଶୈବ କ୍ଷେତ୍ରରେ ପରିଣତ ହେଲା। ତନ୍ତ୍ରପୀଠଗୁଡ଼ିକ ଧ୍ୱଂସ କରି ସେଠାରେ ସେ ଶିବ ମନ୍ଦିର ସ୍ଥାପନ କଲେ। ତନ୍ମଧ୍ୟରୁ ବରୁଣେଶ୍ୱର ପୀଠ ହେଉଛି ଅନ୍ୟତମ ଶୈବପୀଠ। ମା' ବିରାଜଙ୍କୁ କେନ୍ଦ୍ରକରି ଏକ ସମବାହୁ ତ୍ରିଭୁଜ ଭଳି ସମାନ ଦୂରତାରେ ତିନୋଟି ବିନ୍ଦୁରେ ତିନୋଟି ଶିବମନ୍ଦିର ଅବସ୍ଥିତ। ଏହାକୁ ସମସ୍ତେ ବେଲେଶ୍ୱର, ଖୁଲାଟେଶ୍ୱର ଓ ବରୁଣେଶ୍ୱର ଭାବେ ପୂଜା କରିଥାନ୍ତି। ଇତିମଧ୍ୟରୁ ବରୁଣେଶ୍ୱର ମା' ବିରଜା ମନ୍ଦିରର ପୂର୍ବ ଭାଗରେ ଅବସ୍ଥିତ। ପବିତ୍ର କୁଶଭଦ୍ରା ନଦୀ ଏକ ପୁରାଣବର୍ଣ୍ଣିତ ନଦୀ ଯାହା ବ୍ରହ୍ମାଙ୍କ କୁଶାଘାତରୁ ସୃଷ୍ଟି ହୋଇଥିଲା। ସେହି ନଦୀର ତଟଦେଶରେ ସମତଳ ଭୂମିଠାରୁ ପ୍ରାୟ ଦଶଫୁଟ ତଳେ ଏକ ବିରଳ ଶିବଲିଙ୍ଗ ପୂଜା ପାଇଥାନ୍ତି ଯାହାଙ୍କୁ ସମସ୍ତେ ବରୁଣେଶ୍ୱର ମହାଦେବ ଭାବେ ଜାଣନ୍ତି। ସେହି ପ୍ରଭୁ ବରୁଣେଶ୍ୱର ହେଉଛନ୍ତି ସ୍ୱୟଂମ୍ଭୁ। ବ୍ରହ୍ମ ବୈବର୍ତ୍ତ ପୁରାଣରେ ପ୍ରଭୁ ବରୁଣେଶ୍ୱରଙ୍କ ଉପରେ ବର୍ଣ୍ଣନା ଅଛି। ପ୍ରଭୁ ବରୁଣେଶ୍ୱରଙ୍କ ମନ୍ଦିରକୁ ପରବର୍ତ୍ତୀ ସମୟରେ ରାଜା ୨ୟ ଯଯାତି କେଶରୀ ନିର୍ମାଣ କରିଥିଲେ ବୋଲି ଶୁଣାଯାଏ। ଏହି ମନ୍ଦିରର ନିର୍ମାଣ ଶୈଳୀ ଅତ୍ୟନ୍ତ ପ୍ରାଚୀନ।

## କିମ୍ବଦନ୍ତୀରେ ବରୁଣେଶ୍ୱର

ପ୍ରାଚୀନ ଜନଶ୍ରୁତି କୁହେ କୁଶଭଦ୍ରା ନଦୀ ପୂର୍ବରୁ ସୁନାବ୍ୟା ଥିଲା। ଯାହାମଧ୍ୟରେନୌକାମାଧ୍ୟମରେବାଣିଜ୍ୟବ୍ୟବସାୟକରାଯାଉଥିଲା। ଦିନେ ହଠାତ୍ ଝଡ଼ ଆସିବା ଦ୍ୱାରା ଦୁଇଜଣ ସାଧବ ସାଧବାଣୀ ଯାଉଥିବା ଏକ ନୌକା ପାଣିରେ ବୁଡ଼ିଯାଇଥିଲା(ଯେଉଁଠାରେ ବର୍ତ୍ତମାନର ମନ୍ଦିର ବିଦ୍ୟମାନ)। ଫଳରେ ବଣିକ ଜଣକ ତାଙ୍କର ସମସ୍ତ ଧନଦୌଲତ ସହ ନୌକଟିକୁ ହରେଇ ବସିଥିଲା। ସ୍ୱାମୀ ସ୍ତ୍ରୀ ଦୁଇଜଣ ଗଭୀର ଦୁଃଖରେ ଜର୍ଜରିତ ହୋଇ ପ୍ରଭୁ ଶିବଶଙ୍କରଙ୍କୁ ସେଠାରେ ଥିବା ଏକ ବରୁଣ ଗଛ ମୂଳରେ ଆରାଧନା କଲେ। ପ୍ରଭୁ ଭୋଳାନାଥ ସେ ଦୁଇଜଣଙ୍କର ପ୍ରାର୍ଥନାରେ ପ୍ରୀତ ହୋଇ ଦର୍ଶନ ଦେଇଥିଲେ ଏବଂ ହରାଇଥିବା ସମସ୍ତ ସମ୍ପତ୍ତିକୁ ଫେରିପାଇବାକୁ ଆଶିଷ ପ୍ରଦାନ କରିଥିଲେ। ପ୍ରଭୁ ଶିବଶଙ୍କର ସେହି ବରୁଣଗଛ ମୂଳରେ ପ୍ରକଟ ହୋଇଥିବାରୁ ସେ ବରୁଣେଶ୍ୱରଙ୍କ ନାମରେ ବିଖ୍ୟାତ ହୋଇଥିବା ଜନଶ୍ରୁତି ରହିଛି।

## ପୁରାଣ ପୃଷ୍ଠାରେ ବରୁଣେଶ୍ୱର

ବରୁଣଦେବ ଶାପଗ୍ରସ୍ତ ହୋଇ କାଳାତିପାତ କରୁଥିଲେ। ନିଜର ପାପଗ୍ରସ୍ତ ଜୀବନରୁ ମୁକ୍ତି ପାଇବା ପାଇଁ ଆଜିର ମନ୍ଦିର ଯେଉଁଠାରେ ଅବସ୍ଥିତ ସେଠାରେ ପ୍ରଭୁ ଶିବଶଙ୍କରଙ୍କୁ କଠୋର ତପସ୍ୟା କରିଥିଲେ। ଭଗବାନ ଶିବ ବରୁଣଦେବଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କୁ ସେଠାରେ ଦର୍ଶନ ଦେଇ ତାଙ୍କୁ ଶାପମୁକ୍ତ କରିଥିଲେ ଏବଂ ସେ ନିଜର ନାମ ସେଠାରେ ବରୁଣେଶ୍ୱର ନାମରେ ନାମିତ ହେବା ପାଇଁ ବର ପ୍ରଦାନ କରିଥିଲେ। ସେ ଯାହା ବି ହେଉ ପ୍ରଭୁ ବରୁଣେଶ୍ୱର ଯେ ଏ ଅଞ୍ଚଳର ଜନ ମାନସରେ ଅଗ୍ରପୂଜ୍ୟ ତାହା ଅନସ୍ୱୀକାର୍ଯ୍ୟ। ପ୍ରଭୁ ବରୁଣେଶ୍ୱର ଏ ଅଞ୍ଚଳର ଗଣଦେବତା ଭାବେ ପରିଚିତ। ଏ ଅଞ୍ଚଳର ଧର୍ମ ବିଶ୍ୱାସ, ଚଳଣି, ପରମ୍ପରା, ସଂସ୍କୃତି ସବୁ ପ୍ରଭୁ ବରଣେଶ୍ୱରଙ୍କୁ ନେଇ ଗଢିଉଠିଛି। ବରୁଣେଶ୍ୱରଙ୍କ ପୀଠରେ ଅନୁଷ୍ଠିତ ଜାଗରଯାତ୍ରା, ମକରମେଳା ଦୁଇଟି ପ୍ରସିଦ୍ଧ ପର୍ବ କେଉଁ ଅନାଦି କାଳରୁ ତାହା ପାଳିତ ହୋଇଆସୁଛି। ଏ ଅଞ୍ଚଳର ଏକ ସାଂସ୍କୃତିକ ଜାଗରଣ ଓ ଧର୍ମୀୟ ବାତାବରଣ ସୃଷ୍ଟି କ୍ଷେତ୍ରରେ ବାବା ବରୁଣେଶ୍ୱରଙ୍କ ଭୂମିକା ବେଶ୍ ପ୍ରଣିଧାନଯୋଗ୍ୟ ଏକଥା ଯେ କେହି ସ୍ୱୀକାର କରିବା ନିଶ୍ଚୟ।

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ଶ୍ରୀମତୀ ପ୍ରମିଳା ମଲ୍ଲିକ
ମୁଖ୍ୟ ସଚେତକ, ବିରୋଧୀଦଳ
ଓଡ଼ିଶା ବିଧାନସଭା, ଭୁବନେଶ୍ୱର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ଡ. ରବିନ୍ଦ୍ର କୁମାର ପରିଡ଼ା
ବରିଷ୍ଠ ସାମାଜିକ କର୍ମୀ, ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ଅହଲ୍ୟା ସ୍ୱାଇଁ
ଜିଲ୍ଲା ପରିଷଦ ସଭ୍ୟା, ୨୫ ନଂ.ଜୋନ, ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
କଳିକା ଦାସ
ସରପଞ୍ଚ, ମାଁସଡା ଗ୍ରା.ପ., ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ରାମଚନ୍ଦ୍ର ବେହେରା
ବରିଷ୍ଠ ନେତା, ବିଜେଡି, ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ଅରେଇ ଗ୍ରା.ପ.ର ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ଦେବାନନ୍ଦ ମଲ୍ଲିକ
ପୂର୍ବତନ ସରପଞ୍ଚ, ଅରେଇ ଗ୍ରା.ପ., ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ସମସ୍ତ ଶ୍ରଦ୍ଧାଳୁମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
କମଲ ଦାସ
ଯୁବ ସାମାଜିକ କର୍ମୀ, ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ନନ୍ଦକିଶୋର ସାମଲ
ସଭାପତି, ବିଜୁ ଜନତା ଦଳ, ବିଞ୍ଝାରପୁର

ବରୁଣେଶ୍ୱର ମେଳା ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ମେଳାରେ ଶୃଙ୍ଖଳା ବଜାୟ ରଖିବା ଏବଂ ଜନସାଧାରଣଙ୍କ ସୁରକ୍ଷା ପାଇଁ ବିଞ୍ଝାରପୁର ପୋଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ। ମେଳାକୁ ସୁରକ୍ଷିତ, ଅପରାଧ ମୁକ୍ତ କରିବା ପାଇଁ ମୁଁ ଆପଣ ସମସ୍ତଙ୍କର ସହଯୋଗ କାମନା କରୁଛି।
ରଞ୍ଜନ କୁମାର ମଲ୍ଲିକ
ଥାନାଧିକାରୀ, ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ଦିଲ୍ଲୀପ କୁମାର ରାଉଳ
ସଭାପତି, ଯୁବ ବିଜୁ ଜନତା ଦଳ, ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ଖଗେଶ୍ୱର ମହାନ୍ତି
ଜିଲ୍ଲା ପରିଷଦ ସଭ୍ୟ, ୨୮ ନଂ. ଜୋନ, ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ କଏଣା-ରଘୁନାଥପୁର ଗ୍ରାପର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ନିଶିପ୍ରଦା ଜେନା
ସରପଞ୍ଚ, କଏଣା-ରଘୁନାଥପୁର, ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ରଞ୍ଜିତା କୁମାରୀ ଦାସ
ଅଧ୍ୟକ୍ଷ, ବିଞ୍ଝାରପୁର ପଞ୍ଚାୟତ ସମିତି, ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ଜିତେନ୍ଦ୍ର ପ୍ରଧାନ
ଯୁବ ଶିଳ୍ପୋଦ୍ୟୋଗୀ, ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ଲେନିନ ଦାସ
ସଭାପତି, ଛାତ୍ର ବିଜୁ ଜନତା ଦଳ ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ଯାଜପୁର ଜିଲ୍ଲାର ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ପ୍ରତୀକ କୁମାର ମିଶ୍ର
ଅଧ୍ୟକ୍ଷ, ସହକାରୀ ଆବାସ ପ୍ରଦ୍ୟୋଗ
ବି.ଇଡି. ଓ ସି.ଟି. ଟ୍ରେନିଂ ସ୍କୁଲ, ମାଁସଡ଼ା, ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ସମସ୍ତ ଶ୍ରଦ୍ଧାଳୁମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ସ୍ମୃତିରଞ୍ଜନ ସାହୁ
ବରିଷ୍ଠ ସାମାଜିକ କର୍ମୀ, ଗୁହାଳି, ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ସମସ୍ତ ବ୍ୟବସାୟୀ, ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ସ୍ମୃତିସମୀକ୍ଷା ମଲ୍ଲିକ
ସରପଞ୍ଚ, ଅରେଇ ଗ୍ରା.ପ., ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ସୁନିତା ନାୟକ
ଜିଲ୍ଲା ପରିଷଦ ସଭ୍ୟା, ୨୭ନଂ ଜୋନ, ବିଞ୍ଝାରପୁର

ଇଂରାଜୀ ନବବର୍ଷ ୨୦୨୬ ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ।
ଇଂ ସୁଶାନ୍ତ କୁମାର ମିଶ୍ର
ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଯାଜପୁର, ବିଞ୍ଝାରପୁର

# ୨୦୩୦ ସୁଦ୍ଧା ୧୦ କାର୍ ଲଞ୍ଚ୍ କରିବ ହୋଣ୍ଡା

## ଏଲିଭେଟ୍ ଏଡିଭି ଏଡିଶାନର ଶୁଭାରମ୍ଭ

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

ପ୍ରିମିୟମ କାର୍‌ଗୁଡିକର ଏକ ଅଗ୍ରଣୀ ନିର୍ମାତା ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ପକ୍ଷରୁ ନିକଟରେ ଏଲିଭେଟ୍ ଏଡିଭି ଏଡିଶନର ଶୁଭାରମ୍ଭ କରାଯାଇଛି। ଏହି ନୂତନ ଫ୍ଲାଗ୍‌ଶିପ ଗ୍ରେଡ୍ ଏକ ଅଧିକ ସ୍ପୋର୍ଟି ଓ ସ୍ୱତନ୍ତ୍ର ଲୁକ୍‌ରେ ଏଲିଭେଟ୍‌ର ମଜଭୁତ ଡିଜାଇନ, ଉତ୍ସାହଜନକ ଆଇ-ଭିଟିଇସି ପ୍ରଦର୍ଶନ ଓ ଆଡ୍‌ଭାନ୍ସଡ ହୋଣ୍ଡା ସେନ୍ସିଂ ସେଫ୍ଟି ଫିଚରଗୁଡ଼ିକୁ ଏକତ୍ରିତ କରିଛି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍‌ର ମାର୍କେଟିଂ ଓ ସେଲ୍‌ସ ବିଭାଗର ଉପାଧ୍ୟକ୍ଷ କୁନାଲ ବେହେଲ ଓ କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ବିବେକ ସିଂହ ବିସ୍ତୃତ ସୂଚନା ଦେଇଛନ୍ତି। କୁନାଲ କହିଛନ୍ତି, ଭୁବନେଶ୍ୱର ଭଳି ବଜାର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଜାରି ରଖିଛି। ହୋଣ୍ଡା ସିଟି, ହୋଣ୍ଡା ଏଲିଭେଟ୍ ଓ ହୋଣ୍ଡା ଆମେଜ ସମେତ ଆମର ସମସ୍ତ ମଡେଲକୁ ଓଡ଼ିଶାରେ ନିରନ୍ତର ଭାବେ ଗ୍ରହଣ କରାଯାଉଛି। ନୂଆ ଏଲିଭେଟ୍ ଏଡିଭି ଏଡିଶନ ଗ୍ରାହକଙ୍କ ସହ ଦୃଢ଼ ଭାବେ ପ୍ରତିଧ୍ୱନିତ୍ୱ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



ଭୁବନେଶ୍ୱରରେ ଏଲିଭେଟ୍ ଏଡିଭି ଏଡିଶନର ଶୁଭାରମ୍ଭ ଅବସରରେ କୁନାଲ ବେହେଲ ଓ ବିବେକ ସିଂହ ଉପସ୍ଥିତ ଅଛନ୍ତି। (ଫଟୋ- ବିକାଶ ନାୟକ)

୨୦୩୦ ସୁଦ୍ଧା ୭ଟି ଏସ୍‌ୟୁଭି ସମେତ ୧୦ଟି ଲଞ୍ଚ କରିବ ବୋଲି ସେ ସୂଚନା ଦେଇଛନ୍ତି। ଏଚ୍‌ସିଆଇଏଲ୍‌ର ପ୍ରଥମ ବ୍ୟାଟେରି ଇଲେକ୍ଟ୍ରିକ ଯାନ ହୋଣ୍ଡା ୦(ଆଲ୍‌ଫା) ମଧ୍ୟ ୨୦୨୬-୨୭ ଆର୍ଥିକ ବର୍ଷର ୨ୟ ଭାଗରେ ଶୁଭାରମ୍ଭ କରାଯିବ । ନୂଆ ଇଭି ସିରିଜ ହୋଣ୍ଡା ୦ (ଜିରୋ) ସିରିଜର ଏକ ଅଂଶ, ହୋଣ୍ଡା ୦ (ଆଲ୍‌ଫା)କୁ ଜାପାନ ମୋବିଲିଟି ଶୋ' ୨୦୨୫ରେ ଏକ ପ୍ରୋଟୋଟାଇପ ଭାବେ ପ୍ରଦର୍ଶିତ କରାଯାଇଥିଲା। ଏହି ମଡେଲ ହୋଣ୍ଡା ୦ ସିରିଜର ଦୁନିଆରେ ଏକ ପ୍ରମୁଖ 'ଗେଟ୍‌ୱେ ମଡେଲ' ଭାବେ କାର୍ଯ୍ୟ କରିବ। ହୋଣ୍ଡାର 'ମେକ୍ ଇନ୍ ଇଣ୍ଡିଆ' ଲକ୍ଷ୍ୟକୁ ସୁଦୃଢ଼କରି ହୋଣ୍ଡା ୦ (ଆଲ୍‌ଫା)କୁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯିବ ଏବଂ ଅନ୍ୟ ଅନ୍ତର୍ଜାତୀୟ ବଜାରଗୁଡ଼ିକୁ ରପ୍ତାନି କରାଯିବ। ଭୁବନେଶ୍ୱରରେ ଏଲିଭେଟ୍ ଏଡିଭି ସଂସ୍କରଣର ସିଙ୍ଗଲ-ଟୋନ ବିକଳ୍ପ ପାଇଁ (ଏମ୍‌ଟି) ଭାରିଆଣ୍ଟର ମୂଲ୍ୟ ୧୫,୩୮,୯୯୦ ଟଙ୍କା (ଏକ୍ସ ଶୋ'ରୁମ୍) ରହିଥିବାବେଳେ ଡୁଆଲ-ଟୋନ୍ ସଂସ୍କରଣର ମୂଲ୍ୟ ୧୫,୫୮,୯୦୦ ଟଙ୍କା ରହିଛି। ସେହିଭଳି ସିଭିଟି ଭାରିଆଣ୍ଟ ସିଙ୍ଗଲ୍-ଟୋନ୍ ବିକଳ୍ପ ପାଇଁ ୧୬,୫୬,୭୯୦ ଟଙ୍କା ଏବଂ ଡୁଆଲ-ଟୋନ୍ ବିକଳ୍ପ ପାଇଁ ୧୬,୭୬,୭୯୦ ଟଙ୍କାରେ ଉପଲବ୍ଧ। ଏଲିଭେଟ୍ ଏଡିଭିରେ ଉଭୟ ଏକ୍ସଟେରିୟର ଓ ଇଣ୍ଟେରିୟର ପରିବର୍ତ୍ତନ କରାଯାଇଛି। ଏକ୍ସଟେରିୟର ଡିଜାଇନ ବୋଲ୍ଡ ଏକ୍ସକ୍ଲୁସିଭ ଅପ୍‌ଗ୍ରେଡ୍ ହାସଲ କରିଛି।

# ବଢୁଛି ବିଏମ୍‌ଡବ୍ଲ୍ୟୁ ଚାହିଦା

## ରେକର୍ଡ ସଂଖ୍ୟକ ବିକ୍ରି

ଭୁବନେଶ୍ୱର,୧୩।୧
(ଅନୁରାଧା ମହାରଣା)

ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆ ସର୍ବାଧିକ ବାର୍ଷିକ କାର୍ ବିକ୍ରୟ ରେକର୍ଡ କରିଛି। କମ୍ପାନୀ ୨୦୨୫ରେ ୧୮,୦୦୧ କାର୍ ବିକ୍ରି କରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୪%ରୁ ଅଧିକ ଅଭିବୃଦ୍ଧି ହାସଲ କରିଛି। ବିଏମ୍‌ଡବ୍ଲ୍ୟୁ ୧୭,୨୭୧ ୟୁନିଟ୍ ଏବଂ ମିନି ୭୩୦ ୟୁନିଟ୍ ଡେଲିଭରି କରିଛି। ବିଏମ୍‌ଡବ୍ଲ୍ୟୁ ମୋଟୋରାଡ୍ ୫,୮୪୧ ମୋଟରସାଇକେଲ ଡେଲିଭର କରିଛି। ତ୍ରୈମାସିକ ୪(ଅକ୍ଟୋବର- ଡିସେମ୍ବର) କାର୍ ବିକ୍ରୟ ସର୍ବକାଳୀନ ସର୍ବାଧିକ ୬,୦୨୩ ୟୁନିଟ୍ ଥିଲା ଯାହା ୧୭% ବାର୍ଷିକ ଅଭିବୃଦ୍ଧିକୁ ଦର୍ଶାଉଛି। ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ସଭାପତି ଏବଂ ସିଇଓ ହରଦୀପ ସିଂହ ବ୍ରାର୍ କହିଛନ୍ତି, ଇଣ୍ଟରନାଲ କମ୍ବସନ ଇଞ୍ଜିନ ହେଉ କିମ୍ବା ଇଲେକ୍ଟ୍ରିକ ଭେହିକଲ, ଏସ୍‌ଏଭି କିମ୍ବା ସେଡାନ କିମ୍ବା ଲଙ୍ଗ୍ ହ୍ୱିଲବେସ୍ ମଡେଲ ସେଗ୍‌ମେଣ୍ଟଗୁଡ଼ିକ ମଧ୍ୟରେ ବିକ୍ରୟ ବୃଦ୍ଧିପାଉଛି। ସୂଚନା ଥାଉକି, ୨୦୨୫ ମସିହାରେ ବିଏମଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆ ଆଗ୍ରେସିଭ ପ୍ରଡକ୍ଟ ଅଫେନ୍ସିଭ ଆରମ୍ଭକରି ୨୦ଟି ନୂତନ ଉତ୍ପାଦ ଲଞ୍ଚ କରିଥିଲା।

# ବିଓଆଇ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ


ବିଓଆଇ କେନ୍ଦୁଝର ଅଞ୍ଚଳ କାର୍ଯ୍ୟାଳୟରେ ହିନ୍ଦୀ ଦିବସ ପାଳନ ଅବସରରେ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଅଞ୍ଚଳ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝର ଅଞ୍ଚଳର ଉପ-ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ କୁମାର ବେହେରାଙ୍କ ସମେତ କେନ୍ଦୁଝର ଅଞ୍ଚଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବିଶ୍ୱ ହିନ୍ଦୀ ଦିବସ ଅବସରରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ଏବଂ ରାଜଭାଷାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସେମିନାର ଆୟୋଜନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା କ୍ଷେତ୍ରୀୟ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ (ପୂର୍ବାଞ୍ଚଳ), ଗୃହ ମନ୍ତ୍ରଣାଳୟର ଅନୁସନ୍ଧାନ ଅଧିକାରୀ ଓମ୍‌ପ୍ରକାଶ ପ୍ରସାଦ ରାଜଭାଷା ସହ ଜଡ଼ିତ ଆଇଟି ଉପକରଣର ବ୍ୟବହାର ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସହାୟକ ମହାପ୍ରବନ୍ଧକ ମଉ ମିତ୍ରା ଉପସ୍ଥିତ ରହି ବ୍ୟାଙ୍କ ଅଫ୍ ଇଣ୍ଡିଆ, ପ୍ରଧାନ କାର୍ଯ୍ୟାଳୟକୁ ସମ୍ବୋଧିତ କରିଥିଲେ ଏବଂ କେନ୍ଦୁଝର ଅଞ୍ଚଳ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଉପ-ଆଞ୍ଚଳିକ ପ୍ରବନ୍ଧକ ବେହେରା ହିନ୍ଦୀ କେବଳ ଆମର ରାଜଭାଷା ନୁହେଁ ବରଂ ଭାରତର ସାଂସ୍କୃତିକ ଏକତା ଏବଂ ପରିଚୟ ପାଇଁ ଏକ ସଶକ୍ତ ମାଧ୍ୟମ ବୋଲି କହିଥିଲେ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବଦିବସ

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ସୋମବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ଅଧ୍ୟକ୍ଷତାକରି କହିଥିଲେ, ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ଜୀବନ ଯାପନ ସହ ଗୁରୁଙ୍କ ପାଖରେ ସମର୍ପଣ ଭାବ ଦ୍ୱାରା ଚରିତ୍ର ଗଠନ ସହ ରାଷ୍ଟ୍ରଗଠନ ସମ୍ଭବ। ମୁଖ୍ୟବକ୍ତା ଭାବେ ଭାରତୀୟ ଦର୍ଶନଶାସ୍ତ୍ର ସମାଜର ବରିଷ୍ଠ ସଦସ୍ୟ ତଥା ଏକାମ୍ର କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଏବଂ ବିଶିଷ୍ଟ ବକ୍ତା ଡ. ନିରଞ୍ଜନ ପାଢ଼ୀ ମଣିଷ ଭିତରେ ଈଶ୍ୱର ସତ୍ତାକୁ ଉପଲବ୍ଧ କରିବା, ନିଜେ ନିଜର ପରିଚୟ ସୃଷ୍ଟିକରିବା, ମାନବତାବାଦକୁ




ବଜାୟ ରଖିବା ପାଇଁ କହିଥିଲେ। ନିଜର ଧୀମତ୍ତାକୁ ପରିମାର୍ଜିତ କରି ବିବେକହୀନ ହେବା ପରିବର୍ତ୍ତେ ଈଶ୍ୱର ପୂଜାକୁ ପଛକରି ମାନବ ସେବାରେ ସମର୍ପଣ ଭାବ ରଖିପାରିଲେ ଭାରତ ବିଶ୍ୱଗୁରୁ ହେବା ସହ ୟୁଥ୍ ଫର୍ ଇଣ୍ଡିଆ ଏବଂ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ। ବଡଲୋକ ହେବା ପଛରେ ନ ଗୋଡାଇ ଭଲ ଲୋକ ହେବାକୁ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ତ୍ରିବିକ୍ରମ ଷଡ଼ଙ୍ଗୀ ପରାମର୍ଶ ଦେଇଥିଲେ। ଉପାଧ୍ୟକ୍ଷ ଡ. ରୁଦ୍ରମୋହନ ନନ୍ଦ ଧନ୍ୟବାଦ ଦେଇଥିଲେ।

# ନ୍ୟୁ ସେଲ୍ଟସ ଅନାବରଣ କଲା ତୃପ୍ତି କିଆ

ଭୁବନେଶ୍ୱର,୧୩।୧
(ଅନୁରାଧା ମହାରଣା)

କିଆ ମୋଟର୍ସର ନୂଆ ଓ ଅତ୍ୟାଧୁନିକ ଏସ୍‌ୟୁଭି ମଡେଲ ନ୍ୟୁ ସେଲ୍ଟସ ଭୁବନେଶ୍ୱରସ୍ଥିତ ତୃପ୍ତି କିଆରେ ଅନାବରଣ କରାଯାଇଛି। ନୂଆ ସେଲ୍ଟସ ୮ଟି ଭେରିଆଣ୍ଟରେ ଉପଲବ୍ଧ ଅଛି, ଯାହାର ମୂଲ୍ୟ ୧୦.୯୯ ଲକ୍ଷ ଟଙ୍କାରୁ ଆରମ୍ଭ। ଗ୍ରାହକଙ୍କୁ ପେଟ୍ରୋଲ ଏବଂ ଡିଜେଲ ଉଭୟ ଇଞ୍ଜିନର ବିକଳ୍ପ ଦିଆଯାଇଛି। ଏହି ମଡେଲ ଏକ ପ୍ରଗତିଶୀଳ ଟ୍ରିନିଟି ଡିସ୍‌ପ୍ଲେ, ୧୦-ୱେ ପାୱାର ଡ୍ରାଇଭର ସିଟ୍ ସହିତ ମେମୋରି ଫଙ୍କସନ, ଏଲଇଡିଡିଆର୍‌ଏଲ୍. ସହିତ ୱେଲ୍‌କମ୍ ଫଙ୍କସନ ଆଦି ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ। ପୂର୍ବ ମଡେଲ ତୁଳନାରେ ଏଥିରେ ଅଧିକ ସ୍ଥାନ, ଅଧିକ ଗ୍ରାଉଣ୍ଡ କ୍ଲିଅରାନ୍ସ, ଲମ୍ବ ଓ ଓସାର ରହିଛି ଏବଂ ଏହା ୧୨ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ। ମୂଳ ଭାରିଆଣ୍ଟରୁ ହିଁ ଅଟୋମେଟିକ ଏସି ଏବଂ କ୍ରୁଜ୍ କଣ୍ଟ୍ରୋଲ ଭଳି ସୁବିଧା ରହିଛି। ଅନାବରଣ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ଅତିଥି ଭାବରେ ଯୋଗଦେଇଥିବାବେଳେ ତୃପ୍ତି କିଆର ମ୍ୟାନେଜିଂ ଡାଇରେକ୍ଟର ବଦ୍ରିନାରାୟଣ ସାମନ୍ତରାୟ କହିଛନ୍ତି, ନ୍ୟୁ ସେଲ୍ଟସର ଡିଜାଇନ, ପ୍ରଦର୍ଶନ ଓ ଟେକ୍ନୋଲୋଜିରେ ସମ୍ପୂର୍ଣ୍ଣ ସନ୍ତୁଳନ ରକ୍ଷା କରିବା ସହ ଓଡ଼ିଶାର ଗ୍ରାହକଙ୍କ ପାଇଁ ଏକ ଆଦର୍ଶ ଏସ୍‌ୟୁଭି ହେବ। କାର୍ଯ୍ୟକ୍ରମରେ ଡାଇରେକ୍ଟର ରୁଦ୍ରନାରାୟଣ ସାମନ୍ତରାୟ ଏବଂ ଜେନେରାଲ ମ୍ୟାନେଜର ଗୋପାଳ ସିଂହ ମଧ୍ୟ ଉପସ୍ଥିତ ଥିଲେ।




## ଅପରାଧ

# ୬ ଅଭିଯୁକ୍ତଙ୍କ ଜାମିନ ରାୟ ସଂରକ୍ଷିତ

## ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର,୧୩।୧
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଥିବା ୬ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ହୋଇ ରାୟ ସଂରକ୍ଷିତ ରହିଛି। ବ୍ରହ୍ମପୁରସ୍ଥିତ ଏସ୍‌ଡିଜେଏମ୍ କୁମାର ସ୍ୱନ୍ଦନ ଅଭିଯୁକ୍ତ ତଥା ବ୍ରହ୍ମପୁର ମହାନଗର ନିଗମ କର୍ପୋରେଟର ମଳୟ ବିଷୋୟୀ, ଜୟପୁରର ଫାର୍ମହାଉସ ମାଲିକ ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, ଦୁଇ ବିହାରୀ ଯୁବକ କୁନ୍ଦନ କୁମାର ଏବଂ ଶିଶୁପାଳ କୁମାର ପାଶ୍ୱାନଙ୍କ ଜାମିନ ଆବେଦନର ଶୁଣାଣି କରିଛନ୍ତି। ରାୟ ସଂରକ୍ଷିତ ରହିଥିବା ବେଳେ ଆସନ୍ତା ୧୬ ତାରିଖରେ ଏହା ପ୍ରକାଶ ପାଇବ ବୋଲି କୋର୍ଟ ପକ୍ଷରୁ ସୂଚନା ମିଳିଛି।

୨୦୨୫ ଅକ୍ଟୋବର ୬ ତାରିଖ ରାତିରେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ଭାଜପା ନେତା ପୀତବାସଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ବାସଭବନ ନିକଟରେ ଗୁଳି କରି ହତ୍ୟା କରାଯାଇଥିଲା । ଏହି ମାମଲାରେ ପୋଲିସ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ବ୍ରହ୍ମପୁର ମହାନଗରର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୬ ଜଣଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ୧୫ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଥିବା ବେଳେ ପିଣ୍ଟୁ ଫୁଲବାଣୀ ଜେଲରେ ରହିଛନ୍ତି।

# ଭଡ଼ାଘରେ କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ

ବେତନଟୀ, ୧୩।୧(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନରେ ରହୁଥିବା କେସିପୁର ପୋଲିସ ଫାଣ୍ଡିରେ ଜଣେ କନଷ୍ଟେବଲ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ରାଜୀବ କୁମାର ଭୂୟାଁ, ତାଙ୍କ ଘର ରାସଗୋବିନ୍ଦପୁର ଥାନା ପାଇକସାହି ଗ୍ରାମରେ। ସେ କୃଷ୍ଣଚନ୍ଦ୍ରପୁର ଫାଣ୍ଡିରେ କନଷ୍ଟେବଲ ଥିଲେ। ଫାଣ୍ଡିଠାରୁ ୧୦୦ମିଟର ଦୂର ଏକ ଭଡ଼ା ଘରେ ଏକାକୀ ରହୁଥିଲେ। ଏହି ଭଡ଼ା ଘର କବାଟ ଭିତରପଟୁ ବନ୍ଦ ଥିଲା। ତାଙ୍କୁ ଡାକିବା ପରେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଶୁଣିବାରୁ କବାଟ ଭଙ୍ଗାଯାଇଥିଲା। ଘର ଭିତରେ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଏହି ଘଟଣା ସୋମବାର ରାତିରେ ଘଟିଥିବା ସନ୍ଦେହ କରାଯାଉଛି। ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ଏବଂ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହକୁ ଜବତ କରିଥିଲେ। ଏହି ସମୟରେ ମୃତ କନଷ୍ଟେବଲଙ୍କ ସ୍ତ୍ରୀ ଓ ତାଙ୍କ ପରିବାର ଲୋକ ଉପସ୍ଥିତ ଥିଲେ। ବେତନଟୀ ପୋଲିସ ଶବ ଜବତ ପରେ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା(ନଂ. ୩/୨୦୨୬) ରୁଜୁ କରିଛି। ପୋଲିସର ତଦନ୍ତ ଚାଲୁ ରହିଥିବା ବେଳେ ମୃତ୍ୟୁର କାରଣ ଜଣାପଡ଼ିନାହିଁ ବୋଲି ଆଇଆଇସି ସସ୍ମିତା ମହାନ୍ତ କହିଛନ୍ତି।

# ୫ ପରୀକ୍ଷାର୍ଥୀଙ୍କୁ ସିବିଆଇ ଜେରା

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

ଭୁବନେଶ୍ୱର,୧୩।୧(ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ତାର ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରିଛି। ମଙ୍ଗଳବାର ସିବିଆଇ ୫ଜଣ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଛି। ଓପିଆର୍‌ବି ଏବଂ ସିଲିକନ୍ ଟେକ୍ ଲାବ୍‌ର ଗୁପ୍ତ ସମ୍ପର୍କ ବିଷୟରେ ଜାଣିବା ପାଇଁ ୫ଜଣ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଥିଲା। ଏହି ୫ ଜଣକୁ ହାଜର ହେବାକୁ ସିବିସିଆଇବି ପକ୍ଷରୁ ସମନ ହୋଇଥିଲା। ୩ଜଣ ପରୀକ୍ଷାର୍ଥୀଙ୍କ ସହ ଆଉ ଦୁଇଜଣ ବ୍ୟକ୍ତିଗତ ଭାବେ ହାଜର ହୋଇଥିବା ସିବିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଘଟଣାରେ ପ୍ରଥମେ ପୋଲିସ ତଦନ୍ତ କରି ୧୧୭ ଜଣଙ୍କୁ ଗିରଫ କରିଥିଲା। ହେଲେ ମାମଲା ଅତି ସଙ୍ଗୀନ ଥିବାରୁ ଏହାକୁ ସିବିଆଇ ତଦନ୍ତ ପାଇଁ ସୁପାରିସ କରିଥିଲେ ରାଜ୍ୟ ସରକାର। ସିବିଆଇ ଘଟଣାର ତଦନ୍ତ କରି ଆଉ କିଛି ଅଭିଯୁକ୍ତଙ୍କୁ ବାନ୍ଧିଥିଲା। ଦୀର୍ଘ ଦିନର ତଦନ୍ତ ପରେ ସିବିଆଇ ପ୍ରାଥମିକ ଚାର୍ଜଶିଟ୍ ଦାଖଲ କରିଛି। ଯେଉଁଥିରେ ୧୬ଜଣଙ୍କ ବିରୋଧରେ ତଥ୍ୟ ପ୍ରମାଣ ଥିବା ସିବିଆଇ ଦର୍ଶାଇଛି। ଏହି ଚାର୍ଜଶିଟ୍‌ରେ ଶଙ୍କର ପୃଷ୍ଟି, ମୁନା ମହାନ୍ତି, ସୁରେଶ ନାୟକ, ସୌମ୍ୟା ପ୍ରିୟଦର୍ଶିନୀ, ରିଙ୍କୁ ମହାରଣା , ବିରଞ୍ଚି ନାୟକ, ନୀତିଶ କୁମାର ସମେତ ଅନେକ ରହିଛନ୍ତି। ତେବେ ଚାର୍ଜଶିଟ୍ ଦାଖଲ ହୋଇଥିବା ୧୬ ଅଭିଯୁକ୍ତଙ୍କ ମଧ୍ୟରୁ ୯ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବାବେଳେ ଅନ୍ୟ ୭ ଅଭିଯୁକ୍ତଙ୍କୁ ସିବିଆଇ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଜାଲିଆତି ମାମଲାରେ ବଡ଼ ଗେମ କରିଥିଲେ ସିଲିକନ ଟେକ୍ ଲାବ୍ ପ୍ରାଇଭେଟ ଲିମିଟେଡ। ସିଲିକନ୍ ମନଇଚ୍ଛା ଶଙ୍କର ପୃଷ୍ଟିଙ୍କ ପଞ୍ଚସଫ୍ଟକୁ ସହାୟତା ପାଇଁ କାମ ଦେଇଦେଇଥିଲା। ଏନେଇ ଓପିଆର୍‌ବି କିମ୍ବା ଆଇଟିଆଇକୁ ଅବଗତ କରି ନ ଥିଲା।

# ଆଶିଷଙ୍କ ପରେ ଦିଲ୍ଲୀପଙ୍କ ସମ୍ପତ୍ତି ଅଚଳ କଲା ପୋଲିସ

ଫୁଲବାଣୀ, ୧୩।୧
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ପ୍ରଥମେ ଖଜୁରିପଡା ବ୍ଲକ ତିଲକପଡାର ଆଶିଷ ଦିଗାଲଙ୍କ ସମ୍ପତ୍ତିକୁ ପୋଲିସ ଅଚଳ କରିଥିଲା। ଏବେ ପୁଣି ଜଣେ ଗଞ୍ଜେଇ ଚାଲାଣକାରୀ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ବଡଗଉଡ଼ସାହି ଆଠଗଡପାଟଣାର ଦିଲ୍ଲୀପ ଗୌଡ଼ଙ୍କ ସମ୍ପତ୍ତି ଜବତ କରାଯାଇଛି । ଉକ୍ତ ଘଟଣାରେ ଉଭୟଙ୍କଠାରୁ ପୋଲିସ ନଗଦ ୬ ଲକ୍ଷ ୫୭ ହଜାର ୬୪୦ ଟଙ୍କା, ୩୮ ଲକ୍ଷ ୭୨ ହଜାର ୨୮୯ ଟଙ୍କାର ସୁନା ଅଳଙ୍କାର, ୧ କୋଟି ୪ ଲକ୍ଷ ୩୦ ହଜାର ୨୫୭ ଟଙ୍କା ମୂଲ୍ୟର କାର, ଟ୍ରକ ଆଦି ଜବତ କରିଛି। ଘଟଣାରେ ମୋଟ ୯ ଜଣଙ୍କୁ ଗିରଫ କରାଯାଇଛି ବୋଲି ମଙ୍ଗଳବାର ଜିଲା ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କନ୍ଧମାଳ ଏସ୍‌ପି ହରିଶ ବିଶି କହିଛନ୍ତି । ଗିରଫ ବ୍ୟକ୍ତିମାନେ ହେଲେ ଫୁଲବାଣୀ ସଦର ଥାନା ରୁଜାଙ୍ଗି ନେଡ଼ିସାହିର ଜତି ଜ୍ୟୋତିଷ ବେହେରା, ଟିକାବାଲି ଥାନା ଲାଇନପଡା ପିପଲାସାହିର ମିଥୁନ ନାୟକ ଓ ଆଶିଷ କୁମାର ଦିଗାଲ। ଏମାନଙ୍କ ନାମରେ ସଦର ଥାନାରେ ୧୪୭/୨୫ରେ ମାମଲା ରୁଜୁ



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

## ମୋଟ ୮.୨୦ କୋଟି ଟଙ୍କାର ସମ୍ପତ୍ତି ଠାବ

ହୋଇଛି । ସେହିପରି ଗିରଫ ଅନ୍ୟମାନେ ହେଲେ ଗଞ୍ଜାମର ମୁଖ୍ୟ ଗଞ୍ଜେଇ ଚାଲାଣକାରୀ ଦିଲ୍ଲୀପ, ବାଲିଗୁଡ଼ା ଥାନା ସୁନାପାଙ୍ଗା, ବନ୍ଧସାହିର ଡି.ଏନ୍ ଦୀନେଶ, ଗୁଡିମରାସାହିର ଦୀପକ ଓରଫ ସମୀର ଦିଗାଲ, ପଟାମାହାର ସୁନିଲ ମଲ୍ଲିକ, ଚମ୍ପାସାହିର ମହେନ୍ଦ୍ର ମଲ୍ଲିକ ଓ ଗୁଜରାଟ ସୁରତର ଚୁମ୍ବଡ ଆର ଓଝା । ଚୁମ୍ବଡଙ୍କୁ ପୋଲିସ ରିମାଣ୍ଡରେ ନେଇ ପଚରାଉଚରା କରୁଛି । ଏ ନେଇ ବାଲିଗୁଡା ଥାନାରେ ୧୦୪/୨୫ରେ ମାମଲା ରୁଜୁ ହୋଇଛି ।

ଆଶିଷଙ୍କ ମୋଟ ସମ୍ପତ୍ତି ୪ କୋଟି ୫୯ ଲକ୍ଷ ୬୭ ହଜାର ୯୫୫ ଟଙ୍କା ହୋଇଥିବା ବେଳେ ଦିଲ୍ଲୀପଙ୍କ ସମ୍ପତ୍ତି ୩ କୋଟି ୬୦ ଲକ୍ଷ ୯୧ ହଜାର ୬୮ ଟଙ୍କା । ଉଭୟଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ହେଉଛି ୮ କୋଟି ୨୦ ଲକ୍ଷ ୫୯ ହଜାର ୩୩ ଟଙ୍କା। ଅଚଳ କରାଯାଇଥିବା ସମ୍ପତ୍ତିକୁ ସେମାନେ ବ୍ୟବହାର କରିପାରିବେ ମାତ୍ର କିଣାବିକା କରିପାରିବେ ନାହିଁ। ବ୍ୟାଙ୍କ ଆକାଉଣ୍ଟରେ କୌଣସି ଟଙ୍କା ଉଠାଣ କି ଟ୍ରାନ୍ସଫର କରିପାରିବେ ନାହିଁ । ସେହିପରି ଜବତ ହୋଇଥିବା କାର, ଟ୍ରକ ଥାନାରେ ରହିବ । ଜବତ ଟଙ୍କା ଏବଂ ସୁନା ଗହଣା କୋର୍ଟ ଜିମାରେ ପ୍ରଦାନ କରାଯିବ। ଏମାନଙ୍କ ବିରୋଧରେ ଚାଲିଥିବା ମାମଲାର ତଦନ୍ତ ଶେଷ ହୋଇନି। ସେମାନଙ୍କର ଆହୁରି ସମ୍ପତ୍ତି ଠାବ ହୋଇପାରେ । ଯେଉଁମାନେ ବେଆଇନ ଗଞ୍ଜେଇ କାରବାର କରି ସମ୍ପତ୍ତି ଠୁଳ କରିଛନ୍ତି, ସେମାନଙ୍କ ବିରୋଧରେ ମଧ୍ୟ ଅନୁରୂପ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ପି ବିଶି ପ୍ରକାଶ କରିଛନ୍ତି । ଖବରଦାତା ସମ୍ମିଳନୀରେ ଏଏସ୍‌ପି ରମେନ୍ଦ୍ର ପ୍ରସାଦ, ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ, ଡିଏସ୍‌ପି ମାନସ ରଞ୍ଜନ ବାରିକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଶିଷଙ୍କ ଉପରେ ତଥ୍ୟଭିତ୍ତିକ ଖବର ଗତ ୯ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା।

# ଅଳଙ୍କାର ଦୋକାନରୁ ୫୦ ଲକ୍ଷ ଟଙ୍କାର ଗହଣା ଲୁଟ


ଡେରାବିଶ,୧୩।୧ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗୁଆଳସିଂ ପଞ୍ଚାୟତର ଠାକୁରହାଟ ବଜାରସ୍ଥିତ ବାସୁଦେବ ଅଳଙ୍କାର ଦୋକାନରୁ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗ୍ୟାସ୍ କଟର ସାହାଯ୍ୟରେ ଲୁହା ଶଟର କାଟି ୫୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା ଓ ଚାନ୍ଦି ଅଳଙ୍କାର ଲୁଟି ନେଇଛନ୍ତି। ଗୁଆଳସିଂ ଗ୍ରାମର ଦୀପ୍ତିରଞ୍ଜନ ସାହୁ ମଙ୍ଗଳବାର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସୋମବାର ରାତି ୮ଟାରେ ସେ ତାଙ୍କ ଅଳଙ୍କାର ଦୋକାନ ବନ୍ଦ କରିବା ସହ ଶଟରରେ ତାଲା ପକାଇ ଘରକୁ ଯାଇଥିଲେ। ରାତି ପ୍ରାୟ ୨ଟାରେ ସିସିଟିଭି କ୍ୟାମେରା ସଂଯୁକ୍ତ ହୋଇଥିବା ତାଙ୍କ ମୋବାଇଲରେ କେତେଜଣ ଦୁର୍ବୃତ୍ତ ତାଙ୍କ ଦୋକାନ ଭିତରେ ପଶି ଅଳଙ୍କାର ଲୁଟ କରୁଥିବା ଦେଖିଥିଲେ। ତତ୍‌କ୍ଷଣାତ ସେ ଦୋକାନକୁ ଆସି ଦେଖନ୍ତି ତ ଭିତରେ ୩ଜଣ ଦୁର୍ବୃତ୍ତ ଗୋଟିଏ ବସ୍ତାରେ ମୂଲ୍ୟବାନ୍ ଅଳଙ୍କାର ପୂରାଉଛନ୍ତି। ସେ ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ଅଳଙ୍କାର ଲୁଟି ନେଇ ପଳାଇଥିଲେ। ଲୁଟ ହୋଇଥିବା ଅଳଙ୍କାର ମଧ୍ୟରେ ୧୨ କେଜି ଓଜନର ଚାନ୍ଦି ଅଳଙ୍କାର ଓ ପ୍ରାୟ ୨୨୦ ଗ୍ରାମ ସୁନା ଅଳଙ୍କାର ରହିଥିଲା। ଏଥିସହ ଅନ୍ୟ ବହୁ ମୂଲ୍ୟବାନ ସୁନା ଓ ରୁପା ଜିନିଷ ସାମିଲ ରହିଛି। ତେବେ ତରତର ହୋଇ ପଳାଇଥିବା ଦୁର୍ବୃତ୍ତମାନେ ତାଙ୍କ ଏକ ବାଇକ୍, ଗ୍ୟାସ୍ ସିଲିଣ୍ଡର, କଟର ଏବଂ ହେଲ୍‌ମେଟ ଛାଡି ଯାଇଥିଲେ ବୋଲି ବ୍ୟବସାୟୀ ଦୀପ୍ତିରଞ୍ଜନ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଖବରପାଇ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ, ସଦର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ଇନ୍ସପେକ୍ଟର ବିଶ୍ୱ ଭୂଷଣ ସାହାଣୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତକୁ ଜୋର୍‌ଦାର କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୨୦/୨୬ରେ ମାମଲା ରୁଜୁ କରାଯାଇଥିବା ପୋଲିସ ସୂଚନାରୁ ଜଣାଯାଇଛି।

# ଠିକାଦାରଙ୍କ ଗୋଦାମ ପୋଡ଼ିଲେ, ଜାଳିଦେଲେ ୩ ଗାଡ଼ି

ଭବାନୀପାଟଣା/ ରୁପ୍ରାରୋଡ, ୧୩।୧
(ଉତ୍ତମ କୁମାର ଦାଶ/ ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ରୁପ୍ରାରୋଡର ଠିକାଦାର ଦିନେଶ ଅଗ୍ରୱାଲଙ୍କ ଗୋଦାମକୁ କେହି ଦୁର୍ବୃତ୍ତ ସୋମବାର ରାତିରେ ଜାଳିଦେଇଛନ୍ତି। ନିଆଁରେ ଗୋଦାମ ପରିସରରେ ଥିବା ୩ ଗାଡ଼ି ଓ ସାମଗ୍ରୀ ପୋଡିଯାଇଛି। ଏହାସହ ସେଠାରେ ମାଓବାଦୀଙ୍କ ନାମରେ କେତେକ ଧମକପୂର୍ଣ୍ଣ ପୋଷ୍ଟର ଦେଖିବାକୁ ମିଳିଛି। ହିନ୍ଦୀରେ ଲେଖା ଥିବା ପୋଷ୍ଟରଗୁଡ଼ିକରେ ୩୫ଲକ୍ଷ ଟଙ୍କା ଦେବାକୁ ଦାବି କରାଯାଇଛି। ଟଙ୍କା ନ ଦେଲେ ପରିସ୍ଥିତି ଭୟାବହ ହେବ ବୋଲି ଉଲ୍ଲେଖ କରାଯାଇଛି। ଏହା ମାଓବାଦୀଙ୍କ କାଣ୍ଡ ନା ଅନ୍ୟ କେହି ଭିଆଇଛନ୍ତି ସେ ନେଇ ପୋଲିସ ତଦନ୍ତ ଚଳାଇଛି। ମଙ୍ଗଳବାର ଭବାନୀପାଟଣାରୁ ଆସିଥିବା ସନ୍ଧାନୀ କୁକୁର ଗୋଦାମରୁ ବାହାରି ଛତାମହୁଲ ଜଙ୍ଗଲ ପର୍ଯ୍ୟନ୍ତ ଯାଇ ଫେରି ଆସିଥିଲା। ସାଇଣ୍ଟିଫିକ୍ ଟିମ୍ ଓ କେସିଙ୍ଗା ଏସ୍‌ଡିପିଓଙ୍କ ସମେତ ପୋଲିସ ଦଳ ଘଟଣାସ୍ଥଳରେ ଉପସ୍ଥିତ


ଗୋଦାମ ପରିସରରେ ଥିବା ଗାଡ଼ିଗୁଡ଼ିକ ପୋଡିଯାଇଛି।

## ମିଳିଲା ମାଓବାଦୀ ନାମରେ ଧମକପୂର୍ଣ୍ଣ ପୋଷ୍ଟର

ରହି ତଦନ୍ତ କରିଥିଲେ। ପ୍ରକାଶ ଯେ, ଗତବର୍ଷ ଅକ୍ଟୋବର ୭ତାରିଖରେ ଦିନେଶ ଅଗ୍ରୱାଲଙ୍କ ନିକଟକୁ ଏକ ଧମକପୂର୍ଣ୍ଣ ଚିଠି ଆସିଥିଲା। ଏହି ଘଟଣାର ତଦନ୍ତ କରି ନର୍ଲା ପୋଲିସ ତାଙ୍କ ପୁଅ ଅଙ୍କୁଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗୋଟିଏ ମାସ ପୂର୍ବରୁ ହାଇକୋର୍ଟ ଅଙ୍କୁଶଙ୍କୁ ଜାମିନରେ ଛାଡିଥିଲେ। ତେଣୁ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ମଙ୍ଗଳବାର ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି ଯେ, ଘଟଣାସ୍ଥଳରେ ଲାଗିଥିବା ପୋଷ୍ଟରର ଭାଷା ଓ ଲେଖିବା ଶୈଳୀରୁ ଏହା ମାଓବାଦୀଙ୍କ କାମ ନୁହେଁ, ନକଲି ମାଓବାଦୀ ପୋଷ୍ଟର ବୋଲି ଜଣାପଡୁଛି। ସେହିପରି ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ନର୍ଲା ଥାନା ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ରୁପ୍ରାରୋଡରେ ମାଓବାଦୀ ପୋଷ୍ଟର ମିଳିବା ଓ ଠିକାଦାରଙ୍କ ଗୋଦାମ ପୋଡ଼ି ଦିଆଯାଇଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ଶର୍ଟ ସର୍କିଟ: ଝାରସୁଗୁଡ଼ା ରେଳଷ୍ଟେଶନରେ ନିଆଁ

ଝାରସୁଗୁଡ଼ା,୧୩।୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ମୁଖ୍ୟ ରେଲୱେ ଷ୍ଟେଶନରେ ମଙ୍ଗଳବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଟେଲିକମ ସେକ୍ସନରେ ବିଦ୍ୟୁତ୍ ଶର୍ଟ ସର୍କିଟ ହେବା ଯୋଗୁ ରେଳଷ୍ଟେଶନରେ ନିଆଁ ଲାଗିଯାଇଥିଲା। ଏଥିରେ କୌଣସି ଜୀବନ ହାନି ହୋଇ ନ ଥିବାବେଳେ ବହୁ ମୂଲ୍ୟବାନ ସାମଗ୍ରୀ ସହିତ କାଗଜପତ୍ର ପୋଡ଼ି ଯାଇଥିବା ଜଣାପଡ଼ିଛି।

ପୂର୍ବାହ୍ନ ୧୧ଟାରେ ଝାରସୁଗୁଡ଼ା ମୁଖ୍ୟ ରେଲଷ୍ଟେଶନ ପ୍ଲାଟଫର୍ମ ନମ୍ବର ୧ରେ ଏବଂ ରେଳଷ୍ଟେଶନସ୍ଥିତ ଟେଲିକମ ସେକ୍ସନରେ ବିଦ୍ୟୁତ୍ ଶର୍ଟ ସର୍କିଟ ହୋଇ ନିଆଁ ଲାଗି ଯାଇଥିଲା। ଫଳରେ ପ୍ଲାଟଫର୍ମ ବାହାରେ ଓ ଭିତରେ ଧୂଆଁମୟ ହୋଇଯାଇଥିଲା। ଏହାଦ୍ୱାରା ଉପସ୍ଥିତ ଯାତ୍ରୀ ଓ କର୍ମଚାରୀମାନେ ଭୟଭୀତ ହୋଇ ପାଟି କରିଥିଲେ। ପ୍ରଥମେ ରେଲୱେ ପୋଲିସ ସହାୟତାରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ପ୍ଲାଟଫର୍ମରୁ ଖାଲି କରାଯାଇଥିଲା ଏବଂ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ରେଲୱେ ପୋଲିସଙ୍କ ସହ ମିଶି ପ୍ରାୟ ୩ ଘଣ୍ଟା ଧରି ନିଆଁକୁ ଆୟତ୍ତ କରିଥିଲେ। ଜିଲା ଅଗ୍ନିଶମ ଅଧିକାରୀ ଅରୁଣ ଚଟ୍ଟୋପାଧ୍ୟାୟଙ୍କ କହିବା ଅନୁଯାୟୀ, ରେଲୱେ ଷ୍ଟେଶନର ଟେଲିକମ ସେକ୍ସନରୁ ହିଁ ଶର୍ଟ ସର୍କିଟ ହୋଇ ନିଆଁ ଲାଗିଥିଲା। ଏ ନେଇ ଝାରସୁଗୁଡ଼ା ରେଳ ଷ୍ଟେଶନ ମାଷ୍ଟରଙ୍କୁ ପଚାରିବାରୁ ଅଗ୍ନିକାଣ୍ଡରେ କୌଣସି ଜୀବନ ହାନି ଘଟି ନ ଥିବା ବେଳେ କିଛି କାଗଜପତ୍ର ଏବଂ ପ୍ଲାଷ୍ଟିକ ତା'ର ପୋଡ଼ି ଯାଇଛି ବୋଲି କହିଛନ୍ତି। ତେବେ ରେଲୱେ ଷ୍ଟେଶନରେ ନିଆଁ ଲାଗିବାରୁ ରେଳ ଚଳାଚଳ ଓ ରେଲୱେ ବିଭାଗର ବିଭିନ୍ନ କାର୍ଯ୍ୟ କିଛି ସମୟ ପାଇଁ ବ୍ୟାହତ ହୋଇଥିଲା।



ଅଗ୍ନିକାଣ୍ଡ ଯୋଗୁ ଝାରସୁଗୁଡ଼ା ରେଳଷ୍ଟେଶନ ଧୂଆଁମୟ ହୋଇଯାଇଛି।

# ଧାନମଣ୍ଡି ଅବ୍ୟବସ୍ଥା: ନବରଙ୍ଗପୁରରେ ୧୨ ଘଣ୍ଟିଆ ବନ୍ଦ


ନବରଙ୍ଗପୁର ୨୬ ନଂ. ଜାତୀୟ ରାଜପଥରେ ବିଜେଡି ନେତା, କର୍ମୀ ଓ ଚାଷୀଙ୍କ ସହ ଲୋକେ ଧାରଣାରେ ବସିଛନ୍ତି।

ନବରଙ୍ଗପୁର,୧୩।୧ (ସଦାଶିବ ପ୍ରହରାଜ)

ମଣ୍ଡିରେ ଧାନ କ୍ରୟ ଆରମ୍ଭରୁ ଅବ୍ୟବସ୍ଥା। ଚାଷୀଙ୍କୁ ଟୋକନ ପ୍ରଦାନରେ ଅହେତୁକ ବିଳମ୍ବ ସାଙ୍ଗକୁ କଟ୍ନି ଛଟ୍ନି ବାହାନାରେ ଶୋଷଣ। ସାମାନ୍ୟ ବିଳମ୍ବରେ ଧାନମଣ୍ଡିରେ ପହଞ୍ଚୁଥିଲେ ଫେରସ୍ତ ସହ ସାଧାରଣ ମୌଳିକ ସୁବିଧା ଯୋଗାଇଦେବାରେ ସରକାର ବିଫଳ। ସାଟେଲାଇଟ୍ ଜମି ସର୍ଭେରେ ତ୍ରୁଟି ଯୋଗୁ ବହୁ ଚାଷୀ ଧାନ ବିକ୍ରି ସୁଯୋଗରୁ ବଞ୍ଚିତ ହେଉଥିବା ଏଭଳି ଅଭିଯୋଗକରି ବିଜେଡି ରାସ୍ତାକୁ ଓହ୍ଲାଇଛି। ନବରଙ୍ଗପୁର ଜିଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଓ ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀଙ୍କ ନେତୃତ୍ୱରେ ନବରଙ୍ଗପୁର ଜିଲାର ୭ ବ୍ଲକ୍‌ରେ ମଙ୍ଗଳବାର ୧୨ ଘଣ୍ଟିଆ ବନ୍ଦ କରାଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ସମୟରେ ଜିଲାରେ ଚକ ଅଖା ବନ୍ଦ ଥିଲା। ଶତାଧିକ ବିଜେଡି ନେତା ଓ କର୍ମୀଙ୍କ ସମେତ ହଜାର ହଜାର ଚାଷୀ ଆନ୍ଦୋଳନକୁ ସମର୍ଥନକରି ଏଥିରେ ସାମିଲ ହୋଇଥିଲେ। କିନ୍ତୁ ଅତ୍ୟାବଶ୍ୟକ ପରିବହନ ବ୍ୟବସ୍ଥା ଚାଲିଥିଲା। ସେହିଭଳି ଦୋକାନ, ବଜାର ଓ ସାପ୍ତାହିକ ହାଟକୁ ବନ୍ଦରୁ ବାଦ୍ ଦିଆଯାଇଥିବା କାରଣରୁ ବଜାରରେ କାରବାର ସ୍ୱାଭାବିକ ଥିଲା। ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ବନ୍ଦ ପରିସରଭୁକ୍ତ କରାଯାଇ ନ ଥିବାରୁ ସେସବୁ ସ୍ୱାଭାବିକ ଭାବେ ଖୋଲା ରହିଥିଲା।

ନବରଙ୍ଗପୁର ଜିଲା ବିଜେଡି ସଭାପତି ରନ୍ଧାରୀ, ପୂର୍ବତନ ଏମ୍‌ପି ମାଝୀଙ୍କ ସମେତ ପୂର୍ବତନ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ପୂର୍ବତନ ଉମରକୋଟ ବିଧାୟକ ସୁବାସ ଗଣ୍ଡ, ବିଧାୟିକା ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀ ଓ ନବୀନ ନାୟକ, ବହ୍ନିନାରାୟଣ ସିଂ, ଜିଲା ମହିଳା ବିଜେଡି ସଭାନେତ୍ରୀ ମଞ୍ଜୁଳା ମାଝୀ, ପୌରାଧ୍ୟକ୍ଷା ସୌମ୍ୟା ମହାପାତ୍ର, ଅବିଭକ୍ତ କୋରାପୁଟ ଯୁବ ବିଜେଡି ସଭାପତି ତାପସ ତ୍ରିପାଠୀ, ଭୀମ ହରିଜନ ଓ ସରୋଜ ପାତ୍ରଙ୍କ ସମେତ ସମସ୍ତ କାଉନସିଲର ଓ ଶତାଧିକ ଦଳୀୟ ନେତା ଓ କର୍ମୀ ୨୬ ନମ୍ବର ଜାତୀୟ ରାଜପଥର ମାଝୀଗୁଡ଼ା, ଚାଉରିଆଗୁଡ଼ା ଓ ମା' ଭଣ୍ଡାରଘରଣୀ ମନ୍ଦିର ସମ୍ମୁଖରେ ଧାରଣାରେ ବସିଥିଲେ। ସେହିଭଳି ଅପରାହ୍ନ ୧ଟାରେ ଦଳୀୟ ନେତା ଓ କର୍ମୀ ବିରାଟ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଭାଜପା ବିରୋଧରେ ନାରାବାଜି କରି ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକରିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି ଲିଖିତ ଭାବେ ଆନ୍ଦୋଳନକାରୀଙ୍କୁ ଜଣାଇଲେ, ସୋସାଇଟିକୁ ମିଲ୍ ମାଲିକମାନେ ଅଖାବସ୍ତା ଯୋଗାଇ ଦେବେ। ଚାଷୀମାନେ ଅଖା ନେବେ ଓ ଏଫ୍‌ଏକ୍ୟୁ ଧାନ ଦେଲେ କଟ୍‌ନିଛଟ୍‌ନି ହେବ ନାହିଁ। ପ୍ରତିଦିନ ୪ ହଜାର କୁଇଣ୍ଟାଲ ଧାନ ମଣ୍ଡିରୁ ଉଠିବ। ଏଥିସହ ଚାଷୀଙ୍କୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ହଟିଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କଡ଼ାକଡ଼ି କରାଯିବ ବୋଲି ବିଜେଡି ଚେତାବନୀ ଦେଇଛି। ମହିଳା, ଯୁବ, ଛାତ୍ର ଓ କୃଷକ ସଙ୍ଗଠନ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ଆନ୍ଦୋଳନରେ ବିଜେଡି ନେତା ଉତ୍ତମ ତ୍ରିପାଠୀ, ସୁମିତ ପାଲ, ଦିଲ୍ଲୁ ପଣ୍ଡା, ସୀମାଞ୍ଚଳ ପାଢ଼ୀ, ସଞ୍ଜୟ ନାୟକ, ନଗର ସଭାପତି ପ୍ରମୋଦ ରଥ, ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଦୟାନିଧି ବିଷୋୟୀ, ପ୍ରଣତୀ ତ୍ରିପାଠୀ, କାମିନୀ ପାଢ଼ୀ, ନୀଳମାଧବ ପାତ୍ର ପ୍ରମୁଖ ସାମିଲଥିଲେ।

# ହାତୀ ଶାବକ ମୃତଦେହ ଠାବ

ବଣାଇଁ,୧୩।୧ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡ ଉର୍ତ୍ତା ବନାଞ୍ଚଳ ଅନ୍ତର୍ଗତ କେଲୋ ସଂରକ୍ଷିତ ଜଙ୍ଗଲରେ ସୋମବାର ଅପରାହ୍ନରେ ଏକ ହାତୀ ଶାବକର ମୃତଦେହ ଠାବ ହୋଇଛି। ବଣାଇଁ ଡିଏଫ୍‌ଓ ଦାୟିତ୍ୱରେ ଥିବା ଦେଓଗଡ଼ ଡିଏଫ୍‌ଓ ରଶ୍ମୀ ଜିଙ୍କ ନିର୍ଦ୍ଦେଶକ୍ରମେ ବଣାଇଁ ବନ ଅଧିକାରୀ, ଗୁରୁଣ୍ଡିଆ ପ୍ରାଣୀଧନ ଚିକିତ୍ସକ ଓ ପାରା ଉଦ୍ଧାରକାରୀ ଦଳ ମଙ୍ଗଳବାର ଘଟଣାସ୍ଥଳରେ ପହଞ୍ଚିଥିଲେ। ଜନ୍ମ ସମୟରେ ହାତୀ ଶାବକଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତଦେହର ବିଭିନ୍ନ ଅଂଶର ନମୁନା ସଂଗ୍ରହକରି ପରୀକ୍ଷା ନିମନ୍ତେ ଭୁବନେଶ୍ୱର ପଠାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ସେଠାରେ ପୋତି ଦିଆଯାଇଛି।


ମୃତ ହାତୀ ଶାବକ


**GOVERNMENT OF ODISHA** No.B-944

**e-Procurement Notice, ANGUL (R&B) DIVISION**

**Bid Identification No.59 of 2025-26**

e-mail ID- angulrbdivision@yahoo.co.in

1. Number of Works : 01 (One) number of Building work
2. Approximate estimated cost : 99.58 Lakh
3. Period of completion : 03 (Three) Calendar months
4. Date & Time of availability of bid document in the portal : **Dt.13.01.2026 at 10.00 A.M.**
5. Last date / Time for receipt of bid in the portal : **Dt.19.01.2026 up to 5.00 P.M.**
6. Date of opening Bid : **Dt. 20.01.2026 at 11.00 A.M.**
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in **ONLINE** bidding only.

Further details can be seen from the e-procurement portal https:/tendersodisha.gov.in.

OIPR- **Sd./- Superintending Engineer Angul (R&B) Division**

**OFFICE OF THE PRINCIPAL, GOVT. COLLEGE OF PHYSICAL EDUCATION, ODISHA, TAMANDO, BHUBANESWAR-28**

**NO.115/DT. 09.01.2026**

**TENDER CALL NOTICE**

**No.TT-15** : Sealed tenders are invited from authorised suppliers/dealers and registered firms having valid PAN, GST Registration and GST Clearance Certificate for supply of sports uniforms for use of the students of Government College of Physical Education, Tamando, Bhubaneswar for the academic session 2025-2027.

Further, the Government College of Physical Education, Tamando, Bhubaneswar invites bids from reputed firms/ agencies through Request for Proposal (RFP) for "Supply of Uniforms for Government College of Physical Education, Tamando, Bhubaneswar, Odisha."

The detailed tender/RFP document may be downloaded only from the official college website **https://gcpebhubaneswar.in** during the period from 13.01.2026 to 06.02.2026.

Interested firms/parties / agencies are advised to carefully study the RFP document before submitting their bids.

Important Dates & Information

- Place of Submission & Opening: Office of the Principal, Government College of Physical Education, Tamando, Bhubaneswar - 751028
- Last Date & Time of Submission: 06.02.2026 by 05:00 P.M. (All documents related to the Tender / RFP, including the sealed tender, must be sent **only through Speed Post** to the above-mentioned address)
- The Earnest Money Deposit (EMD) amount shall be submitted **only throuh Demand Draft (DD)** drawn in favour of **"Principal, Government College of Physical Education, Bhubaneswar"** payable at Bhubaneswar.
- Date & Time of Opening of Tender: 07.02.2026 at 11:30 A.M at the Office of the Principal, Government College of Physical Education, Tamando, Bhubaneswar 751028.

The undersigned reserves the right to accept or reject any or all tenders fully or partly without assigning any reason thereof.

OIPR- **Sd./- Principal GCPE, Tamando, Bhubaneswar**

**ODISHA HYDRO POWER CORPORATION LTD**

CIN: U40101OR1995SGC003963

(GOVERNMENT OF ODISHA UNDERTAKING)

**OFFICE OF THE GENERAL MANAGER (EL.)**

CHIPLIMA HYDRO ELECTRIC PROJECT, CHIPLIMA

At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)

WEB: www.ohpcltd.com (0663) 2460661, Email-hpschiplima@yahoo.in, Fax No. (0663) 2460505

No.CAD-2990

**No.-CHEP/TW-332/186** **Date: 12.01.2026**

**TENDER CALL NOTICE NO.-CHEP-52/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Distributors meeting Eligibility Criteria only for supply of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply, Testing & Commissioning of Numerical Feeder Protection Relays in 33KV Feeders of CHEP, Chiplima | Rs.7,080/- (Rs.6,000/- + GST @18%) | 10,500/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.16.01.2026 up to 12:30 PM of dtd.29.01.2026**.

OIPR- **Sd/- C & P Head, CHEP, Chiplima**

**ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର**

**Office of the Jaleswar Municipality, Jaleswar**

Dist. : Balasore, Odisha-756032

Ph : (06781) 222407, Email : jaleswarmunicipality@gmail.com

No. 144 Date : 12.01.2026

**Short Quotation Call Notice**

**No.C-2066** : Sealed Quotations are invited from intending Registered Firms / Suppliers / Manufacturers / Agencies having valid GST, PAN within the jurisdiction of Odisha for repair / supply & installation of **(1) 3.3 KW capacity Elec. Vehicle Charging Station (2) 4.4 KW Panel Capacity solar Hybrid Rooftop Photovoltaic Power Plant (H-SPVRT-PP) with 7.2 KWH Battery storage (3) Electri Semi High Mas Light / equipment** as specification mentioned (list & Terms & Condition can be seen at Office). Available of documents from **13.01.2026 to 21.01.2026** up to 01.00 P.M. (in office hours). The quotation should reach to the undersigned on or before **22.01.2026 at 03.00 P.M.** through Speed Post/Registered Post/Courier/by hand. The Quotation will be opened on dt **22.01.2026 at 04.00 P.M.** in the presence of the Quotationer or their authorized representatives.

The undersigned reserves all rights to reject any or all quotations without assigning any reason thereof.

OIPR - **Sd./- Executive Officer Jaleswar Municipality**

**OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR, DIST.-NUAPADA, ODISHA**

E-mail : eeroads.khr@rediffmail.com

Letter No.142 Date : 07.01.2026

1st Corrigendum to

**Bid Identification No. SER&BKHR - 19/2025-26**

**B-964** : The following changes are being made for E-Procurement Notice - 19, Bid Identification No.SER&BKHR - 19/2025-26 vide letter no.31 dated 02.01.2026 in the above Tender Call Notice.

1. The Date & time of availability of bid documents in the portal from 10.00 hours of 13.01.2026 to 17.00 Hours of 27.01.2026 has extended from 10.00 hours of 28.01.2026 to 17.00 Hours of 12.02.2026.,
2. The date & time of opening of bid documents in the portal from 11.00 hours on 28.01.2026 has extended to 11.00 AM on date 13.02.2026 respectively.
3. All other terms and conditions remain unchanged.

OIPR- **Sd./- Superintending Engineer Khariar (R&B) Division**

**GOVERNMENT OF ODISHA** ee_rwbdk2@yahoo.co.in

**OFFICE OF THE SUPERINTENDING ENGINEER, RURAL WORKS DIVISION-II, BHADRAK**

**"e" Procurement Notice for Road Works**

**Identification Online Tender025/RWD/BDK-II/2025-26, Dtd.06.01.2026**

**No.O-1997:**1. Name of the Work : Road Works as per Annexure, 2. Total Number of Works: 1 No., 3. Approximate Estimated Cost: Rs.55.08 Lakhs. 4. Class of Contractor: "B" Class. 5. Period of Completion:As per Annexure, 6. Type of Tender: Double Cover. 7.Other details: The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, R.W. Division-II, Bhadrak | 25 | 12.01.26 At 11.00 P.M. | 19.01.26 upto 5.00 P.M. | 19.01.26 upto 3.00 P.M. | 20.01.26 at 11.00 AM | Will be intimated later |

8. **Further details can be seen from the e-Procurement portal "https://www.tendersorissa.gov.in"**
9. Any other changes/ Corrigendum may be seen only in website www.tendersorissa.gov.in

OIPR- **Sd./- Superintending Engineer, R.W.Division-II, Bhadrak**

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER, RURAL WORKS DIVISION, KHARIAR**

Phone No.06671-224074, e-mail: eerwkhariar@gmail.com

**e-Procurement Notice**

**BID IDENTIFICATION NO.RWKHR-07/2025-26 (Online)**

**No.O-2002:**Bid documents consisting of Work, Estimated Cost, EMD, Cost of Tender Paper, Class of Contractor, Time of Completion and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the Work: Roads & Building Works. 2. Total No. of Works: 7 Nos. 3. Estimated Cost: 3.26 to 55.48 Lakhs. 4. Period of Completion: 1 (One) Calendar & 2 (Two) Calendar Months. 5. Other details:-

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of Opening of Technical Bid | Date & Time of Opening of Financial Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | |
| Executive Engineer, R.W. Division, Khariar | RWKHR- 07/ 2025-26 (Online) | 13.01.2026 At 10.00 AM | 27.01.2026 Upto 5.00 PM | 27.01.2026 Upto 11.00 AM | 28.01.2026 at 11.00 AM | 31.01.2026 at 11.00 AM |

Further details can be seen from the website www.tendersodisha.gov.in.

OIPR- **Sd./- Superintending Engineer, Rural Works Division, Khariar**

**ଓଡ଼ିଶା ସରକାର**

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**

ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର–14

No.RR- ଇ–ମେଲ୍: directorateofculture@gmail.com

**''ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'' ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ**

୧. ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୨୦୨୨, ୨୦୨୩, ୨୦୨୪ ଓ ୨୦୨୫ ବର୍ଷ ପାଇଁ ''ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'' ନାମରେ ଏକ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ । ସମ୍ମାନସ୍ୱରୂପ ବିଶେଷଜ୍ଞ କମିଟି ଦ୍ୱାରା ଚୟନ କରାଯାଇଥିବା କାର୍ଯ୍ୟରତ ସାହିତ୍ୟ ଅନୁଷ୍ଠାନ, ସାହିତ୍ୟିକା, ସାହିତ୍ୟିକଙ୍କୁ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ନଗଦ ଅର୍ଥରାଶି ସହିତ ଅଙ୍ଗବସ୍ତ୍ର ଓ ତାମ୍ରଫଳକ ପ୍ରଦାନ କରାଯିବ । ଏହି ସମ୍ମାନ ଜଣେ ବ୍ୟକ୍ତିବିଶେଷ କିମ୍ବା ଗୋଟିଏ ସାହିତ୍ୟ ଅନୁଷ୍ଠାନକୁ ପ୍ରଦାନ କରାଯିବ ।

୨. (କ) ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଉନ୍ନତି ନିମନ୍ତେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରଥିତଯଶା ସାହିତ୍ୟିକା/ସାହିତ୍ୟିକଙ୍କ ସାମଗ୍ରିକ ସାହିତ୍ୟକୃତିକୁ ବିଚାରକୁ ନେଇ ଏହି ସମ୍ମାନ ଦିଆଯିବ ।

(ଖ) ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ଓ ନିରନ୍ତର କାର୍ଯ୍ୟରତ ଅନୁଷ୍ଠାନର କାର୍ଯ୍ୟଧାରାକୁ ବିଚାରକୁ ନେଇ ଏହି ସମ୍ମାନ ପ୍ରଦାନ କରାଯିବ । ଯେଉଁ ସାରସ୍ୱତ ଅନୁଷ୍ଠାନ ଅତିକମ୍‌ରେ ୫ ବର୍ଷ ଧରି ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ/ଅଗ୍ରଗତି ପାଇଁ ନିରନ୍ତର କାର୍ଯ୍ୟ ଅବ୍ୟାହତ ରଖିଥିବେ, ଉକ୍ତ ଅନୁଷ୍ଠାନକୁ ଏ ସମ୍ମାନ ପ୍ରଦାନ ପାଇଁ ବିଚାରକୁ ନିଆଯିବ ।

୩. ଏଥିପାଇଁ ସାହିତ୍ୟିକା/ସାହିତ୍ୟିକଙ୍କ ବୟସ ୬୦ ବର୍ଷରୁ ଉର୍ଦ୍ଧ୍ୱ ହେବା ଆବଶ୍ୟକ ।

୪. ସାହିତ୍ୟ ଅନୁଷ୍ଠାନ କ୍ଷେତ୍ରରେ ଅନୁଷ୍ଠାନ ଅନ୍ୟୂନ ୫ ବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଆବଶ୍ୟକ ଏବଂ ବିଗତ ୫ ବର୍ଷର କାର୍ଯ୍ୟାବଳୀ ସହିତ ସମୀକ୍ଷା ବିବରଣୀ ଦାଖଲ କରିବା ଅପରିହାର୍ଯ୍ୟ ।

୫. ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ ।

୬. ଏହି ସମ୍ମାନ ପାଇଁ ଦୈନିକ ସମ୍ବାଦପତ୍ରରେ ବିଜ୍ଞାପନ ଜରିଆରେ ପ୍ରସ୍ତାବ ଆହ୍ୱାନ କରାଯିବ । ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ନିଜେ ପ୍ରାର୍ଥୀ କିମ୍ବା କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ପ୍ରାର୍ଥୀଙ୍କ ସପକ୍ଷରେ ଆବଶ୍ୟକୀୟ ପ୍ରମାଣପତ୍ର ସହ ପ୍ରସ୍ତାବ ଦାଖଲ କରିପାରିବେ । ଏକ ତିନିଜଣିଆ ବିଶେଷଜ୍ଞ କମିଟି ଦ୍ୱାରା ପ୍ରସ୍ତାବଗୁଡ଼ିକୁ ତନଖି କରାଯିବା ପରେ ଯୋଗ୍ୟତାଭିତ୍ତିରେ ସର୍ବସମ୍ମତିକ୍ରମେ କିମ୍ବା ସଂଖ୍ୟାଧିକ ସଦସ୍ୟଙ୍କ ମତାମତ ଅନୁଯାୟୀ ଏହି ସମ୍ମାନ ନିମନ୍ତେ ପ୍ରାର୍ଥୀ ଚୟନ କରାଯିବ ।

୭. ସାହିତ୍ୟିକ/ସାହିତ୍ୟିକାଙ୍କ ନିମନ୍ତେ ଓଡ଼ିଆ ଭାଷା କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ତଥା ସାମଗ୍ରିକ ସାହିତ୍ୟ କୃତି, ବୟସ, ଖ୍ୟାତି, ଯୋଗ୍ୟତା ଏବଂ ସାହିତ୍ୟ କ୍ଷେତ୍ରରେ ବରିଷ୍ଠତା ଓ ଓଡ଼ିଆ ସାହିତ୍ୟ ପାଇଁ ଅବଦାନକୁ ବିଚାରକୁ ନେଇ ଚୟନ ପ୍ରକ୍ରିୟା ସମାହିତ ହେବ । ସାହିତ୍ୟ ଅନୁଷ୍ଠାନ କ୍ଷେତ୍ରରେ ନିଷ୍ଠାପର ଓ ନିରନ୍ତର ସାରସ୍ୱତ କାର୍ଯ୍ୟଧାରାକୁ ବିଚାର ପରିସରଭୁକ୍ତ କରାଯିବ । ବ୍ୟାସକବି ଫକୀରମୋହନଙ୍କ ସମ୍ପର୍କିତ ସାହିତ୍ୟିକ କାର୍ଯ୍ୟଧାରାକୁ ଗୁରୁତ୍ୱ ପ୍ରଦାନ କରାଯିବ ।

୮. ପ୍ରସ୍ତାବିତ ସାହିତ୍ୟିକ/ସାହିତ୍ୟିକାମାନେ ପୂର୍ବରୁ ବିଭିନ୍ନ ଏକାଡେମୀ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଯଥା ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରସ୍କାର ଓ ଧର୍ମପଦ ପୁରସ୍କାର ପ୍ରାପ୍ତ ହୋଇନଥିବେ ।

୯. ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ଚୟନ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ସେ ସମ୍ବନ୍ଧରେ କୌଣସି ବ୍ୟକ୍ତିବିଶେଷ/ଅନୁଷ୍ଠାନର ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବନାହିଁ ।

୧୦. ଯେଉଁ ବର୍ଷ ଏ ପୁରସ୍କାର ପାଇଁ ଉପଯୁକ୍ତ ଯୋଗ୍ୟ ବ୍ୟକ୍ତି ବା ଅନୁଷ୍ଠାନ ଉପଲବ୍ଧ ହେବେ ନାହିଁ ସେହି ବର୍ଷ ପାଇଁ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ ।

୧୧. ନିଜେ ଆବେଦନକାରୀ କିମ୍ବା କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଆବେଦକଙ୍କ ସପକ୍ଷରେ ଆବଶ୍ୟକୀୟ ପ୍ରମାଣପତ୍ର ସହ ଆବେଦନଫର୍ମ ସଠିକ ଭାବେ ପୂରଣ କରି ତା.୨୭/୦୧/୨୦୨୬ ରିଖ ମଧ୍ୟରେ ସରକାରୀ କାର୍ଯ୍ୟଦିବସରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ, ଦ୍ୱିତୀୟ ମହଲା, ଭୁବନେଶ୍ୱର–୭୫୧୦୧୪ରେ ଦାଖଲ କରିପାରିବେ । ଲଫାପା ଉପରେ କେଉଁ ବର୍ଷର ସମ୍ମାନ ପାଇଁ ଆବେଦନ କରିଛନ୍ତି ତାହା ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ଅନୁରୋଧ । ନିର୍ଦ୍ଦିଷ୍ଟ ସମୟସୀମା ପରେ କୌଣସି ଆବେଦନପତ୍ର ଗ୍ରହଣୀୟ ହେବନାହିଁ ।

୧୨. ଆବେଦନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର Web-site: https://culture.odisha.gov.in ରେ ମଧ୍ୟ ଉପଲବ୍ଧ ଅଛି ।

OIPR- **ସ୍ୱା./–ନିର୍ଦ୍ଦେଶକ ତଥା ଶାସନ ସଚିବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**

**OFFICE OF THE CHIEF ENGINEER, MEGALIFT, BHUBANESWAR**

Plot No. : A-8/2, 1st Floor, Bhoi Nagar, Bhubaneswar - 751022 (Odisha)

**ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ବୃହତ୍ ଉଠା ଜଳସେଚନ, ଭୁବନେଶ୍ୱର**

ପ୍ଲଟ ନଂ : ଏ–୮/୨, ପ୍ରଥମ ମହଲା, ଭୋଇ ନଗର, ଭୁବନେଶ୍ୱର – ୭୫୧୦୨୨ (ଓଡ଼ିଶା)

E-mail : cemlpwr.od@gmail.com - 91-0674-2567252

-91-0674-2567258

**No. 286/Dated. 09.01.2026**

**Tender Cancellation Notice**

**Bid Identification No.5ML/2025-26**

**No.A-1265** : The tender for the work "Execution of 03 Nos. of Lift Irrigation Schemes with intake points on Kanpur Main Canal, Ardei Nadi & Balisudra River having Command area between 500 Ha. to 2000 Ha. in Cluster No.XXXVIII in the district of Keonjhar & Mayurbhanj including its distribution network, up to 1 Ha Chak having total planned Culturable Command Area of 4,280 Ha. on "EPC-Turn Key" basis including power system connectivity and Operation & Maintenance of complete commissioned schemes for fifteen years "invited vide Bid Identification No. 5ML/2025-26 is hereby cancelled due to administrative reasons.

OIPR- **Sd./- Chief Engineer, Megalift Bhubaneswar**

**OFFICE OF THE DIVISIONAL FOREST OFFICER: PURI (WL) DIVISION**

Phone No.06752-228281 (Office) Email:dfo.puriwl@odisha.gov.in

Notice No.01/4F/BMC/12/2025, Dated 05th January, 2026

No.MM-476: **NOTICE**

**CANCELLATION OF EOI (EXPRESSION OF INTEREST) FOR PREPARATION OF DETAILED PROJECT REPORT (DPR) FOR THE DEVELOPMENT OF PROPOSED BLUE FLAG BEACHES AT PIR JAHANIA (ASTARANGA), BELESWAR BEACH & TOURIST BEACH AT PHULPATNA BEACH, PURI, ODISHA**

The Notice No.02/2025-26 dt.06.12.2025 inviting the EOI (EXPRESSION OF INTEREST) FOR PREPARATION OF DETAILED PROJECT REPORT (DPR) FOR THE DEVELOPMENT OF PROPOSED BLUE FLAG BEACHES AT PIR JAHANIA (ASTARANGA), BELESWAR BEACH & TOURIST BEACH AT PHULPATNA BEACH, PURI, ODISHA is hereby cancelled due to administrative reasons.

OIPR- **Sd./- Divisional Forest Officer Puri (WL) Division, Puri**

**District Mineral Foundation Trust**

Angul, Odisha, PIN-759122

Tele : 06764-230745 / E-mail : dmfangul@gmail.com

Notice No.-82 Date : 12.01.2026

**Corrigendum Notice**

**Ref.: EoI No.1099/DMFT dated 20.12.2025.**

**No:CAD-2993** : The details of the corrigendum / revision made in the terms & conditions of the EoI for **"Empanelment of Central/ State Public Sector Undertakings (PSUs) for carrying out various civil works executed by District Administration, Angul under DMFT Angul"** have been issued. Interested PSUs are requested to download the EoI documents and corrigendum notice from the website: www.angul.odisha.gov.in. The last date for receipt of the bid document is 10.02.2026 (05.30 P.M.). Documents are to be submitted through Speed Post/ Registered Post (India Post) only.

OIPR- **Sd./- Collector & Chairperson - cum- Managing Trustee, DMFT, Angul**

**OFFICE OF THE MUNICIPALITY, NABARANGPUR**

NABARANGPUR (ODISHA), PIN- 764059

E-mail-muncipalityngpr@gmail.com

**No. 136** **Date. 12.01.2026**

**Quotation Call Notice**

**No.C-2071** : Sealed Quotations are invited from the intending Agency / Firm/ Suppliers /Manufactures having MSME certificate/GSTN clearance certificate, PAN Card & dealership Certificate etc. for Supply of Water Pump Set having reputed brand /company for Nabarangpur Municipality. The quotation is to be received by the undersigned on or before 5.00 P.M on dated 22.01.2026 through registered post/ speed post / hand delivery At- Nabarangpur Municipality, Po/ PS-Nabarangpur, Dist- Nabarangpur and PIN-764059 within the working hour from 10.00 A.M to 5.00 P.M(dated. 15.01.2026 to 22.01.2026). The rate should be inclusive of all taxes. The quotation will be opened on dt.27.01.2026 at 11.00 A.M in the office premises in presence of the Bidder/Firm/Agency or their authorized representatives if any. The undersigned reserve the rights to accept or reject any or all quotation without assigned any reason thereof. For more details enquiry, Quotation may contact to the Nabarangpur Municipality Office within the official working hour (Mobile No.8249255900). Details may accessed and quotation details can be downloaded from the website : https://www.nawarangpurm.in/ and https://www.nabarangpur.odisha.gov.in/en/tender.

OIPR- **Sd./- Executive Officer, Nabarangpur Municipality**

**OFFICE OF THE MUNICIPAL COUNCIL, BHADRAK** No.C-2054

Tel. No.06784-251519 (O) & No.06784-251221

e-mail : bhadrakm.hud@od.gov.in & eobdkmunicipality@gmail.com

**No.67** **Dt.09.01.2026**

**QUOTATION CALL NOTICE**

| | | |
|---|---|---|
| 1. | Name of the work | Supply of Animal Rescue Vehicle with Hydraulic Lifting facility to Bhdrak Mnunicipality |
| 2. | Date of sale/download of bid document | From 03.30 P.M. of dtd.13.01.2026 up to 1.00 P.M. of dt.28.01.2026 |
| 3. | Last date & time of receipt of bid documents | Up to 4.00 P.M. of dt.29.01.2026 |
| 4. | Date and time of opening of bid documents | At 4.00 P.M. of dt.30.01.2026 |
| 5. | Mode of deposit towards cost of | Rs.6000.00 (In shape of DD in favour of the Executive Officer, Bhadrak Municipality to be drawn at Bhdrak should be attached with Bid document) |
| 6. | Mode of deposit towards EMD | Rs.25,000.00 (In shape of Fixed Deposit Receipt pledged in favour of the Executive Officer, Bhdrak Municipality should be attached with Bid document) |
| 7. | Name and address of the Officer Inviting quotation | Executive Officer, Bhadrak Municipality |

Further details can be had from the website of Bhadrak District Website www.Bhadrak.odisha.gov.in & website of Bhdrak Municipality www.bhadrakmunicipality.nic.in from 03.30 PM of dtd.12.01.2026 up to 1.00 P.M. of dt.28.01.2026

OIPR- **Sd./- Executive Officer Bhadrak Municipality**

**OFFICE OF THE MUNICIPAL COUNCIL, TALCHER**

**DIST :- ANGUL**

**Phone No.- (06760) 240259** **E-Mail ID: e.o.talcher@gmail.com**

**No. 166 / Date.12.01.2026**

**QUOTATION FOR AUCTION CALL NOTICE**

**No.C-2069** : The Executive Officer, Talcher Municipality on behalf of Talcher, Dist-Angul invites sealed quotations from the intending local registered firms / authorized dealers / distributors / suppliers and contractors for **"Auction sale of Municipality Old Vehicle & other scrapped items under Talcher Municipality"**. The prescribed auction schedule can be obtained from the Cash Section of Talcher Municipality on payment of Rs.2,000/- (Rupees Two Thousand) only (non-refundable) in shape of cash in favour of the Executive Officer, Talcher Municipality from date **13.01.2026** to date **22.01.2026** up to **04.00 PM.** during office hour except holidays.

The auction paper along with all documents should reach the undersigned by Regd. Post /Speed Post/Courier service or by person on or before date **27.01.2026** up to **01.30 PM.** and this office will in no way, be responsible for any delay in receipt of the auction documents. The auction will be opened on the **same date** at **03.30 PM** in presence of the auctioneer or their authorized representative if any. The auction paper received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept, cancel or reject any or all the auction without assigning any reason thereof.

OIPR- **Sd./- Executive Officer Talcher Municipality**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜିଦ୍‌ରେ ଅଟଳ ବାଂଲାଦେଶ

**ନୂଆଦିଲ୍ଲୀ,୧୩।୧**

ବାଂଲାଦେଶ ପେସର ମୁସ୍ତାଫିଜୁର ରହମାନଙ୍କୁ ଆଇପିଏଲ୍‌ରୁ ବାଦ୍ ଦିଆଯିବା ପରେ ଆରମ୍ଭ ହୋଇଥିବା ବିବାଦ କାରଣରୁ ଦୁଇ ପଡ଼ୋଶୀ ଦେଶର ପାରସ୍ପାରିକ ସମ୍ପର୍କରେ ତିକ୍ତତା ଆସିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ପକ୍ଷରୁ ଭାରତରେ

### ଭେନ୍ୟୁ ପରିବର୍ତ୍ତନ ବିବାଦ

ସୁରକ୍ଷାକୁ ନେଇ ଆଶ୍ୱାସନା ଦିଆଯିବା ସତ୍ତ୍ୱେ ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ବାଂଲାଦେଶ ଦଳ ଭାରତ ଟ୍ରାଭେଲ କରିବାକୁ ରାଜି ନ ଥିବା ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ପ୍ରକାଶ କରିଛି। ଏହି ବିବାଦର ସମାଧାନ ଲାଗି ମଙ୍ଗଳବାର ଅପରାହ୍ନରେ ଆଇସିସି ଓ ବିସିବି ମଧ୍ୟରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଏକ ବୈଠକ ବସିଥିଲା।

ଏହି ଭିଡିଓ କନ୍‌ଫରେନ୍ସରେ ବିସିବି ପକ୍ଷରୁ ସଭାପତି ଅମିନୁଲ ଇସ୍ଲାମ, ଉପସଭାପତି ଶେଖାଓ୍ୱତ୍ ହୋସେନ ଓ ଫାରୁକି ଅହମଦ, କ୍ରିକେଟ ଅପରେସନ୍ସ କମିଟିର ଚେୟାରମ୍ୟାନ ଓ ଡାଇରେକ୍ଟର ନଜମୁଲ ଆବେଦିନ ଓ ସିଇଓ ନିଜମ ଉଦ୍ଦିନ ଚୌଧୁରୀ ସାମିଲ ଥିଲେ। ଆଲୋଚନା ବେଳେ ସୁରକ୍ଷାଗତ କାରଣରୁ ଭାରତ ଟ୍ରାଭେଲ କରିବା ସମ୍ପର୍କରେ ନିଜର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ କରିବନାହିଁ ବିସିବି ଦୋହରାଇଥିଲା। ଏଥିସହିତ ବାଂଲାଦେଶର ମ୍ୟାଚ୍‌କୁ ଭାରତ ବାହାରକୁ ନେବା ପାଇଁ ଆଇସିସି ନିକଟରେ ପୁଣିଥରେ ଅନୁରୋଧ କରିଥିଲା। ହେଲେ ଟୁର୍ନାମେଣ୍ଟ ଲାଗି କାର୍ଯ୍ୟସୂଚୀ ଘୋଷଣା ହୋଇସାରିଥିବାରୁ ବିସିବିକୁ ନିଜ ନିଷ୍ପତ୍ତି ଉପରେ ପୁନଃ ବିଚାର କରିବାକୁ ଆଇସିସି ପକ୍ଷରୁ କୁହାଯାଇଥିଲା। ଶେଷରେ ଉଭୟ ପକ୍ଷ ସମ୍ଭାବ୍ୟ ସମାଧାନ ଲାଗି ଆଲୋଚନା ଜାରି ରଖିବାକୁ ରାଜି ହୋଇଥିବା ନେଇ ବିସିବି ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ବିସିବି ଉପସଭାପତି ଶେଖାଓ୍ୱତ୍ କହିଛନ୍ତି, ଭେନ୍ୟୁ ସ୍ଥାନାନ୍ତରକୁ ନେଇ ହୋଇଥିବା ନିଷ୍ପତ୍ତିରେ ଆମେ ଅଟଳ ରହିଛୁ। ଆମେ ଆମ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ କରିବୁ ନାହିଁ। ଆମେ ଭାରତ ଯାଉନାହୁଁ। ଆମେ ଆମ ପକ୍ଷ ରଖିସାରିଛୁ ଏବଂ ସେମାନେ ବିକଳ୍ପ ଖୋଜୁଛନ୍ତି। ଏବେ ବି ଆଲୋଚନା ଲାଗି ବାଟ ଖୋଲାରହିଛି। ଆମେ ଏକ ସକାରାତ୍ମକ ଫଳାଫଳ ଲାଗି ଆଶାବାଦୀ। ଟୁର୍ନାମେଣ୍ଟକୁ ଅଧିକ ସମୟ ନାହିଁ। ଏଣୁ ଖୁବ୍‌ଶୀଘ୍ର କିଛି ବ୍ୟବସ୍ଥା କରାଯିବ।

# ଭାରତ ବିପକ୍ଷ ସିରିଜ୍ ପରେ ଅବସର ନେବେ ହିଲି

**ସିଡ୍‌ନୀ, ୧୩।୧(ପି.ଟି.)**

ଅଷ୍ଟ୍ରେଲିଆ ମହିଳା କ୍ରିକେଟର ଏଲିସା ହିଲି ମାର୍ଚ୍ଚରେ ଭାରତ ବିପକ୍ଷ ଘରୋଇ ସିରିଜ୍ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବେ। ଏହି ୩୫ ବର୍ଷୀୟା କ୍ରିକେଟର ଶେଷଥର ପାଇଁ ପର୍ଥଠାରେ ଏକମାତ୍ର ମହିଳା ଟେଷ୍ଟ ଓ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିବେ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ୟୁକେରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ତାଙ୍କ ନାମ ବିଚାରକୁ ନିଆଯାଉ ନ ଥିବାରୁ ସେ ଭାରତ ବିପକ୍ଷ ଟି୨୦ରେ ଖେଳିବେ ନାହିଁ।




କଳିଙ୍ଗ ଷ୍ଟାଡିୟମରେ ଜାନୁଆରୀ ୧୬ରୁ ୨୧ ପର୍ଯ୍ୟନ୍ତ ଜାତୀୟ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ପ୍ରଦାନ ଅବସରରେ ରଗ୍‌ବୀ ଇଣ୍ଡିଆ ସଭାପତି ତଥା ଚଳଚ୍ଚିତ୍ର ଅଭିନେତା ରାହୁଲ ବୋଷ, କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ଓ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

# ଗଜପତି, ଢେଙ୍କାନାଳ, ମାଲକାନଗିରି, ମୟୂରଭଞ୍ଜ ବିଜୟୀ

**ଭୁବନେଶ୍ୱର, ୧୩।୧ (ବିଜୟ ରଣା)**

### ଆନ୍ତଃ ଜିଲା ସ୍କୁଲ କ୍ରିକେଟ

ଓଡ଼ିଶା କ୍ରିକେଟ ଆସୋସିଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ସ୍କୁଲ କ୍ରିକେଟରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍ ଗୁଡ଼ିକରେ ଗଜପତି, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ମାଲକାନଗିରି ଓ ମୟୂରଭଞ୍ଜ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଅଡ଼ଶପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଗଜପତି ୧୩ ରନରେ ଝାରସୁଗୁଡ଼ାକୁ ହରାଇ ଦେଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଗଜପତି ୪୨.୧ ଓଭରରେ ୨୬୫ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଜେମ୍ସ ଲିମା ୮୦ ଓ ତନିଶ ମଲିକ ୫୬ ରନ କରିଥିଲେ। ବିପକ୍ଷ ଦଳର ଶ୍ରେୟାଂଶ ପୂଜାରୀ ୩ ଓ ଯୁବରାଜ ସିଂ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଝାରସୁଗୁଡ଼ା ୪୩.୨ ଓଭରରେ ୨୫୨ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ଓ୍ୱାସିଲ ଖାନ୍ ୯୭ ରନ କରିଥିଲେ। ଗଜପତି ପକ୍ଷରୁ କୋଲି ଭିଗେଶ ଓ ଜେମ୍ସ ଲିମା ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଜେମ୍ସ ଲିମା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କୁରାଙ୍ଗ ଶାସନ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ବରଗଡ଼ ବିପକ୍ଷରେ ଢେଙ୍କାନାଳ ୪ଉଇକେଟରେ ବିଜୟ ଲାଭ କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ବରଗଡ଼ ୩୫ ଓଭରରେ ୧୧୮ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଶିତେସ ବନ୍‌ଜାରା ସର୍ବାଧିକ ୨୭ ରନ କରିଥିଲେ। ବିପକ୍ଷ ଦଳର କୁଶାନ୍ତ ବେହେରା ୫ ଓ ସୁରଜ ତରାଇ ୪ଉଇକେଟ ଅକ୍ତିଆର କରିଥିଲେ। ଢେଙ୍କାନାଳ ୨୭.୫ ଓଭରରେ ୬ ଉଇକେଟ ବିନିମୟରେ ୧୧୯ ରନ କରି ମ୍ୟାଚ ଜିତିନେଇଥିଲା। ଟପ୍ ସ୍କୋରର ଯଶରାଜ ପଟ୍ଟନାୟକ ୩୩ ରନ କରିଥିଲେ। ସେହିପରି ଖୋର୍ଦ୍ଧାର ବିଜେବି ସ୍କୁଲ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ଖୋର୍ଦ୍ଧା ୮୧ ରନରେ ସମ୍ବଲପୁରକୁ ପରାସ୍ତ କରିଛି। ଏଥିରେ ବିଜୟୀ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଶୁଭାଦିତ୍ୟ ପଣ୍ଡାଙ୍କ ଅପରାଜିତ ୮୯ରନ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୭ଉଇକେଟ ବିନିମୟରେ ୧୯୧ ରନ କରିଥିଲା। ଜବାବରେ ସମ୍ବଲପୁର 'ଏ' ୨୫.୪ ଓଭରରେ ସମସ୍ତ ଉଇଷକଟ ହରାଇ ୧୧୦ ରନ କରିଥିଲେ। ଏଥିରେ ଶୁଭାଦିତ୍ୟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୂଳାପଡ଼ିଆ (ଟାଉନ କ୍ଲବ)ଠାରେ ଅନୁଷ୍ଠିତ ମ୍ୟାଚରେ ରାଉରକେଲା ବିପକ୍ଷରେ ପୁରୀ ୮ଉଇକେଟରେ ସହଜ ବିଜୟ ହାସଲ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୩୪ ଓଭରରେ ୧୨୬ରନ କରି ଅଲଆଉଟ ହୋଯାଇଥିଲା। ଜବାବରେ ପୁରୀ ୧୭.୫ ଓଭରରେ ୨ ଉଇକେଟ ବିନିମୟରେ ୧୨୭ରନ କରି ମ୍ୟାଚ ଜିତି ନେଇଥିଲା। ସେହିପରି ସୋଆ କ୍ରିକେଟ ଗ୍ରାଉଣ୍ଡରେ ମାଲକାନଗିରି ୨୫ ରନରେ କିଟ୍‌କୁ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ମାଲକାନଗିରି ୩୨.୪ ଓଭରରେ ୧୧୦ରନ କରି ଅଲଆଉଟ ହୋଯାଇଥିଲା। ଜବାବରେ କିଟ୍ ୩୫.୫ ଓଭରରେ ମାତ୍ର ୮୫ ରନ କରି ଅଲଆଉଟ ହୋଯାଇଥିଲା। ଗତିରାଉତ ପାଟଣାଠାରେ ଖେଳାଯାଇଥିବା ମ୍ୟାଚରେ ଦେଓଗଡ଼ ବିପକ୍ଷରେ ମୟୂରଭଞ୍ଜ ୮୨ରନରେ ବିଜୟ ହାସଲ କରିଛି। ମୟୂରଭଞ୍ଜ ୩୫.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୯୫ରନ କରିଥିଲା। ଜବାବରେ ଦେଓଗଡ଼ ୩୧.୩ ଓଭରରେ ୧୧୩ରନ କରି ଅଲଆଉଟ ହୋଇଯାଇଥିଲା।

# ମିଲୋସ ରାଓନିକ୍‌ଙ୍କ ଅବସର

**ଓଟାଓ୍ୱା, ୧୩।୧(ଏପି)**



ପୂର୍ବତନ ଓ୍ୱିମ୍ବଲଡନ ଫାଇନାଲିଷ୍ଟ ମିଲୋସ ରାଓନିକ୍ ଟେନିସ୍‌ରୁ ଅବସର ନେଇଛନ୍ତି। ରାଓନିକ୍ କାନାଡାର ପ୍ରଥମ ଖେଳାଳି ଭାବେ ୨୦୧୬ ଓ୍ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ସେ ରୋଜର ଫେଡେରରଙ୍କୁ ୬-୩, ୬-୭, ୪-୬, ୭-୫, ୬-୩ରେ ହରାଇ ଦେଇଥିଲେ। ଫାଇନାଲରେ ସେ ଆଣ୍ଡି ମୁରେଙ୍କଠାରୁ ପରାଜିତ ହୋଇଥିଲେ। ସେହିବର୍ଷ ସେ ଆହୁରି ମଧ୍ୟ ଅଷ୍ଟ୍ରେଲିଆନ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ ଏବଂ ପ୍ରଥମଥର ପାଇଁ ଏଟିପି ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେହିବର୍ଷ ସେ କ୍ୟାରିୟର ଶ୍ରେଷ୍ଠ ୩ ନମ୍ବର ର୍‍ୟାଙ୍କିଙ୍ଗ୍‌କୁ ଉନ୍ନୀତ ହୋଇପାରିଥିଲେ। ଲମ୍ବା ସର୍ଭିସ୍ କରିପାରୁଥିବା ରାଓନିକ୍ ତାଙ୍କ ସମର୍ଥକଙ୍କ ନିକଟରେ 'ମିଜାଇଲ' ନାମରେ ପରିଚିତ ଥିଲେ। ୨୦୧୧ରେ ପ୍ରଫେସନାଲ ଖେଳାଳି ଭାବେ ପରିଣତ ହେବାପରେ ୮ ଏଟିପି ସିଙ୍ଗଲ୍ସ ଟାଇଟଲ ଜିତିଥିଲେ।

# ବଧିର ଦିନିକିଆ ଟ୍ରାଇ ସିରିଜ୍: ଓଡ଼ିଶା ରନରଅପ୍




ରନରଅପ୍ ଓଡ଼ିଶା ଦଳ।

**ଭୁବନେଶ୍ୱର, ୧୩।୧(ତପନ ସ୍ୱାଇଁ)**

ଓଡ଼ିଶା ଡିଫ୍ କ୍ରିକେଟ୍ ଆସୋସିଏଶନ (ଓଡିସିଏ) ଆନୁକୂଲ୍ୟରେ ଅନୁଗୋଳର ଓଏଫ୍‌ଆର୍‌ସି ଷ୍ଟାଡିୟମରେ ଦିନିକିଆ ଟ୍ରାଇ ସିରିଜ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତରପ୍ରଦେଶ ଚାମ୍ପିୟନ ଏବଂ ଓଡ଼ିଶା ରନରଅପ୍ ହୋଇଛି। ଅଂଶଗ୍ରହଣ କରିଥିବା ତୃତୀୟ ଦଳ ହେଲା ଆନ୍ଧ୍ରପ୍ରଦେଶ। ୪୦ ଓଭରବିଶିଷ୍ଟ ଫାଇନାଲରେ ଉତ୍ତରପ୍ରଦେଶ ୯ ଉଇକେଟ ହରାଇ ୨୨୬ ରନ୍ କରିଥିଲା। ଜବାବରେ ଓଡ଼ିଶା ଦଳ ୩୨ ଓଭରରେ ୧୬୭ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଦୀପକ କୁମାର ପ୍ଲେୟର ଅଫ୍ ଦି ମ୍ୟାଚ୍, ସିରିଜ୍ ଓ ଶ୍ରେଷ୍ଠ ବୋଲର ଏବଂ ଗଜରାଜ ସ୍ୱାମୀ ଶ୍ରେଷ୍ଠ ବ୍ୟାଟର ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଗୋଳ ବିଏସ୍‌ଏସ୍‌ଓ(ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସର) ତ୍ରିଭିଶେଷ ଦଳବେହେରା ମୁଖ୍ୟ ଅତିଥି, ଜିନ୍ଦଲ ଫାଉଣ୍ଡେଶନ ଜିଏମ୍ ସିଏସ୍‌ଆର ଜୟନ୍ତ ମହାନ୍ତି, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଏବଂ ଜିନ୍ଦଲ ଫାଉଣ୍ଡେଶନ ସିଏସ୍‌ଆର ଆଶୁତୋଷ ମିଶ୍ର ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡିସିଏ ସାଧାରଣ ସମ୍ପାଦକ ତଥା ଭାରତୀୟ ବଧିର କ୍ରିକେଟ ଆସୋସିଏଶନ ଉପସଭାପତି ସାଗରକାନ୍ତ ସେନାପତି, ସିଇଓ ଶର୍ମିଳା ସୁବ୍ରମଣ୍ୟାନ୍‌ଙ୍କ ତତ୍ତ୍ୱାବଧାନରେ ସିରିଜ୍ ଅନୁଷ୍ଠିତ ହୋଇଥିଲା।



## Classified Everyday

**0674-2580101, 9692975378**





**GROOM WANTED**

ବୟସ 29, Bankରେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-3080




**SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777

GROUND FLOOR 2BHK 1000SQFT BOTHSIDE ROAD AT CHINTAMANISWAR NEAR TEMPLE WALKABLE DISTANCE TO CUTTACK ROAD RAIL BHUBANESWAR. FOR OFFICE, OFFICE CUM RESIDENCE, GODOWN FOR LIGHT GOODS. 6370087588/ 7008211947. D-3074




All types of physiotherapy and massage. Contact: 9556924059/ 7656969134. D-3075

**LOST**

Extract of GD No. 021 dated 11.01.2026 of Sunabeda Police Station, I, Geeta Tripathy (50), wife of Pranaya Tripathy, resident of Kakigan Road, P.S.- Sunabeda, District- Koraput declare that my sale deed relating to Kakigan Mauza, Plot Nos. 1359/1517/1483, Khata Nos. 130/1373, is not traceable. Matter is entered in GD for future reference. D-3096

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before Notary Public, Bhubaneswar, Date- 08.01.2026, I, Soumyaranjan Barik, At- Bariksahi, P.O.- Dharmadaspur, VTC- Gunupur, Sub District- Mahanga, Dist.- Cuttack, PIN- 754204, Odisha, India declare that I have changed the name of my daughter from PUJA BARIK to PRITIMANJARI BARIK. Henceforth, she shall be known as PRITIMANJARI BARIK for all purposes.
Soumyaranjan Barik D-3097

I, Pranati Rout, W/o. Late Suresh Kumar Rout, At/P.O.- Kanapura, P.S.- Kamakhyanagar, Dist.- Dhenkanal solemnly declare that by the affidavit before the Executive Magistrate, Dhenkanal, my surname has been changed from Pranati Samal to Pranati Rout. Henceforth, I shall be known as PRANATI ROUT for official & all other purposes. D-3098

I hitherto known as Sunita Bhanja, D/o. Alekha Chandra Bhanja, R/o. Vill.- Malabiharpur, P.O.- Kadalibadi, P.S.- Banki, Dist.- Cuttack, 754029, Odisha have changed my name and shall hereafter be known as Sunitha Bhanjdeo. D-3099

I hitherto known as Sunil Kumar Bhanja, S/o Alekha Chandra Bhanja, R/o. Vill.- Malabiharpur, P.O.- Kadalibadi, P.S.- Banki, Dist.- Cuttack, 754029, Odisha have changed my name and shall hereafter be known as Sunil K Bhanjdeo. D-3100

By virtue of an affidavit sworn before Executive Magistrate, Basudevpur, dated- 04.10.2025, I, Narayan Ghadai, 71 yrs, S/o.- Late Jogendra Ghadai, At- Apartipur, P.O.- Matipaka, P.S.- Naikanidihi, Dist.- Bhadrak do hereby solemnly declare that as per my Aadhaar Card my name is Narayan Ghadai which is wrongly mentioned as Narayan Chandra Ghadai in my son Krushna Chandra Ghadai's Passport. I declare that Narayan Ghadai and Narayan Chandra Ghadai is one and same person. D-3101

By virtue of an affidavit sworn before in the Court of Executive Magistrate, Pipili, dated- 26.11.2025 I, Digbijaya Behera, S/o.- Dibakar Behera, At/P.O.- Laxminarayanpur, P.S.- Pipili, Dist.- Puri, Odisha- 752104 declare that I have changed my name from Digbijay Behera to Digbijaya Behera. Henceforth, I shall be known as Digbijaya Behera for all purposes.
Digbijaya Behera D-3102

**LEGAL NOTICE**


IN THE COURT OF THE JUDGE, FAMILY COURT, BALANGIR
C.P. (MAT) NO.10 OF 2025
Rajkishor Pani ......Petitioner
VERSUS
Geetanjali Pani .....Respondent
NOTICE UNDER ORDER 5 RULE 20(1) OF CPC
To
Geetanjali Pani, W/o. Rajkishor Pani, D/o. Prasanna Kumar Mishra, aged about 39 years, Occupation: Private Teacher, resident of Indra Nagar, Balangir Town, P.O.- Balangir, P.S./Civil Judgeship & Dist.- Balangir, PIN- 767001 (Odisha), At Present residing at Village Bagbahali, P.O.- Khari, P.S.- Tarva, Civil Judgeship & Dist.- Subarnapur (Odisha).

Take notice that the petitioner Rajkishor Pani has filed a proceeding under section 13 of Hindu Marriage Act against you. You are hereby noticed to appear before the Court in person or by a pleader duly well instructed and able to answer all materials relating to this proceeding on 27.01.2026 and in default of your appearance on the day as mentioned, the proceeding will be heard and determined in your absence.

Given under my hand and the seal of court this 23rd day of December 2025.
By order
Sd./- Judge Family Court, Balangir D-3095

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱ. ଡା. ନଟବର ନାୟକ**
(ହୋମିଓପ୍ୟାଥ୍)
ଜଗତ୍‌ସିଂହପୁର
ଆବିର୍ଭାବ- ୦୪।୧୧।୧୯୩୭
ତିରୋଧାନ- ୦୫।୦୨।୨୦୨୪

ଆପଣ ଏକାଧାରାରେ ଜଣେ ସଫଳ ଚିକିତ୍ସକ, ଶିକ୍ଷକ, ଲେଖକ ଓ ସମାଜସେବୀ। ହୋମିଓପ୍ୟାଥ୍ ଚିକିତ୍ସାରେ ମାନବ ସେବା ପାଇଁ ଆପଣ ଓଡ଼ିଶାର ପୁରପଲ୍ଲୀ ତଥା ହୋମିଓପ୍ୟାଥ୍ ଜଗତରେ ଖ୍ୟାତି ଅର୍ଜନ କରିଛନ୍ତି। ପ୍ରତି ମୁହୂର୍ତ୍ତରେ ଆମେ ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ନୀତି ଓ ଆଦର୍ଶକୁ ଝୁରି ହେଉଛୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଆପଣଙ୍କ ଆତ୍ମାର ସଦ୍‌ଗତି ହେଉ, ଏତିକି ପ୍ରାର୍ଥନା।

ଶୋକସନ୍ତପ୍ତ:- ବନ୍ଧୁ ଓ ପରିବାରବର୍ଗ
D- 3103

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱ ଅଭିରାମ ନାୟକ**
ରାଧାରମଣ କଲୋନି, କପିଳ ପ୍ରସାଦ, ଭୁବନେଶ୍ୱର
ଆବିର୍ଭାବ- ୧୨।୦୮।୧୯୬୩
ତିରୋଧାନ- ୨୧।୦୧।୨୦୨୪

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ନୀତି, ଆଦର୍ଶ ଚିରସ୍ମରଣୀୟ ଏବଂ ଅନୁକରଣୀୟ ହୋଇ ରହିବ। ଚଳିତ ମାଘ ମାସ ତା.୧୪।୦୧।୨୦୨୬ ବୁଧବାର ମକର ସଂକ୍ରାନ୍ତି ଦିନ ଆପଣଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ବିନମ୍ର ପ୍ରାର୍ଥନା ଜଣାଉଛୁ।

-:ଶୋକସନ୍ତପ୍ତ:-
ଅକ୍ଷୟ କୁମାର ନାୟକ, ସଞ୍ଜୁ, ମାମାଲି, ମଳୟ, ସ୍ତ୍ରୀ- ରଞ୍ଜିତା, ପୁତ୍ର- ଆକାଶ, କପିଳା ଓ ଆତ୍ମୀୟସ୍ୱଜନ।
D- 3102

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


# ଇଣ୍ଡିଆ ଓପନ କଣ୍ଡିଶନକୁ ବ୍ଲିଚଫିଲ୍ଡଙ୍କ ସମାଲୋଚନା

**ନୂଆଦିଲ୍ଲୀ,୧୩।୧**

ଗତ ବର୍ଷ ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନର ପ୍ଲେଇଂ କଣ୍ଡିଶନକୁ ନେଇ ବିବାଦ ସୃଷ୍ଟି କରିଥିବା ଡେନମାର୍କ ଶଟଲର ମିଆ ବ୍ଲିଚଫିଲ୍ଡ ପୁଣି ଥରେ ପରିବେଶକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏପରିକି ଭେନ୍ୟୁରେ ପରିବର୍ତ୍ତନ ସତ୍ତ୍ୱେ ଖେଳାଳିଙ୍କ ପରିସ୍ଥିତିରେ ବିଶେଷ ପରିବର୍ତ୍ତନ ଆସି ନାହିଁ। ଚଳିତ ବର୍ଷ ଏହି ଟୁର୍ନାମେଣ୍ଟ ଇନ୍ଦିରା ଗାନ୍ଧି ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଉଛି। ଆସନ୍ତା ଅଗଷ୍ଟରେ ହେବାକୁ ଥିବା ଓ୍ୱାର୍ଲ୍ଡ ଚାମ୍ପିୟନଶିପ୍‌କୁ ଦୃଷ୍ଟିରେ ରଖି ଭେନ୍ୟୁ ପରିବର୍ତ୍ତନ କରାଯାଇଛି।


ଅନ୍ୟ ହଲଠାରୁ ମ୍ୟାଚ୍ ଖେଳାଯାଉଥିବା ହଲ ଖୁବ ଭଲ ହେବ ବୋଲି ଆଶା ରଖିଥିଲି। କିନ୍ତୁ ଖେଳାଳିଙ୍କ ପ୍ଲେଇଂ କଣ୍ଡିସନରେ ବିଶେଷ ପରିବର୍ତ୍ତନ ଆସି ନାହିଁ। ମୋ ମତରେ ଏଠାକାର ପରିବେଶ ସମସ୍ତ ଖେଳାଳିଙ୍କ ପାଇଁ ଅସ୍ୱାସ୍ଥ୍ୟକର। ସମସ୍ତ ଖେଳାଳି ଏଠାରେ ଦୁଇଟି ପ୍ୟାଣ୍ଟ, ଓ୍ୱିଣ୍ଟର ଜ୍ୟାକେଟ, ଗ୍ଲୋଭ୍ସ ଓ ଟୋପି ସହ ଓ୍ୱାର୍ମଅପ କରୁଛନ୍ତି। ଅତ୍ୟଧିକ ଥଣ୍ଡା କାରଣରୁ ଖେଳାଳିଙ୍କ ଲାଗି ପ୍ରସ୍ତୁତି କରିବା କଷ୍ଟକର ହୋଇ ପଡ଼ିଛି ବୋଲି ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତିବା ପରେ ବ୍ଲିଚଫିଲ୍ଡ କହିଛନ୍ତି।

# ପ୍ରଥମ ରାଉଣ୍ଡରେ ଭେନସ୍ ପରାଜିତ

**ହୋବାର୍ଟ (ଅଷ୍ଟ୍ରେଲିଆ), ୧୩।୧(ଏପି)**

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଆରମ୍ଭ ହେବାକୁ ଏକ ସପ୍ତାହରୁ କମ୍ ସମୟ ଥିବା ବେଳେ ମଙ୍ଗଳବାର ହୋବାର୍ଟ ଇଣ୍ଟରନ୍ୟାଶନାଲରେ ଭେନସ୍ ଓ୍ୱିଲିୟମ୍ସ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍ ହାରିଯାଇଛନ୍ତି। ତାତ୍‌ଜାନା ମାରିଆ ତାଙ୍କୁ ୬-୪, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ୪୫ ବର୍ଷୀୟା ଭେନସ୍‌ଙ୍କୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଇଭେଣ୍ଟ ଲାଗି ଏକ ଓ୍ୱାଇଲ୍ଡ କାର୍ଡ ମିଳିଛି। ତାଙ୍କୁ ହୋବାର୍ଟରେ ଖେଳିବା ଲାଗି ମଧ୍ୟ ଓ୍ୱାଇଲ୍ଡ କାର୍ଡ ମିଳିଥିଲା, ଯେଉଁଠାରେ କି ସେ ମାରିଆଙ୍କ ବିପକ୍ଷ ମ୍ୟାଚ୍ ଦେଢ଼ଘଣ୍ଟାରେ ହାରିଯାଇଥିଲେ। ଭେନସ୍ ଗତ ସପ୍ତାହରେ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡଠାରେ ମଧ୍ୟ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍ ହାରିଯାଇଥିଲେ।

## ରଜନୀଗନ୍ଧାର ଉନ୍ନତ କିସମ



**ର**ଜନୀଗନ୍ଧା ଚାଷ କରୁଥିଲେ କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର,କୋଏମ୍ବାଟୋର,ସିଙ୍ଗଲ ଓ ସୁହାସିନୀ (ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡିକୁ ୨.୫ସେ.ମି ବ୍ୟାସ୍ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକ ପ୍ରତି ୧୬୦କେ.ଜି ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

## ପୋଟଳରେ ଫୁଲଫଳ ଧରୁଥିଲେ...



**ପୋ**ଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।

## ମାଣ୍ଡିଆରେ ସାର ପ୍ରୟୋଗ...




**ମା**ଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡ଼ିକୁ ଧାଡ଼ି ୨୦ସେ.ମି ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ ଅନୁପାତରେ ଯବକ୍ଷାରଜାନ,ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହ ସମସ୍ତ ଫସ୍‌ଫରସ୍ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ରୁଆଯାଇଥିବା ମାଣ୍ଡିଆ ଲଗାଇବାର ୩-୪ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କଲେ ଭଲ।

# ଗୋବନ୍ଧ୍ୟା ନିରାକରଣ



ଡା.ବୀରକିଶୋର ପରିଡ଼ା



"ବର୍ତ୍ତମାନ ପରିସ୍ଥିତିରେ ଦୁଗ୍ଧର ଚାହିଦା ମେଣ୍ଟାଇବା ପାଇଁ ସଙ୍କର ଜାତୀୟ ଗୋପାଳନ ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି। ଏହାଦ୍ୱାରା ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇବ। ଏହି ପରିସ୍ଥିତିରେ ସଙ୍କର ଜାତୀୟ ଛଡ଼ା ଓ ଗାଈ ଯଦି ଠିକ୍ ସମୟରେ ଅର୍ଥାତ୍ ବର୍ଷକୁ ଥରେ ବାଛୁରି ଜନ୍ମ ନ କରନ୍ତି, ତା' ହେଲେ ଚାଷୀର ଉପରୋକ୍ତ ଲକ୍ଷଣ ପୂରଣ ହୋଇପାରିବ ନାହିଁ। ଫଳରେ ଚାଷୀର ଆର୍ଥିକ ଅବସ୍ଥାରେ ମଧ୍ୟ ଅବନତି ଦେଖାଦେବ ଏବଂ ତା'ର ମେରୁଦଣ୍ଡ ଭାଙ୍ଗିଯିବ। ତେଣୁ ଗୋବନ୍ଧ୍ୟା ନିରାକରଣ ଚାଷୀ ଓ ଖାଉଟିଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ।"

**ସା**ଧାରଣତଃ ଗୋବନ୍ଧ୍ୟା ବା ଗାଈଙ୍କ ବନ୍ଧ୍ୟାଦୋଷ ଦୁଇଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମଟି ହେଲା - ସ୍ଥାୟୀ ବନ୍ଧ୍ୟାଦୋଷ, ଅନ୍ୟଟି ହେଲା - ଅସ୍ଥାୟୀ ବନ୍ଧ୍ୟାଦୋଷ।

**ସ୍ଥାୟୀ ବନ୍ଧ୍ୟାଦୋଷ :** ଛଡ଼ା ବା ଗାଈର ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶର ଅପ୍ରାକୃତିକ ଗଠନ, ନିକୃଷ୍ଟ ଗଠନ କିମ୍ବା ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ଯୋଗୁ ଯେଉଁ ଗାଈଙ୍କୁ ପ୍ରଜନନକ୍ଷମ କରାଯାଇପାରିବ। ସେହି ଅବସ୍ଥାକୁ ସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ। ସଂକ୍ଷେପରେ କହିବାକୁ ଗଲେ, ଗାଈ ବା ଛଡ଼ା ଆଦୌ ବାଛୁରୀ ଜନ୍ମକରି ନ ପାରିବାର କ୍ଷମତାକୁ ସ୍ଥାୟୀ ଗୋବନ୍ଧ୍ୟା କହନ୍ତି।

**ଅସ୍ଥାୟୀ ବନ୍ଧ୍ୟାଦୋଷ :** ଯେଉଁ ଗାଈ ବା ଛଡ଼ାର ଜନନେନ୍ଦ୍ରିୟ ପ୍ରଣାଳୀର ବିଭିନ୍ନ ଅଂଶ ଯଥା - ଡିମ୍ବକୋଷ, ଜରାୟୁ ଇତ୍ୟାଦିର ଗଠନ ଆଶାଜନକ ଭାବେ ହୋଇ ନ ଥିବ; କିନ୍ତୁ ଚିକିତ୍ସା, ଉପଯୁକ୍ତ ଖାଦ୍ୟ ଓ ଲାଳନପାଳନ ଦ୍ୱାରା ଗାଈ ବା ଛଡ଼ାମାନଙ୍କୁ ପ୍ରଜନନକ୍ଷମକରି ଗର୍ଭବତୀ କରାଯାଇପାରିବ। ସେହି ଅବସ୍ଥାକୁ ଅସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ। ପ୍ରଜନନ ଶକ୍ତିର ହ୍ରାସକୁ ଅସ୍ଥାୟୀ ଗୋବନ୍ଧ୍ୟା କହନ୍ତି। ଉପରୋକ୍ତ ଦୁଇ ବନ୍ଧ୍ୟାଦୋଷ ମଧ୍ୟରୁ ଗାଈ ବା ଛଡ଼ାର ସ୍ଥାୟୀ ବନ୍ଧ୍ୟାଦୋଷ ନିରାକରଣକରିବା ସମ୍ଭବ ହୁଏ ନାହିଁ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଏହାର ନିରାକରଣ ପାଇଁ ପଦକ୍ଷେପ ନେବା ବାଞ୍ଛନୀୟ ନୁହେଁ। କିନ୍ତୁ ଦ୍ୱିତୀୟ ଅବସ୍ଥା - ଅସ୍ଥାୟୀ ବନ୍ଧ୍ୟାଦୋଷ ପାଇଁ ଗାଈ ବା ଛଡ଼ାକୁ ପରୀକ୍ଷା ନିରୀକ୍ଷାକରି ଉପଯୁକ୍ତ ଯତ୍ନ ଯଥା - ଚିକିତ୍ସା, ଉତ୍ତମ ଖାଦ୍ୟ ଯୋଗାଣ, ଉନ୍ନତ ଲାଳନପାଳନ ଦ୍ୱାରା ପ୍ରଜନନକ୍ଷମ କରାଯାଇ ଗୋପାଳକମାନଙ୍କ ସମସ୍ୟା ସମାଧାନ କରାଯାଇପାରିବ।

**ଅସ୍ଥାୟୀ ବନ୍ଧ୍ୟାଦୋଷର କାରଣ**

ସାଧାରଣତଃ ମାଈ ବାଛୁରି ଜନ୍ମହେବା ପରଠାରୁ ଛଡ଼ା ହେବା ପର୍ଯ୍ୟନ୍ତ କିମ୍ବା ଗାଈଟି ଜନ୍ମ କରିସାରିବା ପରେ ଠିକ୍ ସମୟରେ ବିଭିନ୍ନ କାରଣରୁ ଗରମକୁ ଆସନ୍ତି ନାହିଁ କିମ୍ବା ପ୍ରଜନନକ୍ଷମ ବା ଗର୍ଭବତୀ ହୋଇପାରନ୍ତି ନାହିଁ। ଏହାର କେତୋଟି ମୁଖ୍ୟ କାରଣ ହେଲା -

- ଉତ୍ତମ ସୁଷମ ଖାଦ୍ୟ, ଖାଦ୍ୟପ୍ରାଣ ଓ ଧାତବ ଲବଣର ଅଭାବ।
- ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶ ଉପଯୁକ୍ତ ଭାବେ ବୃଦ୍ଧି ନ ଘଟିବା।
- ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ହରାଇବା।
- ଶରୀର ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ଦୁର୍ବଳ ଅବସ୍ଥା ଉପୁଜିବା ଯଥା - ଯକ୍ଷ୍ମା, ଫାଟୁଆ, ଛେରାରୋଗ, କୃମିରୋଗ ଇତ୍ୟାଦି।
- ଜନନେନ୍ଦ୍ରିୟ ପ୍ରଣାଳୀର ଅଂଶଗୁଡ଼ିକ ବିଭିନ୍ନ ଜୀବାଣୁ ଦ୍ୱାରା ଆକ୍ରାନ୍ତ ହେବା ଦ୍ୱାରା ଗାଈଗୁଡ଼ିକ ବାରମ୍ବାର ଲେଉଟାଇଥାନ୍ତି ବା ଗରମକୁ ଆସିଥାନ୍ତି।
- ଗାଈଙ୍କର ବାର୍ଦ୍ଧକ୍ୟ ଅବସ୍ଥାରେ ଦାନ୍ତ ପଡ଼ିଯାଏ। ତେଣୁ ଖାଦ୍ୟ ପଦାର୍ଥ ସହଜରେ ହଜମ ହୁଏ ନାହିଁ। ଫଳରେ ଗାଈ ଗରମକୁ ଆସନ୍ତି ନାହିଁ।
- ବିଭିନ୍ନ ପ୍ରକାର ଜଳବାୟୁ ଓ ପାରିପାର୍ଶ୍ୱିକ ଅବସ୍ଥା : ସାଧାରଣତଃ ଗାଈମାନେ ବର୍ଷା ଓ ଶୀତଦିନେ ଯଥେଷ୍ଟ ଘାସ ଖାଇବାକୁ ପାଉଥିବାରୁ ଅଧିକ ଗରମକୁ ଆସି ଗର୍ଭବତୀ ହୁଅନ୍ତି। କିନ୍ତୁ ଖରାଦିନେ ଖାଦ୍ୟାଭାବ ସହ ହର୍‌ମୋନ୍‌ର ଅଭାବ ଯୋଗୁ ଖୁବ୍ କମ୍ ଗାଈ ଗରମକୁ ଆସିଥାନ୍ତି।
- ଉପଯୁକ୍ତ ଲାଳନପାଳନର ଅବ୍ୟବସ୍ଥା ଇତ୍ୟାଦି।

**ଗାଈ ବା ଛଡ଼ାର ଏପରି ବନ୍ଧ୍ୟାଦୋଷ କିପରି ଜାଣିବ**

ସାଧାରଣତଃ ଦେଶୀ ଛଡ଼ା ୨ବର୍ଷରୁ ଅଢ଼େଇବର୍ଷ ମଧ୍ୟରେ ଓ ବିଭିନ୍ନ ସଙ୍କର ଜାତୀୟ ଛଡ଼ା ବର୍ଷେରୁ ଦେଢ଼ବର୍ଷ ମଧ୍ୟରେ ପୂର୍ଣ୍ଣାବସ୍ଥା ପ୍ରାପ୍ତ ହୁଏ ଏବଂ ପ୍ରଜନନକ୍ଷମ ହୋଇଥାନ୍ତି। ଛଡ଼ାଟି ଗର୍ଭବତୀ ହୋଇ ଜନ୍ମ କରିସାରିବା ପରେ ୨ମାସରୁ ୩ମାସ ମଧ୍ୟରେ ତା'ର ପୁନର୍ବାର ଋତୁସ୍ରାବ ହେବା ଉଚିତ। ଏଥିରେ ବ୍ୟତିକ୍ରମ ଘଟିଲେ ଗୋପାଳକ ଜାଣିନେବା ଉଚିତ ଯେ, ଛଡ଼ା କିମ୍ବା ଗାଈର ଅସ୍ଥାୟୀ ବନ୍ଧ୍ୟାଦୋଷ ଉପୁଜିଛି। ଯେହେତୁ ଗାଈଟିଏ ଗର୍ଭଧାରଣକରି ବାଛୁରୀଟିଏ ପ୍ରତିବର୍ଷ ଜନ୍ମ ନଦେଲେ କ୍ଷୀର ଉତ୍ପାଦନ ହୁଏ ନାହିଁ ଏବଂ ବର୍ଷକ ବ୍ୟବଧାନରେ ବାଛୁରିଟି ଜନ୍ମ ନ ହେଲେ ଆର୍ଥିକ ଦୃଷ୍ଟିକୋଣରୁ ଗୋପାଳନ ଲାଭଜନକ ନୁହେଁ। ଗୋପାଳକମାନେ ମନେ ରଖିବା ଉଚତ, ଯେପରିକି ଗାଈଙ୍କର ଅସ୍ଥାୟୀ ବନ୍ଧ୍ୟାଦୋଷ ନ ହୁଏ।


**କେଉଁ କେଉଁ ଜାତୀୟ ଗାଈଙ୍କଠାରେ ଗୋବନ୍ଧ୍ୟା ଲକ୍ଷଣ ବେଶି ଦେଖାଯାଏ :** ଆମର ଦେଶୀଗାଈଗୁଡ଼ିକ ସାଧାରଣତଃ ସବୁଜ ଘାସ, ଜଙ୍ଗଲଜାତ ଲଟାପତ୍ର ଉପରେ ନିର୍ଭରକରି ଚଳନ୍ତି। ତଥାପି ଦେଶୀଗାଈଗୁଡ଼ିକ ପ୍ରାୟ ୨ବର୍ଷରୁ ୩ବର୍ଷ ବ୍ୟବଧାନରେ ବାଛୁରି ଜନ୍ମ କରନ୍ତି। ସଙ୍କର ଜାତୀୟ ଗାଈଗୁଡ଼ିକ ଉପଯୁକ୍ତ ଖାଦ୍ୟ ତଥା ଉତ୍ତମ ସୁଷମ ଗୋଖାଦ୍ୟ, ସବୁଜ ଘାସ ଇତ୍ୟାଦି ଅଭାବରୁ ସାଧାରଣତଃ ଠିକ୍ ସମୟରେ ଗରମକୁ ଆସନ୍ତି ନାହିଁ କିମ୍ବା ଋତୁସ୍ରାବ ହୁଏ ନାହିଁ। ସଙ୍କର ଜାତୀୟ ଗାଈ ବେଶି ପରିମାଣରେ କ୍ଷୀର ଉତ୍ପାଦନ କରିବା ସହ ଉପଯୁକ୍ତ ଖାଦ୍ୟର ଅଭାବ, ବିଭିନ୍ନ ପ୍ରକାର ପାରିପାର୍ଶ୍ୱିକ ଜଳବାୟୁ ନେଇ ଅସ୍ଥାୟୀ ବନ୍ଧ୍ୟାଦୋଷ ଦେଖାଯାଏ।

**ଗୋବନ୍ଧ୍ୟା ଦୋଷ ଯୋଗୁ ଗୋପାଳକମାନଙ୍କ ସମସ୍ୟା:** ବର୍ତ୍ତମାନ ପରିସ୍ଥିତିରେ ଦୁଗ୍ଧର ଚାହିଦା ମେଣ୍ଟାଇବା ପାଇଁ ସଙ୍କର ଜାତୀୟ ଗୋପାଳନ ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି। ଏହାଦ୍ୱାରା ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇବ। ଏହି ପରିସ୍ଥିତିରେ ସଙ୍କର ଜାତୀୟ ଛଡ଼ା ଓ ଗାଈ ଯଦି ଠିକ୍ ସମୟରେ ଅର୍ଥାତ୍ ବର୍ଷକୁ ଥରେ ବାଛୁରୀ ଜନ୍ମ ନ କରନ୍ତି, ତା' ହେଲେ ଚାଷୀର ଉପରୋକ୍ତ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଫଳରେ ଚାଷୀର ଆର୍ଥିକ ଅବସ୍ଥାରେ ମଧ୍ୟ ଅବନତି ଦେଖାଦେବ ଏବଂ ତା'ର ମେରୁଦଣ୍ଡ ଭାଙ୍ଗିଯିବ। ତେଣୁ ଗୋବନ୍ଧ୍ୟା ନିରାକରଣ ଚାଷୀ ଓ ଖାଉଟିଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ। (କ୍ରମଶଃ..)

-ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଅଳ୍ପରେ...

### ସୋରିଷ



ଆବଶ୍ୟକତା ନେଇ ଜଳସେଚନ କରନ୍ତୁ। ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ। କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ କିମ୍ବା ୧୦୦୦ ମି.ଲି. କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

### ସୂର୍ଯ୍ୟମୁଖୀ



ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ।

### ଶାଗ

ଶୀତଦିନିଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ।

### କୋବି



କୋବିଜାତୀୟ ଫସଲରେ ପତ୍ରବିନ୍ଧା ପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ଏକ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁଜି ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ବିଳମ୍ବ କିସମ ଫୁଲକୋବି ପାଇଁ ତଳିପଟି ପ୍ରସ୍ତୁତ କରି ତଳି ପକାନ୍ତୁ।

### ତରଭୁଜ



ବିହନ ବିଶୋଧନକରି ତରଭୁଜ ଲଗାନ୍ତୁ। କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ। ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ। ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ।

## ମାଛ ଯାଆଁଳ ଛାଡୁଥିଲେ...



**ମା**ଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ। କାରଣ ବିଭିନ୍ନ ପ୍ରକାର ମାଛ ଜଳର ବହୁ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି। ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗକରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ୨ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ ଟି ଜାତୀୟ ଏବଂ ୩ ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ୧ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ ଟି ଭାକୁର, ୧୬୦୦ ଟି ରୋହି ଏବଂ ୧୨୦୦ ଟି ମିରିକାଳି (୨୧ରୁ ୪୦ ମି.ମି.) ଛାଡ଼ିବାକୁ ହେବ।

## ପନିପରିବାରେ ରୋଗପୋକ ଦମନ



**ପ**ନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବାର ବହୁ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି .ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପ କରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା - ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମି.ଲି. ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ନିମନ୍ତେ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ପରାଶ୍ରୟୀ ଛାଡ଼ନ୍ତୁ। ୩୦୦ ପିପିଏ ନିମ୍ବଜାତ କୀଟନାଶକ ବିଷକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ୍ ଓ କଳା କଖାରୁ ଭୃଙ୍ଗ ଦମନ ଲାଗି ଏକର ପ୍ରତି ୮୦୦ ଗ୍ରାମ୍ କାର୍ବାରିଲ୍ ପ୍ରୟୋଗ କରନ୍ତୁ। ପନିପରିବାରେ ଦହିଆ ପୋକ ଦେଖାଯାଉଥିଲେ ଏହାର ଦମନ ସକାଶେ ଫସଲ ଫଳନ୍ତି ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମିଲି ମାଲାଥିଅନ୍ ଏବଂ ଅନ୍ୟ ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଡିମେଟନ୍ କିମ୍ବା ମେଟାସିଡ୍ ମିଶାଇ ସିଞ୍ଚନ କରନ୍ତୁ।



## ଧାନ ସଂରକ୍ଷଣ

**ଧା**ନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇଦେବା ଉଚିତ। ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ। ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ। ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଅ ଧାନ ତଳି ପ୍ରସ୍ତୁତି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅକରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ। ବିହନରୁ କଣ୍ଟା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ। ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ। ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ।

# ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ


ଭାରତୀୟ ଦଳର ଟ୍ରେନିଂ ଅବସରରେ ଅଧିନାୟକ ଶୁବମନ ଗିଲ୍।

**ରାଜକୋଟ,୧୩।୧(ପି.ଟି.)** ସ୍ଥାନୀୟ ନିରଞ୍ଜନ ଶାହା ଷ୍ଟାଡିୟମରେ ବୁଧବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ଭଦୋଦରାରେ ପ୍ରଥମ ଦିନିକିଆ ମ୍ୟାଚ୍‌କୁ ୪ ଉଇକେଟରେ ଜିତିଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ମ୍ୟାଚ୍ ଜିତି ସିରିଜ୍‌କୁ ଆଗୁଆ ଦଖଲ ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ମାଇକେଲ ବ୍ରେସ୍‌ୱେଲଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ଦଳ ଏହି ମ୍ୟାଚ୍‌କୁ ଜିତି ସିରିଜ୍‌କୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଜବରଦସ୍ତ ଫର୍ମରେ ଥିବା ଭାରତୀୟ ଦଳର ଦୁଇ ସିନିୟର ବ୍ୟାଟର ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ ଏବେ ସଭିଙ୍କ ନଜର ରହିବ।

ପ୍ରଥମ ମ୍ୟାଚ୍‌ରେ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିବା ସ୍ପିନ୍ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦର ସିରିଜ୍‌ରୁ ବାଦ୍ ପଡ଼ିଥିବା ବେଳେ ତାଙ୍କ ବଦଳରେ ଦିଲ୍ଲୀର ଆୟୁଷ ବଦୋନୀଙ୍କୁ ଦଳରେ ସାମିଲ କରାଯାଇଛି। ହେଲେ ତାଙ୍କୁ ବର୍ତ୍ତମାନ ପଦାର୍ପଣ ସୁଯୋଗ ମିଳିବାର ବିଶେଷ ସମ୍ଭାବନା ନାହିଁ। ସୁନ୍ଦରଙ୍କ ବଦଳରେ ଟିମ୍ ମ୍ୟାନେଜ୍‌ମେଣ୍ଟ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଚୂଡ଼ାନ୍ତ ଦଳରେ ସାମିଲ କରିପାରେ। କାରଣ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ କାର୍ଯ୍ୟକାଳରେ ବହୁମୁଖୀ ପ୍ରତିଭା ଖେଳାଳିଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଯଦି ସୁନ୍ଦରଙ୍କ ସ୍ଥାନରେ ଦଳ ସ୍ପେଶାଲିଷ୍ଟ ବ୍ୟାଟରଙ୍କୁ ଦଳରେ ସାମିଲ କରିବାକୁ ଚାହେଁ, ତେବେ ଧ୍ରୁବ ଜୁରେଲଙ୍କ ଭଳି ବିକଳ୍ପ ରହିଛନ୍ତି। ଏହା ବ୍ୟତୀତ ଦଳୀୟ କମ୍ବିନେଶନକୁ ନେଇ ବିଶେଷ କୌଣସି ସମସ୍ୟା ନାହିଁ।

ଭଦୋଦରାଠାରେ ଖେଳା ଯାଇଥିବା ମ୍ୟାଚ୍‌ରେ କୋହଲି ଅଳ୍ପକେ କ୍ୟାରିୟରର ୫୪ତମ ଦିନିକିଆ ଶତକ ହାତଛଡ଼ା କରିଥିଲେ। ତାଙ୍କ ଉଇକେଟ ପଡ଼ିବା ସହ ମିଡଲ ଅର୍ଡର କୋଲାପ୍ସ କରିଥିଲା। ଶେଷଆଡ଼କୁ ଲୋକେଶ ରାହୁଲ ଦାୟିତ୍ୱ ସମ୍ଭାଳିଥିଲେ। ମ୍ୟାଚ୍‌ରେ ଅଧିନାୟକ ଗିଲ୍ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଉପଅଧିନାୟକ ଶ୍ରେୟସ ଆୟାର ୧ ରନ୍ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ରୋହିତ ଏହି ମ୍ୟାଚ୍‌ରେ ଛୋଟିଆ ଇନିଂସ୍ ଖେଳିଥିଲେ ମଧ୍ୟ ସେ ଲୟରେ ନଜର ଆସିଥିଲେ। ଏଣୁ ମ୍ୟାଚ୍‌ରେ ରୋହିତ୍‌ଙ୍କଠାରୁ ମଧ୍ୟ ଭଲ ଇନିଂସ୍‌ର ଆଶା କରାଯାଉଛି। କିନ୍ତୁ ଭାରତୀୟ ବୋଲିଂ ବିଭାଗର ପ୍ରଦର୍ଶନରେ ଖୁବ୍ ସୁଧାରର ଆବଶ୍ୟକତା ରହିଛି। ପ୍ରଥମ ମ୍ୟାଚ୍‌ରେ ସ୍ପିନରମାନେ ଦଳକୁ ଉଇକେଟ ପ୍ରଦାନ କରିବାରେ ସଂଘର୍ଷ କରିଥିଲେ। କେବଳ ଯୁବ ପେସରମାନେ ଦଳକୁ ଆବଶ୍ୟକ ସମୟରେ ବ୍ରେକ୍ ଥ୍ରୁ ପ୍ରଦାନ କରିଥିଲେ। କୋଟ୍‌ଲା ପିଚ୍‌ରେ ସ୍ପିନରଙ୍କୁ ଅଧିକ ସହାୟତା ମିଳିବ ବୋଲି ଆଶା କରାଯାଉଛି।

ଅନ୍ୟପକ୍ଷରେ ପ୍ରଥମ ମ୍ୟାଚ୍‌ରେ ଅଳ୍ପକେ ପରାଜିତ ହୋଇଥିବା ନ୍ୟୁଜିଲାଣ୍ଡ ଲାଗି ଅନେକ ଖେଳାଳି ଭଲ ପ୍ରଦର୍ଶନ କରିଥିଲେ। ଡେଭନ କନ୍‌ୱେ ଓ ହେନରୀ ନିକୋଲାସ ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିବା ବେଳେ ନଂ-୪ ଡାର୍ଲି ମିଚେଲ ବିସ୍ଫୋରକ ୮୪ ରନ୍‌ର ଇନିଂସ ଖେଳିଥିଲେ, ଯାହାଫଳରେ ଦଳ ୩୦୦ ରନ୍ ସ୍କୋର କରିପାରିଥିଲା। ମିଚେଲ ହେ ଓ କ୍ରିଷ୍ଟିଆନ କ୍ଲାର୍କ ଦଳକୁ ବିସ୍ଫୋରକ ଫିନିଶିଂ ପ୍ରଦାନ କରିଥିଲେ। ବୋଲିଂରେ କାଏଲ ଜେମିସନ ୪ ଉଇକେଟ ନେଇ ଏକଦା ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇଆସିଥିଲେ।

**ସମ୍ଭାବ୍ୟ ଭାରତୀୟ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟାର (ଉପଅଧିନାୟକ), ଲୋକେଶ ରାହୁଲ (ଉଇକେଟ୍‌କିପର), ଧ୍ରୁବ ଜୁରେଲ/ନୀତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା, ହର୍ଷିତ ରାଣା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା/ଅର୍ଶଦୀପ ସିଂ, କୁଲଦୀପ ଯାଦବ।

**ସମୟ: ଅପରାହ୍ନ ୧:୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ରେକର୍ଡ ଅପେକ୍ଷାରେ ବିରାଟ କୋହଲି



**ରାଜକୋଟ,୧୩।୧:** ଫୁଲ୍ ଫର୍ମରେ ଥିବା ବିରାଟ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଏକ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇପାରନ୍ତି। କୋହଲି ଗତ ୫ ମ୍ୟାଚ୍‌ରେ ୫ଥର ୫୦ରୁ ଅଧିକ ସ୍କୋର କରିଛନ୍ତି। ଏହି ଧାରା ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରୁ ଆରମ୍ଭ ହୋଇଥିଲା। କୋହଲି ଏବେ ଲଗାତର ୫ ଦିନିକିଆ ମ୍ୟାଚ୍‌ରେ ୫୦ରୁ ଊର୍ଦ୍ଧ୍ୱ ରନ୍ କରିଥିବା ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ୍, ରୋହିତ ଶର୍ମା ଓ ଅଜିଙ୍କ୍ୟ ରାହାନେଙ୍କ ସହ ମିଳିତ ଚତୁର୍ଥ ସ୍ଥାନରେ ରହିଛନ୍ତି। ଯଦି ସେ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ଅର୍ଦ୍ଧଶତକ କରନ୍ତି, ତେବେ ସେ କେନ୍ ୱିଲିୟମସନ, ଶାଇ ହୋପ୍, ବାବର ଆଜାମ, ପଲ ଷ୍ଟିର୍ଲିଂ, ରସ୍ ଟେଲର ଓ କ୍ରିସ୍ ଗେଲ୍‌ଙ୍କ ସମକକ୍ଷ ହେବେ। ତେବେ ଲଗାତର ସର୍ବାଧିକ ସଂଖ୍ୟକ ଦିନିକିଆ ମ୍ୟାଚ୍‌ରେ ୫୦ରୁ ଅଧିକ ରନ୍ କରିବା ରେକର୍ଡ ପାକିସ୍ତାନର ଜାଭେଦ ମିଆଁଦାଦ୍(୯ଟି ମ୍ୟାଚ୍)ଙ୍କ ନାମରେ ରହିଛି। ତାଙ୍କ ପଛକୁ ଲଗାତର ୭ ଅର୍ଦ୍ଧଶତକ ସହ ଇମାମ୍-ଉଲ୍-ହକ୍ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

# ସୌରାଷ୍ଟ୍ର-ପଞ୍ଜାବ, ବିଦର୍ଭ-କର୍ନାଟକ

**ବିଜୟ ହଜାରେ ଟ୍ରଫି ସେମିଫାଇନାଲ**

**ବେଙ୍ଗାଲୁରୁ,୧୩।୧** ଚଳିତ ବିଜୟ ହଜାରେ ଟ୍ରଫି ଦିନିକିଆ ଘରୋଇ ଟୁର୍ନାମେଣ୍ଟରେ ମଙ୍ଗଳବାର ପଞ୍ଜାବ ଓ ବିଦର୍ଭ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଆସନ୍ତା ୧୫ ତାରିଖରେ ହେବାକୁଥିବା ପ୍ରଥମ ସେମିଫାଇନାଲରେ କର୍ନାଟକ-ବିଦର୍ଭ ଓ ୧୬ ତାରିଖ ଦ୍ୱିତୀୟ ସେମିଫାଇନାଲରେ ସୌରାଷ୍ଟ୍ର-ପଞ୍ଜାବ ପରସ୍ପରକୁ ଭେଟିବେ।

ମଙ୍ଗଳବାର ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ବିଦର୍ଭ ୭୬ ରନ୍‌ରେ ଦିଲ୍ଲୀକୁ ପରାସ୍ତ କରିଛି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୩୦୦ ରନ୍ କରିଥିଲା। ଦଳ ପାଇଁ ଯଶ୍ ରାଥୋଡ୍ ୮୬, ଅର୍ଥବ ତାଇଡେ ୬୨ ଓ ଧ୍ରୁବ ଶୋରେ ୪୯ ରନ୍ କରିଥିଲେ। ଜବାବରେ ଦିଲ୍ଲୀ ୪୫.୧ ଓଭରରେ ୨୨୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଅନୁଜ ରାୱତ୍ ୬୬ ରନ୍ କରିଥିବା ବେଳେ ବିଦର୍ଭ ପକ୍ଷରୁ ନଚିକେତ ଭୁଟେ ୪ ଓ ଅଧିନାୟକ ହର୍ଷ ଦୁବେ ୩ଟି ଉଇକେଟ ନେଇଥିଲେ। ସେହିପରି ୪ର୍ଥ କ୍ୱାର୍ଟର ଫାଇନାଲରେ ପଞ୍ଜାବ ୧୮୩ ରନ୍‌ର ବଡ଼ ବ୍ୟବଧାନରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ୫୦ ଓଭରରେ ୬ ଉଇକେଟ ହରାଇ ୩୪୫ ରନ୍ କରିଥିଲା। ଜବାବରେ ମଧ୍ୟପ୍ରଦେଶ ୩୧.୨ ଓଭରରେ ୧୬୨ ରନ୍‌କରି ଅଲ୍‌ଆଉଟ୍ ହୋଇଯାଇଥିଲା।

# ମହାବୀର ୱାରିୟର୍ସ ଚାମ୍ପିୟନ

**ଅଲ୍ ଓଡ଼ିଶା କବାଡ଼ି ପ୍ରିମିୟର ଲିଗ୍**

**ଭୁବନେଶ୍ୱର, ୧୩।୧(ତପନ ସ୍ୱାଇଁ)** ପଟିଆ ଗଡ଼ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୬ଷ୍ଠ ଅଲ୍ ଓଡ଼ିଶା ପୁରୁଷ କବାଡ଼ି ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଛି। ଫାଇନାଲରେ ମା'ମଙ୍ଗଳା ଦଳକୁ ୩୩-୩୩(୬-୪)ରେ ହରାଇ ମହାବୀର ୱାରିୟର୍ସ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ସୁଶାନ୍ତ ରାଉତ ଓ ସାରଦା ପ୍ରସାଦ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଲକ୍ଷ୍ମୀପ୍ରିୟା ପରିଡ଼ା, ଚିତ୍ତରଞ୍ଜନ ପାତ୍ର, ସନ୍ତୋଷ ପରିଡ଼ା, ସୁବାସ ପାତ୍ର, ସଞ୍ଜୟ ସେଠୀ, ଅଜୟ ବେହେରା, ସୂର୍ଯ୍ୟକାନ୍ତ ମହାନ୍ତି, ଶ୍ରୀମୟୀ ମିଶ୍ର, ପ୍ରଦୀପ ଜେନା, ପ୍ରଶାନ୍ତ ପରିଡ଼ା, ପିଣ୍ଟୁ ପାତ୍ର, ରିଙ୍କୁ ବଡ଼ଜେନା, ଅଜୟ ନାୟକ, ଯଯାତି ଜେନା ଓ ଟିକି ନାୟକଙ୍କ ସହ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏଥର ଲିଗ୍‌ରେ ମୋଟ ୬ଟି ଦଳ ଭାଗ ନେଇଥିଲେ। ଆଗାମୀ ସଂସ୍କରଣରେ ଉଭୟ ମହିଳା ଓ ପୁରୁଷ କବାଡ଼ି ଲିଗ୍ ଆୟୋଜନ କରାଯିବ ବୋଲି କ୍ଲବ୍ ସଭାପତି ସୁବାସ ପରିଡ଼ା ପ୍ରକାଶ କରିଛନ୍ତି।



ଚାମ୍ପିୟନ ମହାବୀର ୱାରିୟର୍ସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ